ମୟୂରଭଞ୍ଜ ସ୍କୁଲ—୧ମ ଶ୍ରେଣୀ ।

ରମାନ୍ଦନାଥ ବନ୍ଦ୍ୟୋପାଧ୍ୟାୟ, ବ୍ରଜେନ୍ଦ୍ରକୁମାର ବୋଷ, ଶରତ୍ଚନ୍ଦ୍ର ଘୋଷାଲ, ସୁମଚନ୍ଦ୍ର ମହାନ୍ତି ।

୨ୟ ଶ୍ରେଣୀ ।

ଭଗବାନଚରଣ ଦାସ, ହରଦାସ ମୁଖୋପାଧ୍ୟାୟ, ମୁରଲୀମୋହନ ନାୟକ, ସତ୍ୟବାଦୀ ସେନାପତି ।

୩ୟ ଶ୍ରେଣୀ ।

ଉପେନ୍ଦ୍ରନାଥ ଭୂୟା

—•—

ଢେଙ୍କାନାଳ ୧ ମ ଶ୍ରେଣୀ

ନନ୍ଦନମୋହନ ଦାସ, ଦ୍ୱିଜେନ୍ଦ୍ର ମିଶ୍ର, ସଦାନନ୍ଦ ସିଂହ ।

୨ ୟ ଶ୍ରେଣୀ

ଶ୍ୟାମସୁନ୍ଦର ସାହୁ*,

୩ ୟ ଶ୍ରେଣୀ ।

ସତ୍ୟବାଦୀ ପ୍ରଧାନ, ମଧୁସୂଦନ ପୃଷ୍ଟି ।

———

ସମ୍ବଲପୁର ୧ ମଶ୍ରେଣୀ

ଖିରୋଦଚନ୍ଦ୍ର ସେନ *

ମଦନମୋହନ ପ୍ରଧାନ *

୨ ୟ ଶ୍ରେଣୀ

ଶ୍ରୀଧର ମଲ୍ଲିକ, ବ୍ରଜେନ୍ଦ୍ର ତ୍ରିପାଠୀ ।

———

ବାମଣ୍ଡା ରାଜକୁମାର ହାଇ ସ୍କୁଲ

୧ ମ ଶ୍ରେଣୀ

ଗୋବିନ୍ଦ ରଥନ ରାଓ ।

———

ବାହ୍ଲାରଗଡ଼ ୧ମ ଶ୍ରେଣୀ

ମଧୁସୂଦନ ଗଡ଼ନାୟକ !

୨ ୟ ଶ୍ରେଣୀ

ଅବଦୁଲ ମଜିଦ ଖାଁ, ସତୀଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ, କୁମାରନାଥ ଘୋଷ, ବାସୁଦେବ ତ୍ରିପାଠୀ ମିଶ୍ର, ବିଶ୍ୱନାଥ ବୋଷ୍ଟୁ ଦାସ ମିଶ୍ର, ଅକ୍ଷୟକୁମାର ଚକ୍ରବର୍ତ୍ତୀ, ହରେକୃଷ୍ଣ ଦାସ*, ରାଧାଚରଣ ଦାସ* ଧର୍ମଚନ୍ଦ୍ର ଧଳ, ମଦନଲାଲ ଗଙ୍ଗୋପାଧ୍ୟାୟ, ହରବନ୍ଧୁ ମହାନ୍ତି, ଧର୍ମଦାସ ବାଳା, କୁଳମଣି ମହାନ୍ତି, ବଇଦନାଥ ମିଶ୍ର, ଦଇତାରୀ ମିଶ୍ର ମିଶ୍ର, ଲୋକନାଥ ମିଶ୍ର, ଧର୍ମେଶ୍ୱର ନନ୍ଦ ମିଶ୍ର, କୃଷ୍ଣପ୍ରସାଦ ପଣ୍ଡା, କେଶବଚନ୍ଦ୍ର ପଟ୍ଟନାୟକ, ଦାମୋଦର ଶତପଥୀ, ସତ୍ୟବାଦୀ ତ୍ରିପାଠୀ ।

୩ ୟ ଶ୍ରେଣୀ

ଜଗନ୍ନାଥ ମିଶ୍ର, ଭଗବାନ ପ୍ରସାଦ ମିଶ୍ର ମିଶ୍ର,

* ଚହ୍ନିତ ଛାତ୍ରମାନେ ବୃତ୍ତିରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

# ସାପ୍ତାହିକ ସମ୍ବାଦ ।

## କଲକତ୍ତାଗେଜେଟ ।

କଟକର ଏ: ଅଡ଼ିଶନାଲ ସବ୍ଜଜ ବାବୁ ସତେଶନାଥ ମୁଖର୍ଜି ଗତ ଦିନ ସକାଳେ ଗଞ୍ଜାମର ଅଡ଼ିଶନାଲ ସବ୍ଜଜ ହେଲେ ।

ସମ୍ବଲପୁରର ସବଜଜ ବାବୁ ଉପେନ୍ଦ୍ରନାଥ ଦତ୍ତ ଗତ ଦିନ ସକାଳେ କଟକର ଅଡ଼ିଶନାଲ ସବଜଜ ହେଲେ ।

ବାଲେଶ୍ୱରରେ ଥିବା ସମ୍ବଲପୁରର ମନସଫ ବାବୁ ପ୍ରସନ୍ନକୁମାର ଗୁପ୍ତ ଅନ୍ୟ ଆଦେଶ ପର୍ଯ୍ୟନ୍ତ ସାରଣର ସବ୍ଜଜ ମାନ ଅନ୍ୟ ଆଦେଶ ପର୍ଯ୍ୟନ୍ତ ମଜଫରପୁର ଅଡ଼ିଶନାଲ ସବ୍ଜଜ ହେଲେ ।

ବାବୁ ବ୍ରଜଗୋପାଳ ମହାନ୍ତି ସମ୍ବଲପୁରର ମନସଫ ହେଲେ ମାନ ବର୍ତ୍ତମାନ ସକାଶେ ବାବୁ ପ୍ରସନ୍ନକୁମାର ଗୁପ୍ତଙ୍କର ଅନୁପସ୍ଥିତ କାଳରେ ବାଲେଶ୍ୱରରେ ରହିବେ ।

ଶିକ୍ଷାନବିସ ସବ୍ ଡେ: କଲେକ୍ଟର ବାବୁ ଈଶ୍ୱରପ୍ରସାଦ ସିଂହ ସମ୍ବଲପୁର ଜିଲର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ଗତ ମଇ ମାସ ତା ୩୧ ରଖେ ଶେଷ ହେବା ସପ୍ତାହରେ ଓଡ଼ିଶାର ସମସ୍ତ ଜିଲାରେ ଚାଉଳର ଦର ଗତ ସପ୍ତାହ ସଙ୍ଗେ ସମାନ ଥିଲା ।

ଗତ ମଇ ମାସ ତା ୩୧ ରଖ ଶେଷ ହେବା ସପ୍ତାହରେ ପୁରୀରେ ନ ୧୩୪ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ ।

————

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ପ୍ରାୟ ପ୍ରତିଦିନ ମେଘଆଗ ଓ ସାମାନ୍ୟ ବର୍ଷା ହୋଇଅଛି । ଝଡ଼ ହେଉପର ଜଣାଯାଏ ।

ଶ୍ରୀଯୁକ୍ତ କମିଶନର ସାହେବ ବାଲେଶ୍ୱର ଗସ୍ତରୁ ଫେରି ଆସି ଅଛନ୍ତି । ଏବଣି ପାତଲଘର ପ୍ରାୟ ଶେଷ ହୋଇଅଛି ଦକ୍ଷିଣୀ ଘର ଅନେକ ଅଧି ତହାଦନରେ ବନ୍ଦ ହେଉଅଛି

ଶ୍ରୀଯୁକ୍ତ ଜଜସାହେବ ପୁରୀ ଦର୍ଶନ କେବଳ ସକାଶେ ଅସନ୍ତାକାଲ ଯାତ୍ରା କରିବେ ।

କଲିକତାର କାର୍ଡିନରଙ୍କ ଚଉଦ୍ଦର ଟ ୧୩୦୦ ଟଙ୍କାର ନୋଟ ଏ ନଗରରେ ପାଇଥିବାରୁ ବାବୁ ନାରାୟଣଚନ୍ଦ୍ର ଘୋଷ ସନ୍ଦେହରେ ଧାରଣୀରେ ପୁଲିଶବାଲ ଧରାହୋଇ ଅଛି ଏଠା ହାଜତରେ ଥାଇ ମକଦ୍ଦମା ବିଚାର ହେଉଅଛି ।

ବାରଡା ଡାକ୍ତାରଙ୍କ ମକଦ୍ଦମାରେ କଟକଥାନା ଉପରେ ଦେବଦୋଷ ଓ ନରହରି ବାହାଦୁର ପାଣ ଓରଫର ଜ ୫ ଠ ଦ୍ୱାରା ହୋଇ ହାକମରେ ଅଛନ୍ତି ' ପୁଲିଶ ତଦନ୍ତ ଚାଲିଅଛି ।

ଏକମାନତକ୍ରମଣରେ ପାଣ୍ଡବ ମନକ ଓରେର ନ ୩ ଣ ଜଣସାମି ସେଠାକାର ନେଦେଇନାମ୍ବର ଗୋଟିଏ ଗୋରୁ ଚୋରି ଅବାଧାରେ ପ୍ରେରଣର ମେଇଥିବା ଅପେକ୍ଷାରେ ସୁବିଚାର ଦେଉଅଛି ।

ହରିହରପୁର ପ୍ରଭୃତି ଦଲାଶୋଲର ଏକଦଳ ସମ୍ବଲା ଯାତ୍ରାଦଳ ଏ ନଗରରେ କେତେଦିନ ହେଲା ଯାତ୍ରା କରୁ ଅଛନ୍ତି । ସେଠାକାର ଜଣେ ଜମିଦାରଙ୍କ ପୁତ୍ର ଅଭିନୟର ମହନ୍ତ ନାଚ ଦେଖ ସମରଭୂତ ନାନ ବୟସରେ ଏହି ଦଳ ଶିଖାଇ ଅଛନ୍ତି । ଏ ଦଳରେ କେତେକ ଶିକ୍ଷିତ ଯୁବକ ଓ ଅଧିକାଂଶ ବ ୯ ବର୍ଷଠାରୁ ବ ୧୮ ବର୍ଷ ବୟସର ବାଳକ ଥିବାରୁ ଦେଖିବା କୌତୁକ ଓ ଶୁଣିବାର ଉତ୍ତମ ହୋଇଅଛି ଅନେକ ଦର୍ଶକ ହେଉ ଅଛନ୍ତି ।

## ଝୁଙ୍କଡ଼ା ସମ୍ବାଦ ।

ଏଥିଲରେ ଅ ଟିକେ ଶେଷ ହୋଇଅଛି । ଗଞ୍ଜବ ପ୍ରା. ମଣ୍ଡ ଚୋହଦପଦର, ନ ୧୬ ମଉ ଜଂମର ଶାଦୁଲ ସଦୀନ୍ଦନ ଘୋଷ ଅ: ଘୋ ଅପିସରଙ୍କ ଅନେକମାନେ ପ୍ରାୟ ୩ ୮୦ ରା ବଦ୍ଧୁଆତରୁ ଫୋର୍ଟଦିନ କାହିଁନେଇ ଦଶା

ମାନ ଗାହାକରେ ଛଣରତାର ଗୁଣ୍ଡ ଦେଇ ପାଇଅଛନ୍ତି, ପଇସା ନେଲେ, ଏଣେ ଦଉଡ଼ାସୁ ମାଟି କଲେ ଏମନେ ଫୁଲା ଦେବେ କଣ ?

ନବଶତ ଦରଖାସ୍ତର ସାମରେ ଜଣେ ପଥାଳୀ କଥକାକେଉଟଣୀ ଚଳଇ ପରିଶ୍ରମରେ ବହୁ ଅର୍ଥ ସଞ୍ଚୟ କରଥିଲା । ଗତ ତା ୧୪ ରଖ ଶୁକ୍ରବାର ରାତ୍ରରେ କେତେକ ଦୁର୍ବୃତ୍ତ ତାହାର ଘରେ ପଶି ଗୋଟାଏ ଲୁଗା ମୋଡ଼ ତାହାର ବେକରେ ଦେଇ ବାନ୍ଧିବାର ତାକୁ ମାଧ୍ୟତାର ତାହାର ସର୍ବସ୍ୱ ଅପହରଣ କରିଛନ୍ତି, ଯମାନ ଧନରେ ଗୋଟିଏ ଜୋଡ଼ାମେ ନଗଦ ଟ ୪୦୦ ଟଙ୍କା ଥିଲା ।

ତା ୨ ରଖ ସୁରୁବାର ଶ୍ରୀଦେବଙ୍କର ଚନ୍ଦନଯାତ୍ରା ଶେଷ ହେବ ସୁନ୍ଦରଣାର ଜଳ ଜଳଖେତ ସହ ଓ ଅପରୂପାର ଦବା ଯୋଗୁ ମାଛ ମରଯିବାରୁ ଟ ୪୦ ଟା ମୂଲ୍ୟରେ ନିଲାମ ହୋଇପାଇ ଅଛି ।—

ଦଶନ୍ତୁ କାର୍ତ୍ତିକଦାସ ନାମକ ଜଣେ ବୈଷ୍ଣବ ତାର ଓ ବଲଭଦ୍ରଙ୍କର ସହ ଏ.ଜଣ ଓ ଅନ୍ୟ କେତେକଙ୍କର ଗଡ ପଣାସ୍ତାରଠାରୁ ଏଠାର ଗୋଟିଏ ବୃକ୍ଷ କରିଥିଲେ ଓ ପୂଅ ଖେଳୁଥିଲେ, ଏଣିକ ଅଧ୍ୟ ନ ହେବାରୁ ପୋଖରୀକୁ ନେଇ ବାନ୍ଧି କରିଥିଲେ, ଶଳା ନାଲ ଓ ଖୋଦାନ ବାନ୍ଧି ଦିଆରେ ମାଲ ଗତ ୧ ଓ ଖଣ୍ଡ ଚଲ ଗତ ଗଣ୍ଡ ପଡ଼ାଇ ଅଛନ୍ତି । ମଲ ପୁଲିସ ସୀମା ଏହି ।

## କନ୍ୟାଗଡ଼ ସମ୍ବାଦ ।

ଗତ ସପ୍ତାହରେ ବ ୨ ନ ମାନ ବୃଷ୍ଟି ହୋଇଥିଲା । ଧାନ ବୁଣା କାର୍ଯ୍ୟ ଚଳିଅଛି । ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ । ଏଠାରେ ସେ ୨୦ ୧ ଓ ମୁଗ ସେ ୮ ର ମିଳୁଅଛି ।

ଗତ ମାସ ତା ୨୨ ରଖ ଗୁରୁବାର ଏ ରାଜ୍ୟର ରଘୁନାଥପୁର ଜବସା ଜଣେକ ଗଉଡ଼ର ଏକକାଳୀନ ଚନ୍ଦ୍ରଗୋଟି ପୁତ୍ର ଜାତ ହୋଇ ତତ୍କ୍ଷଣାତ ଏକଗୋଟି ଓ ଏକଦିନ ପରେ ଅପର ଦୁଇଗୋଟି ମୃତ ହୋଇଅଛନ୍ତି ।

ପ୍ରତିବର୍ଷ ଏହି ସମୟରେ ଫୁଲ (ବେଦୀ) ସେନ ଦୁଏ ବୋଲି ସେଠେ ପୂର୍ବରୁ ସାବଧାନ ହୋଇ ମାମୁଦଙ୍କୁ ଧାନ ଅତି ଚଉଠା କରି ଖାଉଅଛନ୍ତି ।

ଏ ରାଜ୍ୟର ସୁଯୋଗ୍ୟ ସୁପରିଣ୍ଟେଣ୍ଡେଣ୍ଟ ମହୋଦୟଙ୍କ ଯତ୍ନରେ ଏ ରାଜ୍ୟର ଜେଲଖାନାରେ ସୁନ୍ଦର କସିଦାର ଆସନଗଲିଚା ଓ ଦେଶୀଲୁଗା ପ୍ରଭୃତି ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଏହି କାର୍ଯ୍ୟ ଏ ରାଜ୍ୟର ପ୍ରଜାମାନଙ୍କ ଲାଭ ହେଉଅଛି । ପ୍ରଜାମାନଙ୍କ ଶିକ୍ଷା ସକାଶେ ସ୍ଥାନେ, ସ୍କୁଲ ସ୍ଥାପିତ ହୋଇ ସେମାନଙ୍କ ବିଦ୍ୟା ବଢ଼ାଯାଉଅଛି ।

ଏ ରାଜ୍ୟର ମହା ମାନନୀୟ ଶ୍ରୀ ରାଜା ଓ ସୁଯୋଗ୍ୟ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ବାବୁ ଗୋପୀନାଥ ମହାନ୍ତି ମହୋଦୟଙ୍କ ସୁଶାସନରୁ ପ୍ରଜାମାନେ ସୁଖରେ କାଳାତିପାତ କରୁଅଛନ୍ତି । ଗରିବ ପ୍ରଜାମାନଙ୍କ ହିତ ନିମିତ୍ତ ସରକାରୀ ଧାନ ଅମ୍ବାରରୁ କାର୍ତ୍ତିକ ଶେଷ ହେଲା ସୁଧରେ ଧାନ କରଜ ଦିଆଯାଉଅଛି ଏବଂ ଯେଉଁ ପ୍ରଜାମାନଙ୍କର ମୂଳପୋଷଣ ନାହିଁ ସେମାନଙ୍କୁ କମ ସୁଧରେ (ଦୁଇପଇ ଟଙ୍କା ଶୋହଳ ଅଣାରୁ) ଟଙ୍କା କରଜ ଦିଆଯାଉଅଛି ଏବଂ ଆଉ ନୂତନ ଜଳ ବନ୍ଧର ପ୍ରସ୍ତୁତ ଓ ପୁରାତନ ପୁଷ୍କରିଣୀମାନଙ୍କର ପଙ୍କୋଦ୍ଧାର କାର୍ଯ୍ୟ ଚଳିଅଛି ।

## ସାଧାରଣ ସମ୍ବାଦ ।

କଲିକତା ହାଇକୋର୍ଟର ଶ୍ରେଷ୍ଠ ଶ୍ରୀଯୁକ୍ତ ବନମାଳୀ ଦାସ ମହାଶୟ ଛୁଟି ନେଇଥିବାରୁ ତାଙ୍କ ସ୍ଥାନରେ ବାବୁ ଯୋଗେନ୍ଦ୍ର ଚନ୍ଦ୍ରଚୂଡ଼ ମହାଶୟ ଏକଟିଂ ନିଯୁକ୍ତ ହୋଇଅଛନ୍ତି ।

ରେଙ୍ଗୁନଠାରେ ରେଲ ସଂଘର୍ଷଣ ଯୋଗେ ନ ୭ ଜଣ ସେନ ହତ ଏବଂ କେତେକଜଣ ଆହତ ହୋଇଥିବାର ସମ୍ବାଦ ମିଳିଛି ।

କଲିକତାରେ ଶ୍ରୀମତୀ ଦୁର୍ଗାଦାସୀ ଦେବୀ ନାମ୍ନୀ ଜଣେ ବୃଦ୍ଧ ମହିଳା ପରଲୋକ ଗମନ କରିଥିବାରୁ ସହସ୍ର ଟଙ୍କା ବ୍ୟୟରେ ତାଙ୍କର ଶ୍ରାଦ୍ଧ ହୋଇଯାଇଥିବା ଏବଂ ନାନା ଦୂର

Digitized by srujanika@gmail.com

The star becomes a nuisance. It casts a wrong light on things vitally important to us. It attempts to set the Bngalees, Telangas, and Mohrattas against the Oriyas. It is intent on mischief for its own sake, if not from worse motives. It seeks notoriety and living by ministering to the evil designs and passions of men-It improperly and maliciously reviles the leaders, and as improperly and meanly flatters the people whom at another moment it would class with quadrupeds.Insolence and obsequiousness never go bitter together If Oriyas disapprove of these things, they owe it to themselves, to their leaders, and to their mother country to testify their disapproval in some signal shape.consider whether it is not an abuse of the support and patronage of the public.

But mark the/ingenuity-Oriyas in wishing to become united are ill advised by their so called leaders to break away from their enlightened brothers-the Bengalees, Telangas and Mahrattas. They are ungrateful. Let them have no sympathy, but opposition from all quarters—because they are running so mad as to endanger neighbours. How ?

Again-it is bad enough for other provinces to be partitioned, because it is intended to break their solidarity and their influenec, and injuriously affect their collective voting strength among sister provineas in some uncertain future. As for the Oriyas (any such thoughts are out of the question and they would be ridiculed for wishing for possible privileges which other communities enjoy or fight for )- who are now scattered as small and unimportant menorities under more advanced and infinitely large communities, union among themselves is not good even for the purpose of their being tended together as a distinct community under measures specially suited to them ! To wish for such a consummation is ingratitide, and hatred of others; How are these others injuriously affected ? This is sophistry, pure and simple. If not for any thing else, Oriyas would be thankful for being led away from political ideas smclling disloyalty.

Yours sincerely

2-6-09 An Oriya in the Moffusil

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହୋଦୟ ଉଦାର ଚରିତେଷୁ—

ମହାଶୟ !

ଏହି ପ୍ରଦେଶରେ ଯେତେଗୁଡ଼ିଏ ମଠ ଅଛି ସେଗୁଡ଼ିକ ପୂର୍ବକାଳରୁ ସ୍ଥାପିତ । ଧାର୍ମିକ ଲୋକମାନେ ଏହି ମଠମାନଙ୍କ ତଳେ ଅନେକାନେକ ନିଷ୍କର ଭୂସମ୍ପତ୍ତି ଦେଇ ଯାଇଅଛନ୍ତି । ଏହି ସମ୍ପତ୍ତିମାନଙ୍କର ଆୟ ଦେବତା ସେବା ଏବଂ ଦରିଦ୍ର ସେବା ଓ ବିଦ୍ୟାଶିକ୍ଷା ଓ ଦେଶର ସତ୍କାର୍ଯ୍ୟରେ ବ୍ୟୟିତ ହେବାକାରଣ ମଠ ସ୍ଥାପନକର୍ତ୍ତାମାନଙ୍କର ଦୃଢ଼ ଉଦ୍ଦେଶ୍ୟ,. ଆଜିକାଲି ଉପରୋକ୍ତ କର୍ତ୍ତାମାନଙ୍କର ଉଦ୍ଦେଶ୍ୟ ବିପରୀତରେ କିପରି ସାଧିତ ହେଉଅଛି ତାହା ଆପଣମାନେ ଦେଖି ପାରୁଥିବେ । ମଠଧାରୀ ମହନ୍ତ-ଗୋସାଇଁ ଏବଂ ମସଜିଦର ମୁତବଲ୍ଲୀମାନେ କ' କାର୍ଯ୍ୟ କରନ୍ତି, କିପରି ଅବା ଅଯଥା ବ୍ୟୟ କରି ସର୍ବସ୍ୱାନ୍ତ ହୋଇ ମଠ ସମ୍ପତ୍ତିମାନଙ୍କୁ ହସ୍ତାନ୍ତର କରୁଅଛନ୍ତି, ତାହା ଆପଣମାନେ ସମସ୍ତେ ଦେଖୁଅଛନ୍ତି ।

ଆମ୍ଭମାନଙ୍କର ଦୟାମୟ ଗଭର୍ଣ୍ଣମେଣ୍ଟ ଏ ସମସ୍ତ ମଠ ମସଜିଦମାନଙ୍କର ତତ୍ତ୍ୱାବଧାନର ଭାର ଆମ୍ଭମାନଙ୍କ ଉପରେ ଦେଇଅଛନ୍ତି । କୌଣସି ମଠ, ମସଜିଦମାନଙ୍କର ମହନ୍ତ ଓ ମୁତବଲ୍ଲି ତାହାର ଆୟକୁ ସତ୍କାର୍ଯ୍ୟରେ ନ ଲଗାଇ ଅପବ୍ୟୟିତ କଲେ, ଆମ୍ଭେମାନେ ତାହା ଗଭର୍ଣ୍ଣମେଣ୍ଟଙ୍କ ଦୃଷ୍ଟିକୁ ଆଣିପାରୁ । ଏ ବିଷୟରେ ଆମ୍ଭମାନଙ୍କର ସମ୍ପୂର୍ଣ୍ଣ କ୍ଷମତା ଅଛି ବିଧିମତେ ଗଭର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ପଡ଼ିଲେ ସେ ତାହାର ଉପଯୁକ୍ତ ବିଚାର ନିଶ୍ଚୟ କରିବେ, ଏଥିରେ ଲେଶମାତ୍ର ସନ୍ଦେହ ନାହିଁ । ଯଦ୍ୟପି କେହି ଧର୍ମାନୁରାଗୀ ବ୍ୟକ୍ତି ଏହି ଉତ୍କଳ ଜନ୍ମଭୂମିରେ ଜନ୍ମ ହୋଇଥାଆନ୍ତି, ଯଦ୍ୟପି ଦରିଦ୍ରମାନଙ୍କର ଦୁର୍ଦ୍ଦଶା ଦେଖି ତାହାର ହୃଦୟ ବିଦାରିତ ହେଉଥାଏ ଏବଂ ଯେବେ ଉତ୍କଳର ବର୍ତ୍ତମାନ ଶିକ୍ଷାର ଅବସ୍ଥା ପରିବର୍ତ୍ତନ କରି ଦେଶକୁ ମୁଖୋଜ୍ଜ୍ୱଳ କରିବାର ଉଚିତ ବୋଲି କେହି ବୋଧ କରୁଥାନ୍ତି ତେବେ ଆସନ୍ତୁ । ଆମ୍ଭେ ଅନେକ ମଠ, ମସଜିଦର ଭୂସମ୍ପତ୍ତିମାନ ମହନ୍ତ, ଅଧିକାରୀ, ମୁତବଲ୍ଲିମାନଙ୍କଦ୍ୱାରା ଅନ୍ୟାୟରୂପେ ବ୍ୟୟ ହେଉଥିବା ବିଷୟର ଖୋଲାସାରୂପେ ଟିପ୍ପଣି ଟିପି ରଖିଅଛୁଁ ।

ମଠ ମସଜିଦମାନଙ୍କର ସମ୍ପତ୍ତିର ଆୟରୁ କଡ଼ାଏ କଉଡ଼ି ମୁଦ୍ଧା ଯେପରି ଅପବ୍ୟୟିତ ନ ହୁଏ ତାହାର ଉପାୟ ଅବଧାରଣ କଲେ ଦେଶର ହିତସାଧନ ହେବ ନାହିଁ କି ? ପ୍ରକାଶ୍ୟରେ ଦତ୍ତ ସମ୍ପତ୍ତିର ଧନ ଅନାୟାସରେ ବ୍ୟୟିତ ହେଉଥିବାର ଦେଖାଯାଉଅଛି । ଇତି । ୧୪।୫।୦୯

। ମୁ । ପୋ: ଭୁବନେଶ୍ୱର । ଜ । ପୁରୀ } ଆପଣଙ୍କର ହାକିମ ସେଖ ଓୟାଜେହୁଦ୍ଦା ସେକାପଡ଼ ସାଏ କଟସି

---

ମହାଶୟ !

ଆପଣଙ୍କର ଗତମାସ ତା ୨୯ ରଣ ପତ୍ରିକାରେ ଉତ୍କଳବାସୀ ନାମକ ପତ୍ରିକାର ଗ୍ରାହକମାନଙ୍କ ମୂଲ୍ୟ ଦେବା ପକ୍ଷେ ଉଦାସୀନତା ଯୋଗୁଁ ଚଳି ଚଳୁ ନ ଥିବାରୁ ତାହା ବନ୍ଦ କରି ସେ ଟଙ୍କା ଅନ୍ୟ କୌଣସି ଦେଶ ହିତକର କାର୍ଯ୍ୟରେ ବ୍ୟୟ କରିବାର ଉଚିତ ଏଥିର ପୂର୍ବରୁ ଉକ୍ତ ପତ୍ରିକାର ସମ୍ପାଦକ ଲେଖିଥିବାର ଉଲ୍ଲେଖ ହୋଇଅଛି । ଏଥିରୁ ଆପଣ କହିଅଛନ୍ତି କି "ସମ୍ବାଦପତ୍ରରେ ଯେଉଁ ଅର୍ଥ ଓ ପରିଶ୍ରମ ବ୍ୟୟ ହେଉଅଛି ତାହା ବିଦ୍ୟାଳୟ ଓ ପାଠ୍ୟପୁସ୍ତକ ପ୍ରକାଶରେ ବ୍ୟୟ ହେଲେ ଅଧିକତର ଉପକାର ହେବ ଏଥିରେ ସନ୍ଦେହ ନାହିଁ" । ଏହା ଯେ ଅତି ସଦୁପଦେଶ ତହିଁରେ ଲେଶମାତ୍ର ସନ୍ଦେହ ନାହିଁ । ବିଦ୍ୟାଳୟ ସ୍ଥାପନ ଓ ପାଠ୍ୟପୁସ୍ତକ ପ୍ରଣୟନଦ୍ୱାରା ଦେଶରେ ଶିକ୍ଷା ବିସ୍ତାର ହୁଏ ଓ ତହିଁରେ ଦେଶର ମଙ୍ଗଳ ହୁଏ । ମାତ୍ର ଏ ସମୟରେ ଆମ୍ଭମାନଙ୍କ ଉତ୍କଳ ପ୍ରଦେଶରେ କିପରି ଶିକ୍ଷାର ପ୍ରୟୋଜନ ? ଆମ୍ଭର କ୍ଷୁଦ୍ର ବୁଦ୍ଧିରେ ଆମ୍ଭେ ମନେ କରୁଁ "ଏସା ପାଠ ପଢ଼ୋ ପୁତା ଯିସ୍‌ମେ ଚଢ଼େ ହାଣ୍ଡି" ଅର୍ଥାତ୍ ଅର୍ଥକରୀ ଶିକ୍ଷା ଯହିଁରେ କି ଉଦରାନ୍ନର ସଂସ୍ଥାନ ହୋଇପାରେ ଏପରି ଶିକ୍ଷାର ଏତେବେଳେ ବଡ଼ ଆବଶ୍ୟକ ହୋଇଅଛି । ଅତଏବ ଆମ୍ଭ ବିବେଚନାରେ ନିମ୍ନଲିଖିତ କୌଣସି ହିତକର କାର୍ଯ୍ୟରେ ଅର୍ଥ ବ୍ୟୟ କଲେ ବୋଧହୁଏ ଅଧିକ ଦେଶର ଉପକାର ହୋଇ ପାରିବ ।

୧ । ଏହି କଟକ ନଗରରେ ଗୋଟିଏ ବୟନ ବିଦ୍ୟାଳୟ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ସ୍ଥାପିତ ହେବାର କଥା ଚଳୁଅଛି । ଯେବେ ତାହା ହୁଏ ତେବେ ସେ ବିଦ୍ୟାଳୟରେ ଶିକ୍ଷା କରିବାପାଇଁ ବୃତ୍ତି ଦେଇ ଛାତ୍ର ପଠାଇବା ଓ ସେ ଛାତ୍ର ବୟନ (ଲୁଗାବୁଣିବା) କାର୍ଯ୍ୟରେ ସୁଦକ୍ଷ ହେଲାରୁ ତାକୁ ଉପଯୁକ୍ତ ଯନ୍ତ୍ର ଓ ତନ୍ତ ଆଦି ଆବଶ୍ୟକୀୟ ଯନ୍ତ୍ରମାନ କିଣିଦେବା ଓ ସେ ଯେ ବସ୍ତ୍ର ବୁଣିବ ତାହ ବିକ୍ରୟ ହେବାର ସୁବିଧା କରିଦେବା ।

୨ । ଏହି କଟକ ନିକଟ ବିଦ୍ୟାଧରପୁରଠାରେ ଯେ ସରକାରୀ କୃଷିକ୍ଷେତ୍ର ଅଛି ତହିଁରେ ଉନ୍ନତ ଉପାୟରେ କୃଷକର କାର୍ଯ୍ୟ ଶିକ୍ଷା କରିବାପାଇଁ ଉପଯୁକ୍ତ ବୃତ୍ତି ଦେଇ ଛାତ୍ର ପଠାଇବା ଓ ତାହାର ଶିକ୍ଷା ସମାପ୍ତି ହେଲାରୁ ତାକୁ ଜମି, ବଳଦ ଓ କୃଷି ଯନ୍ତ୍ରାଦି କିଣି ଦେବା ।

୩ । ଆସାମ ପ୍ରଦେଶରେ ଏଣ୍ଡି ପୋକଦ୍ୱାରା ପ୍ରସୂତ ରେଶମ ଗୁଟିରେ ବିଲକ୍ଷଣ ଲାଭପରତା ଲବ୍ଧ ହୁଏ । ଏ ପୋକ ଗବପତ୍ର ଖାନ୍ତି ଓ ସ୍ତ୍ରୀଲୋକମାନେ ଏହାକୁ ପ୍ରତିପାଳନ କରନ୍ତି । ସମ୍ଭବତଃ ଏ ପ୍ରଦେଶରେ ଏଣ୍ଡି ଉତ୍ପନ୍ନ ହୋଇ ପାରିବ, ତାହାହେଲେ ଅନେକ ଗରିବ ସ୍ତ୍ରୀଲୋକଙ୍କ ଜୀବିକା ନିର୍ବାହର ଗୋଟିଏ ନୂତନ ଉପାୟ ହେବ ଅତଏବ ସେ କାର୍ଯ୍ୟରେ ଅର୍ଥବ୍ୟୟ କରିବାରେ ଦେଶର ଅନେକ ଉପକାର ହୋଇ ପାରିବ ।

ଏହିପରି ଅନେକ ହିତକର କାର୍ଯ୍ୟ ଅଛି ଯହିଁରେ ଅର୍ଥ ବ୍ୟୟ କଲେ ପାଣିରେ ପଡ଼ିବ ନାହିଁ ଯେଉଁମାନଙ୍କ ମନରେ ଦେଶର ଭବିଷ୍ୟତ ଭାବନା

Split by PDF Splitter



## ବିଜ୍ଞାପନ ।

କଟକ ପୁରୀ ବାଲିବାହି ନିବାସୀ ଶ୍ରୀ ସତ୍ୟବାଦୀ ମହାନ୍ତି ଓଗେରଙ୍କ ଠକୁବା ବୁଝା ସୁଝା କରିବା ସକାଶେ ଜଣେ ମାନେଜର ଆବଶ୍ୟକ । ବେତନ ମାସିକ ଟ ୪୦୧ ଙ୍କା । ଜମିଦାରୀସଂକ୍ରାନ୍ତ ବିଷୟ ବୁଝିବାର କ୍ଷମତାଥିବା ବ୍ୟକ୍ତି ବାଞ୍ଛନୀୟ । ଯେଉଁମାନେ ପ୍ରାର୍ଥୀ ହେବାକୁ ଇଚ୍ଛୁକ ସେମାନେ ନିଜ ୨ ପ୍ରଶଂସାପତ୍ର ସହ ନିମ୍ନଲିଖିତ ସ୍ୱାକ୍ଷରକାରୀଙ୍କ ନିକଟକୁ ଆବେଦନ ପତ୍ର ଆଜଠୁଁ ଦୁଇ ସପ୍ତାହ ମଧ୍ୟରେ ପଠାଇବେ ।

ତା ୧୨।୬।୦୯ } ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ
କଟକ } ଉକିଲ

## ଉତ୍କଳ ଦୀପିକା ।

ଓଡ଼ିଶାରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଗତ ସପ୍ତାହରେ ପ୍ରକାଶିତ ତାଲିକାର ଭ୍ରମବଶତଃ ଛାଡ଼ ହୋଇଥିବା ନିମ୍ନଲିଖିତ ନାମମାନ ଯୋଗକରି ପଢ଼ିବାକୁ ହେବ ।

କଟକ ମିସନ ସ୍କୁଲ ।

୨ୟ ଶ୍ରେଣୀ

ଏର୍, ଏସ୍ ମିର୍ ଉଫଜୁଲ୍ କରିମ

---

ବାଲେଶ୍ୱର ଖ୍ରୀଷ୍ଟିୟାନ ସ୍କୁଲ ।

୨ୟ ଶ୍ରେଣୀ ।

ସରୋଜଭୂଷଣ ବସୁ, ପ୍ରକାଶଚନ୍ଦ୍ର ଦାସ, ଜଗନ୍ନାଥସ୍ୱର୍ଣ୍ଣ ଦାସ ।

---

ଗତ ତା ୨୯ ମଇରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୨୩୧୯ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରେ ମୃତ୍ୟୁ ୧୫୦୯ ସଙ୍ଖ୍ୟାପେକ୍ଷା ଅଧିକଥିଲା । ଏଥି ପୂର୍ବ ସପ୍ତାହର ମୃତ୍ୟୁ ୩୨୧୬ ଥିଲା । ପ୍ରାୟ ସକଳ ପ୍ରଦେଶରେ ରୋଗର ହ୍ରାସ ଜଣା ହୋଇଅଛି ।

---

ଗତ ତା ୨୯ ମଇରେ ଶେଷ ହେବା ସପ୍ତାହରେ ପୂର୍ବବଙ୍ଗ ୨୯୦୩, ବଙ୍ଗ ୮୪୭୫୩, ଯୁକ୍ତପ୍ରଦେଶ ୩୨୨୯୩ ମଧ୍ୟପ୍ରଦେଶ ୮୯ ଏବଂ ବମ୍ବେଇରେ ୨୪୭ ଗାଏ ୧୨୫୦୮୫ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇଥିଲେ । ତହିଁ ପୂର୍ବସପ୍ତାହ ଅଙ୍କ ୧୨୩୨୫୪ ଥିଲା । ବଙ୍ଗରେ ବିଶେଷ ଓ ଯୁକ୍ତପ୍ରଦେଶରେ ସାମାନ୍ୟ ବୃଦ୍ଧି ମାତ୍ର ଅନ୍ୟାନ୍ୟ ପ୍ରଦେଶରେ ହ୍ରାସ ହୋଇଥିଲା ।

---

ମୌସୁମି ବର୍ଷାକାଳ ଆରବ୍ୟସାଗରର ଦକ୍ଷିଣ ଭାଗରେ ଏହି ମାସ ତା ୨ ରିଖରେ ଆରମ୍ଭ ହୋଇ ଭାରତର ପଶ୍ଚିମ ଉପକୂଳରେ ସହିତ ବୃଷ୍ଟି ହୋଇଥିଲା । ତହିଁଉତ୍ତାରୁ ବର୍ଷାର ବଳ ବଢ଼ିଅଛି । ଏ ଭାଗରେ ଏ ସପ୍ତାହରେ ପ୍ରକୃତ ବର୍ଷାକାଳ ଆରମ୍ଭ ହୋଇଅଛି ଏବଂ ମହାନଦୀ ସାମାନ୍ୟ ବଢ଼ିଅଛି ଓ କାଠଯୋଡ଼ି ବଢ଼ି ଯାଇଲ ହୋଇଅଛି । ଏବର୍ଷ ବର୍ଷାକାଳ ଶୀଘ୍ର ଆରମ୍ଭ ହୋଇଅଛି ଏବଂ ଏଥିରେ ଗୁଡ଼ର ଉପକାର ହେବାର ଜଣାଯାଏ ।

---

ମଧ୍ୟପ୍ରଦେଶରେ ଗତ ବର୍ଷ ୨୦୧ ଜଣ ବାଘଦ୍ୱାରା ନଷ୍ଟ ହୋଇଥିଲେ ଯେ ତହିଁ ମଧ୍ୟରୁ ଗୋଟାଏ ବାଘ ୧୯ ଜଣ ଲୋକଙ୍କୁ ମାରିଥିଲା । ଯୁକ୍ତ ରାଜ୍ୟରେ ହେଟାଏ ମନୁଷ୍ୟ ମାରିବାକୁ ଆରମ୍ଭ କରିଅଛନ୍ତି ଏମନ୍ତ କି ଏକା ବରେଲି ଷ୍ଟେସନ ନିକଟରେ ହେଟାଙ୍କ କର୍ତ୍ତୃକ ୧୬ ଜଣ ମନୁଷ୍ୟ ନଷ୍ଟ ହୋଇଅଛନ୍ତି । ପଞ୍ଜାବ ପ୍ରଦେଶରେ ବାଘଠାରୁ ସାପର ଦୌରାତ୍ମ୍ୟ ଅଧିକ । ସେ ଅଞ୍ଚଳରେ ଗତ ବର୍ଷ ୯୫୩ ଜଣ ହିଂସ୍ର ଜନ୍ତୁଙ୍କ କର୍ତ୍ତୃକ ନଷ୍ଟ ହୋଇଥିଲେ ଯେ ତହିଁ ମଧ୍ୟରୁ ୯୨୮ ଜଣର ମୃତ୍ୟୁର କାରଣ ସର୍ପ ଦଂଶନ ।

---

ଗତ ଅପ୍ରେଲ ମାସ ତା ୧୦, ୧୨ ଓ ୧୩ ରିଖରେ କଲିକତା ହାଇକୋର୍ଟର ଅପିଲ ବିଭାଗରେ ଅନୁବାଦ କାର୍ଯ୍ୟର ଯୋଗ୍ୟତା ବିଷୟରେ ଯେ ପରୀକ୍ଷା ହୋଇଥିଲା ତହିଁର ଫଳ ବାହାରିଅଛି । ଶ୍ରୀ ଉମାକାନ୍ତ ମହାପାତ୍ର ବି, ଏ ଏବଂ ଲକ୍ଷ୍ମୀଧର ମହାନ୍ତି ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ହାଇକୋର୍ଟରେ ଓଡ଼ିଆ ଅନୁବାଦକର ପଦ ଖାଲି ହେଲେ ଏମାନେ ବୟସ ଓ ଅନ୍ୟାନ୍ୟ ଅବସ୍ଥା ବିବେଚନାରେ ଯୋଗ୍ୟ ବିବେଚିତ ହେଲେ କାର୍ଯ୍ୟ ପାଇ ପାରିବେ ।

—※—

ମେଦିନୀପୁରର ବମ ମୋକଦ୍ଦମାରେ ପ୍ରଧାନ ବିଚାରପତି ଏକା ପୁଲିସର କାର୍ଯ୍ୟର ଦୋଷ ଦେଖାଇ କ୍ଷାନ୍ତ ହୋଇ ନାହାନ୍ତି । ମାନ୍ୟବର ମହୋଦୟ ଜିଲ୍ଲା ମାଜିଷ୍ଟ୍ରେଟ ଓଏଷ୍ଟନ ସାହେବ, ତଏଣ୍ଟ ମାଜିଷ୍ଟ୍ରେଟ ଜେଲ ସୁପ୍ରିଣ୍ଟେଣ୍ଡ ପ୍ରଭୃତିଙ୍କର ଦୋଷ ଦେଖାଇଅଛନ୍ତି ଏବଂ ସରକାର ପକ୍ଷରୁ ମୋକଦ୍ଦମା ଚଳାଇବା ଆଡ଼ଭୋକେଟ ଜେନେରଲ ଶିବାଉ ସାହେବ ବାରିଷ୍ଟରଙ୍କର ମଧ୍ୟ ତ୍ରୁଟି ଦେଖାଇଅଛନ୍ତି । ବିଚାରପତି ଏମାନଙ୍କ ସମ୍ବନ୍ଧରେ ଯାହା ଲେଖିଅଛନ୍ତି ସେ ସମସ୍ତ ଅତ୍ୟନ୍ତ ଯୁକ୍ତିଯୁକ୍ତ ଏବଂ ଶିକ୍ଷାପ୍ରଦ ଅଟେ । ଆଶା କରୁଁ ଏ ମୋକଦ୍ଦମାର ନଥି ପଢ଼ି ଅନେକ ହାକିମ, ଉକିଲ ଓ ବାରିଷ୍ଟର ଶିକ୍ଷା ଲାଭ କରିବେ । ଏ ମୋକଦ୍ଦମା ଗୋଟିଏ ସ୍ମରଣୀୟ ମୋକଦ୍ଦମା ଅଟେ । ଗବର୍ଣ୍ଣମେଣ୍ଟ ଏଥିରୁ ବୁଝି ପାରିବେ ଯେ କଠୋର ଆଇନ ପ୍ରଣୟନ କରିବା ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ହାତରେ ଅଯଥା କ୍ଷମତା ଦେବା ନିରାପଦ ନୁହେ ।

---

ବିଚାରପତିଙ୍କ ସାହାଯ୍ୟ କରିବା କାରଣ ଜୁରି ବସିବାର ଆଇନରେ କଥା ଥିଲେହେଁ ତହିଁରେ ବସି କାର୍ଯ୍ୟ କରିବାକୁ ଲୋକେ ଇଚ୍ଛା କରନ୍ତି ନାହିଁ ଏବଂ ଏଠାରୁ ବିଲାତ ପର୍ଯ୍ୟନ୍ତ ସବୁଠି ତହିଁରୁ ଯାଇ ପାଇବା କାରଣ ଚେଷ୍ଟା କରନ୍ତି । ଅଳ୍ପଦିନତଳେ ବିଲାତରେ ଜଣେ ଅଭିନେତାଙ୍କୁ ଜୁରିରେ ବସି କାର୍ଯ୍ୟ କରିବା କାରଣ ସମନ ହୋଇଥିଲା । ଅଭିନେତା ମହାଶୟ ତହିଁରୁ ଖସିଯିବା କାରଣ ଆଉ କିଛି ଉପାୟ ନ ପାଇ ଗୋଟିଏ ପ୍ରଚଳିତ ଆଇନରେ ଥିଏଟରର ଅଭିନେତାମାନେ ଯାଚକ ଏବଂ ଅରକ୍ଷିତ ବୋଲି ନିର୍ଦ୍ଦିଷ୍ଟ ହୋଇଥିବାର ଦେଖାଇଲେ । ସେ ଆଇନଟି ଅଦ୍ୟାପି ରଦ ହୋଇ ନାହିଁ । ସୁତରାଂ ସେ ଜୁରିରେ ବସିବା ଦାୟରୁ ଖସି ଗଲେ । ଯେଉଁ ଦେଶରେ ଅଭିନୟ ଗୋଟିଏ ନିକୃଷ୍ଟ ବିଦ୍ୟା ମଧ୍ୟରେ ପରିଗଣିତ ଏବଂ ଯେଉଁଠାରେ ଅଭିନେତା ସ୍ୱ ଗୁଣରେ ସମାଜର ଉଚ୍ଚ ସମ୍ପ୍ରଦାୟ ମଧ୍ୟରେ ଚଳାଚଳ ହେଉଅଛନ୍ତି ସେଠାରେ ଅଦ୍ୟାପି ଉକ୍ତ ଆଇନ ରଦ ନ ହେବା ଆଶ୍ଚର୍ଯ୍ୟର ବିଷୟ ଅଟଇ ।

---

କଲିକତାରେ ଗୋରୁମାନେ ଚରିବାକୁ ନ ପାଇ ହତାଶ ବନ୍ଦୀ ହୋଇଥିବାର ଦେଖି ତାହା ନିବାରଣୋଦ୍ଦେଶରେ ଦୁଃଖିଲା ଗୋରୁମାନଙ୍କୁ ଉପଯୁକ୍ତ ସ୍ଥାନରେ ରଖି ଚରାଇବାକୁ ଦେବା କାରଣ ବାବୁ ହାସାନନ୍ଦ ବର୍ମ୍ମା କାଶୀପୁରଠାରେ ପ୍ରକାଣ୍ଡ ଅର୍ଥାତ୍ ୧୫୦୦ ଏକର ଭୂମି ନେଇ ଗୁହାଳ ପ୍ରସ୍ତୁତ କରି ଗୋରୁ ରଖାଉଥିଲେ । ମାତ୍ର କଲିକତା ୨୮ ମାଇଲ ଦୂର ଥିବା ଯୋଗେ ଅସୁବିଧା ହେବାରୁ ସେ ବର୍ତ୍ତମାନ ଲିଲୁଆଠାରେ ଗୁହାଳ ଆଦି ପ୍ରସ୍ତୁତ କରିବା କାରଣ ଗବର୍ଣ୍ଣମେଣ୍ଟରେ ଆବେଦନ କରିଅଛନ୍ତି ଏବଂ ସେଥି ସକାଶେ ଟ ୪୦୦୦୦ ଙ୍କା ମଧ୍ୟ ଉଠାଇଅଛନ୍ତି । ଗୋରୁଙ୍କର ଏହି ଦୁଃଖର କଥା ବାବୁ ମହାଶୟ କଲିକତା ମିଉନିସିପାଲିଟିର ଚେୟାରମାନ ଓ ଲେଫ୍ଟେନାଣ୍ଟ ମହୋଦୟଙ୍କୁ ଜଣାଇଥିଲେ । ଭୂତପୂର୍ବ ଲେଫ୍ଟେନାଣ୍ଟ ସର୍ ଫ୍ରେଜର ମହୋଦୟ ୧୯୦୭ ସାଲରେ ତହିଁର ଅନୁସନ୍ଧାନ କରି ଯେଉଁ ରିପୋର୍ଟ ପଠାଇଥିଲେ ସେ ବିଷୟରେ ମିଉନିସିପାଲିଟି ଅବଶ୍ୟ କିଛୁ ଚେଷ୍ଟା କରି ନାହାନ୍ତି । ହାସାନନ୍ଦ ବାବୁଙ୍କ ଚେଷ୍ଟା ଅବଶ୍ୟ ପ୍ରଶଂସନୀୟ ଏବଂ ଉଦ୍ଦେଶ୍ୟ ମହତ । ଗୃହସ୍ଥମାନଙ୍କର ଏ କଥା ଚିନ୍ତା କରିବା ଉଚିତ ।

Digitized by srujanika@gmail.com

ମଜଫରପୁରର ଜଣେ ଭଦ୍ରଲୋକ ଲେଖିଅଛନ୍ତି ଯେ ସେ ଅଞ୍ଚଳରେ ଅନେକ ସ୍ତ୍ରୀ କନିଅର ମଞ୍ଜିରୁ ଖଣ୍ଡ ଖାଇ ଆତ୍ମହତ୍ୟା କରୁଅଛନ୍ତି । ଗତ ଦୁଇମାସରେ ଦଶାଧିକ ସ୍ତ୍ରୀ ଉଦ୍ଭାଗ ହତ ଏବଂ ତତୋଧିକ ବହୁ ଚେଷ୍ଟାରେ ଆରୋଗ୍ୟ ଲଭିଅଛନ୍ତି । ଏଥିପାଇଁ କନିଅର ଗଛଗୁଡ଼ିକ କଟାଇ ଦେବା ଓ ତାହାର ବାବଦରେ ଯେ ଗଛ ଦେଖାଇବେ ତାହାଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା କରିବା କାରଣ ସେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । ତହିଁସଙ୍ଗେ ଏ କଥା ମଧ୍ୟ କହିଅଛନ୍ତି ଯେ ସ୍ତ୍ରୀମାନଙ୍କର ଚରିତ୍ର କଷ୍ଟ ହେବା ଭୟରେ ସେମାନଙ୍କ ପ୍ରତ୍ୟାଖ୍ୟାନ ନ ହେବା ଏବଂ ଦଶବର୍ଷ ବୟସ ବେଳୁ ଗୃହ ପିଞ୍ଜରରେ ଦୃଢ଼ରୂପେ ଆବଦ୍ଧ କରି ରଖିବାର ଚେଷ୍ଟା ହେତୁ ଆତ୍ମହତ୍ୟାଦି ନାନା ପ୍ରକାର ଅନିଷ୍ଟ ଘଟୁଅଛି । ପତ୍ରପ୍ରେରକଙ୍କର ଏହି ଶେଷ କଥା ଯଥାର୍ଥ ବୋଧ ହେଉଅଛି । ଦୁର୍ଗା ଓ କଠୋର ବ୍ୟବହାର ନାନା ଅନର୍ଥର ମୂଳ କାରଣ । ସମାଜ ଯେତେଦିନ ସ୍ତ୍ରୀମାନଙ୍କ ପ୍ରତ୍ୟା ଶିକ୍ଷାଦାନ ଏବଂ ସେମାନଙ୍କ ସହିତ ସନ୍ତୋଷଜନକ ବ୍ୟବହାର କରିବାରେ ଅବହେଳା କରିବ ସେତେଦିନ ଆତ୍ମହତ୍ୟାଦି ଅନିଷ୍ଟପାତ ନିବୃତ୍ତ ହେବ ନାହିଁ । ଆତ୍ମହତ୍ୟାର ଉପାୟ ଅନେକ ଅଛି । ସରକାର କେତେ କରିବେ ? ଅତଏବ ଲୋକମାନଙ୍କର ସ୍ତ୍ରୀଶିକ୍ଷା ତଥା ସାମାଜିକ ସଂସ୍କାରରେ ଏକାନ୍ତ ମନୋଯୋଗୀ ହେବା ସର୍ବାଗ୍ରେ କର୍ତ୍ତବ୍ୟ । ନିଜର ଉନ୍ନତିର ଚେଷ୍ଟା ଆପେ ନ କଲେ ଅନ୍ୟ ଦ୍ୱାରା ସାହାଯ୍ୟ ସଫଳ ହେବ ନାହିଁ ।

---

ବରୋଦା ରାଜ୍ୟର ଦଣ୍ଡବିଧିରେ ନାବାଳକ ସନ୍ତାନଙ୍କ ରକ୍ଷା ଗୋଟିଏ ଆଇନର ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି । ଏଥିରେ ସ୍ତ୍ରୀ ଗର୍ଭବତୀ ଥିବା ସମୟରେ ଅଥବା ସନ୍ତାନ ପ୍ରସବର ଅବ୍ୟବହିତ ପରେ ବଗୁଲବର୍ତ୍ତୀଙ୍କ ନିକଟରେ ସନ୍ତାନର ପିତାର ନାମ ଜଣାଇବା ଓ ସେ ବିଷୟରେ ଆପତ୍ତି ଥିଲେ ଦର୍ଶାଇବା କାରଣ ପିତାଙ୍କୁ ବ ୧୪ ଦ ମିଆଦରେ ନୋଟିସ ଦିଆଯିବା ଓ ସନ୍ତାନ ତାହାର ଥିବାର ପ୍ରମାଣ ହେଲେ ତାହାର ସମ୍ପତ୍ତିର ଉତ୍ତରାଧିକାରୀ ହେବାର ନିୟମ ହୋଇଅଛି । ଗର୍ଭପାତ ସମୟରେ ଏବଂ ଶିଶୁ ଜନ୍ମ ହେବା ପର ମାସ ପର୍ଯ୍ୟନ୍ତ ପିତାଠାରୁ ଖୋରାକ ଆଦାୟ ହୋଇ ଅଦାଲତ କର୍ତ୍ତୃକ ସ୍ତ୍ରୀକୁ ଦିଆଯିବା ଏବଂ ପିତା ବ ୧୬ ବର୍ଷ ପର୍ଯ୍ୟନ୍ତ ସନ୍ତାନଙ୍କୁ ଖୋରାକି ଦେବାର ମଧ୍ୟ ବିଧି ହୋଇଅଛି । ବରୋଦାର ରମଣୀମାନଙ୍କ ପକ୍ଷରୁ ଏହିଳ ଗୋଟିଏ ଆଇନ ଆବଶ୍ୟକ ହେବା ପରମ ପ୍ରୀତିକର ଅଟଇ । ଯେଉଁ ଜାତିମାନଙ୍କଦ୍ୱାରା ପର ସ୍ତ୍ରୀର ଗର୍ଭ ହେବାଦ୍ୱାରା ଭ୍ରୂଣହତ୍ୟା, ଶିଶୁହତ୍ୟାଦି ନାନା ପ୍ରକାର ପାପ ସଂଘଟିତ ହେଉଅଛି ଏମନ୍ତ ଗୋଟିଏ ଆଇନଦ୍ୱାରା ଯେ ତାହା ଏକାବେଳକେ ନିବାରିତ ହେବ ଏମନ୍ତ ଆଶା କରିବା ଦୁରାଶା ମାତ୍ର । ଅପରାଧର ଦଣ୍ଡ ବିଧାନ କରିବାଠାରୁ ଅପରାଧ ନିବାରଣର ଉପାୟ ଶତଗୁଣେ ଶ୍ରେୟସ୍କର ଏବଂ ଆମ୍ଭେମାନେ ଏହିଳ ଗୋଟିଏ ଆଇନ ଏତଦ୍ଦେଶରେ ପ୍ରଚଳିତ ହେବା ନିୟମକେ ବାହ୍ୟରେ କାମନା କରୁଁ । ଶାସ୍ତ୍ରାନୁଯାୟୀ ଏହିଳ ସନ୍ତାନ ଉତ୍ତରାଧିକାରୀ ହୋଇ ନ ପାରନ୍ତି ମଧ୍ୟ ହେବା ବାଞ୍ଛନୀୟ ନୁହେ ମାତ୍ର ବସ୍ତ୍ରପ୍ରାପ୍ତ ହେବାଆଏ ତାହାର ପ୍ରତିପାଳନ ଓ ଶିକ୍ଷାର ଭାର ପିତା ଉପରେ ପଡ଼ିବାର ଉଚିତ ।

---

ମେଦିନୀପୁରର ବମ ମୋକଦ୍ଦମାର ଆସାମୀମାନେ ମୁକ୍ତିଲାଭ କରିଥିବାର ସମ୍ବାଦ ପାଠକମାନଙ୍କୁ ଗତ ସପ୍ତାହରେ ଦେଇଅଛୁଁ । ଉକ୍ତ ମୋକଦ୍ଦମାରେ ଗଣଲାଲନନ୍ଦ ନାମା ପୁଲିସର ଗୋଏନ୍ଦା ଥିଲା ଏବଂ ବିଚାର ସମୟରେ ସେ ଆପଣାର କଥା ଠିକ ନ ରଖି ଅନ୍ୟରୂପ କହିବାରୁ ତାହା ପ୍ରତି ମିଥ୍ୟା ସାକ୍ଷ୍ୟ ଦେବା ଅପରାଧରେ ବ ୫ ବର୍ଷ କାରାଦଣ୍ଡ ଓ ଟ ୫୦୦୦ ଙ୍କା ଅର୍ଥଦଣ୍ଡ ହୋଇଥିଲା । ଆସାମୀ ତହିଁ ବିରୁଦ୍ଧରେ ଆପିଲ କରିଥିଲା ଏବଂ ବମ ମୋକଦ୍ଦମା ଖଲାସ ପରେ ବିଚାରପତି ମୁଖର୍ଜ୍ୟ ମହାଶୟ କହିଲେ ଯେ ପ୍ରକାଶ କର ଆସାମୀ ଦଣ୍ଡ ଦେଇଥିବାର କୌଣସି ପ୍ରମାଣ ନ ଥିବାରୁ ସମୁଦାୟ ଅର୍ଥଦଣ୍ଡ କାଟି ଦେଇ କାରାଦଣ୍ଡ ଅଧିକ ହୋଇଥିବା ବିବେଚନାରେ ତାହାକୁ ସାର୍ଦ୍ଧ ତିନିବର୍ଷକୁ କମାଇ ଦେଇଅଛନ୍ତି । ଏହି ଗଣଲାଲ ପୁଲିସର ଜଣେ ବେତନଭୋଗୀ ଗୋଏନ୍ଦା ଥିଲା । ଏହାର ଏବଂ ଏହା ସଙ୍ଗ ବେତନଭୋଗୀ ଗୋଏନ୍ଦା ଅବଦୁର ରହମାନର ସାକ୍ଷ୍ୟ ଦେବା ପରେ ବମ ମୋକଦ୍ଦମା ଉଦୟ ହୋଇଥିଲା । ପ୍ରଧାନ ବିଚାରପତି ଲେଖିଅଛନ୍ତି ଯେ ଗଣଲାଲ ଜଣେ ମନ୍ଦ ଏବଂ ଦୁଷ୍ଟ ପ୍ରକୃତିର ଲୋକ । ଅବଦୁର ରହମାନ ଜଣେ କଂସେଇ, ପରନ୍ତୁ ସେ ବ୍ୟବସାୟ ଛାଡ଼ି ଲୁଗାପଟା ଫେରି କରି ବିକ୍ରୀ କରୁଥିଲା । ସେ ମଧ୍ୟ ଉଚ୍ଚ ଶ୍ରେଣୀର ଲୋକ ନୁହେ । ଗଣଲାଲ ମିଥ୍ୟା ସାକ୍ଷ୍ୟ ଦେଇଥିବାର ସ୍ୱୀକାର କରି ପଣ୍ଡିତଦାସ ସୁପରିଚିତ ହେଲା ଏବଂ ପ୍ରଧାନ ବିଚାରପତି ତାହାକୁ ଉତ୍ତମରୂପେ ଚିହ୍ନି ଯେ ଦଣ୍ଡ ଲଘୁ କରି ଦେଲେ ଏହାର ତାହାଙ୍କର ନିରପେକ୍ଷ ବିଚାରର ଉତ୍କୃଷ୍ଟ ପ୍ରମାଣ । ଯାହା ହେଉ ଗଣଲାଲ କୃତକର୍ମର ଫଳ ପାଇଲା ଭଲ କଥା । ଅବଦୁର ରହମାନ ମଧ୍ୟ ତାହା ପର ଅନିଷ୍ଟ କରିଥିଲା ଯାହା ଦଣ୍ଡରେ ନ ଆସିଲା ତାହାର ବିଚାର ଟାଣ ହୋଇବାକୁ ହେବ । ସେ ପୁଲିସରେ ମିଥ୍ୟା ସମ୍ବାଦ ଦେବା ଦୋଷରେ ଦଣ୍ଡ ପାଇଥିଲେ ଭଲ ହୋଇଥାନ୍ତା ।

---

ଅମେରିକାର କାନଡ଼ା ରାଜ୍ୟ ଅସ୍ୱାସ୍ଥ୍ୟକର ସ୍ଥାନ ମଧ୍ୟରେ ପରିଗଣିତ ଥିବାରୁ ସ୍ୱାସ୍ଥ୍ୟରକ୍ଷା ସକାଶେ ସେଠାରେ ଅନେକ ଦିନରୁ ନାନା ପ୍ରକାର ଚେଷ୍ଟା ହୋଇ ଆସୁଅଛି । ବର୍ତ୍ତମାନ ସେଠା ସ୍ୱାସ୍ଥ୍ୟସମ୍ବନ୍ଧୀୟ ବିବରଣୀରେ ଏଥିର ଫଳ ଏରୂପ ଲେଖାଅଛି ଯେ ସନ ୧୮୭୧ ମସିହାର ଲୋକସଂଖ୍ୟା ଦୃଷ୍ଟିରେ ସେଠାର ବାସିନ୍ଦାଙ୍କ ମନୁଷ୍ୟ ଜୀବନ ୨୩ ବର୍ଷ ଥିଲା ମାତ୍ର ୧୯୦୧ ମସିହାରେ ତାହା ୨୬ ବର୍ଷକୁ ଉଠିଅଛି । ଆୟୁ ବୃଦ୍ଧି ସଙ୍ଗେ ଧନବୃଦ୍ଧି ହେବା ଅବଶ୍ୟମ୍ଭାବୀ । ସୁତରାଂ ସ୍ୱାସ୍ଥ୍ୟର ଉନ୍ନତିଦ୍ୱାରା ଯେ ବିଶେଷ ଉପକାର ଅଛି ଏଥିରେ ସନ୍ଦେହ ନାହିଁ । ଏହି ଘଟଣା ହେତୁ ଯୁରୋପରୁ ବସନ୍ତ, ପ୍ଲେଗ ଏବଂ ଓଲାଉଠା ଇତ୍ୟାଦି ରୋଗମାନ ବିତାଡ଼ିତ ହୋଇଅଛି ଏବଂ ସେଠା ଲୋକଙ୍କର ଆୟୁ ବୃଦ୍ଧି ହୋଇଅଛି । ଯେଉଁ ସହର ବା ଗ୍ରାମରେ ସ୍ୱାସ୍ଥ୍ୟପ୍ରତି ଲୋକ ବା କର୍ତ୍ତୃପକ୍ଷଙ୍କର ଦୃଷ୍ଟି ନାହିଁ ସେଠାରେ ଲୋକେ ଫଳପଲ ହୋଇ ଉପଯୁକ୍ତ ରୋଗଦ୍ୱାରା ଇହଲୋକରୁ ବିଦାୟ ହୁଅନ୍ତି । ଗ୍ରାମବାସୀ ଲୋକଙ୍କର ଏମନ୍ତ ସ୍ୱଭାବ ଯେ ଠିକ ଗ୍ରାମମଧ୍ୟରେ ବାହାରିକୁ ବସିବେ ଏବଂ ସେହିଠାରେ ଛଡ଼ାହାଣ୍ଡି ଇତ୍ୟାଦି ମଇଳା ଦ୍ରବ୍ୟମାନ ପକାଇବେ ଏପରି କି ଗୋଟିଏ ଗ୍ରାମନିକଟରେ ଶୁଖିଯିବା ପର୍ଯ୍ୟନ୍ତ ଅସମ୍ଭବ । ଏ ସବୁ ଦୂର କରିବା କର୍ତ୍ତୃପକ୍ଷଙ୍କର କାର୍ଯ୍ୟ ହେଲେହେଁ ଲୋକଙ୍କର କର୍ତ୍ତବ୍ୟ ତତୋଧିକ ଅଟେ ଏବଂ ଆପଣା ଘରଦ୍ୱାର ପରିଷ୍କାର ରଖିବା ଯେଉଁ କାରଣରୁ ଆବଶ୍ୟକ ଗ୍ରାମ ପରିଷ୍କାର ରଖିବା ସେହି କାରଣରୁ ପ୍ରୟୋଜନୀୟ । ଗ୍ରାମ ପରିଷ୍କାର ନ ରଖିଲେ ତହିଁର ଦୁର୍ଗନ୍ଧ ବାୟୁ ପରିଷ୍କୃତ ଘରକୁ ମଧ୍ୟ ଦୂଷିତ କରିବ । ଆମ୍ଭେମାନେ ଏ ବିଷୟ ପ୍ରତି ଲୋକଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରୁଅଛୁଁ ।

---

ଏଠା ଜିଲ୍ଲା ବୋର୍ଡର ଗତ ଅଧିବେଶନରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଜମ୍ବୁଠାକୁରାଣୀ ଠାରୁ ସଡ଼କ ସକାଶେ ଜମି ଖରିଦ କରିବାର ମୂଲ୍ୟ ଟ ୧୩୬୦୯ ଙ୍କା ମଞ୍ଜୁର ହେବାର କଥା ପଡ଼ିଥିଲା । ପ୍ରକାଶ ଯେ ସରକାର ପୂର୍ତ୍ତବିଭାଗଦ୍ୱାରା ଏହି ସଡ଼କ କମିଶନର ପ୍ରସ୍ତାବ ପ୍ରଥମେ ହୋଇଥିଲା ମାତ୍ର ଟଙ୍କା ନ ଘଟିବା ହେତୁରେ ସେ ବିଭାଗ କାର୍ଯ୍ୟ କରିବାକୁ କ୍ଷାନ୍ତ କରିବାରେ ଜିଲ୍ଲା ବୋର୍ଡକୁ ସେହି ସଡ଼କର ପ୍ରସ୍ତାବ

Split by PDF Splitter
Digitized by srujanika@gmail.com

ଆସିଅଛୁ । ବୋର୍ଡ଼ର ମେମ୍ବରମାନେ ଅବଗତ ହେଲେ ଏ କଥାକୁ ଆସିଥିବା ଏବଂ ଏହି ସଡ଼କର ଆବଶ୍ୟକତା ଭଲରୂପେ ବୁଝିପାରି ନ ଥିବା ହେତୁରେ ତହିଁର ଅନୁସନ୍ଧାନ କରିବା କାରଣ ସୁବିଧାର ପୂର୍ବକ ଏଥିର ନକ୍ସାର ସ୍ଥାପନ ରଖିଅଛନ୍ତି । ଅନ୍ୟ ଅଧିବେଶନରେ ୪ ପ୍ରସଙ୍ଗ ପଡ଼ିବ । ଏଥିର ହୁଅନ୍ତି ଏହି ସଡ଼କଟି ପ୍ରାୟ ୩ । ୪ ମାଇଲ ଏବଂ ଏଥିରେ ବ୍ୟୟର ଟଙ୍କା ବ୍ୟୟ ହେବ । ଜୟପୁରକା ଓ ରଣପଡ଼ା ଉଭୟ ସ୍ଥାନ ମହାନଦୀର ଉତ୍ତର ଧାରରେ । ପ୍ରଥମଟି ପଶ୍ଚିମ ଗଡ଼ଜାତରୁ ଏବଂ ଅନ୍ୟଟି ଉତ୍ତର ଦିଗରୁ କଟକକୁ ଆସିବାର ବାଟ । ଉଭୟ ସ୍ଥାନରେ ନଦୀ ପାର ହେବାର ଘାଟ ଅଛି । ଏଥିରୁ ଦେଖାଯାଏ ଯେ କଟକ ଯିବା ଆସିବା ସକାଶେ ଏ ବାଟର ବଡ଼ ପ୍ରାଧାନ୍ୟ ନାହିଁ । ଏହାକୁ ଗୋଟିଏ ଗ୍ରାମ୍ୟବାଟ ବୋଲିବା ଉଚିତ । ଏଥିକୁ ବୋର୍ଡ଼ର ପାଣ୍ଠି ଅଳ୍ପ ଏବଂ ଅର୍ଥାଭାବରେ ବହୁକାଳରୁ ମଞ୍ଜୁର ହୋଇଥିବା ଅନେକ ଅତି ପ୍ରୟୋଜନୀୟ ପ୍ରଧାନ ସଡ଼କମାନ ନିର୍ମାଣ ହୋଇ ପାରୁ ନ ଥିବା ସ୍ଥଳେ ଏପରି ଏକ ସାମାନ୍ୟ ସଡ଼କ ସକାଶେ ଟଙ୍କା ବ୍ୟୟ କରିବା କୌଣସି ମତେ ଉଚିତ ନୁହେ । ଭରସାକରୁଁ ଜିଲ୍ଲା ବୋର୍ଡ଼ ଏ ପ୍ରସ୍ତାବକୁ ଗ୍ରହଣ କରିବେ ନାହିଁ ।

—※—

### ବାଉଁଶ ଚାଷ ।

ମାନ୍ଦ୍ରାଜର ଇଣ୍ଡିଅନ ଟ୍ରେଡ଼ ନାମକ ପତ୍ରିକାରେ ବାଉଁଶ ସମ୍ବନ୍ଧରେ ଲେଖାଅଛି ଯେ ଭାରତରେ ଏଥିର ଚାଷ ହୁଏ ନାହିଁ । ଲୋକେ ହେଲା ଖଣ୍ଡା କରି ଲଗାନ୍ତି ଏବଂ ବଣ୍ଡ ବଡ଼ ହୋଇଗଲେ କାଟିପକାନ୍ତି ଏବଂ ମୂଳ ସଢ଼ି ନଷ୍ଟ ହୁଏ ଅଥବା ପୋକ ବିନଷ୍ଟ କରନ୍ତି । ଯେଉଁ ଜମିରେ ଅନ୍ୟ ଫସଲ ହୋଇ ପାରିବ, ସେଠାରେ ବାଉଁଶ ନ ଲଗାଇବାଦ୍ୱାରା ବାଉଁଶର ଚାଷକୁ ଏଠା ଲୋକେ ମୋଟେ ଆଦର କରୁ ନ ଥିବାର ସ୍ପଷ୍ଟ ଜଣାଯାଏ । ଚୀନ, ଜାପାନ ଓ ଜାଭାରେ କଣା, ଖୋଟ ଅଥବା ବାଲିଆ ପଡ଼ିଆ ଏଥିର ଚାଷ ଏବଂ ତଦ୍ୱାରା ବହୁତ ଲାଭ ହୁଏ । ଜାପାନରେ ବାଉଁଶ ଛଡ଼ା ଛଡ଼ା କରି ଲଗାନ୍ତି ଏମନ୍ତ ଯେ ବାଉଁଶ ଭିତର ଦେଇ ମନୁଷ୍ୟ ଯିବା ଆସିବା କରି ପାରିବେ ଏବଂ ତହିଁରୁ ଖୁବ ଲମ୍ବ ଏବଂ ସିଧା ବାଉଁଶ ବାହାରେ ଅଉ ସେଥିରୁ ଯେଉଁ କଣି ବାହାରେ ତାହା ନାନା ପ୍ରକାର କାର୍ଯ୍ୟରେ ଲାଗେ । ଫିଲିପାଇନଠାରେ ଜାହାଜ ନିର୍ମାଣାଦି କାର୍ଯ୍ୟ ବାଉଁଶଦ୍ୱାରା ହୁଅଇ । ତାହାର ଗୋଟିଏ ବାଉଁଶ ଲମ୍ବରେ ୧୬୦ ଫିଟ ଏବଂ ଏମନ୍ତ ମୋଟ ଯେ ତହିଁର ବ୍ୟାସ ୧୮ ଇଞ୍ଚ । ଜାହାଜର ମାସ୍ତୁଲ ମାତ୍ର ସେ ଅଞ୍ଚଳରେ ବାଉଁଶରେ ନିର୍ମିତ ହୁଏ । ଜାପାନଠାରେ ଯେଉଁପ କାଗଜରେ ନାନାପ୍ରକାର ଫୁଲ ପତ୍ର ଇତ୍ୟାଦି ରମଣୀୟ ଦ୍ରବ୍ୟମାନ ପ୍ରସ୍ତୁତ ହୁଏ ଫିଲିପାଇନ ଦ୍ୱୀପରେ ତାହା ବାଉଁଶରେ ନିର୍ମିତ ହୁଅଇ । ସେଠାରେ ଘର, ମେଜ, ଚୌକି, ଘଟା, ପୋଲ, ଖେଜ, କଣ୍ଡି, ଦୁଧଗିଣ୍ଡି, ମାଠିଆ, ବୋତଲ, ବାକ୍ସ, ଫିଅନ୍ସ ଏବଂ ଫୁଲ ପତ୍ରାଦି ସମସ୍ତ ବାଉଁଶରେ ପ୍ରସ୍ତୁତ ହୁଅଇ । ଅଉ ତହିଁରେ କାରିଗର ହାତ ନାନା ପ୍ରକାର ଶିଳ୍ପ ଚାତୁରୀ ଓ ମନୋହରତ୍ୱ ଦେଖାନ୍ତି । ସେଠାରେ ବାଉଁଶ ଫୁଲ ଖାଦ୍ୟରୂପେ ପରିଣତ ଏବଂ ବାଉଁଶର ସୂତାରୁ ଭଲ ଭଲ ଲୁଗା, ଗାଲିଚା ଓ ସତରଞ୍ଜି ପ୍ରସ୍ତୁତ ହୁଏ । ବାଉଁଶରୁ ଆଗେ କାଗଜ ପ୍ରସ୍ତୁତ ହେଉଥିଲା ମାତ୍ର ଏବେକୁ ତାହା ଚେତରେ ଦେଖାଯାଏ ନାହିଁ । ଫିଲିପାଇନ ଦ୍ୱୀପରେ ଅନେକ ପ୍ରକାରର ବାଉଁଶ ଅଛି ଏବଂ ସେଠାର ରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ସରକାର ବାଉଁଶର ଚାଷ ହୁଏ । ବାଉଁଶର ବ୍ୟବହାର ଯେ ଅନେକ ଏଥିରେ ସନ୍ଦେହ ନାହିଁ ଏବଂ ସେ ଦ୍ରବ୍ୟ ଅଧିକ ବ୍ୟବହାରୀ ହେବାରୁ ଅଧିକ ପରିମାଣରେ ଧନାଗମ ହୁଏ । ଆମେରିକା ଓ ୟୁରୋପରେ ଜାହାଜାଦି ନିର୍ମାଣରେ କାଠ ବା ଲୁହା ବ୍ୟବହାର କରନ୍ତି ମାତ୍ର ଫିଲିପାଇନଠାରେ ବାଉଁଶଦ୍ୱାରା ନିର୍ମିତ ହେଲେ ସୁଦ୍ଧା ତାହା ଯେମନ୍ତ ଟାଣ ତେମନ୍ତ ବହୁକାଳ ସ୍ଥାୟୀ ହୁଏ । ବର୍ତ୍ତମାନ ଯେ ଆକାଶ ମାର୍ଗରେ ଗମନାଗମନ କରିବାକାରଣ ବ୍ୟୋମଯାନ ନିର୍ମିତ ହେଉଅଛି ତହିଁରେ ବାଉଁଶ ଅଧିକ ବ୍ୟବହାରରେ ଲାଗିବ କାରଣ ତାହା ଯେମନ୍ତ ହାଲୁକା ତେମନ୍ତ ଟାଣ ଅଟେ । ସୁତରାଂ ବାଉଁଶ ଚାଷଦ୍ୱାରା କୌଣସିମତେ ଲୋକସାନର ଆଶଙ୍କା ନାହିଁ । ଆମ୍ଭମାନଙ୍କ ଦେଶରେ ଅପର୍ଯ୍ୟାପ୍ତ ବାଉଁଶ ହୁଏ ସତ୍ୟ ମାତ୍ର ଶିଳ୍ପକାର୍ଯ୍ୟର ଅଭାବ ଓ ଲୋକଙ୍କ ପ୍ରଗାଢ଼ ଅଜ୍ଞତା ହେତୁ ତହିଁର ଚାଷ ହୁଏ ନାହିଁ । ଆମ୍ଭମାନଙ୍କ ବିବେଚନାରେ ସୁନିୟମରେ ଏଥିର ଚାଷ ଓ ଶିଳ୍ପଶିକ୍ଷା ହେଲେ ଧନାଗମର ଗୋଟିଏ ପ୍ରଶସ୍ତ ଦ୍ୱାର ଖୋଲନ୍ତା ।

---

### ସାମାଜିକ ସଂସ୍କାର ।

ସ୍ଥାନାନ୍ତରରେ ଷଡ଼ିସ୍ତୁ ଓ ବ୍ରାହ୍ମଣ ଜାତି ବିଷୟରେ ଗୋଟିଏ ପ୍ରେରିତପତ୍ର ପ୍ରକାଶିତ ହେଲା, ତହିଁ ପ୍ରତି ହିନ୍ଦୁ ବିଶେଷତଃ ବ୍ରାହ୍ମଣମାନଙ୍କର ବିଶେଷ ମନୋଯୋଗ ପ୍ରାର୍ଥନା କରୁଅଛୁ । ପତ୍ରପ୍ରେରକ ତାହାଙ୍କ ଲିଖିତ ବିଷୟର ସତ୍ୟତାର ପ୍ରମାଣ ମୁକ୍ତିମଣ୍ଡପର ପଣ୍ଡିତଗଣ ଏବଂ 'ଅନ୍ୟାନ୍ୟ ନିରପେକ୍ଷ ପଣ୍ଡିତମାନଙ୍କଠାରୁ ପାଇବାର ଆଶା କରନ୍ତି । ପ୍ରାଚୀନ କାଳରେ ବ୍ରାହ୍ମଣ ଷଡ଼ିସ୍ତୁ ପରସ୍ପର ସଙ୍ଗେ ଭୋଜନ ଓ ବିବାହ କରୁଥିଲେ ଇଦାନୀଂ ତାହା ରହିତ ହେବାରେ ଜାତିଗତ ସଙ୍କୀର୍ଣ୍ଣତା ଅତ୍ୟନ୍ତ ବଢ଼ିଅଛି ଏବଂ ଅଯଥା ଜାତିଭେଦ ନାନା ଦୁର୍ଗତିର ହେତୁ ହୋଇଅଛି । ଅଯଥା ଜାତିଭେଦ ବହୁ ଅନର୍ଥର ମୂଳ ଏବଂ ସାମାଜିକ ଉନ୍ନତିର ପରମ ଅନ୍ତରାୟ ଏଥିରେ ସନ୍ଦେହ ନାହିଁ । ମାତ୍ର ଦୀର୍ଘକାଳର କୁସଂସ୍କାର ଏକଦିନରେ ଭାଙ୍ଗିଯିବା ସମ୍ଭବ ନୁହେ ଏବଂ ଏହା ବୋଲି ନିଶ୍ଚିନ୍ତ ରହିବା ମଧ୍ୟ ଉଚିତ ନୁହେ । ଯେଉଁମାନେ ସାମାଜିକ ଉନ୍ନତି କାମନା କରନ୍ତି (ପ୍ରତ୍ୟେକ ହିତବାଦୀ ବ୍ୟକ୍ତିର ଏହି କାମନା ଏକାନ୍ତ କର୍ତ୍ତବ୍ୟ) ସେମାନଙ୍କର ସମାଜ ସଂସ୍କାରରେ ପ୍ରବୃତ୍ତ ହେବା ସର୍ବାଗ୍ରେ ଉଚିତ ହେଉଅଛି । ପତ୍ରପ୍ରେରକ ବ୍ରାହ୍ମଣ ଷଡ଼ିସ୍ତୁର ସାମାଜିକ ସମ୍ମିଳନ ଆଶା କରନ୍ତି । ଆମ୍ଭେମାନେ କହୁଁ ଯେ ଆଗେ ବ୍ରାହ୍ମଣମାନେ ଆପଣା ସମାଜର ଏକତ୍ୱ ସାଧନ ଏବଂ ଅଭ୍ୟନ୍ତର ଭେଦ ଦୂର କଲେ ଅନ୍ୟ ଜାତିମାନେ ସହଜରେ ତହିଁର ଅନୁଗାମୀ ହେବେ । ବ୍ରାହ୍ମଣମାନଙ୍କର ବର୍ତ୍ତମାନର ନୀତି ଏତ ପୂର୍ବଠାରୁ ନେତେତ ବ୍ୟତିକ୍ରମ ହେଲେହେଁ ସମସ୍ତ ହିନ୍ଦୁଜାତି ବ୍ରାହ୍ମଣଙ୍କୁ ମାନ୍ୟ ଏବଂ ନେତା ବୋଲି ସ୍ୱୀକାର କରନ୍ତି । ଏକ ଶ୍ରେଣୀ ବା ଏକଦେଶର ବ୍ରାହ୍ମଣ ଅପର ଶ୍ରେଣୀ ସଙ୍ଗେ ଭୋଜନ ବା ବିବାହରେ ନ ମିଶିବାର ଦେଖି ଅନ୍ୟ ଜାତିମାନେ ସେପରି ମିଶିବାକୁ ସାହସ କରୁ ନାହାନ୍ତି । ଭାରତର ନାନା ପ୍ରଦେଶର ବ୍ରାହ୍ମଣଙ୍କର ମୂଳ ପରିଚୟ ଏକ, କେବଳ ଦୀର୍ଘକାଳ ଭିନ୍ନ ସ୍ଥାନରେ ବାସ କରିବା ହେତୁ ପରସ୍ପର ଭିନ୍ନ ହୋଇ ପଡ଼ିଅଛନ୍ତି । ବର୍ତ୍ତମାନ ପରିଚୟ ଓ ଗମନାଗମନର ସୁଯୋଗଦ୍ୱାରା ସେ ବାଧା ଘୁଞ୍ଚିଯିବାସ୍ଥଳେ ଏକ ଅନ୍ୟକୁ ପର ଭାବିବାର କିଛି କାରଣ ନାହିଁ । ତେବେ କାହିଁକି ମେଳ ନ ହେବ ? ଅନ୍ତତଃ କୌତୁକର ବିଷୟ ଏହି ଯେ ଏହି ଉତ୍କଳର ବ୍ରାହ୍ମଣ ଅନେକ ବଙ୍ଗାଳୀ ଓ ପଶ୍ଚିମା ବ୍ରାହ୍ମଣ ଘରେ ପାଚକର କାର୍ଯ୍ୟ କରନ୍ତି ଅଥଚ ଯେଉଁମାନେ ସେମାନଙ୍କର ପାକାନ୍ନ ଅବାଧେ ଖାଉଅଛନ୍ତି ସେମାନେ ସେମାନଙ୍କ ସଙ୍ଗେ ଆହାର କରିବାକୁ ଅପଛନ୍ଦ କରନ୍ତି । ଏହା ପ୍ରଚଳିତ ପ୍ରବାଦ 'ହାଣ୍ଡିରେ ଖାଏ ଗୋଡ଼ରେ ମାଡ଼ିଲେ ଗାଧୋଇ ଯାଏ' ପରି ନୁହେ କି ? ସେ ଯାହାହେଉ, ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଜାତିବନ୍ଧନ କ୍ରମେ ଶିଥିଳ ହେଉଥିବା ସ୍ଥଳେ ଅଯଥା ଜାତ୍ୟଭିମାନ ବା ଅହଙ୍କାର ପୋଷଣ କରି ସ୍ୱତନ୍ତ୍ର ଅନ୍ତର ରହିବା ଏବଂ ତହିଁ ସକାଶେ ଜନ ବା ଧନ ଇତ୍ୟାଦି ନାନା କଷ୍ଟ ଓ ଅସୁବିଧା ଭୋଗ କରିବା କଦାପି ସୁବ-

Split by PDF Splitter



ଶ୍ୱରର କାର୍ଯ୍ୟ ନୁହେ । ଯହିଁରେ ସମାଜର ପ୍ରସାର ହେବ ଓ ଭ୍ରାତୃଭାବ ବଢ଼ିବ ତାହା କରିବା କହାନ୍ତି କର୍ତ୍ତବ୍ୟ । ସମାଜ ପୁଷ୍ଟ ନ ହେଲେ କୌଣସି ଉନ୍ନତି ସାଧନ ହୋଇ ପାରିବ ନାହିଁ । ଏହି ଅଭିପ୍ରାୟରେ ସମାଜ ସଂସ୍କାର ବିଷୟ ବିବେଚନା କରିବାକୁ ଆମ୍ଭେମାନେ ପୁରୀ ବ୍ରାହ୍ମଣ ସମିତିକୁ ପୁନଃ୨ ଅନୁରୋଧ କରୁଅଛୁଁ । ବରସାହେବଙ୍କ ସହିତ ଏଥିର ଆଲୋଚନା କରିବାକୁ ଅଯଥା ବିଳମ୍ବ କରିବେ ନାହିଁ ।

## ଭାରତୀୟ ବିଜ୍ଞାନକମ୍ପାନୀ ।

ଶ୍ରୀଯୁକ୍ତ ମହେଶଚନ୍ଦ୍ର ଘୋଷ ମହାଶୟ ଆମେରିକା ଓ ଜାପାନରେ ଶିକ୍ଷାଲାଭ କରି ସ୍ୱଦେଶକୁ ଫେରି ଅଛି ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକାବଳୀ ପ୍ରକାଶ କରିବା କାରଣ ଶୀର୍ଷାଙ୍କିତ ନାମରେ ଏଲାହାବାଦଠାରେ ଗୋଟିଏ ସୀମାବଦ୍ଧ ଦାୟିତ୍ୱ (Limited) କମ୍ପାନୀ ସ୍ଥାପନ କରିବା କାରଣ ଯେଉଁ ଅନୁଷ୍ଠାନପତ୍ର ବାହାର କରିଅଛନ୍ତି ତାହା ହିନ୍ଦୁସ୍ଥାନ ରିଭିଉ ନାମକ ପତ୍ରିକାରେ ପ୍ରକାଶିତ ହୋଇଅଛି । ସେହି ମହାଶୟଙ୍କର ଉକ୍ତ ଅନୁଷ୍ଠାନପତ୍ରରେ କେତେ ଗୁଡ଼ିଏ ସାରଗର୍ଭ କଥାମାନ ଲେଖା ଥିବାରୁ ତହିଁର କେତେକାଂଶ ଏଠାରେ ଉଦ୍ଧୃତ କଲୁଁ । ସେ ଲେଖି ଅଛନ୍ତି— ଆମ୍ଭେ ଜାପାନରେ ଥିବା ସମୟରେ ସେଠା ଲୋକେ ଆପଣାକୁ ପୃଥିବୀର ପରିବର୍ତ୍ତିତ ଅବସ୍ଥା ଅଧିକରୁ ନବୋନ୍ନତ ବୈଜ୍ଞାନିକସଭ୍ୟ ସଙ୍ଗେ ଉପଯୋଗୀ କରୁଥିବାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ ଏବଂ ତହିଁର କାରଣ ଅନୁସନ୍ଧାନ କରି ବୁଝିଲୁଁ ଯେ ଆପଣାର ମାତୃଭାଷା ପ୍ରତି ସେମାନଙ୍କର ଏକାନ୍ତ ଅନୁରାଗ ଜାପାନର ଉନ୍ନତିର ପ୍ରଧାନ ଉପାଦାନ । ସେଠାରେ ସାଧାରଣ କୁଲି ଓ ଅଳ୍ପ ବୟସ୍କ ବାଳକ ବାଳିକାମାନେ ସହଜରେ ବୈଜ୍ଞାନିକ ଶବ୍ଦମାନ ବୁଝି ପାରନ୍ତି ଏବଂ ମୁଦି ଦୋକାନମାନଙ୍କର ସାଧାରଣ ଦ୍ରବ୍ୟ ପ୍ରାୟ ଥର୍ମୋମିଟର, ମଣିଷର ବଳମାପକ ଯନ୍ତ୍ରମାନ ଏବଂ ନକ୍ତି ଏବ ରସାୟନିକ ଦ୍ରବ୍ୟମାନ ସହଜରେ କିଣି ନେଇ ଯାଉଅଛନ୍ତି । ଏଥିର କାରଣ ସେମାନେ ଆପଣାର ମାତୃଭାଷାରେ ବିଜ୍ଞାନ ଶିକ୍ଷା କରୁଅଛନ୍ତି ଏବଂ ଜାପାନୀଭାଷାରେ ବିଜ୍ଞାନ ସମ୍ବନ୍ଧୀୟ ଯେତେ ପୁସ୍ତକମାନ ଟୋକିଓଠାରେ ଛପାଯାଇ ଅଳ୍ପ ମୂଲ୍ୟରେ ବିକ୍ରୀତ ହେଉଅଛି ଯେ ତାହା ଏଥି ଏ ପର୍ଯ୍ୟନ୍ତ ବିଜ୍ଞାନ ସେତେ ଦୂର ଉନ୍ନତିଲାଭ କରିଅଛି ତାହା ସହଜରେ ସମସ୍ତେ ଜାଣି ପାରୁଅଛନ୍ତି । ଏହା ଦେଖି ଆମ୍ଭର ଆଖି ଫିଟିଗଲା । ଇଂରାଜୀ, ଫରାସି ଓ ଜର୍ମାନୀ ଭାଷାରେ ବୈଜ୍ଞାନିକ ପୁସ୍ତକମାନ ଯେତେ ଭାରତବର୍ଷରେ ବିକ୍ରୟ ହୁଅନ୍ତି ତାହାନରେ ତହିଁରୁ ଅଧିକ ବିକ୍ରୀତ ହୁଏ । ଜନଭାଷାରେ ବିଜ୍ଞାନ ଶିକ୍ଷା ପ୍ରଦାନ କଲେ ଦେଶର ଅବଶ୍ୟ ଉପକାର ଅଛି ଏବଂ ତଦ୍ଭିନ୍ନ ବିଦେଶର ମଧ୍ୟ ଅପକାର ନ ହୁଏ କାରଣ ବିଷୟଟା ବୁଝିଲେ ଉନ୍ନତ ପୁସ୍ତକମାନ ସଙ୍କଳନ କରିବାର ସ୍ପୃହା ବଢ଼ିବ । ଜାପାନ ଦେଖି ଆମ୍ଭର ଏହି ବିଶ୍ୱାସ ଜନ୍ମିଅଛି ଯେ ମାତୃଭାଷାରେ ଉଚ୍ଚଶିକ୍ଷା ଲାଭ ନ କଲେ ଆମ୍ଭମାନଙ୍କର ଜାତୀୟ ଉନ୍ନତି ହେବ ନାହିଁ ଏବଂ ଏ ମତ ବିଜ୍ଞାନ, ଶିଳ୍ପ, ବାଣିଜ୍ୟ ଇତ୍ୟାଦି ସମସ୍ତ ବିଷୟରେ ଉନ୍ନତ ମାର୍କିନଦେଶ ଦେଖି ଦୃଢ଼ୀଭୂତ ହୋଇଅଛି । ସେଠାରେ ନ ଉପାୟରେ ଅଧିକ ସଂଖ୍ୟକ ଲୋକଙ୍କୁ ଶିକ୍ଷା ଦିଆଯାଇପାରେ ଏବଂ ପ୍ରତି ଛ ମାସରେ ନୂତନ କାଉଣ୍ଟିଏ ଆବିଷ୍କାର ହୋଇ ପାରେ ତାହା ଦେଖାଗଲା । ମାର୍କିନଦେଶରେ ବୈଜ୍ଞାନିକ ବିଷୟ ସେହି ଅନେକ କମ୍ପାନୀ ଅଛି । ସେମାନେ ସର୍ବସାଧାରଣଙ୍କୁ ସରଳଭାଷାରେ ନୂତନ ନୂତନ ବୈଜ୍ଞାନିକ ବିଷୟମାନ ବୁଝାଇବା ସକାଶେ ପୁସ୍ତିକା ପ୍ରଣୟନ କରିବାର ବ୍ୟବସାୟ କରୁଅଛନ୍ତି ଏବଂ ବୈଜ୍ଞାନିକ ସମ୍ବାଦପତ୍ରଦ୍ୱାରା ଲୋକଙ୍କୁ ଅଦ୍ୟ ପର୍ଯ୍ୟନ୍ତ ଯେତେ୨ ବୈଜ୍ଞାନିକ ଆବିଷ୍କାର ହେଉଅଛି ସେସବୁ ଜଣାଇ ଦେଉଅଛନ୍ତି । ଆମ୍ଭେ ରସାୟନ, ଶିଳ୍ପ, ପଦାର୍ଥ, ଭୂତତ୍ତ୍ୱ, ପ୍ରାଣୀ, କୃଷି, ଉଦ୍ଭିଦ ଇତ୍ୟାଦି ବିଦ୍ୟାମାନ ଅଧ୍ୟୟନ ପୂର୍ବକ ତାହା ଦେଶୀୟଭାଷାରେ ଶିକ୍ଷା ଦେବା କାରଣ ମନସ୍ଥ କରି ହିନ୍ଦିଭାଷାରେ ରସାୟନ ଶାସ୍ତ୍ର ଲେଖିଅଛୁଁ ଏବଂ ତାହା ଅଦ୍ଭୁତ ହେଲେ ସେହି ସମସ୍ତ ଶାସ୍ତ୍ରରେ ଓ ଉର୍ଦ୍ଦୁ ଇତ୍ୟାଦି ଭିନ୍ନ ଭାଷାରେ ପୁସ୍ତକ ପ୍ରଣୟନ ନ ହେଲେ ବହୁ ଲୋକଙ୍କର ଶିକ୍ଷା ହେବ ନାହିଁ ଏବଂ ସେଥି ନିମିତ୍ତ ଉପଯୁକ୍ତ ବେତନ ଦେଇ ବିଦ୍ୱାନ ଲୋକଙ୍କୁ ନିଯୁକ୍ତ କରିବା ଏବଂ ବହୁ ବ୍ୟୟରେ ସମ୍ପୂର୍ଣ୍ଣ ଭାବରେ ଗୋଟିଏ ପୁସ୍ତକାଳୟ ରଖିବା ଆବଶ୍ୟକ । ସୁତରାଂ ସେଥି ସକାଶେ ଏକଲକ୍ଷ ଟଙ୍କା ପ୍ରୟୋଜନ । ତାହା ୧୦ ଙ୍କା ମୂଲ୍ୟର ୧୦୦୦୦ ଅଂଶରେ ବିଭକ୍ତ ହୋଇଅଛି ।—

ସେହି ମହାଶୟଙ୍କ ଉଦ୍ୟମ ସାଧୁ ଏବଂ ଯୁକ୍ତି ଅକାଟ୍ୟ ଥିବା ବିଷୟରେ ସନ୍ଦେହ ନାହିଁ । ପ୍ରକୃତରେ ମାତୃଭାଷାରେ ଉପଯୁକ୍ତ ନ ହେଲେ ଶିକ୍ଷାର ଫଳ ସହଜରେ ଏବଂ ବିସ୍ତାରରୂପେ ମିଳି ନ ପାରେ । ଜାପାନ ଓ ଅନ୍ୟାନ୍ୟ ରାଜ୍ୟରେ ଇଂରେଜୀ ଦ୍ୱିତୀୟ ଭାଷାରୂପେ ପଠିତ ହୁଅଇ ମାତ୍ର ଆମ୍ଭମାନଙ୍କ ଦେଶରେ ଇଂରେଜୀ ପ୍ରଥମ ଓ ମାତୃଭାଷା ଦ୍ୱିତୀୟ ସ୍ଥଳରେ ପଢ଼ାଯାଏ । ଏଥିଯୋଗୁ ଆମ୍ଭମାନଙ୍କର ଉନ୍ନତିର ଗତି ଶିଥିଳ ହୋଇଅଛି ଆମ୍ଭମାନଙ୍କ ଦେଶର ଶିକ୍ଷିତ ଲୋକେ ଶଏ ମଧ୍ୟରେ ନ ୯୦ଣ ମାତୃଭାଷାକୁ ଘୃଣା କରନ୍ତି ଏବଂ ଅନର୍ଗଳ ଇଂରାଜୀ ବକ୍ତୃତା କରିପାରିବା ସ୍ଥଳେ ମାତୃଭାଷାରେ ଦୁଇପଦ ଯୋଡ଼ି ପାରନ୍ତି ନାହିଁ । ଭରସା କରୁଁ ସେହି ମହାଶୟଙ୍କ କଥାଗୁଡ଼ିକ ଦେଶ ଲୋକଙ୍କ ମାତୃଭାଷାର ଉନ୍ନତି ଆଡ଼କୁ ଆକର୍ଷଣ କରିବ । ବିଜ୍ଞାନ ଶିକ୍ଷାର ଉନ୍ନତି ହେବାଯାଏ ଦେଶର ଉନ୍ନତି ନାହିଁ ଏବଂ ମାତୃଭାଷାରେ ସେ ଶିକ୍ଷାର ବିଧାନ ନ ହେଲେ ଜନସାଧାରଣ ତାହା ଶିଖି ପାରିବେ ନାହିଁ । ଅଲହାବାଦ ପରି ଏଠାଲୋକେ ଦେଶୀୟ ଭାଷାରେ ବିଜ୍ଞାନ ପୁସ୍ତକ ପ୍ରଣୟନ ସକାଶେ ଅଗ୍ରସର ହେବେ କି ? ସାମୟିକ ପତ୍ରିକାମାନଙ୍କରେ ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧମାନ ବାହାରିଲେ ଅନେକ ଉପକାର ହେବ ।

## ପୂର୍ବ ଓ ପଶ୍ଚିମ ।

ବିଗତ ମଇମାସ ଦ୍ୱିତୀୟ ସପ୍ତାହରେ ବିଲାତରେ ରୟେଲ ଏସିଅଟିକ ସୋସାଇଟି ନାମକ ସଭାର ବାର୍ଷିକ ଅଧିବେଶନ ଓ ଭୋଜ ଅଡ଼ମ୍ବର ସହକାରେ ସମ୍ପନ୍ନ ହୋଇଥିବାର ସମ୍ବାଦ ମିଳଇ ଏ ଅଧିବେଶନରେ ମାନ୍ୟବର ଭୂତପୂର୍ବ ଗବର୍ଣ୍ଣର ଲର୍ଡ଼ ରେ ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ । ଲର୍ଡ଼ ରେ ମହୋଦୟ ସଦାନୁକୂଳସୂତ୍ର ଶାସନକର୍ତ୍ତା ଥିଲେ ଏବଂ ସେଦିନର ବକ୍ତୃତାରେ ସେ ବିଶ୍ୱାସରେ କହିଲେ ନ ଆଜକାଲି ଭାରତବର୍ଷରେ ଯେଉଁ ଆନ୍ଦୋଳନ ଲାଗିଅଛି ତହିଁରୁ ସ୍ପଷ୍ଟ ଦେଖାଯାଉଅଛି ଯେ ଭାରତବାସୀଙ୍କ ହୃଦୟରେ ଉତ୍ତରୋତ୍ତର ବିଶ୍ୱାସ ସ୍ଥାପନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟକର୍ମ ହେଉଅଛି । ଭାରତବାସୀଙ୍କ ସହିତ ଆମ୍ଭେମାନେ ଏକତାବଦ୍ଧ ହେବାରୁ ସେମାନଙ୍କଠାରୁ ଆମ୍ଭମାନଙ୍କର ପ୍ରାପ୍ୟ ଏବଂ ଆମ୍ଭମାନଙ୍କଠାରୁ ସେମାନଙ୍କର ପ୍ରାପ୍ୟ ସମ୍ଭ୍ରମରୂପେ ବିଚାର କରିବା କର୍ତ୍ତବ୍ୟ ଏବଂ ଉଦାରଭାବରେ ପୂର୍ବଦେଶର କୁସଂସ୍କାରମାନ ଦୂର କରି ବାଧା ବିଘ୍ନ ଅତିକ୍ରମ କରିବା ଓ ପରସ୍ପର ଜଣାଜଣି ହୋଇ ପରସ୍ପରକୁ ଶ୍ରଦ୍ଧା ଦେବା ଉଚିତ । ଭାରତବର୍ଷ ସହିତ ବ୍ୟବସାୟ କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହେ ମାତ୍ର ଭାରତବାସିଙ୍କ ଭାବ ଓ ଚରିତ୍ର ସହିତ ଆମ୍ଭମାନଙ୍କର ଭାବ ଓ ଚରିତ୍ର ମିଳାଇ ଦୋଷମାନ ଦୂରୀଭୂତ କରି ପରସ୍ପର ଉନ୍ନତି ସାଧନ କରିବା ପରମ ଉଦ୍ଦେଶ୍ୟ ଅଟେ । ଏହି ସଭାଗାର ପୂର୍ବ ରାଜ୍ୟର ଶାସନ ଓ ପାଶ୍ଚାତ୍ୟ ଲୋକେ ଜାଣିବା କାରଣ ସବିଶେଷ ଯତ୍ନ ହେଉଅଛି ଏବଂ ତହିଁର ସଭ୍ୟମାନେ ଏହି କାର୍ଯ୍ୟରେ ବ୍ରତୀ ହୋଇ ରହିବାର ସେ କାମନା କରନ୍ତି । ଜାପାନଦୂତ ଏ ସଭାରେ ଉପସ୍ଥିତ ଥିଲେ ଏବଂ ସେ କହିଲେ ଜ୍ଞାନ ଓ ସମ୍ମାନ ପ୍ରଦର୍ଶନବଳରେ

Digitized by srujanika@gmail.com

ନାଗ ବଦ୍ରୋତ ଦ୍ବୀପର ପୂର୍ବ ଓ ପଶ୍ଚିମର ଲୋକଙ୍କ ମଧ୍ୟରେ ସହାନୁଭୂତିର ବୃଦ୍ଧି ସଙ୍ଗେ ୨ ଉନ୍ନତି ହେବ । ଏ ସଭାରେ ଅନେକ ମାନ୍ୟ ଗଣ୍ୟ ପଣ୍ଡିତ ଉପସ୍ଥିତ ଥିଲେ ଏବଂ ଋଗ୍ବେଦର ଛଅଗୋଟି ମନ୍ତ୍ର ଯଥାବିଧି ଦିଅନ୍ତା ଯନ୍ତ୍ର ସହିତ ଲୁମାଶ୍ ମେବେଲ୍ ଡାଲଟୀ ଗାଇଥିଲେ । ଏହି ସଭାରେ ବେଦର ବିଶେଷ ଚର୍ଚ୍ଚା ହେଉଅଛି ଏବଂ ଜଣେ ସଭ୍ୟ ଗାୟକ ଦେଇଥିବା ମନ୍ତ୍ରମାନଙ୍କର ଅର୍ଥ ବୁଝାଇ ଦେଇଥିଲେ । ଏଥିରୁ ପାଠକେ ଦେଖିବେ ଯେ ଯେଉଁ ବେଦସନାତନ ଧର୍ମ ଏବଂ ଅମ୍ଭମାନଙ୍କର ସହାୟକ ବୋଲି ଅମ୍ଭେମାନେ ଗର୍ବ କରୁଁ ପାଶ୍ଚାତ୍ୟଲୋକେ ତହିଁର କେମନ୍ତ ଚର୍ଚ୍ଚାରେ ଲାଗି ରସାସ୍ୱାଦନ କରୁଅଛନ୍ତି । ବେଦମନ୍ତ୍ରରୁ ସଙ୍ଗୀତର ସୃଷ୍ଟି ହୋଇଅଛି ଏବଂ ବେଦ ସଙ୍ଗେ ଅମ୍ଭମାନେ ଜନ୍ମ ୨ ସଙ୍ଗୀତ ମଧ୍ୟ ଶୁଣୁଅଛୁଁ । ଆଜକାଲି ବ୍ରାହ୍ମଣେ ବେଦ ମନ୍ତ୍ର ଉଚ୍ଚାରଣ କରିବା ସମୟରେ ତହିଁର ଛାନ୍ଦ ଓ ସ୍ୱର କହି ପାଠ ପରିଷ୍ଟପର ପଢିଯାନ୍ତି । ଗୀତ ଗୋଟିଏ ସ୍ୱରରେ ଗାଇ ତାହାର ସ୍ୱର ଓ ତାଳ କହିଦେଇ ପଢ଼ିବା ଯେମନ୍ତ ଏହା ମଧ୍ୟ ତେମନ୍ତ ନୀରସ ଓ କଦର୍ଯ୍ୟ ଅଟେ । ମାତ୍ର ମନ୍ତ୍ରର ଅର୍ଥ ବୁଝିବା ଲୋଭଥିବାରୁ ଅମ୍ଭେମାନେ ଏକାବେଳକେ ମନ୍ତ୍ର ଶୁଣିବାକୁ ଅନିଚ୍ଛୁକ । ମାତ୍ର ପାଶ୍ଚାତ୍ୟର ପଣ୍ଡିତମାନେ ତହିଁର ଚର୍ଚ୍ଚା କରି ଅର୍ଥ ବୁଝିବା ସଙ୍ଗେ ୨ ତାହାକୁ ଯନ୍ତ୍ରରେ ବଜାଇ ଗାଇବାକୁ ଆରମ୍ଭ କରିଅଛନ୍ତି । ନାରଦାଦି ଋଷିମାନେ ବୀଣାଯନ୍ତ୍ରରେ ବେଦ ଗାୟନ କରୁଥିଲେ । ନାରଦାଦି ଋଷିମାନେ ନାନାବିଧ ଛଳ କୌଶଳ ଅର୍ଥାତ୍ ବୈଦ୍ୟୁତିକଯାନଦ୍ୱାରା ଅନ୍ତରୀକ୍ଷରେ ଗମନାଗମନ କରୁଥିଲେ । ନ୍ୟାୟ, ଦର୍ଶନ, ବିଜ୍ଞାନ ସମସ୍ତଶାସ୍ତ୍ରରେ ଧୂରନ୍ଧର ଋଷିମାନଙ୍କର କାର୍ଯ୍ୟ ଅଦ୍ୟାପି ସମସ୍ତ ଜଗତକୁ ମୋହିତ କରୁଥିଲେହେଁ ଅମ୍ଭେମାନେ ସତ୍ୟକାଳର କଥା ଶ୍ରବଣ କରି ତାହା ସ୍ୱପ୍ନବତ୍ କଳ୍ପନାମୟ ମନେ କରୁଅଛୁଁ ମାତ୍ର ତାହା କି କର ପଶ୍ଚିମର ସମ୍ପର୍କରେ ଆସି ଆପଣା ଦେଶର ମହାବିଦ୍ୟା ସମ୍ଭାର କରିବାକୁ ଯତ୍ନଶୀଳ ହେଲେ ପୂର୍ବ ଓ ପଶ୍ଚିମର ଏ ମହାସମ୍ମିଳନରୁ ଅପୂର୍ବ ଫଳ ପ୍ରାପ୍ତ ହେବୁ ।

—*—

# ସାପ୍ତାହିକ ସମ୍ବାଦ ।

### କଲିକତାଗେଜେଟ ।

ସମ୍ବଲପୁରର ଡେ: କମିଶନର ମି: ଏ. ଏନ୍, ମୋବର୍ଲି ବ ୧୫ ଦିନ ଛୁଟି ପାଇଲେ ଓ ତାଙ୍କ ସ୍ଥାନରେ ସମ୍ବଲପୁରର ଡେ: ମା: ଓ ଡେ: କଲେକ୍ଟର ମି: କୃଷ୍ଣ ଅନନ୍ତ ଠିକେର ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ସମ୍ବଲପୁରର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ମି: ଏଚ୍, ଡି, ସୁଣ୍ଡେନ ମା ୭ ସପ୍ତାହ ଛୁଟି ପାଇଲେ ଓ ତାଙ୍କ ସ୍ଥାନରେ ପୁଲିସ ଆ: ସୁପରିଣ୍ଟେଣ୍ଡେଣ୍ଟ ମି: ଜେ: ଏ,ବ, ଥର ଗୋମେଜ ନିଯୁକ୍ତ ହେଲେ ।

ସିଂହଭୂମର ପୁଲିସ ଡେ: ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁରପ୍ରସାଦ ଦାସ କଟକ ନଗରରେ ଅବସ୍ଥାପିତ ହେଲେ ।

କଟକର ଆ: ସେଟେଲମେଣ୍ଟ ଅଫିସର ବାବୁ ଜ୍ୟୋତିଷଚନ୍ଦ୍ର ସେନ ସବ ଡେ: କଲେକ୍ଟର ମା ୨ ସପ୍ତାହ ଛୁଟି ପାଇଲେ ।

ବାବୁ ଆନନ୍ଦଗୋପାଳ ମଣ୍ଟୀ ଦିନାଦର୍ଶ ସ୍ଥାନେ କଟକ ନଗର ସଦର ସ୍ଥାନ ବେଞ୍ଚର ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ ପଦରେ ପୁନ: ନିଯୁକ୍ତ ହେଲେ ।

ତୃତୀୟ ଶ୍ରେଣୀର ଆ: ସର୍ଜନ ବାବୁ କସ୍ତୁର ସାଓ ସନ ୧୯୦୯ ମସିହା ମଇ ମାସ ତା ୨୫ ତାରିଖରୁ କଟକ ମେଡ଼ିକାଲ ସ୍କୁଲର ଫିଜ ଓ କେମିଷ୍ଟ୍ରି ଶିକ୍ଷକ ପଦରେ ନିଯୁକ୍ତ ହେଲେ ।

ଓଡ଼ିଶା ଗଡ଼ଜାତ ମାହାଲର ସ୍କୁଲ ସବ-ଇନ୍ସପେକ୍ଟର ବାବୁ ଗଣେଶର ମିଶ୍ର ସନ ୧୯୦୯ ମସିହା ମଇ ତା ୨ରିଖରୁ ବ ୧ ଦିନ ଛୁଟି ପାଇଲେ ।

ଆ: ସ୍କୁଲ ସବ୍ ଇନସ୍ପେକ୍ଟର ବାବୁ ଚନ୍ଦ୍ରମଣି ନନ୍ଦ ତାହାଙ୍କ କାର୍ଯ୍ୟରେ ନିଯୁକ୍ତ ହେଲେ ।

ଗତ ତା ୭ ରିଖ ଶେଷ ହେବା ସପ୍ତାହରେ ଓଡ଼ିଶାର ସମସ୍ତ ଜିଲାରେ ଚାଉଳର ଦର ଗତ ସପ୍ତାହ ସଙ୍ଗେ ସମାନ ଥିଲା । କେବଳ ବାଲେଶ୍ୱରରେ ଅଧିକ ବଢ଼ିଥିଲା ।

———

ଏଠା ବାଗଡ ଆଟ୍ଟେଣ୍ଟ ଉପାସରେ ଗୋଟିଏ ଲୋକର ଘରେ ବାପ ପୁଅଗୁଡ଼ିକ ଓ ମାଆ ମହିଳାଙ୍କର ଦେଖିଲ କଲିଯିବାରୁ ପୁଲିସ ଏ ୮ ଦିନରେ ମହିଳାଙ୍କ ପୁଲିସ ଦେଇଥିଲେ କରି ବାବୁ ବ, ଏନ, ବସୁ ଡା: ମା: ଙ୍କ ବଡ଼-ରେ ଜବାବ ପାଇଅଛନ୍ତି । ପୁଲିସର ଏଥି ବିଚାର ଅଗ୍ରେ ହେଉଅଛି ।

ଏ ଜଲ ନୂଆଗାଁ ଡାକଘର ସାଉପଡ଼ା ବ୍ରାହ୍ମଣ ଶାସନରେ ବଦ୍ରିନାଥମହାଦେବ ପ୍ରସିଦ୍ଧ ଅଟନ୍ତି । ଗତ ଶୀତଳଷଷ୍ଠୀ ମହାସମାରୋହରେ ସେଠାରେ ଯାତ୍ରା ହାଟ ଉତ୍ସବ ହୋଇଥିବା ଏବଂ ଯାତ୍ରୀ ପ୍ରାୟ ୩୦୦୦ ହୋଇଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ।

ମୟୂରଭଞ୍ଜ ମହାରାଜାଙ୍କ ଶ୍ରୀ ଶ୍ରୀରାମଚନ୍ଦ୍ର, କଟକରେ ଗୋଟିଏ ପୁତ୍ର ଲାଭ ହୋଇଅଛି । ସେହି ଉପଲକ୍ଷରେ ଦରିଦ୍ରମାନଙ୍କୁ ମିଷ୍ଟାନ୍ନ ଓ ପଇସା ବଣ୍ଟା ବାଦ୍ୟ ନୃତ୍ୟାଦି ନାନା ପ୍ରକାର ଉତ୍ସବ ହୋଇଥିବାର ଏକ ପ୍ରେରିତପତ୍ରରୁ ଆନନ୍ଦ ସହିତ ଅବଗତ ହେଲୁଁ ।

ଢେଙ୍କାନାଳର ଜଣେ ଶତ୍ରୁଘ୍ନ ଛୁଦ୍ଦୋଲର ଦୁଇଜଣ ସେବ ଜଗଲ ବାଟ ନେଇ ପଥର ହାଣ କେଡ ମାରି ପକାଇ ଅଛନ୍ତି । ଉଣ୍ଡାଟୋଳ୍ପ ମନ୍ତ୍ର ପାଇବା ସଙ୍କାଶେ ଏହା କହିଥିବାର ପ୍ରକାଶ । ଆସାମିମାନଙ୍କୁ ପୁଲିସ ଧରି ଚାଲାନ ଦେଇଅଛନ୍ତି । ଶା: ବା:

ଗତ ତା ୪ ରିଖ ଶୁକ୍ରବାର ସକାଳ ସାଢ଼େ ୫ଟା ବେଳେ ଚନ୍ଦ୍ର ଗ୍ରହଣ ଦେଖାଯାଇ ଥିଲା । ଗଣକଙ୍କ ପାଞ୍ଜିର ଗଣନା ପ୍ରତ୍ୟକ୍ଷ ହେଲା ।—ଶା: ବା:

### ଉଦଳା ସମ୍ବାଦ ।

ବାଲୁଠେଙ୍ଗ ମୌଜାର ଜଣେ ବୃଦ୍ଧ ପୁରୁଷ କଳର ସ୍ୱାମୀ ମନୁଷ୍ୟର ବଶୀଭୂତ ହୋଇଥିବା ହେତୁ ଉଦଳା ଗ୍ରାମରେ ରହି ବେଶ୍ୟା ବୃତ୍ତ୍ୟାବଲମ୍ବନ କରି ଆପଣାର ଖାଦ୍ୟ ବ୍ୟୟ ଚଳାଉ ଅଛି । ଏପରି ଗ୍ରାମରେ ତାହାର ଅନ୍ୟ ପତି ଗ୍ରହଣ କରିବାର ବନ୍ଧ ଥିଲେ ସମାଜ ଏ ପାପର ପ୍ରଶ୍ରୟ ଦେଇ ନାହିଁ କି ?

ଉଦଳା ପଲେଷ୍ଟଲେଣ୍ଟ ଅଫିସର ଶ୍ରୀଯୁତ ମନସି ମହନ୍ତ ମହାଶୟ ଅଦ୍ୟ ପ୍ରତ୍ୟାଗମିତ ହେବାରେ ଅନେକ ଲୋକ ଆନନ୍ଦିତ ହୋଇଅଛନ୍ତି । ମନୋହର ମିର୍ଜା ଜଣେ ଦୟାଳୁ ଏବଂ ସୁଦକ୍ଷ କର୍ମଚାରୀ ।

ଏ ସପ୍ତାହରେ ପ୍ରତିଦିନ ମଧ୍ୟାହ୍ନ ସମୟରେ ବହୁପରିମାଣରେ ବୃଷ୍ଟିପାତ ଏବଂ ଅନ୍ୟ ସମୟରେ ମେଘାଚ୍ଛନ୍ନ ହେତୁ କୃଷକମାନେ ଧାନ୍ୟ ବପନ କରିବାକୁ ଅସମର୍ଥ ହେଉଅଛନ୍ତି ।

### ବାସୁଦେବପୁର ସମ୍ବାଦ ।

ଏହି ଥାନାର ଗତ ବର୍ଷରୁ ବାକିଥିବା ଯୋସା ଅଇମାନଙ୍କ ଅଟେଷ୍ଟେସନ କାର୍ଯ୍ୟ ଚଳିଅଛି । ଏଥିରେ ଲୋକମାନେ ବିବ୍ରତ ବ୍ୟସ୍ତ ହେଉଅଛନ୍ତି ଏବଂ ଏହା ସବୁ କାର୍ଯ୍ୟର ପ୍ରଧାନ ପ୍ରତ୍ୟବାୟ ହୋଇଅଛି । ବନ୍ଦୋବସ୍ତ କାର୍ଯ୍ୟ ଦେଖିଲେ ଚକ୍ଷୁ ରୁଜ ହୋଇ ଯାଉଅଛି ।

ଗତ ବର୍ଷ ବନ୍ଦୋବସ୍ତ କାର୍ଯ୍ୟ ଶେଷ ହୋଇଥିବା ମୌଜାମାନଙ୍କର ପ୍ରଜା, ଜମିଦାର ଉଭୟଙ୍କ ପାଇଁ କାନନଗୋମାନଙ୍କ ଦ୍ୱାରା ବେଷ୍ଟିତ ହେଉଅଛି । ସେଥିରେ ବାଦେଇ ଜମିର ନମ୍ବର ପ୍ରତି ସର୍ଟିଫିକେଟ ଫିସ ୧୦ ୯ ଅଣା ମଧ୍ୟ ଆଦାୟ ହେଉଅଛି ।

ଗୁନଗୁଲା ମୌଜାର ଜମିଦାର ଶ୍ରୀ ମଥୁରମୋହନ ପାଣ୍ଡି ଗୋଟିଏ ସୁରଭିନ ପୁଷ୍କରିଣୀର ପଙ୍କୋଦ୍ଧାର କରାଉଅଛନ୍ତି । ଦିନେ ସେହି ମୌଜା ନିବାସୀ ତାହାଙ୍କର କାରପରଦାର ଭଗବତ ବେହେରାଙ୍କୁ ସ୍ୱପ୍ନରେ ସ୍ପଷ୍ଟ ହେଲା ଯେ "ମୁଁ ପୋଖରୀର ଠିକ୍ ମଧ୍ୟରେ ପୋତି ପଡ଼ିଅଛି । ମୋତେ କାଢ଼ ।" ତହିଁ ପରଦିନ ସକାଳେ ସେ ଲୋକେ ମୂଲିଆ ସହିତ ପୁଷ୍କରିଣୀ ଖୋଳିବାରେ ଗୋଟିଏ ଦେବମୂର୍ତ୍ତି ବାହାର ଅଛନ୍ତି । ତାହାଙ୍କର ମସ୍ତକରେ ସପ୍ତଫେଣୀ ସର୍ପର ଫଣା ଚଉଦିଗ, କିରୀଟ ଏବଂ ହସ୍ତରେ ପଦ୍ମ ( ପଡ଼ା ) ରହିଅଛି । ମୂର୍ତ୍ତି କାରୁକାର୍ଯ୍ୟ ପୂର୍ଣ୍ଣ । ନାକ ପଦ ବାହୁ ଓ ନାଗର ଚଉଗୋଟି ଫଣା ଭଗ୍ନ ହୋଇଅଛି । ବୋଧହୁଏ କଳାପାହାଡ଼ ସମୟରୁ ଏ ଦେବତା ଏହି ଦଶାରେ ରହିଅଛନ୍ତି । ଆଜ ମଧ୍ୟ ପୋଖରୀର ଉତ୍ତର ଅଗ୍ରରେ ଅନୁଚ୍ଚବର୍ତ୍ତୀ ଗୋଟିଏ ସ୍ଥାନ ଖୋଳିବାରୁ ଅନେକ ମାଙ୍କଡ଼ାପଥର ବାହାରୁଅଛି । ବୋଧହୁଏ ଏ ସ୍ଥାନରେ ଗୋଟିଏ ମନ୍ଦିର ଥିଲା ଏବଂ ତହିଁରେ ଏହି ମୂର୍ତ୍ତି ଥିଲେ ।

ଗତ ବର୍ଷ ଦପ୍ତାରୁ ଗବର୍ଣ୍ଣମେଣ୍ଟ ପ୍ରଜାମାନଙ୍କୁ ତକାବି ଟଙ୍କା ଦେଇ ଅଛନ୍ତି । ଏ ବର୍ଷ ବହୁ ଧାନ ହୋଇଥିବାରୁ ଲୋକେ ଟଙ୍କା ସୁଧ ସହିତ ଆଦାୟ କରୁଅଛନ୍ତି । ସାମାନ୍ୟ ଧାନ ପାଇଁ ଜମିଦାର ଓ ମହାଜନମାନଙ୍କ ବୋଧହୁଏ ଏବଂ ପ୍ରଜାମାନେ ନାନା ଦିଗରେ ବନ୍ଧାରେ ପଡ଼ି ଯୋଗ୍ୟ, ବାସନାଦି ବନ୍ଧକ ଦେଉଅଛନ୍ତି ତାହାରା ଗୋଲ୍ଲ କବାଟ ପ୍ରଭୃତି ନିଲାମ ହୋଇ ଆଦାୟ ହେଉଅଛି । ସରକାର ବାହାଦୂର ସୁସମୟରେ ଯେପରି ସାହାଯ୍ୟ ପ୍ରଦାନ କରି ପାରିଥିଲେ ଏ ବର୍ଷ ସର୍ବେ ଟଙ୍କା ସରକାର ବାହାଦୂର ଆଦାୟ କରିଥିଲେ ଫଳ ହୋଇଥାନ୍ତା ।

### କେନ୍ଦ୍ରାପଡ଼ା ସମ୍ବାଦ ।

ଗତ ସପ୍ତାହଟା କେବଳ ବୃଷ୍ଟିରେ ଗତ ହୋଇଅଛି । ଏଥିରେ ଲୁଣା ଜମିର ପ୍ରଭୂତ ଉପକାର ହୋଇଅଛି ମାତ୍ର ଯେଉଁ ସବୁ ଜମି ପଡ଼ିଆ ଥିଲା ତହିଁର ଲୁଣାରୁନି ଟିକିଏ ପଚିଗଲା ।

ଧାନ ଚାଉଳର ଦର କ୍ରମଶ: ବଢ଼ୁଅଛି । ଧାନ ଟଙ୍କାକୁ ସେ ୨୫ ରୁ ସେ ୨୦ ରୁ ଏବଂ ଚାଉଳ ସେ ୧୧ ରୁ ସେ ୯ ରୁ ଉଠିଅଛିଲି ।

ଗତ ପ୍ରବର୍ଣ୍ଣା ସୁଦୂର ହାଟ ବାଉଁଶରେ କେନ୍ଦ୍ରାପଡ଼ା ହାଇସ୍କୁଲର ଗୋଟିଏ ଛାତ୍ରାବାସ ତିଆର ହେଉଅଛି, । ଏହାଦ୍ୱାରା ଛାତ୍ରାବାସର ଅଭାବ ସମ୍ପୂର୍ଣ୍ଣରୂପେ ଦୂରୀଭୂତ ନ ହେଲେ ହେଁ ଆଂଶିକ ଉପକାର ହେବ । ଇସ୍କୁଲରୁ କର୍ତ୍ତୃପକ୍ଷ ଏଠାରେ କ୍ଷାନ୍ତ ନ ରହି ଉପଯୁକ୍ତ ଛାତ୍ରାବାସ ତିଆରିରେ ଉଦ୍ଯୋଗ କରିବେ ।

[illegible]

## ରାଜପୁରର ସମ୍ବାଦ ।

[illegible]

## ପୁରୀ ସମ୍ବାଦ ।

[illegible]

## ସ୍ଥାନିକ ସମ୍ବାଦ ।

[illegible]

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।**

To the Editor of Utkal Dipika

Sir,

(1) I have read with some concern the articles of the "Star of Utkal" in its issues of the 22nd and 29th May last, containing a series of comments upon the national character of the Uriyas and some persons whom the Editor styles as their leaders. The shocking nature of the misrepresentation of facts and the inevitable tendency of the articles to set up one community against another has obliged me to approach you with this letter written in the spirit of self defence.

(2) As the absence of the Uriya pleaders at the at home party of the Cuttack Union Club for Mr. Judge Platel seems to have disturbed very much the equanimity of the grateful and impartial Editor, I should take it up first.—Although the matter has given the occasion for the articles in question, the Editor has not yet thought it worth his while to ascertain the real state of things about it and professes a child-like-ignorance which has however enabled him to safely vilify the Oriyas from various points of views all based upon surmises. The Editor should have known that it is not the Urya Pleaders alone but members of other communities invited, also, that did not attend the party. Why then have the poor Orya pleaders alone been singled out? The Editor is expected to know also that an invidious distinction was kept in inviting pleaders to the party which he has indirectly confessed to be one man's show. It was only the day preceeding the party that the Orya pleaders came to know of it and this was the case with important Uriya members of the Club itself, although the Editor (a Bengalee gentleman and not a member of the club) admits that he knew of it a month before.

(3) The Editor also refers to the appointment of Bibhuti Babu as Government Pleader of Puri in this connection. But supposing that this appointment has some bearing upon the question under discussion, it cannot certainly be a matter of blame to the Oryas when it is remembered that his appointment involves a momentous issue very injuriously affecting the interests of the Oriya, as just at the moment when their peculiar condition had attracted the special notice of Government and that as a matter of fact, there were available some candidates (Babus Ganapati Das B. L. and Brahmananda Das B. L.) decidedly and unquestionably superior to the candidate selected. But one important feafure of it demands notice. It is this—that the proposal to select a pleader outside Puri became known to the Orya members of the Cuttack Bar, it is believed many days after Bibhuti Babu had applied.

(4) Next comes the Editor's remarks upon the political, religious and social ideas of the Oryas and the conduct of their so-called leaders. At the outset, it should be observed that while professing to preach universal brotherhood, the Editor has shaped his articles in a form best calculated to se up one community against another. Again the acrimony and animosity evinced by the language used betrays his own position in the ladder

Split by PDF Splitter

Digitized by srujanika@gmail.com

Split by PDF Splitter



ହିନ୍ଦୁଧର୍ମରେ ଯଦି ଗୋବଧ କଲେ ପ୍ରାୟଶ୍ଚିତ୍ତ କରିବାକୁ ହୁଏ, ତାହା ଯେଉଁମାନେ ହିଂସାଉଭୁ ଗୋରୁ କିଣନ୍ତି ସେମାନେ କି ଗୋବଧ ପାପରେ ଲିପ୍ତ ହୁଅନ୍ତି ? ସେମାନଙ୍କୁ ହିନ୍ଦୁମାନେ କାହିଁକି ଦୋଷରେ ପଡିବ କରି ପ୍ରାୟଶ୍ଚିତ୍ତ ନ କରନ୍ତି ?

ବର୍ତ୍ତମାନ ଗଡଜାତର ପ୍ରତ୍ୟେକ ରଜା ହିଂସାଉଭୁ ଗୋ, ମହିଷ ପ୍ରଭୃତିର ଚମଡ଼ା ବିକ୍ରୟର ଠିକା ଦେଉଅଛନ୍ତି । ସେମାନେ ଏହି ଠିକା ଦେବା ଦ୍ୱାରା କି ଗୋବଧର ଅଂଶିକ ପ୍ରବର୍ତ୍ତକ ହୁଅନ୍ତି ? ସେମାନଙ୍କୁ ଗୋବଧର ପାପ କାହିଁକି ଲାଗିବ ନାହିଁ ? ସେମାନେ ହିନ୍ଦୁ ଶାସ୍ତ୍ର ଅନୁସାରେ ପ୍ରାୟଶ୍ଚିତ୍ତ କାହିଁକି ନ କରିବେ ?

ହିନ୍ଦୁମାନଙ୍କର ଯେପରି ପ୍ରାଣୀ ବଧ କଲେ ପାପ ହୁଏ ସେହିପରି ଅମୂଲ ମୁସଲମାନ ଧର୍ମରେ ପ୍ରାଣୀ ବଧ କରିବା ପାପ ବୋଲି ଉଲ୍ଲେଖ ଅଛି । ଯେଉଁ ମୁସଲମାନ ଚମଡ଼ା ବ୍ୟବସାୟ କରି ବାହାର ଲାଭ ଅର୍ଥଦ୍ୱାରା କୁଟୁମ୍ବ ପ୍ରତିପାଳନ କରନ୍ତି ସେମାନେ ଅମୂଲ ମୁସଲମାନ ଶାସ୍ତ୍ର ଅନୁସାରେ ପତିତ ଅଟନ୍ତି । କେତେ ଗ୍ରାମର କତିପୟ ମୁସଲମାନ ଗ୍ରାମମାନେ ଏହା ଜାଣି ଶୁଣି ଚମଡ଼ା ବ୍ୟବସାୟ କରି ଉକ୍ତ ପତିତ ଲାଭଦ୍ୱାରା କୁଟୁମ୍ବ ପାଳୁଅଛନ୍ତି ଏବଂ ସେମାନଙ୍କ ସଙ୍ଗେ ଅନ୍ୟ ସମସ୍ତ ମୁସଲମାନ ଭାଇମାନେ କେହି କୁଣ୍ଠିତ ହୁଅନ୍ତି ନାହିଁ । ଏହା ଆଶ୍ଚର୍ଯ୍ୟର ବିଷୟ ।

ବର୍ତ୍ତମାନ ଏହିକ ଜିଜ୍ଞାସ୍ୟ ଯେ ହିନ୍ଦୁ ଓ ମୁସଲମାନ ଭାଇମାନେ ସ୍ୱ ସ୍ୱ ଶାସ୍ତ୍ର ପର୍ଯ୍ୟାଲୋଚନା କରି ଏଥିର ପ୍ରତିକାର ବିଧାନ କଲେ ଉଦ୍‌ଯୋଗ ନ କଲେ ଗୋ ଜାତି ଏକାବେଳକେ ସଂସାରରୁ ଲୁପ୍ତ ହେବ । ଇତି ।

| | |
|---|---|
| କଟକ<br>ଖାଦେଲବାଦାବାଜାର<br>ତା ୧୨।୬।୦୯ | ବଶମ୍ବଦ<br>ଶେଖ ଓ ଏଂ ଯେମୁଲ<br>ସେଉଲପର ସ୍ୱୟ |

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଶ୍ରୀ ହରାଗିର ମିଶ୍ର ବାଳ | ୫ ୲ |
| „ ଶ୍ରୀ ଭସବଲ ମହାନ୍ତି ଡିସଗ୍ରିକ୍ଷ ଇଞ୍ଜ | ୫ ॥ |
| „ ଶ୍ରୀ ବୈଦ୍ୟନାଥ ଦାସ ବଳ | ୫ ॥ |
| „ ଶ୍ରୀ ଦାମୋଦର ପଟ୍ଟନାୟକ ଇଞ୍ଜ | ୫ ୲ |
| „ ଶ୍ରୀ କପିଲଚନ୍ଦ୍ର ଦାସ ଇଞ୍ଜ | ୫ ୲ |
| „ ଶ୍ରୀ ମଦନମୋହନ ପଟ୍ଟନାୟକ ଇଞ୍ଜ | ୫ ୲ |
| „ ଶ୍ରୀ ରଘୁନାଥ ପ୍ରଧାନ ସାର୍ଭେୟାର | ୫ ॥ |
| „ ଶ୍ରୀ ଦାମୋଦର ରଥ ସମ୍ବଲପୁର | ୫ ॥ |
| „ ଶ୍ରୀ ସଧାଶ୍ୟାମ ଦାସ ବାଣପୁର | ୫ ॥ |
| „ ଶ୍ରୀ ପଦ୍ମନାଭ ମିଶ୍ର ସବଡେପୁଟି | ୫ ॥ |
| „ ଶ୍ରୀ ଶଙ୍କର ସାହୁ ଭଦ୍ରକ | ୫ ୲ |
| „ ଶ୍ରୀ ଗୋପିନାଥ ଦାସ ସମ୍ବଲପୁର | ୫ ୲ |
| „ ଶ୍ରୀ ଗଙ୍ଗାଧର ସୁଆ ପଟ୍ଟନାୟକ ଜୟପୁର | ୫ ॥ |

# NOTICE.

IN THE COURT OF DISTRICT JUDGE OF CUTTACK.

Notice is here by given under clause (2) of section 12 of the provincial Insolvency Act III of 1907 to all concerned that the petition, filed by Madhu Sudan Patanaik Dewan Morada killa Parikud District Puri, for being declared insolvent, has been admitted and registered as miscellaneous case of No. 4 of 1909 and that the 21st day of June 1909 has been fixed for hearing thereof.

Persons desiring to be reprezented in the matter should attend in person or by the duly instructed pleaders on that day. The particulars of the debts alleged in the petition to be due are as follows :—

| Names of creditor | Amount of debt |
|---|---|
| Krutibash Paharai | Rs 350 |
| Ramchandra Paharai | Rs 750 |
| Bhikari Misra | Rs 3000 |
| Saheb Jena | Rs 105 |
| Jamal Nachhaiya | Rs 500 |
| Ram Raiguru | Rs 600 |
| Paiju Mahamed | Rs 210 |
| Satyabadi Das | Rs 4225 |
| Puran Ram Maruadi | Rs 80 |
| Basu Patra | Rs 100 |
| Magu Sahu<br>Markand Das | Rs 60 |

Cuttack Judge's Court 9—6—09 } M. Mukherjee Sub-Judge incharge

## ବିଜ୍ଞାପନ ।

ଏହି ବାଣପୁର ଗ୍ରାମ ବାହାଣମାନଙ୍କରେ ଶ୍ରୀ ବାଳେଶ୍ୱର ମହାଦେବଙ୍କର ପ୍ରାଚୀନ ମନ୍ଦିର ଗୋଟିଏ ପ୍ରାଚୀନ କାର୍ଯ୍ୟ । ତାହା ମହାବହୁକାଳ ପର୍ଯ୍ୟନ୍ତ ଜୀର୍ଣ୍ଣଶେଷ ହୋଇ ପଡ଼ିଥିଲା । ମାନ୍ୟ ଉକ୍ତ ଲଳଗଡିକାର ସମ୍ପାଦକ ଶ୍ରୀଯୁକ୍ତ ଗୋପବନ୍ଧୁ ମହୋଦୟ ଉକ୍ତ ମନ୍ଦିରଙ୍କ ପୁନର୍ବାର ନିର୍ମାଣ କରାଇବାକୁ ବାଞ୍ଛା କରି ଉଦ୍ୟୋଗ କରିଅଛନ୍ତି । ଦେବାଳୟଟି ନିର୍ମାଣ ହୋଇଗଲେ ହିଁ ତାହାର ସମ୍ପୂର୍ଣ୍ଣରେ ମଙ୍ଗଳ ସୂଚନା ଓ ସ୍ଥାନ ଶୋଭିତ ହୋଇ ନ ପାରେ କାର୍ଯ୍ୟଟି ଅଧିକ ଜଳରେ ହେଉଅଛି । ଗୋଟିଏ ଦେଶପୂର୍ଣ୍ଣ ଓ ପ୍ରାଚୀନ କୀର୍ତ୍ତି ରକ୍ଷା କରିବା ପୁଣ୍ୟକାର୍ଯ୍ୟ । ଏଥି ସକାଶେ ସର୍ବସାଧାରଣଙ୍କ ସାହାଯ୍ୟ ଆବଶ୍ୟକ । ସର୍ବସାଧାରଣଙ୍କ ଅର୍ଥ ସାହାଯ୍ୟ ହେଲେ ଦେବକାର୍ଯ୍ୟ ସମ୍ପୂର୍ଣ୍ଣ ହେବ ମୁକ୍ତିନ । ଅତଏବ ସର୍ବସାଧାରଣଙ୍କ ପ୍ରାର୍ଥନା ଯେ ସାହାଯ୍ୟ ତାହା ସାହାଯ୍ୟ କରିବାକୁ, ଇଚ୍ଛା କରନ୍ତି ଅନୁଗ୍ରହ ପୂର୍ବକ ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ବାବୁଙ୍କ ନିକଟରେ, ପଠାଇଲେ ଦେବକାର୍ଯ୍ୟ ସର୍ଵସାଧାରଣରେ ସମାଧା ହୋଇ ପାରିବ ।

ଗ

କୋଷାଧ୍ୟକ୍ଷ ଓ ତତ୍ତ୍ୱାବଧ

ଶ୍ରୀ ଅଶ୍ୱିନୀ କୁମାର ଘୋଷ ବାଣପୁର ଇଞ୍ଜ

„ ଶ୍ରୀହରିଚରଣ ବନ୍ଦ୍ୟୋପାଧ୍ୟାୟ ଖାଦେଲବାଦାବାଜାର ସହର ଇଞ୍ଜ ପୋଃ ଗୁଲଗଡ଼

ବାବୁ ଶ୍ରୀ କୈଳାଶ ମିତ୍ର ଏଜନ୍
„ ଶ୍ରୀ ଗୁରୁଚରଣ ଦାସ ମ୍ୟାନେଜର
„ ଶ୍ରୀ ହରିହର ସାହୁ ବାଲୁବଜାର ଇଞ୍ଜ
„ ଶ୍ରୀ ଜଗନ୍ନାଥ ଦାସ „
„ ଶ୍ରୀ ସଦାନନ୍ଦ ମହାପାତ୍ର ଷଡ଼େଇସାହି „
„ ଶ୍ରୀ ମହେଶ୍ୱର ଓ ହରିଚରଣ ସ୍ୱର୍ଣ୍ଣକାର „
ମିସ୍ତ୍ରି ଶ୍ରୀ ଭାଗୀରଥି ସାମନ୍ତସିଂହାର ବାଲିବଜାର „
ଶ୍ରୀ ମାଧବ ଓ କେଶବ ବାଲୁବଜାର „
ବାଣପୁର ବାଲୁବଜାର । ଇ ।

ତା ୧୨।୬।୦୯ ଶ୍ରୀ ହରିହର ନନ୍ଦ ଶର୍ମା

There is a small temple of Ballokeswar Mahadev at Bakhrabad. What has been written about it by Harihar Nand is true. He has requested the Hindu community to assist him in the erection of the Mookshali.

Cuttack 29—6—09 } Sd. Harry Charan Banerjee Pleader

I endorse the above.
16—4—09 Sd. R. K. Dass

I agree entirely.
29—4—09 Sd. N. A. ROY Pleader

Hari Nanda is known to me. He wants help from the public. In my opinion help must be given to him to rebuild the temple Balukeswar at Bakhrabad.

19—1—09) Sd. Udaya Nath Das, Pleader

Harinanda is well known to me. He wants to rebuild the temple of Balukeswar Mahadev near his house. He deserves encouragement from the generous public.

Cuttack 17—1—09 Sd. Gopal Ch. Roy Pleader

I agree B. L. Bose Pleader 24—1—09

## ବିଜ୍ଞାପନ ।

ଶ୍ରୀ ପ୍ରଫେସର ରମେଶ ଦତ୍ତଙ୍କ କର୍ତ୍ତୃକ ପ୍ରକାଶିତ

# ଋଗ୍‌ବେଦ ସଂହିତା

( ପ୍ରଥମ ଖଣ୍ଡ )

ଯେ ପ୍ରକୃତ ଧର୍ମ ଜାଣିବାର ବାସନା ଥାଏ, ଯେଉଁ ସମାଜରେ ମନୁଷ୍ୟତା ଲାଭ କରି ମୁକ୍ତ ହେବାର ଇଚ୍ଛା ମନରେ ଜାଗୁଥାଏ ଏବଂ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱ ଲାଭ କରି ପୃଥିବୀରେ ଗଣ୍ୟମାନ୍ୟ ହୋଇ ରହିବା ଲାଗି ଇଚ୍ଛା ଥାଏ ତେବେ ବେଦ ପାଠ କର । ବେଦ ପାଠରେ ସମସ୍ତଙ୍କର ଅଧିକାର ଅଛି ଏବଂ ବେଦହିଁ ସବୁର ପ୍ରମାଣ । ଏଥିରେ ମୂଳ ବେଦ ମନ୍ତ୍ର ଏବଂ ସରଳ ଓଡ଼ିଆ ଟୀକା ସହିତ ଓଡ଼ିଆ ଭାଷାନୁବାଦ ଦିଆଯାଇଅଛି ଏବଂ ସୁଲଭ ମୂଲ୍ୟରେ ଉତ୍କଳ ପ୍ରାଦେଶିକ ଜନସାଧାରଣଙ୍କ ଉପକାରାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ପ୍ରତିଖଣ୍ଡରୁ ଏକଟଙ୍କା ଛଅଣା ମୋଟରେ ଉକ୍ତ ଠିକଣାରେ ଦରଖାସ୍ତ କରିବାକୁ ହେବ ।

Digitized by srujanika@gmail.com

# NOTICE.

Wanted a graduate Head Master, strong in English and Mathematics for the Khurda High School (District Puri) on a year's probation on a salary of Rs 70 to be raised to Rs 75 on confirmation. Family quarters free. Apply sharp to the Secretary before the 28th instant.

Pulin Chandra Pain
Head Master for Secretary

---

Wanted for the Public Works Department of the Bonai Tributary State a fully qualified Overseer on a salary of Rs. 80 per mensem plus Rs. 15 as horse. allowance and free quarters. Applications, with copies of testimonials, should be sent to the undersigned.

Dated Bonai-garh 15-6-09 } Superintendent Bonai Tributary State

---

In the Court of the District Judge of Cuttack.

Notice is hereby given under Section 12 clause (2) of the Provincial Insolvency Act III of 1907 to all concerned that the petition filed by Lokenath Mahanty of Agar, Pergannah Deogan, District Cuttack, the Judgment debtor in Excution case No. 235 of 1909 of the file of the subordinate Judge of Cuttack for his being declared insolvent has been admitted and registered as miscellaneous case No. 3 of 1909 and that the 19th day of July 1909 has been fixed for the hearing thereof.

Persons desirous to be represented in the matter should attend in person or by duly instructed pleaders on that day. The particulars of debt alleged to be due in the petition are as follows:—

| Name of creditor | Amount of Debt. |
|---|---|
| Bhaj Raj | Rs. 324-6-3 |

Cuttack Dt. Judge office 17—6—09 } L. C. Adami District Judge

---

## ବିଜ୍ଞାପନ ।

ଏ ସବଡିଭିଜନ ଇଲାକାର ଚଳିତ ୧୯୦୯-୧୦ ସକାଶ ଷ୍ଟୋନ ରପ୍ତାନି ଲାଇସେନ୍ସ ସର୍ବୋଚ୍ଚ ନିଲାମ ଡାକଦାରଙ୍କୁ ଦିଆଯିବ, ଲଭଣେଚ୍ଛୁ ବ୍ୟକ୍ତିମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଚଳିତ ଜୁନମାସର ତା ୩୦ ରଖ ପୂର୍ବରୁ ନିଜେ ଉପସ୍ଥିତ ହୋଇ ଅଥବା ଦରଖାସ୍ତଦ୍ୱାରା ଆବେଦନ କରି ପାରିବେ ।

ସବଡିଭିଜନାଲ ଅଫିସର
ଆନନ୍ଦପୁର
କେଉଁଝର—ଓଡ଼ିଶା

## ବିଜ୍ଞାପନ ।

କଳାହାଣ୍ଡି ଷ୍ଟେଟର ସ୍ତ୍ରୀ ଚିକିତ୍ସାଳୟ ସକାଶେ ଜଣେ ସ୍ତ୍ରୀ ହସ୍ପିଟାଲ ଆସିଷ୍ଟାଣ୍ଟ ଆବଶ୍ୟକ, ମାସିକ ବେତନ ଟ ୫୦ ଙ୍କା ଓ ବାସଗୃହ ବିନା ଭଡ଼ାରେ ଦିଆଯିବ । ପ୍ରାର୍ଥିନୀମାନେ କଳାହାଣ୍ଡି ଷ୍ଟେଟ—ସୁପରିଣ୍ଟେଣ୍ଡେଣ୍ଟ ଡ୍ରାମ୍ପ ପୋଷ୍ଟ ଅଫିସ ଭବାନୀପାଟଣାଙ୍କ ନିକଟକୁ ଆବେଦନ ପତ୍ର ପଠାଇବେ ।

ସମ୍ବଲପୁର ୪।୬।୦୯ } (ସ୍ୱା) ଏଲ, ହବଡେନ ରାମସେ ଆଇ, ସି, ଏସ୍, ପୋଲିଟିକେଲ ଏଜେଣ୍ଟ ଓଡ଼ିଶା ଗଡ଼ଜାତ

## ଉତ୍କଳ ଦୀପିକା ।

ଗତ ତା ୫ ରଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୧୬୨୮ ମୃତ୍ୟୁ ହୋଇଥିଲା ଯହିଁ ମଧ୍ୟରେ ଏକା ପଞ୍ଜାବ ପ୍ରଦେଶର ମୃତ୍ୟୁ ୧୧୩୧ ଥିଲା । ଏଥିପୂର୍ବ ସପ୍ତାହର ମୃତ୍ୟୁ ୨୩୧୯ ଥିଲା । ସୁତରାଂ ଅନେକ ଊଣା ପଡ଼ିଅଛି ସୁଖର ବିଷୟ ।

---

ଗତ ତା ୫ ରଖରେ ଶେଷହେବା ସପ୍ତାହରେ ପୂର୍ବ ବଙ୍ଗ ୧୨୮୯ ବଙ୍ଗ ୮୪୧୩୦ ଯୁକ୍ତପ୍ରଦେଶ ୩୪୫୮୫ ମଧ୍ୟପ୍ରଦେଶ ୧୧୦ ଏବଂ ବମ୍ବେଇ ୯୮୦ ଗାଏ ୧୨୧୦୯୪ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ପୂର୍ବ ସପ୍ତାହର ଅଙ୍କ ୧୨୫୪୭୨ ଥିଲା । ଉଭୟ ବଙ୍ଗରେ ଊଣା ହୋଇଥିଲା, ଅନ୍ୟ ଦୁଇ ପ୍ରଦେଶରେ ସାମାନ୍ୟ ଯାହା ବଢ଼ିଥିଲା ତାହା ଧର୍ତ୍ତବ୍ୟ ନୁହେ ।

---

ନାଗାଟିବାଜାର ଗତ ଅଗ୍ନିକାଣ୍ଡ ସାହାଯ୍ୟ ନିମନ୍ତେ ଗେରିଥିବାସୀ ବାବୁ ସନ୍ତର ମଲ ଟ ୧୦୦୦୦ ଙ୍କା ଏବଂ କୁଣ୍ଡୁଦ ଜମିଦାର ବାବୁ ସୁମେରୁ ନାଥ ସିଂହ ଟ ୫୦୦୦ ଙ୍କା ସରକାରଙ୍କ ହାତରେ ଦାନ କରିଥିବାରୁ ମାନ୍ୟବର ବଙ୍ଗେଶ୍ୱର ତାହାମାନଙ୍କୁ ଧନ୍ୟବାଦ ଦେଇଅଛନ୍ତି ଏବଂ ଗତ ତା ୯ ରଖର କଲିକତା ଗଜେଟରେ ତାହା ପ୍ରକାଶିତ ହୋଇଅଛି ।

---

କାବୁଲର ଅମିର ବାତ ରୋଗରେ ପୀଡ଼ିତ ଥାଇଁ ସେଠା ହାକିମମାନଙ୍କୁ ଚିକିତ୍ସାର୍ଥ ନିଯୁକ୍ତ କରିଥିଲେ ମାତ୍ର ଭଲ ଫଳ ନ ହେବା ଯୋଗେ ଭାରତବର୍ଷରୁ ଡାକ୍ତର ନେଇବାରୁ ଲାହୋରର ସର୍ବପ୍ରଧାନ ଡାକ୍ତର ମେଲଭିଲ ସାହେବ ତାଙ୍କ ଚିକିତ୍ସାର୍ଥ କାବୁଲ ଯାଉଅଛନ୍ତି । ଏହାଙ୍କ ପାଉଣୀ ଏବଂ ଯତ୍ନ ଭାଷା ଜଣାଅଛି ।

---

ଡେପୁଟି ଓ ସବଡେପୁଟି ନିଯୋଗ ବିଷୟରେ ବଙ୍ଗ ଗବର୍ଣ୍ଣମେଣ୍ଟର ନୂତନ ନିୟମାବଳୀ ଗତ କଲିକତା ଗେଜେଟରେ ପ୍ରଚାର ହୋଇଅଛି । ପୂର୍ବପରି ପ୍ରତି ବିଭାଗର କମିଶନରମାନେ ପ୍ରତି ବର୍ଷ ଏ ସମସ୍ତ ପଦ ସକାଶେ ପ୍ରାର୍ଥୀ ମନୋନୀତ ନ କରି ପାଳି ଅନୁସାରେ ଭିନ୍ନ ଭିନ୍ନ ବିଭାଗର କମିଶନରମାନେ ଯୋଗ୍ୟ ବ୍ୟକ୍ତି ମନୋନୀତ କରିବେ ଏବଂ ଓଡ଼ିଶାର ପାଳି ଏ ବର୍ଷ ନ ପଡ଼ି ଆଗାମୀ ସନ ୧୯୧୦ ସାଲରେ ପଡ଼ିବ । ଓଡ଼ିଶାର ପଦାକାଂକ୍ଷୀମାନେ ଏଥିର ନିଶ୍ଚିନ୍ତ ହେବେ ।

---

ମନ୍ନା ଲାଲ ନାମକ କଲିକତା ବଡ଼ବଜାରର ଜଣେ ବ ୧୮ ବର୍ଷ ବୟସ୍କ ମାରୁଆଡ଼ି ପାଉଁଜ ପାନ କରିବା କାରଣ ଦୁଇ ଜଣ ଧନୀ ଦଲାଲ ଘରକୁ ଯାଇ ହଠାତ୍ ମୃତ୍ୟୁମୁଖରେ ପଡ଼ିବାରୁ ସେଠା ମାରୁଆଡ଼ିମାନେ ଏକଯୋଗ ହୋଇ ହାଟବଜାର ତ୍ୟାଗ କରିଥିଲେ । କେହି କେହି କହନ୍ତି ଯେ ପକ୍ଷୀ ଧରିବା କାରଣ ଘର ଉପରେ ବୁଲୁଥିବା ସମୟରେ ପକ୍ଷାଘାତ ହେଲେ ପଡ଼ିଯାଇ ପ୍ରାଣହରାଇଥିଲା ଏବଂ କେହି କେହି ଏଥିରେ ପ୍ରେମକାଣ୍ଡର କଥା ଥିବାର ରଚନା କଲେ । ପୁଲିସ ଦେହପରୀକ୍ଷକ ଆକସ୍ମିକ ମୃତ୍ୟୁ ବୋଲି ରିପୋର୍ଟ ଦେଇଅଛନ୍ତି ।

---

ଗତ ତା ୧୦ ରଖରେ ଶେଷହେବା ସପ୍ତାହରେ ଓଡ଼ିଶା ଉପକୂଳରେ ଯଥେଷ୍ଟ ବର୍ଷା ହୋଇ ମହାନଦୀରେ ପହିଲି ବନ୍ୟା ଆସି ନିକଟ ଯାଏ ବୁଲିଯାଇଥିଲା । ଏହାବ୍ୟତୀତ ବିହାର, ପୂର୍ବବଙ୍ଗ ଏବଂ ଯୁକ୍ତପ୍ରଦେଶର ପୂର୍ବାଞ୍ଚଳରେ ଏକ-ପ୍ରକାର ଭଲ ବୃଷ୍ଟି ହୋଇଥିଲା । ଆରବସାଗରର ମୌସୁମି ବର୍ଷା ବେଶ ବଳବାନ୍ ନ ଥିବାରୁ ବମ୍ବେଇର ଉତ୍ତରକୁ ଅଥବା ଦକ୍ଷିଣ ଭାରତର ଅଧିକ ଦୂର ଭିତରକୁ ଯାଇ ନ ଥିଲା । [illegible] ବନ୍ଦରରେ ୬.୨ ଇଞ୍ଚ ଜଳ ପଡ଼ିଥିଲା । ଅଧିକାଂଶ ସ୍ଥାନରେ ବୃଷ୍ଟିର ଅଭାବ ଦେଖାଯାଉଅଛି ।

---

ଚଳିତ ସନ ୧୯୦୯ ସାଲରେ ବଙ୍ଗପ୍ରଦେଶର ଯେଉଁ କଲେଜ ଯେଉଁ ଦିନ ପର୍ବୋପଲକ୍ଷରେ ବନ୍ଦ ହେବ ତହିଁର ତାଲିକାମାନ ବାହାରିଅଛି । ଯା[illegible]ମାସ କଟି ଯିବା ଉତ୍ତାରୁ ଏତେ କଲେଜମାନରେ ତାଲିକା ବାହାରିବାର ଅର୍ଥ ବୁଝା ଗଲା ନାହିଁ । ଯାହାହେଉ ଏଠା ରେଭେନ୍ସା କଲେଜ ତାଲିକା ଅନୁସାରେ ଗ୍ରୀଷ୍ମାବକାଶ ପରେ ଅଗଷ୍ଟ ତା ୨୩ ରଖରେ ପଡ଼ିବ ଜନ୍ମାଷ୍ଟମୀ, ଗଣେଶପୂଜା, ମହାଳୟା, ରାସପୂର୍ଣ୍ଣିମା, ଈଦ ଏବଂ ବକରିଦରେ ଏକଦିନ ଲେଖାଏଁ ଦୁର୍ଗାପୂଜାରେ ତା ୧୮ ରଖ ଅକ୍ଟୋବରରୁ ତା ୧୩ ରଖ ନବେମ୍ବର ପର୍ଯ୍ୟନ୍ତ ଦି ୨୪ ଓ ଏବଂ ବଡ଼ଦିନରେ

Split by PDF Splitter
Digitized by srujanika@gmail.com

ତା ୨୪ ରିଖଠାରୁ ତା ୩୧ ରିଖ ଉଦ୍ଧମ୍ଭଯାଏ ଦି ୭ ନ ବନ୍ଦ ହେବ । ସମସ୍ତ କଲେଜ ମୋଟ· ଦେ ଦି ୧୮ ଜ ବନ୍ଦ ହେବ ।

---

ବହ୍ମପୁର ଛତ୍ରପୁରରେ ପ୍ରକାଶ ହେଉଥିବା ଉତ୍କଳବାସୀ ସମ୍ବାଦ ପତ୍ର ଜନସାଧାରଣଙ୍କର ଅନୁଗ୍ରହ ଲାଭ ନ କରି ଶ୍ରୀଯୁକ୍ତ ସୁରଙ୍ଗି ରାଜା ସେ ପତ୍ରିକା ବନ୍ଦ କରି ଯେଉଁ ଅର୍ଥ ତାହାକୁ ଦେଉଥିଲେ ସେହି ଅର୍ଥ ବରଂ ତଦପେକ୍ଷା ଅଧିକ ସାହାଯ୍ୟ ଦେଇ ଛତ୍ରପୁରରେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରୁଅଛନ୍ତି । ଆଗାମୀ ମାସରେ ସ୍କୁଲ ଫିଟିବ ଏବଂ ତହିଁରେ ଇଂରାଜୀ ଓଡ଼ିଆ ଏବଂ ତେଲୁଗୀ ପଢ଼ା ଯିବ । ଭଲ ଓଡ଼ିଆ ଜାଣିବା ଶିକ୍ଷକମାନେ ନିଯୁକ୍ତ ହେବେ । ଛତ୍ରପୁର ଗୋଟିଏ ସବଡିଭିଜନ ସହର, ସେଠାରେ ବହୁତ କଚେରି ଥାନା ପ୍ରଭୃତି ଅଛି । ଅଧିକାଂଶ ଅଧିବାସୀ ଓଡ଼ିଆ ମାତ୍ର ସେମାନଙ୍କର ଶିକ୍ଷୋପଯୋଗୀ ବିଦ୍ୟାଳୟ ନାହିଁ । ସୁରଙ୍ଗି ରାଜା ସେହି ଗୁରୁତର ଅଭାବ ଦୂର କରିବାକୁ ସହିବାନ୍ ହୋଇଅଛନ୍ତି ବଡ଼ ସୁଖର ବିଷୟ ଏବଂ ଏହାଦ୍ୱାରା ସମ୍ବାଦପତ୍ର ଅପେକ୍ଷା ଅଧିକ ଉପକାର ହେବ ସନ୍ଦେହ ନାହିଁ ।

---

ବଙ୍ଗଳ ଷ୍ଟାମ୍ପ ଜ୍ୟର ସମ୍ବାଦ ପତ୍ରମାନଙ୍କର ପ୍ରତିନିଧିମାନଙ୍କ ଅଧିବେଶନ କଲିକତାରେ ଆରମ୍ଭ ହୋଇଅଛି । ଗତ ମାସ ତା ୫ ରିଖ ସନ୍ଧ୍ୟାରେ କଲିକତାର ୭୦ ସମ୍ବାଦ ପତ୍ର ଲେଖକ ଜ ୫୨ଣ୍ଟ ଭାରତୀୟ ଏବଂ ଔପନିବେଶିକ ପ୍ରତିନିଧିମାନଙ୍କୁ ଭୋଜି ଦେଇଥିଲେ । ଲର୍ଡ ରୋଜବରି ମହୋଦୟ ସେହି ଭୋଜରେ ବକ୍ତୃତା ଦେବା ସମୟରେ ପ୍ରକାଶ କଲେ ଯେ ଭାରତୀୟ ଲୋକମାନେ ଅମ୍ଭେମାନେ ସେମାନଙ୍କୁ ଚିହ୍ନିବା ଅପେକ୍ଷା ଅମ୍ଭମାନଙ୍କୁ ଅଧିକତର ଚିହ୍ନିଥିବାର ଜଣାଯାଏ ଏବଂ ଭାରତର ପୁଣ ତାଳରୁ ସର୍ବ ଜାତିଙ୍କ ପ୍ରକୃତ ଉପରି ସ୍ୱବରେ ଶାସନ ଓ ପଥପ୍ରଦର୍ଶନ କରାଯିବ ସେ ବିଷୟରେ ଭାରତୀୟ ପ୍ରତିନିଧିମାନେ ଏଠାରୁ ବିଦାୟ ଗ୍ରହଣ କଲା ପୂର୍ବେ ଅବଶ୍ୟ ବ୍ୟକ୍ତ କରିଯିବେ । ଭାରତୀୟ ପ୍ରତିନିଧିମାନଙ୍କୁ ସେଠାରେ ଯଥା ଯୋଗ୍ୟ ସମ୍ମାନ ପ୍ରଦର୍ଶିତ ହେଉଅଛି ଏବଂ ଜଣେ ପ୍ରତିନିଧି ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ତହିଁର ଏକ କମିଟିର ମେମ୍ବର ହୋଇଅଛନ୍ତି ।

---

ଅମ୍ଭେମାନେ ଇତିପୂର୍ବେ ଏଠା ମିଉନିସିପାଲିଟିର ଓଭରସିୟରବାବୁ ଇନ୍ସପେକ୍ଟର ବଡ଼ଜେନା ଗାଡ଼ି ପିଛା ଟ ୧୫ ଙ୍କା ଅଦାୟ କରି ଅନୁଚିତ କରିଥିବା ହେତୁ ସସପେଣ୍ଡ ହୋଇ ତଦାରଖ ହେଉଥିବା ବିଷୟ ପ୍ରକାଶ କରିଥିଲୁଁ । ଚେୟାରମ୍ୟାନ ବାବୁ ଗୋଟିଏ ସବକମିଟିଦ୍ୱାରା ଏ ବିଷୟ ତଦନ୍ତ କରାଇଥିଲେ ଓ ପ୍ରମାଣ ହେବାରୁ ଇନସ୍ପେକ୍ଟରଙ୍କୁ ଦ ୧୫ ଦିନ ବେତନ ଜରିମାନା କରି ଅବ୍ୟାହତି ଦେଇଅଛନ୍ତି । ବୋଲିବା ବାହୁଲ୍ୟ ଯେ ମିଉନିସିପାଲ ଆଇନମତେ ଏ କାର୍ଯ୍ୟ ହୋଇ ନାହିଁ ଏବଂ ମିଉନିସିପାଲ କମିଶନରମାନଙ୍କର ନୀରବ ରହିବାଦ୍ୱାରା ଚେୟାରମେନଙ୍କୁ ବେଆଇନ ଅଧିକାର ଦେବା ପ୍ରକାଶ ପାଉଅଛି । ଯେବେ ଏପରି ସ୍ଥଳରେ କାର୍ଯ୍ୟ ଚଳେ ତେବେ କମିଶନରମାନଙ୍କର କାର୍ଯ୍ୟରୁ ଅବସର ଗ୍ରହଣ କରିବା ଉଚିତ ହେଉ ନାହିଁ କି ? ଯେତେବେଳେ ଟଙ୍କା ଲୁଟପଟ ହୋଇଥିବାର ପ୍ରମାଣ ଘଟିଲା ସେତେବେଳେ ଇନସ୍ପେକ୍ଟରଙ୍କ ନିକଟରେ ଥିବା ହିସାବ ମାନ ବିଶେଷରୂପେ ତଦନ୍ତ କରିବା ଉଚିତ ହେଉଅଛି । ଅମ୍ଭେମାନେ ଏ ସମ୍ବନ୍ଧରେ କମିଶନରମାନଙ୍କ ମନୋଯୋଗ ଆକର୍ଷଣ କରୁଅଛୁଁ ।

---

ବାଲେଶ୍ୱର ସମ୍ବାଦ ବାହକରେ ଆନନ୍ଦ ସହିତ ପାଠକଲୁଁ କି ସେଠା ଉକିଲଖାନାର କେତେକଣ ଉକିଲ ସ୍ଥାନୀୟ ଝାଡ଼େଶ୍ୱର ମହାଦେବଙ୍କ ମନ୍ଦିରର ଜୀର୍ଣ୍ଣ ସଂସ୍କାର ଏବଂ ତହିଁ ସଂଲଗ୍ନ ପୁଷ୍କରିଣୀର ପଙ୍କୋଦ୍ଧାର କାର୍ଯ୍ୟରେ ମନ ବଳାଇଅଛନ୍ତି । ଏଥିପାଇଁ ସାଧାରଣ ଚାନ୍ଦାଦ୍ୱାରା ଅର୍ଥ ସଂଗ୍ରହ କରିବା ଓ ସେହି ଟଙ୍କାରେ ଗୋଟିଏ ଫାଣ୍ଡ ଗଠିତ ହୋଇ ବାଲେଶ୍ୱର ପୋଷ୍ଟଅଫିସରେ ରହିବାର ସ୍ଥିର ହୋଇଅଛି । ଶ୍ରୀଯୁକ୍ତ ହେମଚନ୍ଦ୍ର ଦେ ସେହି ଫାଣ୍ଡର ଟ୍ରେଜରର ହୋଇଅଛନ୍ତି । ଯେ ଯାହା ଚାନ୍ଦା ଦେବେ ତାହାଙ୍କ ନିକଟକୁ ପଠାଇବେ ଏବଂ ଅନୁମାନ ନ୍ୟୁନ ୩ ହଜାର ଟଙ୍କା ସଂଗ୍ରହ ହେଲେ କାର୍ଯ୍ୟାରମ୍ଭ ହେବ । ଉକିଲ ମୁକ୍ତାରମାନେ ଆନ୍ତରିକ ଚେଷ୍ଟା କଲେ ଏହି ସାମାନ୍ୟ ଟଙ୍କା ଉଠିବା କଷ୍ଟକଥା ନୁହେ ଏବଂ ପୁଷ୍କରିଣୀର ସଂସ୍କାର ସକାଶେ ଜିଲା ବୋର୍ଡ ଓ ମିଉନିସିପାଲିଟିରୁ କିଛିମତ ସାହାଯ୍ୟ ଅନାୟାସରେ ପ୍ରାପ୍ତ ହେବ । ଉକିଲମାନଙ୍କର ଏହି ସାଧୁ ଚେଷ୍ଟା ଦେଖି ଅମ୍ଭେମାନେ ପ୍ରୀତ ହୋଇଅଛୁଁ ଏବଂ ଅନ୍ୟାନ୍ୟ ସ୍ଥାନର ଉକିଲମାନେ ଏହିପରି ସତ୍କାର୍ଯ୍ୟରେ ପ୍ରବୃତ୍ତ ହେବାର ଆଶା କରୁଁ ।

---

ଯାଜପୁରର ସବରେଜେଷ୍ଟ୍ରାର ମିର୍ଜା ଜଲଲରବେଗଙ୍କ ନାମରେ ଗତବର୍ଷ ଜୁନ ମାସରେ କେତେକ ଲୋକ ଦରଖାସ୍ତ ଦେବାରୁ କଟକର ରେଜେଷ୍ଟ୍ରାର ସାହେବ ଏଠା ସବ ଡିଭିଜନାଲମାଜିଷ୍ଟ୍ରେଟଙ୍କଦ୍ୱାରା ଅନୁସନ୍ଧାନ କରାଇ ରେଜେଷ୍ଟ୍ରି ଇନସ୍ପେକ୍ଟର ଜେନେରଲଙ୍କଦ୍ୱାରା ଗବର୍ଣ୍ମେଣ୍ଟଙ୍କୁ ରିପୋର୍ଟ ପଠାଇଥିଲେ । ମହାମାନ୍ୟ ବେଙ୍ଗଲ ଗବର୍ଣ୍ମେଣ୍ଟ ଉକ୍ତ ରିପୋର୍ଟ ଅନୁସାରେ ମିର୍ଜା ଜଲଲରବେଗଙ୍କୁ ସବରେଜେଷ୍ଟ୍ରାରି କାର୍ଯ୍ୟରୁ ବରଖାସ୍ତ ଓ ସେହି ସମୟର କେତେକଜଣ ମୋହରର ତଦାରଖ କାଳଙ୍କଠାରେ ସତ୍ୟ ଘଟନା ପ୍ରକାଶ କରି ନ ଥିବାରୁ ସେମାନଙ୍କୁ ଛଅମାସ ନିମନ୍ତେ ସସପେଣ୍ଡ କରାଯିବାର ଆଦେଶ ଦେଇଅଛନ୍ତି । ଶ୍ରୀଯୁକ୍ତ ବାବୁ ବିନୋଦବିହାରୀ ଦତ୍ତ ପ୍ରାୟ ଏକବର୍ଷ ହେଲା ଏଠାରୁ ସବରେଜେଷ୍ଟ୍ରାର ହୋଇ ଆସି ଏପରି ଶୃଙ୍ଖଳାରେ କାର୍ଯ୍ୟ କରୁଅଛନ୍ତି ଯେ ତଦ୍ଦ୍ୱାରା ତାହାର କୌଣସି କ୍ଷତି ହେଉ ନାହିଁ ଏଣୁକରି ତାଙ୍କ କାର୍ଯ୍ୟରେ ସମସ୍ତେ ସନ୍ତୁଷ୍ଟ ଅଛନ୍ତି । ମିର୍ଜା ଜଲରବେଗଙ୍କ ବିଷୟ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ବିନୋଦ ବାବୁ ଏଠାରୁ ଆସିଥିଲେ ଆଶା କରୁଁ ସେ ଏଥର ବାହାଲ ହେବେ ।

---

ଯାଜପୁରର ସବ ଡିଭିଜନାଲ ମାଜିଷ୍ଟ୍ରେଟ ସେଠା ମିଉନିସିପାଲିଟୀର ଚେୟାରମେନ ଅଟନ୍ତି । ଗତ ତା ୧୬ ରଖରେ ସେ କଚେରି କାର୍ଯ୍ୟ ଶେଷ କରି କୋଠିକୁ ଯାଉଥିବା ସମୟେ ବାଟରୁ ମିଉନିସିପାଲ ଅଫିସକୁ ଯାଇ କ୍ୟାଶ ବହି ପରୀକ୍ଷା ଦେଖିଲେ ଯେ ମଇମାସ ତା ୧ ରଖ ଠାରୁ ଟିକସ ଆଦାୟ ହୋଇ ଆଦୌ ଟ୍ରେଜରୀକୁ ଯାଇ ନାହିଁ । ଟିକସ ଦାରୋଗା ଶ୍ରୀ ଜଗନ୍ନାଥ ପ୍ରସାଦ ଘୋଷଙ୍କୁ ପଚାରିବାରେ ସେ ସେହିଦିନ ଟ ୧୫୦ ୧ ଙ୍କା ଟ୍ରେଜରୀରେ ଦାଖଲ କରିବା ନିମନ୍ତେ ପଠାଇ ଥିବାର ଉତ୍ତର ଦେଲେ ତହୁଁ ସେ ଟ୍ରେଜରର ପୋଦ୍ଦାରକୁ ତତ୍‌କ୍ଷଣାତ ତଲବ କରି ମିଉନିସିପାଲିଟୀର କୌଣସି ଟଙ୍କା ଟ୍ରେଜରୀରେ ଜମା ହୋଇଅଛି କି ନା ପଚାରନ୍ତେ ସେ ଯେଉଁ ସମୟ କାର୍ଯ୍ୟରେ ବ୍ୟସ୍ତ ଥିଲେ ସେହି ସମୟରେ ମିଉନିସିପାଲିଟୀର କର୍ମଚାରୀ କେତେକ ଟଙ୍କା ଟ୍ରେଜରୀରେ ଜମା ଦେବାକୁ ଆସିଥିବାର ତାଙ୍କୁ କହିଥିବା ଓ ସେ ପରେ ଉକ୍ତ ଟଙ୍କା ଗଣି ଦେବାକୁ କହି ଉକ୍ତ ଟଙ୍କା ନେଇ ନ ଥିବାର ପ୍ରକାଶ କଲେ । ଚେୟାରମେନ ମିଉନିସିପାଲିଟୀର ଉକ୍ତ ଟଙ୍କା କର୍ମଚାରୀଠାରୁ ନେଇ ସିଲ ମୋହର କରି ବନ୍ଦକରି ରଖି ଶ୍ରୀ ଜଗନ୍ନାଥ ପ୍ରସାଦ ଘୋଷ ଟିକସ ଦାରୋଗାଙ୍କୁ ତତ୍‌କ୍ଷଣାତ ସସପେଣ୍ଡ କରି ସେ କି ନିମନ୍ତେ ମିଉନିସିପାଲ ଟଙ୍କା ଏତେଦିନ ପର୍ଯ୍ୟନ୍ତ ଟ୍ରେଜରୀରେ ଦାଖଲ କରି ନ ଥିଲେ ଓ ସେଥିପାଇଁ ସେ କାହିଁକି ବରଖାସ୍ତ କିମ୍ବା ଅନ୍ୟପ୍ରକାର ଦଣ୍ଡନୀୟ ନ

Digitized by srujanika@gmail.com

ହେବେ ସେଥିର କୈଫିୟତ ଏକପ୍ରସ୍ତାବ ମଧ୍ୟରେ ଦାଖଲ କରିବାର ଆଦେଶ ଦେଇଅଛନ୍ତି ।

———

ବଙ୍ଗଳାର ପାଗଳଖାନା ସମୂହର ୧୯୦୭। ୭।୮ ମସିହାର ସରକାରୀ ବିବରଣୀରୁ ପ୍ରକାଶ ଯେ କଟକର ପାଗଳଖାନା ୧୯୦୭ ମସିହାରେ ବନ୍ଦ ହୋଇ ପାଗଳମାନଙ୍କୁ ବହରମପୁର (ମୁର୍ଶିଦାବାଦ) ପାଗଳଖାନାକୁ ନିଆଯାଇଥିଲା । ବଙ୍ଗପ୍ରଦେଶରେ ବହରମପୁର ଛଡ଼ା ପାଟନା-ଠାରେ ଆଉ ଗୋଟିଏ ପାଗଳଖାନା ଅଛି ଏବଂ ୟୁରୋପୀୟମାନଙ୍କ ସକାଶେ ଭବାନୀପୁରଠାରେ ଗୋଟିଏ ପାଗଳଖାନା ମଧ୍ୟ ଅଛି । ପାଗଳମାନଙ୍କୁ ବହରମପୁରରେ ରଖିବାଦ୍ୱାରା ବିଶେଷ କିଛି ଉପକାର ହୋଇ ନାହିଁ ବରଂ ସେଠା ପର-ମତ ପାଗଳମାନଙ୍କ […] ହେବା ପକ୍ଷେ ଅସୁବିଧା ଜନକ ହେବାରୁ ତହିଁର ପୁନର୍ଗଠନ ଆବଶ୍ୟକ ହୋଇଅଛି ମାତ୍ର ଟଙ୍କାର ଟଣାଟଣି ହେତୁ ତାହା କାର୍ଯ୍ୟରେ ପରିଣତ ହୋଇ ପାରୁ ନାହିଁ । ସେଠା ଜେଲଖାନା ସ୍ଥାନାନ୍ତ କରିବା ସକାଶେ ଭୂମି ଦରକାର ହେବାରୁ ପାଗଳଖାନାଟି ଜେଲ-ଖାନା ସହିତ […] ପାଗଳମାନଙ୍କୁ ରଖିବାର ସ୍ଥିର ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କରିଅଛନ୍ତି । ସେଥିର ଜଳବାୟୁ ଭଲ ଏବଂ ହେତୁରୁ […]ର ଗୋରା-ମାନଙ୍କ ପାଗଳଖାନା ମଧ୍ୟ ସେଥିକୁ ଉଠିଯିବାର ସ୍ଥିର ହୋଇଅଛି । ବର୍ତ୍ତମାନ ପାଗଳଖାନା-ମାନଙ୍କରେ ନ ୯୬୩ ଣ ପାଗଳ ରହିବାର ସ୍ଥାନ ଅଛି ମାତ୍ର ଏ ସମୟରେ ନ ୮୯୫ ଣ ପାଗଳରୁ ଅଧିକ ନ ଥିଲେ, ପାଗଳ ସଂଖ୍ୟା କ୍ରମଶଃ ବଢ଼ୁଅଛି ଯଥା ୧୯୦୬ ରେ ନ ୭୩୬ ଣ, ୧୯୦୭ ରେ ନ ୮୫୬ ଣ ଏବ ୧୯୦୮ ରେ ନ ୮୭୫ ଣ, ଯାହାହେଉ ଏ ବୃଦ୍ଧି ସାମାନ୍ୟ ଅଟେ । ପୂର୍ବ […]ଠାରୁ ଏଣିକି ମୃତ୍ୟୁର ପରିମାଣ ଊଣା ପଡ଼ି ଅଛି । ଏଣିକି […] ପାଗଳଙ୍କୁ ବିଶେଷ ଯୋଗ୍ୟ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖିବା ଭଲ ହେଉ ନାହିଁ । […] ଏ ଜିଲ୍ଲାର ଦୂର ସ୍ଥାନର ସାମାନ୍ୟ ଲୋକଙ୍କ ପକ୍ଷେ ସେଠାକୁ ପାଗଳ ପଠାଇବା ଓ ସେମାନଙ୍କର ବନ୍ଧୁ ବାନ୍ଧବ ଦେଖି ଆସିବା କଷ୍ଟକର ଏଥିର କିଛି ସୁବିଧା ସଙ୍କାର କରଦେବେ ଭଲ ହୁଅନ୍ତା ।

———

## ଗଞ୍ଜାମ ପ୍ରାଦେଶିକ ସମିତି ।

ଗତ ବୃହସ୍ପତିବାର ଦିନା ତା ୧୬ ଖ ସମୟରେ ଗଞ୍ଜାମ ଜିଲ୍ଲା ପ୍ରାଦେଶିକ ସମିତିର ବୈଠକ ବହରମପୁରଠାରେ ଆରମ୍ଭ ହୋଇଥିଲା । ପ୍ରେସିଡେଣ୍ଟ ଗର୍ଡ ବାହାଦୁର ଏମ ଆଦିନାରାୟଣ ସମିତିକୁ ଆଗମନ କରିବା ସମୟରେ ହାଇମୋନ-ୟୁମ ଓ ବ୍ୟାଣ୍ଡ ବାଜିଥିଲା । ଅଭ୍ୟର୍ଥନା ବକ୍ତୃତା ପାଠ ହେଲା ଉତ୍ତାରେ ଶ୍ରୀଯୁକ୍ତ ଏନ ସୁବାରାଓ ପନ୍ତୁଲୁଙ୍କ ପ୍ରସ୍ତାବରେ ଓ ଶ୍ରୀଯୁକ୍ତ କେ ସିଂହ ଗଜପତି ଓ ଶ୍ରୀଯୁକ୍ତ ଜଗୁଣାକର ମହାରାଣାଙ୍କ ଅନୁମୋଦ-ନରେ ଶ୍ରୀଯୁକ୍ତ ଗର୍ଡ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ପ୍ରେସିଡେଣ୍ଟଙ୍କ ବକ୍ତୃତା ଶେଷ ଉତ୍ତାରେ ଉକ୍ତ ଦିନର କାର୍ଯ୍ୟ ସ୍ଥଗିତ ହୋଇ-ଥିଲା । ସଭାରେ ମାନ୍ଦ୍ରାଜ ଷ୍ଟାଣ୍ଡାର୍ଡ, ମାନ୍ଦ୍ରାଜ ମେଲ ମାନ୍ଦ୍ରାଜ ଟାଇମ୍ସ ପତ୍ରିକାର ରିପୋର୍ଟରମାନେ ଉପସ୍ଥିତ ଥିଲେ । ଭିଜାଗପଟ୍ଟମ, ମାନ୍ଦ୍ରାଜ ଓ ଗଞ୍ଜାମର ପ୍ରତିନିଧି ବର୍ଗ ଆଗମନ କରିଥିଲେ । ସମିତିରେ ପ୍ରାୟ ଦୁଇଶହ ପ୍ରତିନିଧି ଉପସ୍ଥିତ ହୋଇଥିଲେ । ପ୍ରଥମ ଦିବସର କାର୍ଯ୍ୟ ସୁଚାରୁ-ରୂପେ ନିର୍ବାହ ହୋଇଥିଲା । ଅଦ୍ୟ ଅଧିବେଶନ ଶେଷ ହେବ । ବିସ୍ତାରିତ ବିବରଣ ଆଗାମୀରେ ପ୍ରକାଶ କରିବୁଁ ।

———

## ଆଦମ ସୁମାରର ସମୟ ସନ୍ନିକଟ ।

ଆଗାମୀ ସନ ୧୯୧୦ ସାଲରେ ସେନସସ କାର୍ଯ୍ୟ ହେବ । ଗତ ସେନସସରେ ବଙ୍ଗୀୟ କାୟସ୍ଥମାନେ ଶୂଦ୍ର ବୋଲି ଉଲ୍ଲିଖିତ ହୋଇଥିଲେ କିନ୍ତୁ କାୟସ୍ଥ ଶୂଦ୍ର ନୁହନ୍ତି ଏହା ଶାସ୍ତ୍ରାନୁମୋଦିତ ଥିବାରୁ ସେନସସରେ କାୟସ୍ଥଙ୍କୁ ଶୂଦ୍ରଜାତି ଲେଖା ହୋଇଥିବାର ବିଶେଷ ଆପତ୍ତି ହୋଇ-ଥିଲା ଓ କାୟସ୍ଥ କ୍ଷତ୍ରିୟ ବୋଲି ପ୍ରମାଣ ଦେବା ସକାଶେ ନାନାପ୍ରକାର ହେଉ କ୍ଷତ୍ରିୟର ଶାସ୍ତ୍ରୀୟ ପ୍ରମାଣ ସଙ୍ଗ୍ରହ ହୋଇଥିଲା ଓ ବଙ୍ଗଦେଶର ନାନାସ୍ଥାନରେ ତର୍କ ବିତର୍କ ହୋଇ ଅନେକ ଉପବୀତ ଗ୍ରହଣ କରି କ୍ଷତ୍ରିୟର ପ୍ରମାଣ ପ୍ରଦାନ କରିଥିଲେ । ଯଦ୍ୟପି କଲିକତା ମହାନଗରରେ ଓ ଦେଶର ପ୍ରଧାନ ପ୍ରଧାନ ସ୍ଥାନରେ ଉପନୟନକାର୍ଯ୍ୟ ସମ୍ପନ୍ନ ହେଉଅଛି ମାତ୍ର ତାହା ବଡ଼ ଧୀର ହୋ-ଇବାରୁ ହେବ । ଆଗାମୀ ସେନସେସ ସମୟ ସନ୍ନିକଟ ଦେଖି ଜଣେ ଉପାଧ୍ୟାୟ କାୟସ୍ଥ ସ୍ଥାନେ ସ୍ଥାନେ ଉପନୟନ କେନ୍ଦ୍ର ସ୍ଥାପନ କରି ଶୀଘ୍ର ଉପନୟନ ଗ୍ରହଣ କରିବା ସକାଶେ କାୟସ୍ଥଭ୍ରାତାମାନଙ୍କୁ ଅନୁରୋଧ କରିଅଛନ୍ତି । ଏହି ପଲ୍ଲୀଗ୍ରାମରେ ଉପନୟନ କେନ୍ଦ୍ର ହେଲେ ଉପନୟନକାର୍ଯ୍ୟ ଅତି ସହଜରେ ସମ୍ପନ୍ନ ହୋଇ ପାରେ । ମଫସଲରେ କେନ୍ଦ୍ର ସ୍ଥାପନ ସକାଶେ ଜମିଦାରମାନଙ୍କ ଚେଷ୍ଟା ଆବଶ୍ୟକ କରେ । ସେଥିସକାଶେ ସେମାନଙ୍କୁ ମଧ୍ୟ ଅନୁରୋଧ କରିଅଛନ୍ତି । ବାସ୍ତବରେ ସମୟ ସେପରି ଅତି ସନ୍ନିକଟ ଯଦ୍ୟପି କାୟସ୍ଥଭ୍ରାତମାନେ ଅନୁପବୀତୀ ଥାନ୍ତି, ତେବେ ସେମାନେ ଶୂଦ୍ର ବୋଲି ଅକ୍ଳେଶରେ ପ୍ରମାଣିତ ହେବେ । ଏ ସମୟରେ ଧନୀ, ଉତ୍ସାହୀ ସାହସୀ, ମାନ୍ୟ ଗଣ୍ୟ ବ୍ୟକ୍ତିମାନେ ମୁଖର ନ ହେଲେ କାୟସ୍ଥଜାତି ଯେଉଁ ଶୂଦ୍ରଜାତି ବୋଲି ପରିଗଣିତ ହେଉଥିଲେ ତାହା ରହିଯିବ । ଅତ-ଏବ ଏ ସମୟରୁ ଜାଗ୍ରତ ହୋଇ କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବା ଉଚିତ ହେଉଅଛି । କାୟସ୍ଥ ଶୂଦ୍ର ନୁହେ ମାତ୍ର କ୍ଷତ୍ରିୟ ଏହାର ପ୍ରମାଣ ଯଥେଷ୍ଟ ପ୍ରଦର୍ଶିତ ହୋଇଅଛି । ବର୍ତ୍ତ-ମାନ କେବଳ କାର୍ଯ୍ୟର ସୁସମୟ । ଶୂଦ୍ରପର ଅଧମ ଜାତିରେ ଯଦ୍ୟପି ଗଣ୍ୟ ହେବାକୁ କାୟସ୍ଥ-ଭ୍ରାତମାନେ ଚାହାନ୍ତି, ସେଥିରେ କାହାର କିଛି ଉକ୍ତି ନାହିଁ । ଉନ୍ନତ ହେବା ସମସ୍ତଙ୍କର କର୍ତ୍ତବ୍ୟ ।

———

## ମେଦିନୀପୁର ମାମଲାର ଅନୁସନ୍ଧାନ ।

ମେଦିନୀପୁରର ରାଜଦ୍ରୋହ ଘଟିତ ମୋକ-ଦ୍ଦମା ହାଇକୋର୍ଟରେ ନିଷ୍ପତ୍ତି ହେଲା ଉତ୍ତାରୁ ବଙ୍ଗ ଗବର୍ଣ୍ଣମେଣ୍ଟ ସେହି ମୋକଦ୍ଦମା ସଙ୍କ୍ରାନ୍ତ ସମସ୍ତ ବିଷୟର ଅନୁସନ୍ଧାନ ନିମନ୍ତେ ବର୍ଦ୍ଧମାନ ବିଭାଗର କମିଶନର ଶ୍ରୀଯୁକ୍ତ ମାକଫର୍ସନ ସାହେବ-ଙ୍କୁ ନିଯୁକ୍ତ କରିଥିଲେ ଏବଂ ଏଥି ମଧ୍ୟରେ ସାହେବ ମହୋଦୟ କାର୍ଯ୍ୟାରମ୍ଭ କରି ଅନେକ ଲୋକର ସାକ୍ଷ୍ୟ ଗ୍ରହଣ କରିଅଛନ୍ତି । ଅହୁରି କେତେଦିନ ଅନୁସନ୍ଧାନ କାର୍ଯ୍ୟ ଚାଲିବ ଏବଂ ପରେ ସେ ତହିଁର ବିବରଣ ଲେଖି ଗବର୍ଣ୍ଣମେଣ୍ଟ-ଙ୍କୁ ଜଣାଇଲେ ଗବର୍ଣ୍ଣମେଣ୍ଟ ତହିଁର ବିଚାର କରି କିଛି ଆଦେଶ ପ୍ରଦାନ କରିବେ । ହାଇ-କୋର୍ଟ ନିଷ୍ପତ୍ତିରେ ଯେ ସ୍ଥଳେ ମାଜିଷ୍ଟ୍ରେଟ ଓ ପୁଲିସର କାର୍ଯ୍ୟର ନିନ୍ଦା ହୋଇଅଛି ସେ ସ୍ଥଳେ ବର୍ଦ୍ଧମାନ କମିଶନର ସାର […] ହେଲେ-ହେଁ ଏକଜଣ ସିଭିଲିୟାନ ଅଟନ୍ତି । ତାହାଙ୍କ ଏଠା ଏ ଭାର ନ ଦେଇ ଜଣେ ହାଇକୋର୍ଟର ଜଜ ବା ଅନ୍ୟ ସ୍ୱାଧୀନ ବ୍ୟକ୍ତି ସଙ୍ଗେ ଦେଇ-ଥିଲେ ଭଲ ହୋଇଥାନ୍ତା । ବଙ୍ଗବାସୀ […] ବୋଲି ମାନ୍ୟବର […] ତାହା ନ କରି […] ଅଧୀନ ସୁଯୋଗ୍ୟ ଦକ୍ଷ କର୍ମଚାରୀଙ୍କ ଭାର ଦେଇଅଛନ୍ତି ଏବଂ ତାହାଙ୍କୁ ନିଜ ଇଚ୍ଛାନୁସାରେ କାର୍ଯ୍ୟ କରିବାର ସମ୍ପୂର୍ଣ୍ଣ ଅଧିକାର ଦେଇ ଯେ ସମସ୍ତ ଉପଦେଶ ଦେଇଅଛନ୍ତି ତହିଁରୁ ଜଣାଯାଏ ଯେ ଏହି ମାମଲା ସଂକ୍ରାନ୍ତ ସମସ୍ତ ରହସ୍ୟ ପ୍ରକାଶ ପାଇବ ଏବଂ କେଉଁ ସରକାରୀ କର୍ମଚାରୀ ଏ ମାମଲା ଉଦୟ କରିବା ଓ ଚଳାଇ-ବାରେ କି ପରିମାଣରେ ଦାୟୀ ସେସମସ୍ତ ମଧ୍ୟ ଜଣାଯିବ । ଏ ମୋକଦ୍ଦମା ଉଦୟ ସମୟରେ ମେଦିନୀପୁରର ଶ୍ରୀଯୁକ୍ତ ଦତ୍ତ ସାହେବ ଏଠା

Split by PDF Splitter

Digitized by srujanika@gmail.com

ଅମୂଳକ ରଚନା ଥିବାର ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଥିଲେ । ପ୍ରଥମେ ସେହି କଥାର ପ୍ରମାଣ ତାହାଙ୍କଠାରୁ ନିଆଯିବ । ପରେ ଯେଉଁ ସମ୍ବାଦପତ୍ର ମୋକଦ୍ଦମା ଉଦୟ ହେଲା ତାହା ବିଶ୍ୱାସଯୋଗ୍ୟ ଥିଲା କି ନା ଏବଂ ତହିଁ ଉପରେ ଯେସମସ୍ତ କାର୍ଯ୍ୟ ହେଲା ସେସମସ୍ତ ଯୁକ୍ତିସଙ୍ଗତ ହୋଇଅଛି କି ନା ଏ ସମସ୍ତର ବିସ୍ତାରିତ ଅନୁସନ୍ଧାନ ହେବ । ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ପୁଲିସ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ କିଏ କେତେଦୂର ନ୍ୟାୟସଙ୍ଗତ ବା ଅନ୍ୟାୟକାର୍ଯ୍ୟ କରିଅଛନ୍ତି ସେସମସ୍ତ ପ୍ରକାଶ ହେବ । ଫଳତଃ ଗବର୍ଣ୍ଣମେଣ୍ଟ ଯେ ସମସ୍ତ ଉପଦେଶ ଦେଇଅଛନ୍ତି ସେସମସ୍ତ ଯୁକ୍ତିସଙ୍ଗତ ଏବଂ ପ୍ରୟୋଜନୀୟ ହୋଇଅଛି । ଆସାମିମାନଙ୍କ ପ୍ରତି ଜେଲଖାନାରେ ଏବଂ ଅନ୍ୟତ୍ର ଯେପରି ବ୍ୟବହାର ହୋଇଅଛି ତାହାର ମଧ୍ୟ ଅନୁସନ୍ଧାନ କରିବାର ଆଦେଶ ହୋଇଅଛି । ଏହି ଅନୁସନ୍ଧାନର ଫଳକୁ ସମସ୍ତେ ଚାହିଁ ବସିଅଛନ୍ତି । ଆଶା କରୁଅଛୁ ଏଥିଦ୍ୱାରା କେତେଗୁଡ଼ିଏ ସଂସ୍କାର ହେବ ଯେ ତଦ୍ଦ୍ୱାରା ଜନସାଧାରଣଙ୍କର ସୁରକ୍ଷା ହେବ ।

---

### ମେଡିକଲ ଛାତ୍ରବୃତ୍ତି ।

କଲିକତାର ଆଇନ କଲେଜରେ ପଢ଼ିବା ପାଇଁ ଓଡ଼ିଶାର ଲୋକଙ୍କ ସକାଶେ ଯେପରି ଛାତ୍ରବୃତ୍ତି ଖଞ୍ଜା ହୋଇଅଛି ସେହିପରି ମାସକୁ ଟ ୩୦ ଙ୍କା ଲେଖାଏଁ କଲିକତାର ମେଡିକେଲ କଲେଜରେ ଖଞ୍ଜା ହେବା କାରଣ ହାସପାତାଲ ସମୂହର ଡଃ ଜେନେରଲ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଥିଲେ । ଗବର୍ଣ୍ଣମେଣ୍ଟ ତହିଁର ଉତ୍ତରରେ କହୁଅଛନ୍ତି କି ଆଇନ କଲେଜର ତୁଳନା ଠିକ ଖଟେ ନାହିଁ । ବି, ଏ, ପାସ କରିବା ବ୍ୟକ୍ତିମାନେ ଆଇନ କଲେଜରେ ପଢ଼ିବେ ମାତ୍ର ଇଣ୍ଟରମିଡିଏଟ ପାସ କରି କେତେକ ମେଡିକେଲ କଲେଜରେ ଭରତି ହେବେ । ଅତଏବ ବିହାରର ଚିକିତ୍ସାଶିକ୍ଷାର୍ଥୀ ଛାତ୍ରଙ୍କ ସକାଶେ ଯେପରି ବ୍ୟବସ୍ଥା ହୋଇଅଛି ସେହିପରି ଓଡ଼ିଶା ସକାଶେ ହେଲେ ଯଥେଷ୍ଟ ହେବ । ଏହି ବିବେଚନାରେ ଗବର୍ଣ୍ଣମେଣ୍ଟ ନିମ୍ନଲିଖିତ ପ୍ରକାର ବୃତ୍ତିମାନ ଓଡ଼ିଆ ଛାତ୍ରମାନଙ୍କ ସକାଶେ କଲିକତା ମେଡିକେଲ କଲେଜରେ ଖଞ୍ଜା ହେବାର ମଞ୍ଜୁର କରିଅଛନ୍ତି ଯଥା;—

ଗୋଟିଏ ବୃତ୍ତି ସବୁଠାରୁ ଭଲ ବାଳକ ସକାଶେ ପ୍ରଥମ ବର୍ଷ ଶେଷରେ ଟ ୧୦ ଙ୍କା

"  "  " ୨ୟବର୍ଷ ଟ ୧୦ ଙ୍କା

"  "  " ୩ୟବର୍ଷ ଟ ୧୫ ଙ୍କା

"  "  " ୪ର୍ଥବର୍ଷ ଟ ୧୫ ଙ୍କା

"  "  " ୫ମବର୍ଷ ଟ ୧୫ ଙ୍କା

କଲିକତା ମେଡିକେଲ କଲେଜର ଆସନ୍ତା ଅଧିବେଶନ ଆରମ୍ଭରୁ ଏହି ଆଦେଶ ପ୍ରବଳ ହେବ ଏବଂ ଏ ବିଷୟ ସର୍ବସାଧାରଣଙ୍କୁ ଜଣାଇ ଦେବା କାରଣ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି । ତଦନୁସାରେ ଆମ୍ଭେମାନେ ଏହା ପ୍ରକାଶ କଲୁଁ । ବର୍ଷ ଶେଷରେ ଯେଉଁ ଛାତ୍ର ଉତ୍କୃଷ୍ଟ ହେବ ସେ ବୃତ୍ତି ପାଇବାର ବିଧାନର ଏମନ୍ତ ଅର୍ଥ ହୋଇ ପାରେ ଯେ କଲେଜରେ ଭରତି ହୋଇ ଏକ ବର୍ଷ ପଢ଼ି ଉତ୍କୃଷ୍ଟତା ଦେଖାଇଲେ ତେବେ ବୃତ୍ତି ପାଇବ । ତାହା ହେଲେ ପ୍ରଥମ ବର୍ଷ ବୃତ୍ତି ପାଇବ କିପରି ? ବିଧାନଟା ସ୍ପଷ୍ଟ ବୁଝା ଯାଉ ନାହିଁ । ଏଠା ମେଡିକେଲ ସ୍କୁଲର ଶେଷ ପରୀକ୍ଷାରେ ସର୍ବୋଚ୍ଚସ୍ଥାନ ପାଇବା ଛାତ୍ରକୁ ପ୍ରଥମ ବର୍ଷର ବୃତ୍ତି ଦିଆଯିବ ଏହା ସମ୍ଭବ ନୁହେ କାରଣ ଇଣ୍ଟରମିଡ଼ିଏଟ ପାଶ ନ କଲେ କଲେଜରେ ପଢ଼ିପାରିବ ନାହିଁ ଏବଂ ସ୍କୁଲଛାତ୍ର କଲେଜକୁ ଯିବାର କିଛି ନିୟମ ହୋଇ ନାହିଁ ଏମନ୍ତସ୍ଥଳେ ଏ ବୃତ୍ତିଦ୍ୱାରା କେତେଦୂର ସୁବିଧା ହେବ ପାଠକମାନେ ବୁଝି ପାରିବେ । ଅଥବା ଗବର୍ଣ୍ଣମେଣ୍ଟ ଆଦେଶ ଆମ୍ଭେମାନେ ଠିକ ବୁଝି ପାରୁ ନାହୁଁ । ସେଥି ସକାଶେ ଗବର୍ଣ୍ଣମେଣ୍ଟଙ୍କର ଗତ ଜୁନ ମାସ ତା ୨ ରିଖର ନ ୩୬୭ ଟି, ଏମ ମର ପତ୍ରର ପ୍ରଧାନ ଅଂଶ ଏଠାରେ ଅବିକଳ ପ୍ରକାଶ କଲୁ ଯଥା;—

The Lieutenant-Governor is of opinion that scholarships similar to those sanctioned in Government Order No. 2291 Medl., dated the 30th November 1908, for medical students from Bihar would suffice, and I am accordingly to convey sanction to the creation of scholarships at the Medical College for Uriya students on the following scale:—

One for the best man at the end of the 1st year Rs 10.

" " 2nd year Rs 10.

" " 3rd year Rs 15.

" " 4th year Rs 15.

" " 5th year Rs 15.

I am to request that these orders may be made generally known in Orissa, and that effect may be given to them from the commencement of the ensuing session at the Medical College.

---

### ସାନ୍ଧ୍ୟ ମିଳନ ।

ଏଠା ରେଭେନ୍ସା କଲେଜର ଅଧ୍ୟକ୍ଷ ବାବୁ ବିପିନବିହାରୀ ଗୁପ୍ତ ମହୋଦୟ ବଦଳି ହେଲେ । ତାହାଙ୍କ ସମ୍ମାନେ ବିଦାୟ ଦେବାକାରଣ କଲେଜ ଓ କଲେଜିଏଟ ଏବଂ ସର୍ବେ ବିଦ୍ୟାଳୟ ମେମ୍ବରମାନଙ୍କ ଯତ୍ନରେ ୟୁନିୟନ କ୍ଲବଠାରେ ଗତ ସୋମବାର ଅପରାହ୍ନ କାଳରେ ଗୋଟିଏ ପ୍ରୀତିକର ସାନ୍ଧ୍ୟ ମିଳନ ହୋଇଥିଲା । ମେମ୍ବରମାନଙ୍କର ଆମନ୍ତ୍ରଣ ମତେ ସହରରେ ଉପସ୍ଥିତ ଥିବା ବହୁସଂଖ୍ୟକ ଭଦ୍ରବ୍ୟକ୍ତି ସଭାସ୍ଥଳରେ ସମାଗତ ହୋଇଥିଲେ ଏବଂ ୟୁରୋପୀୟମାନଙ୍କ ମଧ୍ୟରୁ ଆମ୍ଭମାନଙ୍କର ପ୍ରଜାବତ୍ସଳ କମିସନର, ଜଜ ଏବଂ କଲେକ୍ଟର ସାହେବ ମହୋଦୟ ଏବଂ ଅନ୍ୟାନ୍ୟ ନ ୨ । ୪ ଣ ସଭାସ୍ଥ ହୋଇଥିଲେ । ସଭ୍ୟମାନଙ୍କର ଚିତ୍ତ ବିନୋଦନାର୍ଥେ ଦେଶୀୟ ବାଜା ଏବଂ ଐନ୍ଦ୍ରଜାଲିକ ବାଦ୍ୟ ଓ ଫନୋଗ୍ରାଫର ଆୟୋଜନ ହୋଇଥିଲା ଏବଂ ଏମାନ କେହି ସମାଗତ ଭଦ୍ରବୃନ୍ଦଙ୍କ ଚିତ୍ତରଞ୍ଜନ କରିବାରେ ଊଣା ନ ଥିଲା । ବିଶେଷତଃ ବାଜା ଦେଖି ୟୁରୋପୀୟ ଭଦ୍ରଲୋକମାନେ ସନ୍ତୁଷ୍ଟ ହୋଇଥିଲେ । ଜଳପାନର ସୁବନ୍ଦୋବସ୍ତ ହୋଇଥିଲା ଏବଂ କଲେଜ ଓ ସ୍କୁଲର ଅଧ୍ୟାପକ ଓ ଶିକ୍ଷକବର୍ଗ ଭଦ୍ରବ୍ୟକ୍ତିମାନଙ୍କୁ ସମାଦର କରିବାରେ ଲେଶ ମାତ୍ର ତ୍ରୁଟି ଲକ୍ଷିତ ହେଲା ନାହିଁ । ଫଳତଃ ଅପରାହ୍ନ ଘ ୪ । ୪୫ ମିନିଟ ଠାରୁ ସନ୍ଧ୍ୟାର ପରକ୍ଷଣ ପର୍ଯ୍ୟନ୍ତ ଭଦ୍ରଲୋକମାନେ ସ୍ୱଚ୍ଛନ୍ଦରେ ଆମୋଦପ୍ରମୋଦ କରି ଘରକୁ ବାହୁଡ଼ିଥିଲେ । ବିପିନ ବାବୁ ଦକ୍ଷତା ସହିତରେ ଆପଣାର କାର୍ଯ୍ୟ ନିର୍ବାହ କରି ନିଜର ଉଦାର ଏବଂ ଅମାୟିକ ଗୁଣରୁ ସମସ୍ତଙ୍କ ସହିତରେ ଉତ୍ତମରୂପେ ପରିଚିତ ଥିଲେ । ମଧ୍ୟ ତାଙ୍କ ସମୟରେ କଲେଜ ଓ ବିଦ୍ୟାଳୟମାନଙ୍କର ଉନ୍ନତି ବିନା ଅବନତି ହୋଇ ନାହିଁ । କେବଳ ବୃତ୍ତି ନ ପାଇବା ଦୋଷରୁ ତର ତର ହୋଇ ଏଠାର ଆଇନ ଶ୍ରେଣୀ ଏକାବେଳକେ ଉଠାଇ ଦେଇ ସେ କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି କରିଥିଲେ ଏବଂ ତଦ୍ଦ୍ୱାରା ଦୁଇବର୍ଷ କାଳ ପଢ଼ି ନ ପାରିବା ହେତୁ ଅନେକ ପିଲାଙ୍କର ଯେ ବିଶେଷ କ୍ଷତି ହୋଇଅଛି ବୋଲି ବାହୁଲ୍ୟ ମଧ୍ୟ ତାଙ୍କ ଭଳି ବହୁଦର୍ଶୀ ବିଜ୍ଞ ଅଧ୍ୟକ୍ଷଙ୍କ ସକାଶେ ଏହା ମାର୍ଜନୀୟ ନୁହଇ । ଏ ବର୍ଷ ପ୍ରବେଶିକା ପରୀକ୍ଷାରେ ଦୁଇଶତାଧିକ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ଏବଂ ଏତେ ଅଧିକ ପିଲାଙ୍କୁ କଲେଜର ପ୍ରଥମ ଶ୍ରେଣୀରେ ନେବା ଅସମ୍ଭବ ବୋଲି କେବେ ନ ୫୦ ଣ, କେବେ ନ ୬୮ ଣ, କେବେ ନ ୮୦ ଣ, କେବେ ଅବା କେବଳ

ଦ୍ୱିତୀୟ ଅଥବା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ମାତ୍ର ନିଆଯାଇ ପାରିବାର କଥା ଉଠିଥିବାରୁ ଅନେକେ ଦର୍ପିତ ବାବୁଙ୍କୁ ପଚାରିଥିଲେ । ସେ ସମ୍ବନ୍ଧରେ ସେ ଏହା ମାତ୍ର ସ୍ଥିରତର ନ ଥିବାର କହିଦେଇ ଗୋଲମାଲରୁ ପାର ପାଇଗଲେ । ସତ୍ୟ ମଞ୍ଚ ଭଳି ଖଣ୍ଡ ପଥରକୁ ହଲେଇ ଖୋଲିବାର ଥିବା ସ୍ଥଳେ ସେ ଏହା ମାତ୍ର ସ୍ଥିରତର ନ ଥିବା ବିଷୟ ଆମ୍ଭମାନଙ୍କୁ କେମନ୍ତ ଅଡ଼ୁଆ ଲାଗିଲା । ପ୍ରକୃତରେ ଏ ବିଷୟରେ ବଡ଼ ଜଟିଳ ସମସ୍ୟା ଉପସ୍ଥିତ ହୋଇଅଛି ଏବଂ ଶିକ୍ଷା ସମ୍ବନ୍ଧରେ ସ୍ୱାମୀସ୍ଥ ଲୋକମାନଙ୍କର ମନ ଯେ ବିଶେଷ ଆନ୍ଦୋଳିତ ହୋଇଅଛି ଏଥିରେ ସନ୍ଦେହ ନାହିଁ । ଦର୍ପିତ ବାବୁ ଗତ ଦାଇ କଲିକତା ରବାନା ହେଲେ । ଆମ୍ଭେମାନେ ତାଙ୍କର ମଙ୍ଗଳ କାମନା କରି ଶୂନ୍ୟ ମନରେ ବିଶ୍ୱସ୍ତ ଶିକ୍ଷାର ଆଶା ଗ୍ରହଣ କରିବାକୁ ପଡ଼ି ରହିଲୁଁ ।

---

ଚିକିଟି

ଗଞ୍ଜାମଜିଲ୍ଲା ଅନ୍ତର୍ଗତ ଗଡ଼ଜାତମଧ୍ୟରେ ଚିକିଟି ଗୋଟିଏ ଅଟେ । ଜନସାଧାରଣରେ ସେହି ଗଡ଼ଜାତମାନ କୋଡ଼ିଏ ଗଡ଼ଜାତ ଓ ସେ ସମସ୍ତର ସ୍ୱତ୍ୱାଧିକାରୀମାନେ ରାଜା ବୋଲି ପରିଚିତ ମାତ୍ର ଯେମନ୍ତ ଏହି ଗଡ଼ଜାତ ଜଗନ୍ନାଥ ଜନତା ଅତି ପ୍ରାଚୀନ କାଳରୁ ସରକାର ରାଜା ନ କହି ଜମିଦାରୀ କହନ୍ତି ସେହିପରି ଗଞ୍ଜାମର ପାରଳା, ଟେକଲା, ଖେମୁଣ୍ଡି ପ୍ରଭୃତିକୁ ଜମିଦାରୀ ଓ ସେସମସ୍ତର ଅଧିକାରୀମାନଙ୍କୁ ରାଜା ନ କହି ଜମିଦାର କହନ୍ତି ଏବଂ ଉଭୟ ଜିଲ୍ଲାର ରାଜ୍ୟାଧିପଙ୍କର କ୍ଷମତା ଏବଂ ସରକାର ସଙ୍ଗେ ସମ୍ବନ୍ଧ ପ୍ରାୟ ସମାନ ଅଟେ । ଚିକିଟିଗଡ଼ ଇଚ୍ଛାପୁର ରେଲ-ଷ୍ଟେସନଠାରୁ ମା ୧୦ ଇଲ, ଘୋଡ଼ାଗାଡ଼ିରେ ଏକଘଣ୍ଟା ଓ ପାଲିଙ୍କିରେ ତିନିଘଣ୍ଟା ବା କିଛି ଅଧିକ ସମୟରେ ଅନାୟାସରେ ପହଞ୍ଚାଯାଏ । ବାଟ ପକ୍କାସଡ଼କ, ଚତୁର୍ଦ୍ଦିଗ ପର୍ବତମାଳାଦ୍ୱାରା ଅତିଶୟ ସୁଦୃଶ୍ୟ ଏବଂ ସ୍ୱାସ୍ଥ୍ୟକର ଅଟେ । ପର୍ବତ ତଳେ ଗଡ଼ପ୍ରାସାଦ ଏବଂ ରାଜା ବଂଶୀୟଙ୍କର ବାସ । ତହିଁର ସମ୍ମୁଖ ଓ ଦୁଇ-ପାର୍ଶ୍ୱରେ ୭୮ ଶହ ଘର ଅଛି ଯେ ତହିଁରେ ନାନାଜାତିର ଲୋକ ବାସ କରନ୍ତି । ସେଠାରେ ସାମାନ୍ୟ ଦୋକାନ ଅଛି ଓ କେତେକ ହାଟ ବସେ । ସହର ଘରମଧ୍ୟରେ ମଠମାନ ପ୍ରଧାନ ଓ ଦେବାଳ ପ୍ରଭୃତି ବହୁଲୋକଙ୍କର କେତେକ ଭଲ ଘର ଅଛି । କେତେକ ମଠ ରାଜାଙ୍କର ଖର୍ଚ୍ଚରେ ଓ ଅନ୍ୟ କେତେକ ମଠଧାରୀଙ୍କ ଦ୍ୱାରାରେ ଅଛି । କେତେଗୋଟିଏ ମଠରେ ପ୍ରତି-

ଦିନ ଦୁଇବେଳା ଜଳପ୍ରସାଦ ବିତରଣ ହୁଏ ସେ ପ୍ରବାସିମାନେ ଜଣକେ ଏକଅଣାରେ ଏକପେଟ ଖାଇ ମଠର ବା ଅନ୍ୟ ଲୋକର ପିଣ୍ଡାରେ ଶୋଇ କାଳ କଟାନ୍ତି । ଗଡ଼ର ଅନ୍ୟ ସମସ୍ତ ଲୋକ ମଧ୍ୟ କେତେକ କିଣନ୍ତି, ଏ ଗୋଟିଏ ଭଲ ସୁବିଧା ଅଟେ । ଗଡ଼ର ପାଖଟା କେତେ ପୁଷ୍କରିଣୀ ଅଛି ଯେ ତଦ୍ୱାରା ଜଳାଭାବ ଦୂରିଯାଏ । ନଗର ପରି-ଷ୍କାରର ବନ୍ଦୋବସ୍ତ ଅଛି ମାତ୍ର ପରିଦର୍ଶନର କିଛି ଅଭାବ ଜଣାଯାଏ । ରାସ୍ତା ବାଟମାନ ଅପରି-ଷ୍କାର ପରିଷ୍କାର ନାହିଁ ଏବଂ ଦୁଇଟା ପୁଷ୍କରିଣୀରେ ଦଳ ମାଡ଼ିଯାଇ ଜଳ ଓ ପାଦର କିଛି ଅସୁବିଧା ହେଲେହେଁ ବସ୍ତିର ଲୋକ ବ୍ୟବହାର କରୁଅଛନ୍ତି । ଡିସପେନସରି ଉତ୍ତମ ଓ ଅନେକଗୁଡ଼ିଏ ଅଛି । ଗଡ଼ରେ ଗୋଟିଏ ନିମ୍ନଶ୍ରେଣୀର ସ୍କୁଲ ଛଡ଼ା ଅନ୍ୟ କୌଣସି ବିଦ୍ୟାଳୟ ନାହିଁ । ଏବଂ ଜଣେ ଡାକ୍ତର ନିଯୁକ୍ତ ଥିଲେହେଁ ଡାକ୍ତରଖାନା ନାହିଁ । ଆୟୁର୍ବେଦୀୟ ଔଷଧରେ ରାଜାଙ୍କର ଉତ୍ତମ ବିଶ୍ୱାସ ଏବଂ ସେ ଅନେକ ଟଙ୍କା ବ୍ୟୟରେ ମୂଲ୍ୟବାନ୍ ଔଷଧମାନ ସ୍ୱାମୀସ୍ଥ ବୈଦ୍ୟ କବିରାଜଦ୍ୱାରା ପ୍ରସ୍ତୁତ କରାଇ ଅନା-ଥରେ ବିତରଣ କରୁଅଛନ୍ତି ଏବଂ ସେ ରାଜ୍ୟର ଲୋକ ଛଡ଼ା ଅନ୍ୟ ରାଜ୍ୟର ରୋଗୀମାନେ ଆସି ଚିକିତ୍ସକଙ୍କର ବ୍ୟବସ୍ଥାମତେ ଔଷଧ ନେଇ ଫଳ ପାଉଅଛନ୍ତି । ଏହାଦ୍ୱାରା ଡାକ୍ତରଖାନାର ଅଭାବ କେତେକ ପରିମାଣରେ ଦୂର ହୋଇଅଛି । ଆମ୍ଭେମାନେ ଅତ୍ୟନ୍ତ ଆହ୍ଲାଦିତ ଅବଗତ ହେଲୁଁ ଯେ ରାଜାମହୋଦୟ ଶୀଘ୍ର ଗୋଟିଏ ଭଲ ସ୍କୁଲ ଏବଂ ଡାକ୍ତରଖାନା ସ୍ଥାପନ କରିବାର ମନସ୍ଥ କରୁଅଛନ୍ତି । ରାଜାଙ୍କର ବୟସ ପ୍ରାୟ ୪୨ ବର୍ଷ ଏହି ଯୁବାକାଳରେ ସେ ଅଧିକ ବିଳାସିତାରେ ରତ ନ ହୋଇ ଉତ୍କଳ ସାହିତ୍ୟସଙ୍ଗୀତ ଓ ଦେଶହିତକର କାର୍ଯ୍ୟରେ ଯେପରି ମନୋଯୋଗୀ ହୋଇଅଛନ୍ତି ତହିଁରୁ ଅନେକ ଉନ୍ନତିର ଆଶା କରାଯାଏ । ସେ ପ୍ରତ୍ୟହ ପ୍ରାତଃକାଳରୁ ଉଠି ପ୍ରାତଃକୃତ୍ୟ ସାରି ଠାକୁରଙ୍କର କାର୍ଯ୍ୟ ଏବଂ ଉଦ୍ୟାନ ଦେଖି ଘ ୧୦ ଟା ବେଳେ ଭୋଜନକୁ ବସେ କରନ୍ତି । ମଧ୍ୟାହ୍ନରେ ଅଳ୍ପକ୍ଷଣ ବିଶ୍ରାମାନ୍ତେ ପଣ୍ଡିତମାନଙ୍କ ସଙ୍ଗେ ପୁସ୍ତକାଦି ରଚନା ଓ ଶାସ୍ତ୍ରାଲୋଚନା କରନ୍ତି । ଅପରାହ୍ନ ଉଦ୍ୟାନଭ୍ରମଣ ଓ ବାୟୁସେବନାଦିରେ ଅତି-ବାହିତ କରି ସନ୍ଧ୍ୟାବେଳୁ ରାତ୍ର ଘ ୧୦ ଟା ପର୍ଯ୍ୟନ୍ତ ପଣ୍ଡିତ ଓ ଗାୟକମାନଙ୍କ ସଙ୍ଗେ ନାନା-ବିଷୟର କଥା ବାର୍ତ୍ତା ଓ ଗୀତ ବାଦ୍ୟାଦି ଶ୍ରବଣ କରି ଦୈନିକକାର୍ଯ୍ୟ ଶେଷ କରନ୍ତି । ରାଜାଙ୍କର ଚରିତ୍ର ଯେମନ୍ତ ନିର୍ମଳ ସ୍ୱଭାବ ସେମନ୍ତ ଧୀର ଓ ନମ୍ର । ତାହାଙ୍କର ସୌଜନ୍ୟତା ଓ ସଦାଳାପ

ବଡ଼ ପ୍ରୀତିକର ଅଟେ । ଅନେକଗୁଡ଼ିଏ ଯୋଗ୍ୟ-ପଣ୍ଡିତଙ୍କୁ ସେ ବେତନ ଦେଇ ରଖିଅଛନ୍ତି । ଦୁଇଜଣ ବେତନଭୋଗୀ ଗାୟକ ମଧ୍ୟ ଅଛନ୍ତି । ଶିକ୍ଷକତା, ପୁରାଣପାଠ, ମନ୍ତ୍ରଯନ୍ତ୍ର ପରିଦର୍ଶନାଦି ଅନେକ କାର୍ଯ୍ୟ ଏମାନଙ୍କଦ୍ୱାରା ସାଧିତ ହେବ । ବୁଦ୍ଧିମାନ୍ ଉତ୍ସାହୀ ରାଜା ସେ ସମସ୍ତ ଚଳାଇ କରି-ବାର ଜଣାଯାଏ ଏବଂ ଆମ୍ଭମାନଙ୍କର ଏହାକୁ ଧାରଣା ଯେ ସେ ଅଳ୍ପ କାଳରେ ଜଣେ ଉତ୍ତମ ରାଜା ବୋଲି ପରିଚିତ ହେବେ ଏବଂ ତାହାଙ୍କର ମୂର୍ତ୍ତିକୀର୍ତ୍ତି ଚତୁର୍ଦ୍ଦିଗରେ ଘୋଷିତ ହେବ ।

---

ବୈଦିକ ଅର୍ଥ ।

ବିଗତ ସପ୍ତାହର ନାବ୍ୟସ୍ତ ପତ୍ରିକାରେ ଶ୍ରୀଯୁକ୍ତ ଅଖିଲ ଚନ୍ଦ୍ର ପାଲିତ ମହାଶୟଙ୍କର ଗୋଟିଏ ଚିନ୍ତାଶୀଳ ପ୍ରବନ୍ଧ ପ୍ରକାଶିତ ହୋଇଅଛି । ଲେଖକ ଆପଣା ପ୍ରବନ୍ଧକୁ 'ବ୍ରାହ୍ମଣ ସନ୍ତାନର କର୍ତ୍ତବ୍ୟ' ନାମରେ ପ୍ରକାଶିତ କରିଥିଲେହେଁ ତାହାକୁ ଆମ୍ଭେମାନେ ସର୍ବସ୍ତରର କର୍ତ୍ତବ୍ୟ ଜ୍ଞାନ କରି ପାଠକମାନଙ୍କ ସମକ୍ଷରେ ଉପସ୍ଥିତ କରୁଅଛୁଁ । ଲେଖକ ସ୍ପଷ୍ଟ କହୁଅଛନ୍ତି ଯେ ଗାୟତ୍ରୀଦ୍ୱାରା ସନ୍ଧ୍ୟା ଉପାସନା କରିବା ପ୍ରକୃଷ୍ଟ ଧର୍ମ ଅଟେ କେବଳ ବ୍ରାହ୍ମଣମାନେ ଯେଉଁ ଗାୟତ୍ରୀକୁ ଆପଣାର ଯଥା ସର୍ବସ୍ୱ କରି ରଖିଅଛନ୍ତି ବେଦମତରେ ତାହା ବ୍ରାହ୍ମଣ, କ୍ଷତ୍ରିୟ ଏବଂ ବୈଶ୍ୟ ତ୍ରିବର୍ଣ୍ଣର ଗାୟତ୍ରୀ ଅଟେ । ବୈଦିକ ବ୍ରାହ୍ମଣ, ଆର-ଣ୍ୟକାଦି ଗ୍ରନ୍ଥରେ ବେଦମନ୍ତ୍ରାଂଶର ବ୍ୟାଖ୍ୟା ଦିଆଯାଇ ଏବଂ ତହିଁ ଯାହାୟ୍ୟରେ ସେ ଗାୟତ୍ରୀର ଯେଉଁ ଅର୍ଥ କରିଅଛନ୍ତି ତାହା ଆମ୍ଭେମାନେ ଏଠାରେ ଅନୁବାଦ କରିଦେଲୁଁ, ଯଥା--"ହେ ପରମେଶ୍ୱର, ହେ ସଚ୍ଚିଦାନନ୍ଦ ସ୍ୱରୂପ, ହେ ନିତ୍ୟଶୁଦ୍ଧବୁଦ୍ଧମୁକ୍ତ ସ୍ୱଭାବ, ହେ ଅଜ ନିରଞ୍ଜନ ନିର୍ବିକାର, ହେ ସର୍ବାନ୍ତର୍ଯାମିନ୍, ହେ ସର୍ବାଧାର ଜଗତ୍ପତେ, ସକଳଜଗଦୁତ୍ପାଦକ, ହେ ଅନାଦେ, ବିଶ୍ୱମ୍ଭର, ସର୍ବବ୍ୟାପିନ୍ ! ହେ କରୁଣାମୃତସାଗର ତୁମ୍ଭର ଯେ ଶ୍ରେଷ୍ଠ ଶୁଦ୍ଧ ସ୍ୱରୂପ ଅଛି ଆମ୍ଭେ-ମାନେ ତାହାର ଧ୍ୟାନ କରୁଁ ବା ଆତ୍ମାରେ ଧାରଣା କରୁଁ,—ଏହି ପ୍ରୟୋଜନ ହେତୁରୁ ଯେ ତୁମ୍ଭେ ଆମ୍ଭମାନଙ୍କର ଆତ୍ମାର କଥା, ଅନ୍ତରର କଥା, ସମସ୍ତ ଜାଣ,—ତୁମ୍ଭେ ଆମ୍ଭମାନଙ୍କର ବୁଦ୍ଧିବୃତ୍ତିକୁ ଦୁଷ୍କାର୍ଯ୍ୟର ଅଧର୍ମଯୁକ୍ତ ମାର୍ଗରୁ ନିବୃତ୍ତ କରି ଶ୍ରେଷ୍ଠାଚାର ସତ୍ୟ ମାର୍ଗରେ ପ୍ରେରଣ କର । ତୁମ୍ଭ ପରି ବା ତୁମ୍ଭ ଅପେକ୍ଷା ଶ୍ରେଷ୍ଠ ଆଉ କେହି ନାହିଁ, ଆମ୍ଭେମାନେ ତୁମ୍ଭ ଛଡ଼ା ଆଉ କାହାର ଆଶ୍ରୟ ନ ନେଉଁ ବା ଧ୍ୟାନ ଧାରଣା ନ କରୁଁ" ଗାୟତ୍ରୀର ଏହି ଅର୍ଥ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅର୍ଥ ସଙ୍ଗେ ସମାନ ଏବଂ ତାହା ପ୍ରକୃତ ବୃତ୍ତି-

Split by PDF Splitter
Digitized by srujanika@gmail.com

Split by PDF Splitter



ମାନଙ୍କ ସମ୍ମତ ଥିବା ବିଷୟରେ ସନ୍ଦେହ ନାହିଁ । ଏଥିର ବେଦରେ ସହିତ ସନ୍ଧ୍ୟୋପାସନା କରିବାର ଫଳ ମନୁ ପ୍ରଭୃତିରୁ ଉଦ୍ଧାର କରି ଲେଖକ ଯଥାର୍ଥ କହିଅଛନ୍ତି " ପ୍ରକୃତ ପକ୍ଷରେ ଏତେ ଅଳପ କଥାରେ ଏରୂପ ଗଭୀର ତତ୍ତ୍ୱର ଜ୍ଞାନର କଥା ଆଉ କୌଣସି ମନ୍ତ୍ରରେ ପାଇବା କଠିନ । ଏମନ୍ତ କ୍ଷୁଦ୍ର କଳେବରରେ ଏଭଳି ସଙ୍ଗତ, ଯୁକ୍ତି ଯୁକ୍ତ ପ୍ରାର୍ଥନାର ମଧ୍ୟ ଆଉ ଦ୍ୱିତୀୟ ନାହିଁ ଏମନ୍ତ ପରମ ପବିତ୍ର ଅମୂଲ୍ୟ ଉନ୍ନତ ଭାବର ବୈଦିକ ପ୍ରାର୍ଥନା ଭୁଲି କରି କେବଳ କ୍ଷୁଦ୍ର ସ୍ୱାର୍ଥପର ସକାମ ' ରୂପଂ ଦେହି ଯଶୋ ଦେହି ଭାଗ୍ୟଂ ଭଗବତି ଦେହି ମେ । ପୁତ୍ରାନ୍ ଦେହି ଧନଂ ଦେହି ସର୍ବାନ୍ କାମାଂଶ୍ଚ ଦେହି ମେ ' । ବୋଲି ଯେ ପ୍ରାର୍ଥନା କରିବା ଯେ କେତେ ହେୟ ଏଥିରେ ସନ୍ଦେହ ନାହିଁ । ଅମ୍ଭେମାନେ ଯେପରି କ୍ରମଶଃ ନାନା କାରଣରୁ ବିପଥଗାମୀ ଓ ଭ୍ରଷ୍ଟାଚାରୀ ହୋଇଯାଉଅଛୁଁ ତଦ୍ରୂପ ଉପଧର୍ମ ଏବଂ ଦାରୁଣ ସ୍ୱାର୍ଥପରତା ଅମ୍ଭମାନଙ୍କୁ ଦିନକୁ ଦିନ ସେରୂପ ଜ୍ଞାନଠାରୁ ଦୂରତର କରି ପକାଉଅଛି ଏହି ସମୟରେ ଏହି ପରମ ପବିତ୍ର ବେଦମନ୍ତ୍ର ଉଚ୍ଚାରଣ କରି ଭଗବାନଙ୍କ ଶ୍ରୀଚରଣରେ କାତର ପ୍ରାର୍ଥନା କରିବା ଅମ୍ଭମାନଙ୍କ ପକ୍ଷରେ ସର୍ବତୋଭାବେ କର୍ତ୍ତବ୍ୟ । " ଏଥି ଉପରେ ଆଉ କଥା ନାହିଁ । ଯେ ସ୍ଥିରଭାବରେ ଅମ୍ଭମାନଙ୍କର ଦୁର୍ଦ୍ଦଶାର ବିଷୟ ଚିନ୍ତା କରୁଅଛନ୍ତି ସେ ଏହା ଉତ୍ତମ ରୂପେ ବୁଝି ପାରିବେ । ଏହି ବେଦ ଅମ୍ଭମାନଙ୍କର ପରମ ଧନ ଏବଂ ତାହାକୁ ଛାଡ଼ି ଅମ୍ଭେମାନେ ଏବେ ବିଧର୍ମୀ ଓ ଉପଧର୍ମ ବଳମ୍ବୀ ହୋଇ ଅଛୁଁ ଯେ ପରଧନକୁ ଲୋଭି ପାରୁ ନାହୁଁ ଏବଂ ପ୍ରଚଳିତ ଅନ୍ଧ ପ୍ରଥା ସେହି ଜଳ ବଢ଼ାଉଅଛୁଁ । ବୈଦିକ ଅଗ୍ନି ଗ୍ରହଣ ଏକତା ସମ୍ପାଦନର ପ୍ରଧାନ ମାର୍ଗ ଏବଂ ତହିଁରେ ଚେଷ୍ଟିତ ହେବା କାରଣ ଅମ୍ଭେମାନେ ସମସ୍ତ ଦେଶବାସୀଙ୍କି ଆହ୍ୱାନ କରୁଅଛୁଁ ।

---

## ( ଉଦ୍ଧୃତ ) ପାନୀୟଜଳ ।

ଗତ ମାଘମାସରୁ 'ଉପାସନା'ରେ ବିଶୁଦ୍ଧ ପାନୀୟଜଳ ସମ୍ବନ୍ଧରେ ହିନ୍ଦୁ ଚିକିତ୍ସା ଶାସ୍ତ୍ରର ଏକ ପର୍ଦ୍ଦ ବ୍ୟବସ୍ଥା ପ୍ରକାଶିତ ହୋଇଅଛି । ତହିଁର କେତେକାଂଶ ଏଠାରେ ପ୍ରକାଶ କଲୁଁ ଯଥା :—ପାନୀୟ ଜଳ ଦୁଇଭାଗରେ ବିଭକ୍ତ । ୧-ଦିବ୍ୟଜଳ । ଏହା ପୁଣି ଚତୁଃପ୍ରକାର ଯଥା :—ବୃଷ୍ଟିଜଳ, କୁଆପଥର ବିଗଳିତଜଳ, ବରଫଜଳ, ଶିଶିରଜଳ । ଏମାନଙ୍କ ମଧ୍ୟରେ ବୃଷ୍ଟିଜଳ ଅଧିକ ଉପକାରୀ । ବୃଷ୍ଟି ସମୟରେ କୌଣସି ଖୋଲାସ୍ଥାନରେ ଗୋଟିଏ ପାତ୍ର ବିଛାଇ କରି ରଖିବାକୁ ହେବ । ବୃଷ୍ଟିର ଜଳ କ୍ରମଶଃ ପାତ୍ର ମଧ୍ୟରେ ପତିତ ହୋଇ ପାତ୍ର ପୂର୍ଣ୍ଣ କଲେ ତହୁଁତ୍ତାରେ ତାମ୍ର କିମ୍ବା ମୃତ୍ତିକା ନିର୍ମିତ ପାତ୍ରରେ ଯତ୍ନପୂର୍ବକ ଉକ୍ତ ଜଳକୁ ରକ୍ଷା କରିବାକୁ ହେବ । ସମସ୍ତ ସମୟରେ ଲୌହଦଣ୍ଡ ପୋଡ଼ି ସେହି ଜଳମଧ୍ୟରେ ପ୍ରବେଶ କରାଇବାର ଆବଶ୍ୟକ । ଜଳଜାତ କୀଟସବୁ ବିନଷ୍ଟ କରିବାର ଏହା ଗୋଟିଏ ସହଜ ଉପାୟ । ଉକ୍ତ ଜଳ ଶରୀରର ଦୂଷିତ ବାୟୁ ପିତ୍ତ କଫ ଏବଂ ଅନ୍ୟବିଧ ନାନାପ୍ରକାର ରୋଗ ନାଶକରେ । ଅନାର୍ତ୍ତବ ଅର୍ଥାତ୍ ପୌଷ, ମାଘ, ଫାଲ୍ଗୁନ ଓ ଚୈତ୍ର ମାସର ବୃଷ୍ଟିଜଳରେ ପୂର୍ବୋକ୍ତ ରୂପ ଉପକାର ନ ହୋଇ ବରଂ ଅପକାର ହେବ । କୁଆପଥର ବିଗଳିତ ଓ ବରଫ ଜଳ କର୍କଶ, ଗୁରୁପାକ, ଅତି ଶୀତଳ, ବାତ ଓ କଫ ବୃଦ୍ଧିକାରକ ଅଟେ । ଶିଶିରଜଳ ଶୀତଳ, ରୂକ୍ଷ ଏବଂ ବାୟୁ ପିତ୍ତ କଫର ଅନିଷ୍ଟକାରୀ ନୁହେଁ । ଭୌମ ଅର୍ଥାତ୍ ପାର୍ଥିବଜଳ ତ୍ରିବିଧ । ଯଥା ଜାଙ୍ଗଲ, ଅନୂପ ଓ ସାଧାରଣ । ଯେଉଁ ସ୍ଥାନରେ ଅଳ୍ପଜଳ ଓ ଅଳ୍ପବୃକ୍ଷ ଅବସ୍ଥିତ ଏବଂ ରକ୍ତ ପିତ୍ତ ସମ୍ବନ୍ଧୀୟ ରୋଗର ଆଧିକ୍ୟ ଦୃଷ୍ଟିଗୋଚର ହୁଏ ସେହି ସ୍ଥାନର ଜଳକୁ ଜାଙ୍ଗଲ ଜଳ କୁହାଯାଏ । ଯେଉଁ ସ୍ଥାନର ଅଧିକାଂଶ ଭାଗ ଜଳରେ ପରିପୂର୍ଣ୍ଣ, ନାନାପ୍ରକାର ବୃକ୍ଷଦ୍ୱାରା ଆଚ୍ଛାଦିତ ଏବଂ ଯେଉଁ ସ୍ଥାନରେ ବାୟୁ ଓ ଶ୍ଳେଷ୍ମା ଘଟିତ ପୀଡ଼ାର ଆଧିକ୍ୟ ଦୃଷ୍ଟିଗୋଚର ହୁଏ ସେହି ସ୍ଥାନର ଜଳକୁ ଅନୂପ ଜଳ କୁହାଯାଏ । ଯେଉଁ ସ୍ଥାନରେ ଜଳଭାଗ ଅଧିକ ବୃକ୍ଷଭାଗ ଅଳ୍ପ ଅଥବା ବୃକ୍ଷଭାଗ ଅଧିକ ଜଳଭାଗ ଅଳ୍ପ ଏବଂ ପୂର୍ବୋକ୍ତ ଦ୍ୱିବିଧ ସ୍ଥାନର ପୀଡ଼ା ମଧ୍ୟ ପରିଦୃଷ୍ଟ ହୁଏ, ସେହି ସ୍ଥାନକୁ ସାଧାରଣ ସ୍ଥାନ କୁହାଯାଏ । ସାଧାରଣ ସ୍ଥାନ ଜଳର ନାମ ମାଗଧ ଜଳ । ଜାଙ୍ଗଲଜଳ ରୂକ୍ଷ, ଲବଣରସ ସଂଯୁକ୍ତ, ଲଘୁପାକ, ପିତ୍ତ ଓ କଫ ନାଶକ, ଅଗ୍ନି ବୃଦ୍ଧିକାରକ, ସୁସ୍ୱାଦୁ ଏବଂ ନାନାବିଧ ଶାରୀରିକ ରୋଗ ନାଶ କରେ । ଅନୂପଜଳ ସୁସ୍ୱାଦୁ, ସ୍ନିଗ୍ଧ, ଗୁରୁପାକ, ଅଗ୍ନି ବୃଦ୍ଧିକାରକ ଏବଂ ନାନାବିଧ ଶାରୀରିକ ରୋଗ ନାଶ କରେ । ସାଧାରଣ ଜଳ ସୁସ୍ୱାଦୁ, ଅଗ୍ନି ବୃଦ୍ଧିକାରୀ, ଶୀତଳ, ଲଘୁପାକ, ତୃପ୍ତିଜନକ, ଦାହନାଶକ ଏବଂ ବାୟୁ ପିତ୍ତ ଓ କଫର ଶାନ୍ତିକାରକ । ପୁଣି ଭୌମ ଅର୍ଥାତ୍ ପାର୍ଥିବଜଳ ଅବସ୍ଥା ଓ ଗୁଣ ଭେଦରେ ନାନାଭାଗରେ ବିଭକ୍ତ, ଯଥା—ନାଦେୟ, ଔଦ୍ଭିଦ, ନୈର୍ଝର, ସାରସ, ତଡ଼ାଗ, ବାପ୍ୟ, କୂପ, ଚୌଣ୍ଡ, ପାଲ୍ୱଲ, ଚଉର, କୈଦାର । ନାଦେୟ ଯଥା—ଗଙ୍ଗା ପ୍ରଭୃତି ନଦୀ ଓ ବ୍ରହ୍ମପୁତ୍ର ପ୍ରଭୃତି ନଦୀ ଜଳର ସାଧାରଣ ନାମ ନାଦେୟ ଜଳ । ନଦୀଜଳ ରୂକ୍ଷ, ଲଘୁପାକ, ବାୟୁ, ଓ ଅଗ୍ନି ବୃଦ୍ଧିକାରକ, ଦୋଷଶୂନ୍ୟ, ନିର୍ମଳ, କଟୁରସବିଶିଷ୍ଟ ଏବଂ କଫ ପିତ୍ତ ନାଶକ । ଯେଉଁ ଜଳ ନିମ୍ନରୁ ଭୂମି ଭେଦକରି ଉତ୍ପନ୍ନ ହୁଏ ତାହାକୁ ଔଦ୍ଭିଦ ଜଳ କୁହାଯାଏ । ଏହା ମଧ୍ୟ ପ୍ରସ୍ରବଣର ଜଳ । ଏହିଜଳ ପିତ୍ତନାଶକ, ପରମ ଶୀତଳ, ଆନନ୍ଦଦାୟକ, ମଧୁରରସବିଶିଷ୍ଟ, ବଳକାରକ, ସାମାନ୍ୟ ବାୟୁ ବୃଦ୍ଧିକର ଓ ଲଘୁପାକ । ନୈର୍ଝର ବା ଝରଣାର ଜଳ ରୁଚିକର, କଫନାଶକ, ଅଗ୍ନି ବୃଦ୍ଧିକାରକ, ଲଘୁପାକ, ମଧୁରରସବିଶିଷ୍ଟ ଏବଂ ବାୟୁ ଓ ପିତ୍ତ ବୃଦ୍ଧିକାରକ ।

ବହୁକାଳ ପୂର୍ବରୁ ଜାତ ହୋଇଅଛି ଏପରି ଅତି ବିସ୍ତୃତ ଜଳାଶୟର ନାମ ତଡ଼ାଗ, ଏହାର ଅନ୍ୟ ନାମ ହ୍ରଦ । ଏହାର ଜଳ ସୁସ୍ୱାଦୁ, କଷାୟ ରସ ବିଶିଷ୍ଟ, ଗୁରୁପାକ, ବାୟୁ ବୃଦ୍ଧି କାରକ, ମଳମୂତ୍ର ରୋଧକାରୀ କିନ୍ତୁ ରକ୍ତ ପିତ୍ତ ଓ କଫ ନାଶ କରେ । ପଥର କିମ୍ବା ଇଟାଦ୍ୱାରା ଚତୁର୍ଦ୍ଦିଗ ବନ୍ଧା ବୃହତ୍ କୂପକୁ ବାପୀ ଓ ଏହାର ଜଳକୁ ବାପ୍ୟ ଜଳ କୁହାଯାଏ । ଏ ଜଳ ଯଦ୍ୟପି ଲବଣ ରସ ବିଶିଷ୍ଟ ହୁଏ ତେବେ ଅତ୍ୟନ୍ତ ପିତ୍ତ ବୃଦ୍ଧି କାରକ; ମଧୁର ରସ ବିଶିଷ୍ଟ ହେଲେ କଫ ବୃଦ୍ଧି କାରକ ଓ ବାୟୁ ପିତ୍ତ ନାଶକ ହୁଏ । କୂପ ଯଥା—ଅଳ୍ପ ବିସ୍ତୃତ ଗଭୀର ମୃତ୍ତିକାକୁ ଖୋଳି ଚତୁର୍ଦ୍ଦିଗ ବନ୍ଧା କିମ୍ବା ଅବନ୍ଧା ଯେଉଁ ଜଳାଶୟ ତାହାକୁ କୂପ ଓ ଏହାର ଜଳକୁ କୌପଜଳ କହନ୍ତି । ଏହାର ଜଳ ସୁସ୍ୱାଦୁ ହେଲେ ବାୟୁ ପିତ୍ତ ଓ କଫ ନଷ୍ଟ କରେ ଏବଂ କ୍ଷାରଯୁକ୍ତ ହେଲେ କଫବାୟୁ ନାଶକ କିନ୍ତୁ ପିତ୍ତ ବୃଦ୍ଧିକାରକ ହୁଏ । ଚୌଣ୍ଡ ଯଥା—କୂପନ୍ୟାୟ ଖନିତ ସମୂହ ଗର୍ତ୍ତକୁ ଚୌଣ୍ଡ ବୋଲାଯାଏ, ଏହାର ଜଳ ନୀଳବର୍ଣ୍ଣ ମଧ୍ୟ ଲତାଦିଦ୍ୱାରା ସମାଚ୍ଛନ୍ନ । କୌଣସି କୌଣସି ଚୌଣ୍ଡ ପ୍ରସ୍ତରକୀର୍ଣ୍ଣ କେହି ଥାଏ ପ୍ରସ୍ତରବନ୍ଧଦ୍ୱାରା ଆବଦ୍ଧ ଏହାର ଜଳ ଅଗ୍ନି ବୃଦ୍ଧି କାରକ, ରୂକ୍ଷଗୁଣ ବିଶିଷ୍ଟ, କଫ ନାଶକ, ଲଘୁପାକ, ପିତ୍ତ ନାଶକାରୀ, ରୁଚିକର, ପାଚକ ଓ ନିର୍ମଳ ।

ପଲ୍ୱଲ ଯଥା—ଯେଉଁ ସ୍ଥାନ ଗ୍ରୀଷ୍ମକାଳରେ ଜଳଶୂନ୍ୟ ଓ ବର୍ଷାକାଳରେ ଜଳରେ ପରିପୂର୍ଣ୍ଣ ଥାଏ ତାହାକୁ ପଲ୍ୱଲ ବୋଲାଯାଏ । ଏହାର ଜଳ ଶରୀର ପକ୍ଷେ ବିଶେଷ ଅନିଷ୍ଟକର, ଉକ୍ତ ଜଳ ସ୍ୱାଦୁ କିନ୍ତୁ ବାୟୁ, ପିତ୍ତ ଓ କଫ ତିନି ଦୋଷର ଉତ୍ତେଜକ । ବର୍ତ୍ତମାନ୍ ଅଧିକାଂଶ ପଲ୍ଲୀଗ୍ରାମରେ ପୁଷ୍କରଣୀ ସବୁ ସଂସ୍କାର ଅଭାବରେ ଗ୍ରୀଷ୍ମକାଳରେ ଶୁଷ୍କ ହୋଇଯାଏ ମଧ୍ୟ ବର୍ଷାକାଳରେ ପୁନଶ୍ଚ ଜଳରେ ପରିପୂର୍ଣ୍ଣ ହୁଏ । ଗ୍ରାମବାସି

Digitized by srujanika@gmail.com

ମାନେ ପରମ ଆନନ୍ଦରେ ଉକ୍ତ ଜଳ ବ୍ୟବହାର କରନ୍ତି କିନ୍ତୁ ସେହି ଜଳ ଶରୀର ପକ୍ଷେ କେତେ ଅନିଷ୍ଟକର ତାହା ଏଥିରୁ ବୁଝିବ । ଉଦକର ଯଥା—ନଦୀର ନିକଟବର୍ତ୍ତୀ ବାଲୁକାମୟ ସ୍ଥାନକୁ ଉଦକର କୁହା ଯାଏ ଉକ୍ତ ବାଲୁକାମୟ ସ୍ଥାନକୁ ଖୋଳିଲେ ଯେଉଁ ଜଳ ବାହାରିତ ହୁଏ ତାହାର ନାମ ଉଦକର ଜଳ ଉକ୍ତ ଜଳ ଶୀତଳ ସ୍ୱାଦୁ, ନିର୍ମଳ, ଲଘୁପାକ, ପିତ୍ତନାଶକ କିନ୍ତୁ କ୍ଷାରଯୁକ୍ତ ହେଲେ ସାମାନ୍ୟ ପିତ୍ତ ବୃଦ୍ଧିକାରକ ହୁଏ ।

କେଦାର ଯଥା—କେଦାର ଅର୍ଥାତ ଧାନ୍ୟ କ୍ଷେତ୍ରର ଜଳ, ସେହିଜଳ ଗୁରୁପାକ ଓ ତ୍ରିଦୋଷ ଉତ୍ତେଜକ । ହେମନ୍ତ ଓ ଶିଶିର କାଳରେ ସାରସ ଓ ତଡାଗ ଜଳ ପ୍ରଶସ୍ତ । ବସନ୍ତ ଓ ଗ୍ରୀଷ୍ମକାଳରେ କୂପ ଜଳ, ବାପୀ ଜଳ କିମ୍ବା ନିର୍ଝରଣୀର ଜଳ ପାନ କରିବା ଉଚିତ । ନଦୀ ଜଳ ସେ ବେଳେ ବ୍ୟବହାର କରିବାର ନୁହେଁ, କାରଣ ସେହି ସମୟରେ ବୃକ୍ଷ ପତ୍ର ସବୁ ନଦୀରେ ପଡି ପଚିଯାଇ ଜଳକୁ ଅତ୍ୟନ୍ତ ଦୂଷିତ କରେ । ଔଦ୍ଭିଦ (ପ୍ରସ୍ରବଣର) ଜଳ, ବୃଷ୍ଟିର ଜଳ କିମ୍ବା କୂପଜଳ ବର୍ଷାକାଳରେ ପ୍ରଶସ୍ତ । ଶରତ୍‌କାଳରେ ନଦୀ ଜଳ ପ୍ରଶସ୍ତ । ଯେଉଁ ନଦୀରେ ସୂର୍ଯ୍ୟ ଓ ଚନ୍ଦ୍ର କିରଣ ଅପ୍ରତିହତ ଗତିରେ ପତିତ ହୁଏ ତାହାର ଜଳ ଶରୀର ପକ୍ଷେ ବିଶେଷ ଉପକାରୀ । ଏହା ଶରୀରସ୍ଥ ଦୂଷିତ ବାୟୁ ପିତ୍ତ ଓ କଫ ନାଶ କରେ, ବୃଷ୍ଟି ଜଳ ନ୍ୟାୟ ନିର୍ଦ୍ଦୋଷ, ବଳକାରକ, ଜ୍ୱରବ୍ୟାଧି ନାଶକ, ବୁଦ୍ଧି ବୃଦ୍ଧିକାରକ, ଅତ୍ୟନ୍ତ ଶୀତଳ ଓ ଲଘୁପାକ, ବସ୍ତୁତଃ ଶରତ୍‌କାଳର ନଦୀ ଜଳକୁ ଅମୃତ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଋତୁଭେଦରେ ଜଳପାନ ସମ୍ବନ୍ଧରେ ଆଉ କେତୋଟିଏ ବିଧିର ମତ ଏଠାରେ ପ୍ରକାଶିତ ହେଲା । ପୌଷମାସରେ ପୁଷ୍କରଣୀ ଜଳ, ମାଘ ମାସରେ ତଡାଗ ଜଳ, ଫାଲ୍‌ଗୁନରେ କୂପ ଜଳ, ଚୈତ୍ରରେ ଚୌଣ୍ଡି ଜଳ, ବୈଶାଖରେ ନିର୍ଝର ଜଳ, ଜ୍ୟେଷ୍ଠରେ ଔଦ୍ଭିଦ ଜଳ, ଆଷାଢରେ କୂପ ଜଳ, ଅଶ୍ୱିନରେ ଚୌଣ୍ଡି ଜଳ, ଏବଂ କାର୍ତ୍ତିକରେ ଓ ମାର୍ଗଶିରରେ ପୂର୍ବୋକ୍ତ ସମସ୍ତ ଜଳ ବ୍ୟବହାର କରିବ । ବ୍ୟବହାରର ଉପଯୋଗୀ ପାର୍ଥିବ ଜଳ ସବୁ ପ୍ରାତଃକାଳରେ ସଂଗ୍ରହ କରିବା କର୍ତ୍ତବ୍ୟ । ସେହି ସମୟରେ ଜଳ ଶୀତଳ ଓ ନିର୍ମଳ ଥାଏ । ଏହା ଛଡ଼ା ଅନ୍ୟାନ୍ୟ ଅନେକ ଗୁଣ ବିଦ୍ୟମାନ ଥିବା ହେତୁ ସ୍ୱାସ୍ଥ୍ୟ ପକ୍ଷରେ ବିଶେଷ ଉପଯୋଗୀ ହୁଏ ।

ବର୍ତ୍ତମାନ କେଉଁ ସମୟରେ କେତେ ପରିମାଣରେ ଜଳ ପାନ କଲେ ଲୋକମାନେ ରୋଗ ହସ୍ତରୁ ରକ୍ଷା ପାଇ ଶାରୀରିକ ଉନ୍ନତି ଲାଭ କରିପାରନ୍ତି ସେହି ବିଷୟ ବର୍ଣ୍ଣନା କରାଯାଉଅଛି । ସୁସ୍ଥ ଅବସ୍ଥାରେ ଏକାବେଳକେ ଅତ୍ୟନ୍ତ ଜଳପାନ କଲେ କିମ୍ବା ଜଳପାନ ତ୍ୟାଗ କଲେ ଅନ୍ନ ପରିପାକ ସୁଚାରୁରୂପେ ହୁଏ ନାହିଁ । ଅତଏବ ଶାରୀରିକ ଅଗ୍ନି ବୃଦ୍ଧି ସକାଶେ ଅଳ୍ପ ଅଳ୍ପ କରି ପୁନଃ ପୁନଃ ସମ୍ଭବମତ ଜଳପାନ କରିବା ଉଚିତ ।

ଗନ୍ଧଶୂନ୍ୟ, ଅବ୍ୟକ୍ତରସ ( ଛଅରସ ମଧ୍ୟରେ କୌଣସି ରସ ସ୍ପଷ୍ଟ ଆସ୍ୱାଦନ ଥିବା ହେତୁ ) ଅତ୍ୟନ୍ତ ଶୀତଳ, ତୃଷ୍ଣାନାଶକ, ନିର୍ମଳ, ଲଘୁପାକ, ମନର ଆନନ୍ଦଜନକ ।

ବର୍ତ୍ତମାନ ଦୂଷିତ ଜଳ ଅର୍ଥାତ ଯେଉଁ ଜଳ ପାନ କରି ଗ୍ରାମବାସିମାନେ ନାନାବିଧ ରୋଗଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପତିତ ହୁଅନ୍ତି ସେହି ଜଳ ସମ୍ବନ୍ଧରେ ବର୍ଣ୍ଣନା କରି ହେଉଅଛି ଶିଉଳି, କୀଟସମୂହ, ପତ୍ର ସେବାଳ ପ୍ରଭୃତିଦ୍ୱାରା ଆଚ୍ଛାଦିତ ବର୍ଣ୍ଣହୀନ ( ଜଳର ଯେ ବର୍ଣ୍ଣ ତାହାର ବିପରୀତ ବର୍ଣ୍ଣ ) ବିରସ, ଘନ, ଦୁର୍ଗନ୍ଧ, ଗୋଳିଆ, ଚନ୍ଦ୍ର ସୂର୍ଯ୍ୟଙ୍କର ଅପ୍ରତିହତ କିରଣ ରହିତ ଅକାଳବ ( ପୌଷ୍ୟାଦି ବୃଷ୍ଟିଜଳ ) ସଦ୍ୟ ଭୂମିରେ ପତିତ ବୃଷ୍ଟିଜଳ ପାନ କଲେ ଶରୀରରେ ବାୟୁ, ପିତ୍ତ ଓ କଫ ସତେଜ ହୋଇଉଠେ ତୃଷ୍ଣା, ପେଟଫମ୍ପା, ମ୍ୟାଲେରିଆ, ଜ୍ୱର, ଅଗ୍ନିମାନ୍ଦ୍ୟ ପ୍ରଭୃତି ରୋଗ ଜାତ ହୁଏ ଏବଂ ଲୋକମାନଙ୍କ ମନୁଷ୍ୟତ୍ୱ ଲୋପ କରିଦିଏ ।

ଦୂଷିତଜଳ ଯେଉଁ ଉପାୟଦ୍ୱାରା ଶୋଧିତ ହୋଇ ଲୋକମାନଙ୍କର ବ୍ୟବହାରର ଉପଯୋଗୀ ହୁଏ ତାହାର ବ୍ୟବସ୍ଥା ଶାସ୍ତ୍ରରେ ଲେଖାଅଛି ଦୂଷିତ ଜଳକୁ ଅଗ୍ନିର ଉତ୍ତାପଦ୍ୱାରା କିମ୍ବା ସୂର୍ଯ୍ୟର କିରଣଦ୍ୱାରା ଉଷ୍ଣ କରିବାକୁ ହେବ । କିମ୍ବା ସୁନା ରୁପା, ଲୁହା, ପଥର ବା ବାଲି ଉତ୍ତପ୍ତ କରି ସାତଥର ସେହି ଜଳରେ ପ୍ରବେଶ କରାଇବାକୁ ହେବ । ଏହିସବୁ ଉପାୟଦ୍ୱାରା ସେହି ଜଳସ୍ଥିତ କୀଟ ସମଷ୍ଟି ମରିଯାନ୍ତି ଏବଂ ଦୂଷିତ ଅଂଶ ନିମ୍ନରେ ପତିତ ହୁଏ । ତତ୍ପରେ ସେହି ଜଳକୁ ଘନ ବସ୍ତ୍ରଦ୍ୱାରା ଛାଣି ନେବାକୁ ହେବ । ଏହି ଉପାୟଦ୍ୱାରା ଜଳ ଅତ୍ୟନ୍ତ ପରିଷ୍କାର, ନିର୍ଦ୍ଦୋଷ ଓ ମନୁଷ୍ୟମାନଙ୍କର ବ୍ୟବହାରର ଉପଯୋଗୀ ହୁଏ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ଛୁଟିରେ ଥିବା ଡେ: ମା: ଓ ଡେ: କଲେକ୍ଟର ବାବୁ ହେମନ୍ତକୁମାର ମଲ୍ଲିକ ଅନୁଗୁଳର ସଦର ସବ ଡିଭିଜନାଲ ଅଫିସର ନିଯୁକ୍ତ ହେଲେ ।

ସମ୍ବଲପୁର ଓ ଅନୁଗୁଳର ସହକାରୀ ସ୍କୁଲ ଇନସ୍ପେକ୍ଟର ଓ ଗଡ଼ଜାତ ମାହାଲର ଏଜେନ୍ସି ଇନସ୍ପେକ୍ଟର ମି: ଏ: ଜେ: ଦ୍ୟୁପଡ଼ ସନ ୧୯୦୭ ମସୀହା ମାର୍ଚ୍ଚ ମାସ ତା ୧୯ ରୁ ପ୍ରାଦେଶିକ ଶିକ୍ଷା ବିଭାଗର ୮ମ ଶ୍ରେଣୀରେ ବାହାଲ ହେଲେ ।

ଅନୁଗୁଳର ସଦର ସବଡିଭିଜନାଲ ଅଫିସର ବାବୁ ବୈଦ୍ୟନାଥ ମିଶ୍ର ଦୁଇ ମାସ ଛୁଟୀ ପାଇଲେ ।

ଅଫିସିଆଲ ଓ ଡେ: ମାଜିଷ୍ଟ୍ରେଟ ସବ୍ ଡେ: କଲେକ୍ଟର ସୁଦ୍ଧା ମୁଲକି ଅଫିସରମାନଙ୍କର ବିଭାଗୀୟ ଷାଣ୍ମାସିକ ପରୀକ୍ଷା ଆଗାମୀ ଅକ୍ଟୋବର ମାସ ତା ୪ ରିଖ ଓ ତହିଁ ପର ଦୁଇଦିନରେ ହେବ ।

ବାଲେଶ୍ୱରର ପଞ୍ଚମ ଶ୍ରେଣୀର ସବରେଜିଷ୍ଟ୍ରାର ମୌଲବୀ ମହମ୍ମଦ ଅବଦୁଲଗଫୁର ଛଅ ଦିନ ସକାଶେ ସୋରର ସବରେଜିଷ୍ଟ୍ରାର ନିଯୁକ୍ତ ହେଲେ ।

ଅସ ଡିଭିଜନର ଅସିଷ୍ଟାଣ୍ଟ ଇଞ୍ଜିନିୟର ମି: ଜେ: ଆର ଡେଭ ସମ୍ବଲପୁର ନଗର ଏକ୍‌ଜେକ୍ୟୁଟିଭ ଇଞ୍ଜିନିୟରର କାର୍ଯ୍ୟ କରିବେ ।

କଟକ ଗ୍ରାଣ୍ଟ ଡିସ୍‌ପେନ୍‌ସରିର ପ୍ରଥମ ଶ୍ରେଣୀର ସିଭିଲ ହସପିଟାଲ ଅସିଷ୍ଟାଣ୍ଟ ବାବୁ କୈଳାସଚନ୍ଦ୍ର ସାହୁ ସନ ୧୯୦୯ ମସୀହା ମଇ ତା ୨୯ ରିଖଠାରୁ ସିନିୟର ଗ୍ରେଡ଼କୁ ଉଠିଲେ ।

ପୁରୀର ସହକାରୀ ସ୍କୁଲ ସବ-ଇନସ୍ପେକ୍ଟର ବାବୁ ବଳରାମ ନାୟକ ସ୍କୁଲ ସବଇନସ୍ପେକ୍ଟରର କାର୍ଯ୍ୟ କରିବେ ।

ବାବୁ ଜାନକୀନାଥ ବୋଷ କଟକ ମ୍ୟୁନିସିପାଲଟୀର ଚେୟାରମ୍ୟାନ ହେଲେ ।

ବାବୁ ଦୀନବନ୍ଧୁ ଘୋଷ ସମ୍ବଲପୁର ଜିଲ୍ଲାର ବରଗଡ଼ ଲୋକାଲବୋର୍ଡର ସଭ୍ୟ ହେଲେ ।

ରେଭେନ୍ସା କଲେଜର ଶ୍ରୀନାରାୟଣମୋହନ ଦେଓ ଓ କୃଷ୍ଣଗୋପାଳ ଘୋଷ ମିନ୍‌ଟୋ ବୃତ୍ତି ପାଇଅଛନ୍ତି ।

ଗତ ତା ୧୪ ରିଖ ଶେଷ ହୋଇଥିବା ସପ୍ତାହରେ ଓଡ଼ିଶାର ବନ୍ୟା ବିଷୟରେ ପ୍ରକାଶିତ ଅବସ୍ଥା ଗତ ସପ୍ତାହଙ୍କ ସମାନ ଥିଲା । କେବଳ ବାଲେଶ୍ୱର ଓ ସମ୍ବଲପୁରରେ ଅବସ୍ଥାର କେତେକ ଉନ୍ନତି ହୋଇଥିଲା ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ପ୍ରଚଣ୍ଡ ଗ୍ରୀଷ୍ମ ଓ ଅନାବୃଷ୍ଟି ହୋଇଥିଲା । କେବଳ ଦୁଇ ଏକଥର ସାମାନ୍ୟ ବର୍ଷା ହୋଇଥିଲା । ଏ ପାଣିରେ ଶସ୍ୟର ଉପକାର ହୋଇଅଛି ।

ଏ ନଗରର ସ୍ୱାସ୍ଥ୍ୟ ଭଲ ଅଛି ।

ରାୟ ଗୋପାଳଚନ୍ଦ୍ର ରାୟ ବାହାଦୁରଙ୍କ ପୁତ୍ର ଶ୍ରୀଯୁକ୍ତ ବାବୁ ନନ୍ଦକିଶୋର ରାୟ ଏମ, ଏ ଏଠା ରେଭେନ୍ସା କଲେଜ ରସାୟନ ବିଦ୍ୟାର ଶିକ୍ଷକ ( Demonstrator in Chemesrty ) ପଦରେ ଟ ୧୨୫ ଙ୍କା ବେତନରେ ନିଯୁକ୍ତ ହୋଇଅଛନ୍ତି ।

ବାଲୁବଜାର ଅଞ୍ଚଳର ଗୋଟିଏ ଦୋକାନର ତାଲା ଭାଙ୍ଗି ମନିହାରୀ ମାଲ ଚମଡ଼ା ପ୍ରଭୃତି ପ୍ରାୟ ଟ ୪୦୦ ଙ୍କା ଚୋରି ଯାଇଅଛି । ପୁଲିସ ତଦନ୍ତ ହେଉଅଛି । ଚୋର ଧରାପଡ଼ି ନାହିଁ ।

ପାନବଜାର ଜଣେ ସ୍ତ୍ରୀ ବଳାତ୍କାର ମୋକଦ୍ଦମାରେ ଦଣ୍ଡିତ ହୋଇଥିବା ଅପରାଧରେ ଗତ ଶନିବାର ଡେପୁଟି ମାଜିଷ୍ଟ୍ରେଟ ବାବୁ ଶ୍ୟାମ ଡେ: ମା: ଙ୍କ ନିକଟରେ ୬ ମାସ ସଶ୍ରମ କାରାଦଣ୍ଡ ପାଇଅଛି ।

ଏଠା ଚଉଧୁରୀବଜାର ମହମ୍ମଦ ଜାନ ପୋଲିସ ବିରୁଦ୍ଧରେ ସାକ୍ଷ୍ୟ ଦେବା ଅପରାଧରେ ଗ୍ରେପ୍ତାର ହୋଇ ହାକିମଙ୍କ ନିକଟରେ ମୋକଦ୍ଦମା ବିଚାର ହେଉଅଛି ।

କଟକ ଜିଲ୍ଲାର ଚଉଧୁରୀ ମୌଜାର ଜଣେ ଲୋକର ଟ ୩୦ ଟଙ୍କା ଯାଇଥିବାର ସେଠାର ଦଫାଦାର ଭାର ଉଦ୍ଧାର କରିଅଛି ଏବଂ ସୁନା ଗହଣାରେ ଟ ୮୦ ଙ୍କା ଦେଇ

ଗ୍ରାମବାସୀର ପ୍ରକାଶ ପାଇବାରୁ ବଡଦାଣ୍ଡର ସମ୍ପେଦକ ହୋଇ ପ୍ରକାଶ ଦେବାକୁ ଦେଉଅଛନ୍ତି ।

ଢାଳଭେଳ ନଗରରେ ଜଣେ ମାଲବାନ୍ ଘରୁ ନଗଦ ଶତାଧିକ ଟଙ୍କା ଏବଂ ଜଣେ ଗ୍ରାମସ୍ଥ ଧନୀ ଘରୁ ସୁନାଟା ସୁନାର ହାର ଶାଢ଼ୀ ଇତ୍ୟାଦି ଗତ ଦୁଇ ସପ୍ତାହରେ ଚୋରି ଯାଇ-ଅଛି ପୁଲିସ କିଛି ଠିକଣା କରିପାରି ନାହାନ୍ତି । ପୁଲିସର ବିଶେଷ ମନୋଯୋଗ ପ୍ରାର୍ଥନୀୟ ।

ଗ୍ରାଃ ବାଃ

ସାମନ୍ତ ରଘୁନାଥ ଦାସ ଓ ରଘୁନାଥ ଦାସ ନାମରେ ତହିଁର ବିକ୍ରେତା ବାଲେଶ୍ୱର ଡାଇରେକ୍ଟ ନାମକ ଅଧ୍ୟାତ୍ମିକ ସାଧାରଣ ବ୍ୟବହାର ନିମନ୍ତେ ଦାନ କରି ଜ ୭ ଣ ଉତ୍ସର୍ଗ କଲେ ନାମରେ ମାନପତ୍ରଦାନ ପତ୍ରର ଲେଖି ଦେଇଅଛନ୍ତି । ମାନପତ୍ରଦାତାମାନେ ବଳା ବିଭାଗର ବାଲେଶ୍ୱର ଜାଗୃ ସମିତିର କାର୍ଯ୍ୟାଳୟ ସମ୍ମୁଖେ କୋଠରି ଉଠି ହେବ

ସଃ ବାଃ

ସୋଲଙ୍କୀ ରେଳ ( ଜଙ୍କ୍ସନ ) ରୁ ସମ୍ବଲପୁର ରେଲଗାଡ଼ି ନିର୍ମାଣ ପ୍ରସ୍ତାବ କରି ଅନୁମତି ହେବାର ଜଣାଯାଏ । ଏହି ଗାଡ଼ି ସମ୍ମୁଖେ ଯେଉଁ ଜମି କିଆରି ବାହିଁରେ ପଥର ଖଣ୍ଡ ଦିଆ ଯାଇଅଛି ଏବଂ ପ୍ରଜାମାନଙ୍କ ତାହା ହସ୍ତାନ୍ତର କରିବାର ନିଷେଧ ହୋଇଅଛି ବୋଲି ସୋଲଙ୍କୀର ଜଣେ ପତ୍ରପ୍ରେରକ ଲେଖି-ଅଛନ୍ତି ।—

ଗ୍ରା ସା

ଝଣିକା ବସ୍ତାର ସହର ମୁହାନରେ 'ଭଗବତ୍ ଭକ୍ତି-ପ୍ରଦା-ୟିନୀ' ସଭା ସ୍ଥାପନ ହେବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ପ୍ରତି ରବିବାର ସଭା ବସିବ ଓ ଚୈତନ୍ୟଚରିତାମୃତ ପ୍ରଭୃତି ପାଠ ଓ ସଂକୀର୍ତ୍ତନ ହେବ ।

ଜଣେ ଜମିଦାରଙ୍କ ସ୍ୱର୍ଗ ଶ୍ରାଦ୍ଧ ଉପଲକ୍ଷେ ପ୍ରଚୁର ସମ୍ବୋ-ଜନ ହୋଇଥିବା ମାତ୍ର ଜାତେଇବାଙ୍କର କୃପଣତା ଯୋଗେ ବ୍ରାହ୍ମଣାଦି ଭୋଜନ ପ୍ରଥମ ଭ ନ ହେବାରୁ ସେମାନେ ଖାଇ ଦେଇ ଯେଉଁ ଖିଆର ଦେଖି ଜଣେ ପତ୍ରପ୍ରେରକ ଦୁଃଖ ପ୍ରକାଶ କରିଅଛନ୍ତି । ବଳା ନିମନ୍ତ୍ରଣରେ ବ୍ରାହ୍ମଣମାନଙ୍କ କଷ୍ଟ ସହଜ ଉପସ୍ଥିତ ହୋଇ ଅପେ ଅପମାନ ଭୋଗନ୍ତି । ତହିଁରେ ଦୁଃଖର କାରଣ ନାହିଁ । ଏ ପ୍ରଥା ଯେ ଉଠିଯାଉ ନାହିଁ । ଏହାର ଦୁଃଖର କଥା ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କ ଜଗୀନନ୍ଦ ବନ୍ଧରେ ମଣ୍ଡିକପୁର ମୌଜାର ସଦର ସଡ଼କ ଧୂଳି ଉଡ଼ି ଯିବାରେ ଯାତାୟାତର ବଡ଼ କଷ୍ଟ ହେଉଅଛି । ଗ୍ରାମବାସିଙ୍କର ଏ ବିଷୟ ଅବେଦନ ପତ୍ର ଦ୍ୱାରା ବୋର୍ଡଙ୍କୁ ଜଣାଇବା ଉଚିତ ।

## ଯାଜପୁର ସମ୍ବାଦ ।

ଗତ ତା ୧୪ ରଖ ସୋମବାରଠାରୁ ଏଠା ସବଡ଼ିଭିଜନ ସମ୍ବନ୍ଧୀୟ ବୃଦ୍ଧି ସ ୧୦ ଦିନ ହେଉଅଛି ।

ବଇତରଣ ନଦୀ ଖ ୩୧ ନରେ ସନ ୧୩୧୦ ସାଲର ବାକି ଖଜଣା ଆଦାୟ ହୋଇ ନ ପାରିବାରୁ ସେ ଦିନ ପର୍ଯ୍ୟନ୍ତ ନ ୫୬୭୧ ନମ୍ବର ବାକି ଖଜଣାର ଅର୍ଦ୍ଧ ଦାଖଲ ହୋଇଅଛି ।

ବୋଲଗାମ ପ୍ରଗଣା ମାଡ଼ପଡ଼ିଶ ମୌଜାର ଜମିଦାର ନେଣ୍ଡୁନ ଘଡ଼ି ନଳବନ ଖଜଣା ଅଦାୟ ସମ୍ପୂର୍ଣ୍ଣ ମାଲ ୭ ଏବାବୁ ବୋଇଲେ ବାଧା ଦେବା ଏବଂ ମାଡ଼ମାରିବା ଇତ୍ୟାଦି ବିଷୟରେ ଯାଜପୁରର ଜମିଦାର ବାବୁ ସତୀଶ-ଚନ୍ଦ୍ର ସୁହ ଡାଇସ କରିବାର ଏଥିପୂର୍ବେ ଲେଖିଥିଲୁ । ଏ ମୁକଦ୍ଦମା ଗତ ମାସ ତା ମାଜିଷ୍ଟ୍ରେଟ ଜ ନ ଏ ମୋକଦ୍ଦମା ବିଚାରରେ ଦେଇଥିଲ ସଜାରୁ ଉତ୍ତମସହିତ ମା ୭ ବ ଓ ଚାକର ଯୁଗ ବାବୁ ଶିବପ୍ରସାଦଙ୍କୁ ଦେଉଁମାସ କୟଦ ଦଣ୍ଡ ହୁକୁମ କରିଅଛନ୍ତି ।

ଏ ବର୍ଷ ରଥଯାତ୍ରା ନିମନ୍ତେ ଅନେକ ବଙ୍ଗାଳୀ ଯାତ୍ରୀ ଏଠାରୁ ଅସିବାରୁ ଗାରଡ଼ା ପଣ୍ଡାମାନେ ଶୀଘ୍ର କୃଷ୍ଣ-ଚରଣ ମହାପାତ୍ର ଜମିଦାରଙ୍କ ସାହାଯ୍ୟରେ ସୁନ୍ଦର ଏ ବର୍ଷ ଯାତ୍ରୀମାନଙ୍କଠାରୁ ଟିକସ ନେବାର ଆରମ୍ଭ କରି-ବାରୁ ବହୁ ଗଣ୍ଡଗୋଳ ଓ ମାରଡ଼ାଠା ପ୍ରଣୀ ସଣ୍ଡାଙ୍କ ମଧ୍ୟରେ ଯାତ୍ରୀ ଦକ୍ଷିଣା ସମ୍ବନ୍ଧେ ବିବାଦ ମାଜିଷ୍ଟ୍ରେଟ ସେ ଜଣାଶୁଣିଥିବାରୁ ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ବଳ ସବ ଡି ମାଜିଷ୍ଟ୍ରେଟ ଗତ ଶନିବାର ଶ୍ରୀ ଗାରଡ଼ା ଠାକୁରାଣୀଙ୍କ ବେଢ଼ାର ସିଂହ-ଦରଜା ସାମନାରେ ମକଦ୍ଦମା ଦଣ୍ଡର ବସି ବେତନ ଦାର-ଟିକ ନ ଦେବା ଅପରାଧରେ ଅଟଟଣ ବଳ ବିବାଦଭରେ ଶାନ୍ତିରକ୍ଷା ନ ହେବା କାରଣ ଦୁଇପକ୍ଷରୁ ଏକ ବର୍ଷ ନିମନ୍ତେ ଶାନ୍ତି ରକ୍ଷାର ଯାମିନ ଓ ମୁଚଲିକା ନେଇଅଛନ୍ତି ଏବଂ ଯାତ୍ରୀମାନେ ସ୍ୱେଚ୍ଛାରେ ଯିଏ ଯାହାକୁ ଦେବେ ଗଲେ ସେମାନଙ୍କ ପ୍ରତି କେହି କୌଣସି ଅତ୍ୟାଚାର କିମ୍ବା କୌଣସି ପ୍ରକାର ବାଧା ନ ଦେବା ବିଷୟରେ ଦୃଷ୍ଟି ରଖିବା ନିମନ୍ତେ ଗାରଡ଼ା ମନ୍ଦିରରେ ଏକ ପୁଲିସ ପହରା ବନ୍ଦୋବସ୍ତ କରିଅଛନ୍ତି ଯେଉଁ ଦିନ ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ଗୋଳମାଳ ସବୁ ଶେଷ ଦିନ ପର୍ଯ୍ୟନ୍ତ ସେଠାରେ ପୁଲିସ ପହରା ମୁତ-ୟନ ରହିବ ।

ଯାତ୍ରୀ ସଂଖ୍ୟା ଅଧିକ ହୋଇଥିବାରୁ ଏଠାରେ ଉଦର ଆରମ୍ଭ ହୋଇଅଛି । ଶ୍ରୀଯୁକ୍ତ ସବ ଡି ମାଜିଷ୍ଟ୍ରେଟ ବୃପୋଟ ଭର ଜଣେ ବଳସ ଡାକ୍ତର ଏଠାରେ ଆସିଅଛନ୍ତି ।

ରଥ ନିମନ୍ତେ ଗତ ଶୁକ୍ରବାର ହାଟବାରର ଅନେକ ଲୋକ ଟାଉନ ଅନ୍ତର୍ଗତ । ଗୋପୀନାଥ ଦେବଙ୍କ ହାଟରୁ ଅସି ସନ୍ଧ୍ୟା ହେଉ ପରେ ଫେରିବା ସମୟରେ ବୈତରଣୀ ନଦୀର ବଢ଼ିହ ଗାଡ଼ଙ୍କ ପାହାଡ଼ର ନୌକା ଉପରେ ଧରାଧରି ହୋଇ ଅନେକ ଲୋକ ଚଢ଼ିଗଲେ । ମାଝି ଅଧିକା ଲୋକ ଧରିବାକୁ ବାରଣ କଲା ଶୁଣିଲେ ନାହିଁ ଓ ଡଙ୍ଗା ନଦୀର ମଧ୍ୟଭାଗରେ ଯାଇ ଯେ ଥିବ ଲୋକ ଜଳ ପଡ଼ିଲ ଜଳରେ ପଡ଼ିଲେ ଓ କେତେକ ଜଳମଗ୍ନ ହୋଇଗଲେ ସେମାନଙ୍କ ମଧ୍ୟରେ କେତେକ ଯାକେ ରହିଲେ । ସେ ଗ୍ରାମ ବାଲେଶ୍ୱର ଭଦ୍ରଯାଜନଗର ଥାନା ପଡ଼ିବା ସେଠାରୁ ସମ୍ବାଦ ପାଇ ପୁଲିସ ଅଦିବା ବେଳକୁ ରାତି ଗତ ହୋଇ ଥିଲ ଓ ଅନେକମାନଙ୍କର ଖୋଜ ବହୁତ ଖୋଜରେ ଲାଶ ଦୁଇ କେତେକ ଦେହ ହାତକୁ ପଡ଼ିଥିଲା ମାତ୍ର ହେଉଛନ୍ତି ଲୋକ ଜଳମଗ୍ନ ହୋଇ ମରିଯାଇଅଛନ୍ତି ଏଥି ସେମାନଙ୍କ ସଠିକ ସମ୍ବାଦ ମିଳି ନାହିଁ । ଯାହା ହେଉ ଘାଟ ମାଝି ଅଧିକ ଲୋକ ବୋଝାଇ କରିବା ସକାଶେ ଦଣ୍ଡପ୍ରାପ୍ତ ହେବା ଓ ଭବିଷ୍ୟତରେ ଏପରି ଦୁର୍ଘଟଣା ନିବାରଣର ବହୁତ ଉପାୟ ହେବା ଉଚିତ ।

## ସାଧାରଣ ସମ୍ବାଦ ।

ଭୂତପୂର୍ବ ଉଦାର ଚିତ୍ତ ଭିକ୍ଟୋରୀୟ ସମୟରେ ଜଣେ ସମ୍ପାଦକର ସମ୍ପାଦକ ବିଦ୍ରୋହରେ ଦଣ୍ଡ ଦିଆ ଅପରାଧରେ ସାମରିକ ଅଇନ ମତେ ଯାବଜ୍ଜୀବନ କାରାଦଣ୍ଡ ସବୁ କରିଅଛନ୍ତି

ବୋମ୍ବାଇର ଜାହାଜ ମରାମତି କାରଖାନାରୁ ଅନେକ ମାଲ ଚୋରି ଯାଉଥିଲା । ଉଦନ୍ତରେ ସେଠାରେ କାର୍ଯ୍ୟ କରୁଥିବା ଲୋକେ ମାଲ ଚୋରି କରି ନିକଟବର୍ତ୍ତୀ ଦୋକାନରେ ବିକୁଥିବାର ପ୍ରକାଶ ପାଇଅଛି । ଧରା ଯାଇଥିବା ଅସାମୀମାନଙ୍କ ମଧ୍ୟରୁ ଜଣେ ସାହେବ ସ୍କଟ ଇନସପେକ୍ଟର, ଜଣେ ସାହେବ ସବଇନସପେକ୍ଟର ଏବଂ ଜଣେ ସେଠା କାରଖାନାର ସାହେବ କର୍ମଚାରୀ ଅଛନ୍ତି । ମୋକଦ୍ଦମା ବିଚାରାଧୀନ ।

ଉତ୍ତର ପଶ୍ଚିମାଞ୍ଚଳ ଭୂମିକମ୍ପ ସହିତ ସମୁଦ୍ର ଜଳ ମାଡ଼ି ଆସିବାରୁ ଜ ୧୦ ଣ ଲୋକ ମୃତ ଓ ଅନେକ କ୍ଷତି ଗ୍ରସ୍ତ ହୋଇଥିବାର ସମ୍ବାଦ ମିଳିଛି । ସମୁଦ୍ରୋପକୂଳରେ ଭୂମିକମ୍ପ ହେଲେ ଏହିପ୍ରକାର ଉପଦ୍ରବ ହୁଏ ।

## ପତ୍ରପ୍ରେରକଙ୍କ ପ୍ରତି ।

ବାଲିବାଗୀ କେତେକ ପ୍ରଜା—ନାମଧାମାଦି ପ୍ରକାଶ ନ ଥିବାରୁ ଉପେକ୍ଷିତ ହେଲା । ସାଧାରଣ ହିତ ନିମନ୍ତେ ଯେତେ ଏ ଯାହା ବ୍ୟସ୍ତ ଅଛ ତେବେ ସାହସ ବାନ୍ଧ ସ୍ୱନାମୀ ଦରଖାସ୍ତ କଲେକ୍ଟର ସାହେବଙ୍କଠାରେ ଦିଅ ଅବଶ୍ୟ ବହୁତ ଉପକାର ହେବ । ଉତ୍ତମ ପ୍ରକାଶ ସହିତ ସ୍ୱନାମୀ ପ୍ରେରଣପତ୍ର ପଠା-ଇଲେ ବିଫଳ ହେବ ନାହିଁ ।

ଶ୍ରୀ ଜଗନ୍ନାଥ ସାହୁ—ଖଣ୍ଡ ପୋଷ୍ଟକାର୍ଡରେ ଅନେକ କଥା ପୂର୍ତ୍ତି ଲେଖିଥିବା ହେତୁରୁ ବଳ ପଢ଼ାଗଲା ନାହିଁ । ବଡ଼ କାଗ-ଜରେ ସ୍ପଷ୍ଟକରି ଲେଖି ଅଧ ପଇସାଟିଏ ଟିକଟମାରି ପଠାଇ ଦେଇଥିଲେ ଭଲ ହୋଇଥାନ୍ତା ।

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀବାବୁ ଦଣ୍ଡଧର ପଟ୍ଟନାୟକ | କଲ୍ୟାଣପୁର ଟ ॰ |
| „ ବିଦ୍ୟାଧର ଦାସ | କେନ୍ଦ୍ରାପଡ଼ା ଟ ॰ |
| ମନ୍ସି ସ୍ୱଲିନ୍ ଖାଁ | ଗୁଣନଗର ଟ ॰ |
| ଶ୍ରୀବାବୁ ସଦାଶିବ ଦାସ | ଅନଗୁଳ ଟ ॰ |
| „ ପଦ୍ମଲୋଚନ ପଟ୍ଟନାୟକ | ଅନଗୁଳ ଟ ॰ |
| „ ରାମକୃଷ୍ଣ ମହାନ୍ତି | ଜଗତସିଂହପୁର ଟ ॰ |
| „ ଚକ୍ରମଣି ସାହୁ | କୁଜଙ୍ଗପୁର ଟ ॰ |
| „ ଚିନ୍ତାମଣି ନାୟକ | ମହେନ୍ଦ୍ରେ ଟ ୪ |
| „ ଦୁର୍ଗାପ୍ରସାଦ ପାଲ | ଜଇମାଳ ଟ ୨ |
| ରାଜା ଜଗଲାଲଶେଖର ନରେନ୍ଦ୍ର ବାହାଦୁର ପାଲଲହଡ଼ | ଟ ॰ |
| ଶ୍ରୀବାବୁ ସର୍ବ୍ବୋଣ ମିଶ୍ର | ଯଶୋହର ଟ ॰ |

---

# ନିଲାମୀ ଇସ୍ତାହାର ।

ଡ ୪୫୯ ନମ୍ବର ଉଗ୍ରୀଜାରୀ ସନ ୧୯୦୯ ସାଲ କଟକ । ମୁ । ବଡ଼ମୁନସଫି ଅଦାଲତ ।

ଚାନ୍ଦବନ୍ଧ୍ର ଦାସ ବାଦୀ ଡ:

( ବ )

ଅନନ୍ତ ଦେ ପ୍ରତିବାଦୀ ଦେ:

ଉପର ଲିଖିତ ନମ୍ବର ମୋକଦ୍ଦମାରେ ଜର ଡିକ୍ରୀ ଓ ଖର୍ଚ୍ଚର ପାଉଣା ଟଙ୍କା ଅଦାୟ ନିମନ୍ତେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସିହା ଅଗଷ୍ଟମାସ ତା ୧୬ ରଣ ନିଲାମ ହେବ ।

## ତପସିଲ ସମ୍ପତ୍ତି ।

୧ ଜିଲା କଟକ ପୁଲିସ ଷ୍ଟେସନ ସାଲେପୁର ସବରେଜେଷ୍ଟ୍ରି । ମୁ । କଟକ ଅନ୍ତର୍ଗତ । ପ୍ର ସଦୁପୁର ଡ ୪୩୮୪ ନମ୍ବର ତଉଜି ଭୁକ୍ତ । ମୌ ଲକ୍ଷ୍ମୀଦାସପୁଣପୁର ଇତ୍ୟାଦିରେ ଥିବା ପ୍ରତିବାଦୀର ରୋଗ ଦଖଲ ପାହି ସ୍ଥିତିବାନ ଉସ୍ତ୍ର ଏ୨-୪୫ ଡ: ରୁ ଜମା ଟ ୬୶୦ ଅଟେ ତାହା ଏ ମୋକଦ୍ଦମାରେ ନିଲାମ ହେବ ତହିଁର ଅନୁମାନିକ ମୂଲ୍ୟ ଟ ୧୦୦ ଟଙ୍କା ଅଟେ ।

Split by PDF Splitter
Digitized by srujanika@gmail.com

## NOTICE.

Candidates eligible under the rules published under Government Notification No. 1609 A. D., dated the 10th June 1909, for posts of Sub-Deputy Collectors are hereby informed that they should submit their applications for nomination to the District Officer or the Politcal, Agent, Orissa Feudatory Staites in whose jurisdiction they may reside during the month of June 1909.

Orissa Commr's. Office, Cuttack, 21-6-1909

D. N. Das, Personal Assistant for Commissioner.

## ADVERTISEMENT.

Wanted at once for the Kendrapara H. School, a graduate Assistant Head master srtong in English, Honors preferrable, for six months, with prospect of confirmation at Rs. 55 per mensem and a Graduate second Master, strong in Mathematics, at Rs. 50 per men sem. The candidates for the second mastershisp shall have to stick to the post for at least 2 years.

## ବିଜ୍ଞାପନ ।

କଣାଇଷ୍ଟେଟ ସବଡିଭିଜନ ( ମାଡାଗିଥା ) ସବ୍‌ଡିଭିଜନର କାର୍ଯ୍ୟ କରିବା ଜଣେ ସିଭିଲ ହସ୍ପିଟାଲ ଆସିଷ୍ଟାଣ୍ଟ ଆବଶ୍ୟକ । ବେତନ ମାସିକ ଟ ୩୦ ଙ୍କା ଓ ସିଭିଲସାର୍ଭିସ ରେଗୁଲେଶନର ଅନୁଯାୟୀ ଗସ୍ତି ଭତ୍ତା ଦିଆଯିବ ଉକ୍ତ ସବଡିଭିଜନର ହୋଏଗ ମୁକାମରେ ନୂତନ ସ୍ଥାପିତ ହେଉଥିବା ଡାକ୍ତରଖାନାରେ ମାସିକ ଟ ୩୫ ଙ୍କା ବେତନରେ ନିଯୁକ୍ତ ହେବାର ସମ୍ଭାବନା । ପ୍ରାର୍ଥୀମାନେ କଣାଇଷ୍ଟେଟ ସୁପ. ଇନ୍‌ଟେଣ୍ଡେଣ୍ଟ କଣାଇ ଗଡ଼ Via ଗାଇଘୋଷ B. N. Ry. ଙ୍କ ଠିକଣାକୁ ନିଜ ଆବେଦନ ପତ୍ର ପଠାଇବେ ।

ସମ୍ବଲପୁର ତା୧୯।୬।୧୯୦୯ } ( ସ୍ୱା ) ଏଲ୍, ସି, ରେମସେ ପୋଲିଟିକେଲ ଏଜେଣ୍ଟ ଓଡ଼ିଶା ଗଡ଼ଜାତ

## ବିଜ୍ଞାପନ ।

କଟକ ବାଖରାବାଦ ବ୍ରାହ୍ମଣସାହିରେ ଶ୍ରୀ ବାଲୁକେଶ୍ୱର ମହାଦେବ ଠାକୁରଙ୍କର ଗୋଟିଏ ପ୍ରାଚୀନ ମଠ । ଉକ୍ତ ମଠଟି ବହୁକାଳ ପର୍ଯ୍ୟନ୍ତ ଜୀର୍ଣ୍ଣଶୀର୍ଣ୍ଣ ହୋଇ ପଡ଼ିଥିଲା । ମାନନୀୟ ଉତ୍କଳଦୀପିକାର ସମ୍ପାଦକ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟ ମହୋଦୟ ଉକ୍ତ ମଠର ପୁନର୍ବାର ନିର୍ମାଣ କରାଇବାପାଇଁ ଭାଇ ହରିନନ୍ଦ ବାବାଜିଙ୍କୁ ପରଚେ ଦେଇଥିଲେ । ଦେବାଳୟଟି ନିର୍ମାଣ ହୋଇଥିଲେହେଁ ତାହାର ସମ୍ମୁଖରେ ନାଟଶାଳା ମୁଖଶାଳା ଓ ଭୋଗ ମନ୍ଦିର ହୋଇ ନ ଥିବାରୁ କାର୍ଯ୍ୟଟି ଅସମ୍ପୂର୍ଣ୍ଣ ରହିଅଛି । ଗୋଟିଏ ଜଗମୋହନ ଓ ପ୍ରାଙ୍ଗଣ ବେଷ୍ଟନ ନିମନ୍ତେ ଗୋଟିଏ ପ୍ରାଚୀର ନିତାନ୍ତ ଆବଶ୍ୟକ । ଏହି ସବୁ କାର୍ଯ୍ୟ ସମ୍ପାଦନାର୍ଥେ ଅନ୍ୟୂନପକ୍ଷେ ୫୦୦ ( ପାଞ୍ଚଶହ ଟଙ୍କାର ଆବଶ୍ୟକ । ସାଧାରଣଙ୍କ ସାହାଯ୍ୟ ନ ହେଲେ ଦେବକାର୍ଯ୍ୟଟି ସମ୍ପୂର୍ଣ୍ଣ ହେବା ସୁକଠିନ । ଅତଏବ, ସାଧାରଣଙ୍କ ପ୍ରାର୍ଥନା ଯେ ଯାହାର ଯାହା ସାହାଯ୍ୟ କରନ୍ତୁ । ଦାତାମାନେ ଅନୁଗ୍ରହ ପୂର୍ବକ ଉକ୍ତ ସାଧକ ବାବାଜି ନିକଟକୁ ପଠାଇଲେ ଦେବକାର୍ଯ୍ୟ ଅନେକରେ ସମାଧା ହୋଇ ପାରିବ ।

ପୋଷକ ଓ ସମର୍ଥକ

ଶ୍ରୀ ଅକ୍ଷୟକୁମାର ଘୋଷ ବାଖରାବାଦ କଟକ

" ଶ୍ରୀ ହରିଚରଣ ବନ୍ଦ୍ୟୋପାଧ୍ୟାୟ ଚାନ୍ଦନୀଚୌକ ସହର କଟକ ପୋଃ ଗୃହଙ୍କ

ବାବୁ ଶ୍ରୀ ବୈକୁଣ୍ଠନାଥ ମିତ୍ର ଏଜନ

" ଶ୍ରୀ ରଜକିଶୋର ଦାସ ପୁରୀ ମେନେଜର

" ଶ୍ରୀ ଜନାର୍ଦ୍ଦନ ପାଲିତ ବାଲୁବଜାର କଟକ

" ଶ୍ରୀ ଉମାନାଥ ଦାସ କାଠଗଡ଼ "

" ଶ୍ରୀ ଅକ୍ଷୟଚନ୍ଦ୍ର ମୁଖୋପାଧ୍ୟାୟ ଗଣେଶଘାଟ "

" ଶ୍ରୀ ମଧୁସୂଦନ ଓ ଭାଗବାନ ନନ୍ଦୀ "

ଶ୍ରୀଯୁକ୍ତ ଶ୍ରୀ ଚାର୍ଚ୍ଚିକରଣ ମୁଖୋପାଧ୍ୟାୟ କାନନବଜାର "

ଶ୍ରୀ ଦାମୋଦର ଓ ବଂଶୀଧର ବାଲୁବଜାର "

ବ୍ରାହ୍ମଣସାହି ବାଖରାବାଦ } ୧ ନ ।
ତା ୫।୬।୦୯ } ଶ୍ରୀ ହରିହର ନନ୍ଦ ଶର୍ମ୍ମା

There is a small temple of Ballokeswar Mahadev at Bakhrabad What hes been written about it by Harjhar Nand is true. He has requested the Hindu community to assist him in the erection of the Mookshala.

Cuttack ) Sd. Harry Charan Banerjee
29—6—09 ) Pleader

I endorse the above.

16—4—09 Sd. R. K. Dass

I agrree entirely.

29 4—09 Sd. N. A. ROY
Pleader

Hari Nanda is known to me. He wants help from the public. In myn opinion help must ne given to him to rebuild the temple Ballukeswar at Bakhrabad.

19—1—09) Sd Udaya nath Das,
Pleader

Hari nanda is well known to me. He wants to rebuild the temple of Ballukeswar Mahadev near his house. He deserves encouragement from the generous public.

Cuttack Sd. Gopal Ch. Roy
17—1—09 Pleader
I agree

B. L. Bose
Pleader
24—1—09

ନୂତନ—ମୁଦ୍ରିତ ।

## ଜ୍ୟୋତିଷ୍କ ଗୀତା ।

ଏହା ଜ୍ୟୋତିଷମାନଙ୍କର ପରମ ଆଦରଣୀୟ ଗ୍ରନ୍ଥ । ଏହାର ପରିଚୟ ଦେବା ବାହୁଲ୍ୟ ମାତ୍ର । ମୂଲ୍ୟ ଅତି ସୁଲଭ ଟ ୦ ✓

(FOLK TALES OF ORISSA)

## କଥାଲହରୀ ।

ବା

ଉତ୍କଳ ଜନଶ୍ରୁତି ସଂଗ୍ରହ ।

ପ୍ରଥମ ସଂସ୍କରଣ ଅନେକ ଦିନ ହେଲା ଶେଷ ହୋଇଥିଲା । ଏବେ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ଏହି କଟକ ପ୍ରିଣ୍ଟିଂକୋମ୍ପାନୀ ଯନ୍ତ୍ରାଳୟ ସଂଲଗ୍ନ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଟ ୦ ୫ ମାତ୍ର

ବିଜ୍ଞାପନ ।

ଶ୍ରୀ ସତ୍ୟେନ୍ଦ୍ରର ବସୁ କର୍ତ୍ତୃକ ପ୍ରକାଶିତ

## ଋଗ୍‌ବେଦ ସଂହିତା

( ପ୍ରଥମ ଖଣ୍ଡ )

ଯଦି ପ୍ରକୃତ ଧର୍ମ ଜାଣିବାର ବାସନା ଥାଏ, ଯଦି ସଂସାରରେ ମନୁଷ୍ୟତା ଲାଭ କରି ମୁକ୍ତ ହେବାର ପିପାସା ମନରେ ଜାଗୁଥାଏ ଏବଂ ଯଦି ଅନ୍ତର୍ଜଗତ ଲାଭ କରି ପୃଥିବୀରେ ଗଣ୍ୟମାନ୍ୟ ହୋଇ ଉନ୍ନତପଦ ଲାଭର ଇଚ୍ଛା ଥାଏ ତେବେ ବେଦ ପାଠ କର । ବେଦ ପାଠରେ ସମସ୍ତଙ୍କର ଅଧିକାର ଅଛି ଏବଂ ବେଦହିଁ ଧର୍ମର ପ୍ରମାଣ । ଏଥିରେ ମୂଳ ବେଦ ମନ୍ତ୍ର ଏବଂ ସରଳ ଓଡ଼ିଆ ଟୀକା ସହିତ ଓଡ଼ିଆ ଭାଷାନୁବାଦ ଦିଆଯାଇଅଛି ଏବଂ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ପ୍ରତିଖଣ୍ଡକୁ ଏକଟଙ୍କା ଛଡ଼ା ମୋଫସଲକୁ ଅଧିକା ଡାକମାସୁଲ ଏଣଅଣା ଲାଗିବ ।

ବିଜ୍ଞାପନ ।

ସିଦ୍ଧ ନବରତ୍ନ

ଛାଗଳାଦ୍ୟଂ ଘୃତ ।

ଶାସ୍ତ୍ରୀୟ ପ୍ରସିଦ୍ଧ ପୁଷ୍ଟିକର ଓ ଶୁକ୍ରବର୍ଦ୍ଧକ ମହୌଷଧ ଅଭାବରୁ ବା ବେଶ୍ୟାସକ୍ତି ହେତୁ ବ୍ୟକ୍ତିମାନଙ୍କ ପକ୍ଷରେ ଏହି ଘୃତ ସେପରି ପୁଷ୍ଟିକର ଏପରି ଅନ୍ୟ କୌଣସି ମାତ୍ର ଅବ୍ୟର୍ଥଫଳପ୍ରଦ ପୁଷ୍ଟିକର ଔଷଧ ନାହିଁ । ସମାଜନ ବାବର ଏହି ସିଦ୍ଧନବରତ୍ନ ଛାଗଳାଦ୍ୟ ଘୃତ ବ୍ୟବହାର କଲେ ଦିନକୁ ଦିନ ଶରୀରର ପୁଷ୍ଟିସାଧନ ଓ ବଳକର ଶରୀର ପ୍ରଗାଢ଼ତା ଏବଂ ସୁନ୍ଦର ବୃଦ୍ଧି ହୁଏ । ଏହି ଘୃତ ସେବନ କଲେ ଅଗ୍ନିବଳ ଏବଂ ପରମାୟୁ ବୃଦ୍ଧି ହୁଅଇ । ଏବଂ ଶରୀରର କାନ୍ତି ମନର ପ୍ରଫୁଲ୍ଲତା ମସ୍ତିଷ୍କର ବଳବାନ ଉଷ୍ମର ଶାନ୍ତି ଉତ୍ପାଦନ କରେ, ସ୍ମୃତି ଶକ୍ତିର ବୃଦ୍ଧି କରିବାର ଏହି ଘୃତ ଏକମାତ୍ର ମହୌଷଧ ଏବଂ ବଳର ଅପଗମ, ସହଜ ଭାବ, ଦୁର୍ବଳତା, ଚିନ୍ତା ଆଦି

Digitized by srujanika@gmail.com

ହୁଏ । ସକଳ ପ୍ରକାର ବାତ ବ୍ୟାଧି, ଉନ୍ମାଦ, ଅପସ୍ମାର, ନବ ଶୂଳ, ନଷ୍ଟାର୍ତ୍ତ ପ୍ରଭୃତି ନାନାପ୍ରକାର ରୋଗ ନିବାରଣ ହୁଏ । ଯଦି ଏବ ସେହିବ୍ୟକ୍ତି ବଳ ବୃଦ୍ଧି ଇଚ୍ଛା କରେ ତାହା ପକ୍ଷରେ ଏହି ଶାସ୍ତ୍ରୋକ୍ତ ପରମ କଲ୍ୟାଣକର ସେବନ ଦ୍ୱାରା ବଳପ୍ରାପ୍ତ ଇତ୍ୟାଦି ଦୃଢ ପ୍ରୟୋଜନ । ଯାହା ଅଧିକ ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ । ଏହାର ଗୁଣ ଶାସ୍ତ୍ରରେ ମଧ୍ୟ ବିଶେଷ ପ୍ରକାର ଭାବରେ ବର୍ଣ୍ଣନ ହୋଇଅଛି । ଯଥା;—

ସେବନଂ ବଳି ବଳ ପ୍ରଦଃ ।
ତସ୍ମା ମନ୍ଦର୍ଷଂ ଦେଧାତ ଦ୍ରୁତଂ ॥
ଦନ୍ତାବଳେବେଣ ସମାନ ତେଜା ।
ସର୍ବାମୃତଂ ସ୍ୱନ୍ଦନଂ କରୋତ । ୧ ।
[illegible]
[illegible]
ଅରୁଣୀ ଦ୍ରୁତଂ କରୋତ ।
ଶତାବୃଷ୍ଟଂ କାମଗମଂ ବଳଞ୍ଚ । ୨ ।
ମଦନ ଦ୍ରୁତଂ ନାମରୁ ଛଗଳାଦ୍ୟଂ ।
ନେର୍ମିତଂ ଦାତ ନିବୃଦନଂ ॥
ଶିବ ଶୂନ୍ୟ ରୋଗଋଷ୍ୟାପହଂ ଚ ।
ତଦ୍ଧାତ ଦାନ୍ତ ମନ୍ଦର୍ଶିନ୍ଦୁଃ । ୩ ।

ପ୍ରକାଶ ଥାଉ କି ଏହି ଦ୍ରବ୍ୟାଳୟ ସଂପ୍ରକାର ଅକୃତ୍ରିମ ସ୍ୱର୍ଣ୍ଣ ପଦ, ଚୈନ, ଗଢିଆ, ଅସ୍ତର, ଅରିଷ୍ଟ, ମୋଦକ, ମକରଧ୍ୱଜ, ଦେଶୀ ଜାତର ଧାତୁ, ଓ ଧାତୁକସ୍ତ୍ର ଶାସ୍ତ୍ରୀୟ ପ୍ରଣାଳୀ ବଶତଃ ନିମିତ୍ତ ପ୍ରସ୍ତୁତ ହୁଏ ରଖିଅଛୁ । ରୋଗୀ ମାନଙ୍କର ଆବଶ୍ୟକ ହୁଏ ସେମାନେ ନିମ୍ନଲିଖିତ ଠିକଣାରୁ ପତ୍ର ପଠାଇଲେ ଅବଶ୍ୟ ପାଇ ପାରିବେ ।

ମୂଲ୍ୟ ।

ସେ ୧ । ୧ ଟି ୪ ପାଉଣ୍ଡ ଏବ ଏକଟି ତ
ସେ ୧ ର ୨ ଟି ୧୪ ଡଜନ ।

ଡା: ପି: ରେ ମଗାଇଲେ ଡାକ ମାସୁଲ ସହିତ ଦେବାକୁ ହେବ ।

ନିବେଦକ
ଶ୍ରୀ ଦୟାନିଧି ମିଶ୍ର ଶର୍ମା
ଆୟୁର୍ବେଦୀୟ ଔଷଧ ଯନ୍ତ୍ରାଳୟ ଚିକିତ୍ସାଳୟ
କଟକ ଓ ରମଣଡା
ପୋ: ଅ: ଚଉଧୁରୀ ବଜାର ।

ନୀଲାମୀ ଇସ୍ତାହାର
ନଂ ୨୫୪ ନମ୍ବର ଡିକ୍ରିଜାରୀ
ସନ ୧୯୦୮ ମସୀହା । ଇ । ସବଜଜ
ପାଣ୍ଡି ଷାହୁ । ସା । ନିମକମିଲପାଟଣା ସଦର କଟକ
ବାଦୀ
( ବନାମ )
୧ ଉମ୍ମାମଣି ମାହାରଣା ୨ ଚୁଙ୍ଗୀ ବେଉ୍ୟା । ସା । ନିମକମିଲପାଟଣା ସଦର କଟକ
ପ୍ରତିବାଦୀ

ଜିଲ୍ଲା ସବରେଜିଷ୍ଟ୍ରି ଓ ପୁଲିଶ ଷ୍ଟେସନ କଟକ ଅନ୍ତର୍ଗତ ସଦର କଟକ ନିମକମିଲପାଟଣା ସାମିଲ ଶାହିଆସାହି ରକବାରେ ଥିବା ପ୍ରତିବାଦୀଙ୍କ ଦଖଲ ଭୂମିଶ ଜମିଦାରୀ ଘର ବାଡି । ବା, । ଉଲ୍ଲିଖିତ ଖଜଣା ନମ୍ବର ଓ ଚୌହଦି । ମୂ । ୧ —.୨୩୦ ଡ: ଖଜଣା ବାଦାଲ ଜମିଦାରୀ ବହିର ପ୍ରତିବାଦୀମାନଙ୍କର ଦେୟ ବାର୍ଷିକ ଜମା ୮ ୧।/ ଅଟେ ଉକ୍ତ ଜମି ଓ ତହିଁ ଉପରେ ଥିବା ପ୍ରତିବାଦୀମାନଙ୍କର ପକ୍କା କୋଠା ଏବ ଚାଳ ବଖ ଘର ଓ ତାହା ଉପରର ବ ୪ ଖଣ୍ଡ ବ ତହିଁର ଅ: ମୂ: ଟ ୩୦୦୧ ଟଙ୍କା ଅଟେ ।

୨୯୨୧ମ୍ବର ଖେଡ଼ା ଘର ତ ୧ ଏ ୦—.୨୦୦ଡ:
୨୯୨୩ମ୍ବର „ ବଗିଚା ତ ୧ ଏ ୦—.୨୧୩୦
ମୋଟ ଏ ୦—.୨୩୩୦ଡ

ଉକ୍ତ ସମ୍ପତ୍ତି କଟକ ଜିଲ୍ଲାର ଶ୍ରୀଯୁକ୍ତ ସବଜଜଙ୍କ ଅଦାଲତରେ ଆଗାମୀ ସନ ଅସନ୍ତା ଜୁଲାଇ ମାସ ତା ୧୫ ରଖରେ ନିଲାମ ହେବ । ଖରିଦ ଇଚ୍ଛୁକ ବ୍ୟକ୍ତିମାନେ ଉକ୍ତ କୋର୍ଟରେ ଉପସ୍ଥିତ ହୋଇ ନିଲାମ ଡାକିବେ ।

ନଂ ୧୪୬ ନମ୍ବର । ସ । ସନ ୧୯୦୬ ମସୀହା । ଇ । ସବଡିଭିଜନାଲ ଜଜ ସାହେବଙ୍କ ଅଦାଲତ
ଗୋପାଳଶରଣ ଭଗତ । ସା । ନକ୍ସିବଜାର ବେପାରୀସାହି ସଦର କଟକ
ବାଦୀ
( ବନାମ )
ବାଳକୃଷ୍ଣ ପଟ୍ଟନାୟକ ଓଗେରେ । ସା । ଏକସମା । ତ । ଲୁଜଙ୍ଗ
ପ୍ରତିବାଦୀ

ଏ ମୋକଦ୍ଦମାର ଜାରଡକ୍ରୀ ଓଗେରେ ଟ ୮୫୦୩/୯ ଆଦାୟ ସକାଶେ ପ୍ରତିବାଦୀମାନଙ୍କର ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ଜୁଲାଇ ମାସ ତା ୧୫ ରଖରେ ନିଲାମ ହେବ ।

ତପସିଲ ସମ୍ପତ୍ତି ।

୧ । ତା । ହରିହରପୁର । ମୌ । କୁସୁମପୁର ସାମିଲ ଚିଙ୍ଗଡ଼ିବଜାର ପ୍ରଦାଶ ନାମ ବେଲଙ୍ଗାବଜାର । ପ୍ର । ବାଖରାବାଦ ଦଖଲି ସତ୍ତ୍ୱ ଖାତା ନଂ ୨୨୦ ନମ୍ବର । ବା, । ମା ୦।୨୫ ରୁ ଜମା ଟ ୦ ୫୬ ଏଥିରେ ଥିବା ପକ୍କା ଓ କଞ୍ଚା କାନ୍ଥବାଲା ଛପର ଘର ଗୋ ୨ ଟା ଓ ଦଶାଟି ଚୌକାଠ ସହିତ ।

୨ । ତ । ଲୁଜଙ୍ଗ । ମୌ । ଏକସମ ରକବାରେ ଥିବା ଶ୍ରୀ ସତ୍ୟବାଦୀ ଜେନା । ଖା । ବାଦେଲ ବାରଣ ମହାପାତ୍ର ଲେଖିଦିଅ ପୁସ୍ତମଙ୍ଗର ପଟ୍ଟାଲ ସହି ମା ୩।୮୧ କୁ ଖାଲ ଥିବା ଜମାଟ ୬୧ଙ୍କା ଅଟେ ।

୩ । ତ । ଲୁଜଙ୍ଗ । ମୌ । ଏକସମା ବାସ୍ତୁ ଗଣେଶ ରଥ । ବା । ଲା । ବାଦେଲମା ୩।୧୬ ଧୁର ।

୪ । ତ । ଲୁଜଙ୍ଗ । ମୌ । ଏକସମା ଭରଥ ସାମନ୍ତ । ବା, । ଖା । ବାସ୍ତୁ ପ୍ରି ନ ୨୧୬ ନମ୍ବର ଜମିର । ବା, । ମା ୩।୧୦୫/ ନ ୨୧୯ ନମ୍ବର ଜମିର ମା ୩।୩ ଗାଏ ମା ୩।୧୩୬ ଏଥିରେ ଥିବା ବାଡ଼ିଖ ରୁ ୨୬ ଦା ।

୫ । ବାସ୍ତୁ ବୈଦ୍ୟନାଥ ମିଶ୍ର ନାମର । ଖା । ବ୍ରହ୍ମୋତ୍ତର ଜମା ଟ୧୧ ୧୩ । ମୌ । ଏକସମା । ବା, । ମା ୩।୧୬୫ ଜମି ।

୬ । ବାସ୍ତୁ ସାନବନ୍ଧୁ ମିଶ୍ର ଓ ଜଗନ୍ନାଥ ମିଶ୍ର ଓ ଆନନ୍ଦ ମିଶ୍ର ଓ ବୈଦ୍ୟନାଥ ମିଶ୍ରଙ୍କ । ବା, । ବ୍ରହ୍ମୋତ୍ତର । ଲ । ବାଦେଲ । ମୌ । ଏକସମା ରକବା ମଧ୍ୟରେ ଥିବା ମା ୩।୧୪୬ ଧୁର ।

୭ । ବାସ୍ତୁ ଲୋକନାଥ ଦାସ ନାମର । ମୌ । ଏକସମା ରକବାରେ ଥିବା । ଖା । ବାଦେଲ ମା ୨।୨୬ ଜମି

୮ । ବାସ୍ତୁ ଅଭିନ ନାୟକ । ବା, । ଲା । ଖସର । ମୌ । ଏକସମା ରକବାରେ ଥିବା ସାବକ ଜଙ୍ଗଲ । ମୂ । ମା ୦।୧୩ ଧୁର ।

୯ । ବାସ୍ତୁ ରଘୁନନ୍ଦ ଦାସ । ବା, । ଲା । ଖସର । ମୌ । ଏକସମା ରକବାରେ ଥିବା ମା ୦।୧୯/ ଧୁର

୧୦ । ବାସ୍ତୁ ଗୋପୀନାଥ ମିଶ୍ର ଓଗେରେ ନ ୧୬ ଖଣ୍ଡ । ତ । ଲୁଜଙ୍ଗ । ମୌ । ଜଳ-ଅନ୍ଧାର ରକବା ମଧ୍ୟେ । ଲା । ବାଦେଲ ବାମଦେବ ଚଉଧୁରୀ ଓ ସଦାନନ୍ଦ ପଟ୍ଟନାୟକ ଉଭୟଙ୍କ ନାମର ଖରିଦ ଜମି ମା ୨୮।୨୦୬

# ଉତ୍କଳ ଦୀପିକା ।

ଗତ ତା ୧୨ ରଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୯୦୬ ମୃତ୍ୟୁ ହୋଇଥିଲା ଯେ ତହିଁମଧ୍ୟରେ ପଞ୍ଜାବର ମୃତ୍ୟୁ ସର୍ବୋଚ୍ଚ ବା ୫୯୧ ଓ ବମ୍ବେର ମୃତ୍ୟୁ ୮୮ ଥିଲା । ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୧୬୯୮ ଥିଲା । ସୁତରାଂ ଅନେକ ହ୍ରାସ ହୋଇଅଛି ।

ଗତ ତା ୧୨ ରଖରେ ଶେଷହେବା ସପ୍ତାହରେ ଭାରତରେ ଦୁର୍ଭିକ୍ଷସାହାଯ୍ୟ ପାଉଥିଲେ ପୂର୍ବବଙ୍ଗ ୮୪୫ ବଙ୍ଗ ୩୩୨୧୩, ଯୁକ୍ତପ୍ରଦେଶ ୨୫୬୧୫ ମଧ୍ୟପ୍ରଦେଶ ୮୬ ଓ ବମ୍ବେ ୯୬୯ ସାଏ ୬୦୭୨୮ ଜଣ । ପୂର୍ବ ସପ୍ତାହର ଅଙ୍କ ଥିଲା ୧୨୧୩୮୮ । ପ୍ରତଗଂ କ୍ରମଶଃ କମୁଅଛି । ବର୍ଷାହେବୁ ଦୁର୍ଭିକ୍ଷ ଘଟିବା ଏଥିର କାରଣ ବୋଧ ହୁଅଇ ।

ମେଦିନୀପୁରର ଅନୁସନ୍ଧାନ ସମ୍ପର୍କରେ କଲିକତାର 'ଟେଲିଗ୍ରାଫ୍' ସମ୍ପାଦକ ଲେଖିଅଛନ୍ତି ଯେ ମୋକଦ୍ଦମାର ବିଷୟ ଉପରୁ ଏବେ ବସ୍ତୁତଃ ତଦନ୍ତ ଅପେକ୍ଷା ଯେଉଁମାନଙ୍କର ଦୋଷ ହାଇକୋର୍ଟ ଦେଖାଇ ଦେଇଅଛନ୍ତି ସେମାନଙ୍କ ନାମରେ ଫଉଜଦାରୀ ନାଲିସ କରିଥିଲେ ଭଲ ହୋଇଥାନ୍ତା ଏବଂ ସେଥିରେ ଆସାମୀମାନେ ସଫାଇ ଦେବାର ସମ୍ପୂର୍ଣ୍ଣ ସୁଯୋଗ ପାଇଥାନ୍ତେ । ସଦ ଷ୍ଟେଟ୍ସମେନ ଏହି ମନ୍ତବ୍ୟ ଆମ୍ଭମାନଙ୍କ ମନରୁ ହୋଇଅଛି । ସମ୍ଭବତଃ ଶରତ ଋତୁରେ ଗବର୍ଣ୍ଣମେଣ୍ଟ ଏ ବାଟକୁ ଉପେକ୍ଷା କରି ଅଛନ୍ତି । ମାତ୍ର ଅନୁସନ୍ଧାନରେ ଯେବେ ସେ ସମ୍ପର୍କୀୟ ସରକାରୀ କର୍ମଚାରୀଙ୍କର ଦୋଷ ପ୍ରମାଣ ହେବ ତେବେ ସେମାନଙ୍କୁ ଫଉଜଦାରୀରେ ଦଣ୍ଡ ନ ଦେଇ ବିଭାଗୀୟ ଦଣ୍ଡ ଦେଲେ କି ପ୍ରକୃତ ହେବ ? ପୁଣି ଖରଚ୍ଚ ଡର ମୋକଦ୍ଦମା ନ କଲେ କି ଯଥାର୍ଥ ନ୍ୟାୟ ବିଚାର ହେବ ?

Split by PDF Splitter



ଗତ ତା ୧୬ ରଖରେ ଶେଷହେବା ସପ୍ତାହରେ ଭାରତର ପଶ୍ଚିମ ଉପକୂଳରେ ଓ ବରମା, ଓଡ଼ିଶା ଓ ଛୋଟନାଗପୁରରେ ବହୁତ ଊଣା ବର୍ଷା ହୋଇଥିଲା । ଅନ୍ୟାନ୍ୟରେ ପୂର୍ବବଙ୍ଗ, ବଙ୍ଗବିହାର ଓ ଯୁକ୍ତପ୍ରଦେଶରେ ବିଶେଷ ବର୍ଷା ହୋଇଥିଲା । ପଞ୍ଜାବ, ରାଜପୁତାନା ମାନ୍ଦ୍ରାଜ ଉପକୂଳର ଉତ୍ତରାଂଶରେ ଏ ସମୟଠାରୁ ବହୁତ ଅଧିକ ବୃଷ୍ଟି ହୋଇଥିଲା । ଧୁବଡ଼ିରେ ସର୍ବାପେକ୍ଷା ଅଧିକ ୧୪। ଇଞ୍ଚ ଜଳ ବର୍ଷିଥିଲା ।

—※—

ଏକ ସମ୍ବାଦପତ୍ରରେ ପ୍ରକାଶ ଯେ ହାଇଡେଲବର୍ଗଠାରେ ଜ୍ୟୋତିର୍ବେତ୍ତା ଅଧ୍ୟାପକ ଗ୍ରୁଣ୍ଟଉଲ୍ଫ ସାହେବ ଗୋଟିଏ ବୃହତ୍ ଦୂରବୀକ୍ଷଣ ଯନ୍ତ୍ର ଯୋଗେ ଏକ ବୃହତ୍ ନକ୍ଷତ୍ର ଆବିଷ୍କାର କରିଅଛନ୍ତି । ଏହା ସୂର୍ଯ୍ୟଠାରୁ ଦଶସହସ୍ର ଗୁଣ ଅଧିକ ବଡ଼ ଏବଂ ସୂର୍ଯ୍ୟ ପୃଥିବୀଠାରୁ ଯେତେଦୂରରେ ଅବସ୍ଥିତ ତହିଁ ଅପେକ୍ଷା ଦଶସହସ୍ର ଗୁଣ ଅଧିକ ଦୂରରେ ଥିବାର ଜଣାଯାଏ । ଏଥିର ବିସ୍ତାରିତ ବିବରଣ ପାଇବା ଯାଇ ନାହିଁ ।

———

ଏ ବର୍ଷର ବାୟୁବାୟୁ ଘଟନାମାନ ପର୍ଯ୍ୟାଲୋଚନା କରି ଭାରତ ଗବର୍ଣ୍ଣମେଣ୍ଟର ପ୍ରଧାନ ଋତୁ ଦର୍ଶକ ସିଦ୍ଧାନ୍ତ କରିଅଛନ୍ତି ଯେ ଭାରତ ବର୍ଷରେ ବର୍ଷାର ପରିମାଣ ସାଧାରଣ ବାର୍ଷିକ ପରିମାଣଠାରୁ ଅଧିକ ହେବ । ଯେ ସକଳ ବର୍ଷରେ ଅଧିକ ବର୍ଷା ହୋଇଥିଲା ଏବର୍ଷର ଲକ୍ଷଣ ସେଥିସଙ୍ଗେ ସମାନ ହେଉଅଛି । ମାତ୍ର ଉତ୍ତର ପଶ୍ଚିମ ଭାରତ ଅପେକ୍ଷା ବଙ୍ଗୋପସାଗର ବର୍ଷା ସ୍ରୋତର ଅଧୀନ ସ୍ଥାନ ସମୂହରେ ବୃଷ୍ଟି ଅଧିକ ଅନୁକୂଳ ହେବାର ଜଣାଯାଏ । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ଏ ଅଞ୍ଚଳରେ ଏବର୍ଷ ପ୍ରଚୁର ବୃଷ୍ଟି ହେବ । ଏହାହିଁ ସାଧାରଣଙ୍କ ବିଶ୍ୱାସ ।

—※—

ପୁନାରେ ନର୍ମାଲ ସ୍କୁଲ ବିଦ୍ୟାଳୟ ଗୃହ ଗତ ତା ୧° ରଖ ଅପରାହ୍ନ କାଳରେ ବୋମ୍ବାଇର ମାନ୍ୟବର ଗବର୍ଣ୍ଣର ମହୋଦୟଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଗବର୍ଣ୍ଣର ମହୋଦୟ ଏତଦୁପଲକ୍ଷେ ଅପଣା ବକ୍ତୃତାରେ ପ୍ରକାଶ କଲେ ଯେ ଶ୍ରମ ଏବଂ ଶିଳ୍ପ ସମ୍ବନ୍ଧୀୟ ଶିକ୍ଷାରେ ଉତ୍ସାହ ଦେବା ପ୍ରୟୋଜନୀୟ । ବାଳକ ଶିକ୍ଷାରେ ବିଶେଷ ଉନ୍ନତି ହେଉ ନାହିଁ ଏବଂ ବାଳିକାବିଦ୍ୟାଳୟ ଏ ବିଷୟର ବିଚାର କରିବେ । ଏ ବିଷୟରେ ଦେଶୀୟ ଲୋକେ ପ୍ରବୃତ୍ତ ହେଲେ ଅବଶ୍ୟ ଉତ୍ତମ ଫଳ ଫଳିବ ।

———

ବଙ୍ଗ ଶିକ୍ଷା ବିଭାଗର ମହାମାନ୍ୟ ଡାଇରେକ୍ଟର ସାହେବ ଘୋଷଣା କରିଅଛନ୍ତି ଯେ ଗ୍ରୀଷ୍ମାବକାଶ ପରେ ପାଟନା, କଟକ, କୃଷ୍ଣନଗର ଏବଂ ହୁଗଲିର ସରକାରୀ କଲେଜ ସମୂହରେ ଉକାଲତୀ ଶ୍ରେଣୀ ଫିଟିବ । ଯେଉଁମାନେ ଏହି ଶ୍ରେଣୀରେ ପଢ଼ିବା ସକାଶେ ଏ ସମ୍ବନ୍ଧରେ ଅନ୍ୟ କିଛି ଜାଣିବାକୁ ଇଚ୍ଛା କରନ୍ତି ସେମାନେ ସେହି ସବୁ କଲେଜର ପ୍ରିନ୍ସିପାଲଙ୍କଠାରେ ଆବେଦନ କରିବେ । ଏଠା ରେଭେନ୍ସା କଲେଜର ଗ୍ରୀଷ୍ମାବକାଶ ଶେଷ ହୋଇ ଗତ ବୁଧବାର କଲେଜ ଫିଟିଅଛି । ଯେଉଁମାନେ ପଢ଼ିବାକୁ ଇଚ୍ଛା କରନ୍ତି ଶୀଘ୍ର ଆବେଦନ କରନ୍ତୁ ।

———

ମେଦିନୀପୁରର ପ୍ରସିଦ୍ଧ ଷଡ଼ଯନ୍ତ୍ର ମାମଲାରେ ଅନ୍ୟାନ୍ୟ ଅନେକ ଲୋକ ସଙ୍ଗେ ମେଦିନୀ ବାନ୍ଧବର ସମ୍ପାଦକ ଗତ ଅଗଷ୍ଟ ମାସରେ ଧରା ହୋଇ ବହୁକାଳ ହାଜତରେ ରହି ଶେଷରେ ଖଲାସ ପାଇଥିଲେ । ମାତ୍ର ଅବଶିଷ୍ଟ ଜ ୩ ଣ ଆସାମୀ ବିରୁଦ୍ଧରେ ମୋକଦ୍ଦମା ଚାଲୁଥିବାରୁ ମେଦିନୀପୁର ବାସିଙ୍କର ମନ ଥୟ ଧରୁ ନ ଥିଲା । ହାଇକୋର୍ଟର ଶେଷ ବିଚାରରେ ସେମାନେ ମୁକ୍ତି ପାଇବାରେ ସମସ୍ତ ଚିନ୍ତା ଦୂର ହୋଇଅଛି ଓ ସମସ୍ତେ ଆନନ୍ଦ କରୁଅଛନ୍ତି । ବେଣ୍ଡ ଗତ ତା ୨୧ ରଖରୁ ମେଦିନୀ ବାନ୍ଧବ ପୁନର୍ବାର ବାହାରିବାର ଆରମ୍ଭ ହୋଇଅଛି ଓ ସହଯୋଗୀଙ୍କର ଦର୍ଶନ ପାଇ ଅମ୍ଭେମାନେ ଆନନ୍ଦିତ ହେଲୁଁ । ସହଯୋଗୀ ଲେଖିଅଛନ୍ତି ଯେ ଇଂରେଜଙ୍କର ଅପ୍ରତ୍ୟାଶ୍ୟ ବିଚାରରେ ଧର୍ମର ଜୟ ପ୍ରତ୍ୟକ୍ଷ ହେଲା ଏଥର ପାପର କ୍ଷୟ ଦେଖିବାର ବାସନା ରହିଲା । ଭରସା ହେଉଅଛି ତାହା ଶୀଘ୍ର ପ୍ରତ୍ୟକ୍ଷ ହେବ ।

———

ଗତ ପ୍ରବେଶିକା ପରୀକ୍ଷାରେ ଯେଉଁ ଛାତ୍ରମାନେ ହାରି ଯାଇଥିଲେ ସେମାନଙ୍କର ପୁନର୍ବାର ଆସନ୍ତା ସେପ୍ଟେମ୍ବରମାସରେ ଅଭିନବ ପରୀକ୍ଷା ହେବା କାରଣ ପ୍ରସ୍ତାବ ହୋଇଅଛି । ଏ ପ୍ରସ୍ତାବ ଧାର୍ଯ୍ୟ ହୋଇଗଲେ ପରୀକ୍ଷାର୍ଥୀଙ୍କଠାରୁ ଟ ୧୫୧ ଫିସ ନିଆଯିବ । ନୂତନ ନିୟମରେ ବିଶେଷ ଅସୁବିଧା ଥିବାରୁ ଏମାନଙ୍କୁ ଆଉ ଥରେ ସୁଯୋଗ ଦେବା ଯେ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଏଥିରେ ସନ୍ଦେହ ନାହିଁ । ଅତଃପର [illegible] ଗଜେଟରେ ଦେଖିଲୁଁ ଯେ ଏହି ପ୍ରସ୍ତାବ ଗୃହୀତ ହେବାର ଇସ୍ତାହାର କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ବିଜ୍ଞାପନ ପ୍ରଚାର କରିଅଛନ୍ତି । ଯେଉଁମାନେ ଏ ପରୀକ୍ଷା ଦେବେ ସେମାନେ ପାଞ୍ଚମାସର ସ୍କୁଲ ବେତନ ଦେବେ ଓ ଟ ୧୫୧ ଫିସ ଦେବେ ଏବଂ ସନ ୧୯୧୦ ସାଲର ପ୍ରବେଶିକା ପରୀକ୍ଷାରେ ଉପସ୍ଥିତ ହୋଇ ପାରିବେ ନାହିଁ । ଆସନ୍ତା ଅକ୍ଟୋବର ମାସ ତା ୧୬ ରଖ ମଧ୍ୟରେ ଆବେଦନ କରିବାକୁ ହେବ ।

———

ଷ୍ଟାର ଅବ୍ ଉତ୍କଳ ଲେଖିଅଛନ୍ତି କି ଏକଜଣ ମୁସଲମାନ ବି, ଏ, ଏବଂ ଏକଜଣ ମରହଟ୍ଟା ବି, ଏ, ଅଧ୍ୟାପକବୃତ୍ତି ସକାଶେ ଆବେଦନ କରିବାରେ ରେଭେନ୍ସା କଲେଜର ପ୍ରିନ୍ସିପାଲ ସେମାନେ ସ୍ଥାୟୀ ଓଡ଼ିଶାବାସୀ ହେଲେହେଁ ଓଡ଼ିଆ ନ ଥିବା ହେତୁରୁ ସେମାନଙ୍କର ଆବେଦନ ଅଗ୍ରାହ୍ୟ କରିଅଛନ୍ତି । ଏହାପରେ ଦୁଇଜଣ ଓଡ଼ିଶାବାସୀ ବଙ୍ଗାଳିଙ୍କର ଆବେଦନ ଅଗ୍ରାହ୍ୟ କରିବାରେ ସେମାନେ ଶିକ୍ଷାବିଭାଗର ଡାଇରେକ୍ଟରଙ୍କଦ୍ୱାରା ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାଇଅଛନ୍ତି । ମୁସଲମାନ ଓ ମରହଟ୍ଟା ଭଦ୍ରଦ୍ୱୟ କେତେ ଆବେଦନ କରିଅଛନ୍ତି କି ନା ତାହା ଜଣା ନାହିଁ । ଫଳତଃ ଅଧ୍ୟାପକବୃତ୍ତି ସମ୍ବନ୍ଧୀୟ ଗବର୍ଣ୍ଣମେଣ୍ଟ ଆଦେଶର କ୍ଲିଷ୍ଟାର୍ଥ କରିବାଦ୍ୱାରା ଏହି କଲେଜର ପ୍ରିନ୍ସିପାଲ ଗଣ୍ଡଗୋଳ ଲଗାଇ ଦେଇଅଛନ୍ତି । ଭରସା କରୁଁ ଓଡ଼ିଶା ସଭାର ଆବେଦନମତେ ଅମ୍ଭମାନଙ୍କର ମାନନୀୟ କମିଶନର ସାହେବ ଯେଉଁ ନ୍ୟାୟସଙ୍ଗତ ବିଚାର କରିଅଛନ୍ତି ଗବର୍ଣ୍ଣମେଣ୍ଟ ତାହା ଅନୁମୋଦନ କରି ଏହି ଗଣ୍ଡଗୋଳର ଶାନ୍ତି ବିଧାନ କରିବେ ।

———

## NOTICE.

Is hereby given the following scholarships are vacant under the Board. The candidates are to apply to the Chairman of the Cuttack District Board before 25th July next in the form given below.

Mayo scholarships at Rs 10-each a month are available for the boys who after passing F. A. Examination wish to go up for the B. A. degree Examination.

2 Dhenkanal scholarships at Rs 7 and Rs 4 each a month.

1 Mourbhanj scholarship @ Rs 7-a month.

1 Talcher scholarship at Rs 7-a month.

The scholarships are available for the boys who after passing the Entrance Examination try to prosecute their studies for F. A. Examination.

All these scholarships are tenable for 2 years in the Ravenshaw College

Forms of application :

1 Name of candidate & his age

2 Name of his father and his occupation

3 Residence temporary or permanent

4 What Examination the candidate has passed and in what division whether in 1st chance or otherwise.

5 Name of school and class in which he is reading.

6 Certificate from respectable persons about the circumstances and character of the candidate.

7 Remarks giving other particulars which candidate may wish to give.

Cuttack District Boards Office
The 21st June 1909

G. Choudhory
Vice Chairman

Digitized by srujanika@gmail.com

ଗତର ମାସ ତା ୧୬ ରଣ ସନ୍ଧରେ କଲିକତାରେ ସିଭିଲସର୍ବିସ ପରୀକ୍ଷା ଶ୍ରେଣୀର ଶିକ୍ଷକ ଉପାଧ୍ୟାୟ ଅସ୍ମାକଙ୍କର ଷ୍ଟେଟ ସେକ୍ରେଟରୀ ଲର୍ଡମର୍ଲି ମହୋଦୟଙ୍କୁ ଭେଟ ଦେଇଥିଲେ । ଭେଟ ସମୟରେ ଲର୍ଡ ମହୋଦୟ ସିଭିଲସର୍ବିସ ପରୀକ୍ଷୋତ୍ତୀର୍ଣ୍ଣ ବାଳକ ମାନଙ୍କ କାର୍ଯ୍ୟ ଭାରତରେ ଅତୀବ ଗୁରୁତର ଥିବା ଏବଂ ଇଂଲଣ୍ଡର ଯଶ ସେମାନଙ୍କ କର୍ତ୍ତବ୍ୟାଧୀନରେ ଥିବାର କହି ପ୍ରକାଶ କଲେ ଯେ ଭାରତବାସୀଙ୍କ ଠାରୁ ସେମାନେ ଆପଣାକୁ ପୃଥକ ରଖିବେ ନାହିଁ । ଭାରତବାସିଙ୍କ ସହିତ ସୁସେପୀତ୍ୱମାନେ ନ ମିଶିଲେ ଅନେକ ଦୁର୍ଘଟଣା ଘଟିବ । ନିର୍ବାସିତ ଲୋକଙ୍କ ସମ୍ବନ୍ଧରେ ସେ କହିଲେ ଯେ ସାଧାରଣ ଅବସ୍ଥାରେ ନିର୍ବାସନ ଦଣ୍ଡ ଦେୟ ଅଟେ ମାତ୍ର ସେ ଦାୟରେ ପଡ ଯାହା କରଅଛନ୍ତି ଓ ସନ ୧୯୦୮ ମସିହା ଡିସେମ୍ବର ମାସରେ ଯାହା ନିୟମ ପ୍ରୟୋଜନୀୟ ହୋଇଥିଲା ସେ ସମୟରେ ସେ ଏବଂ ଲର୍ଡ ମିଣ୍ଟୋ ନିର୍ବାସନ ଆଇନର ଆଶ୍ରୟ ନେଇ ଯାହା ଦୃଷ୍ଟ ଲୋକଙ୍କ ବିରୁଦ୍ଧରେ ଚଳାଇ ନ ଥିଲେ ଆପଣା ପଦର ଅନୁପଯୁକ୍ତ ହୋଇଥାନ୍ତେ । କେବଳ ପୁଲିଶ ଉପରେ ନିର୍ଭର କରି ନିଶ୍ଚିନ୍ତ ରହି ନାହାନ୍ତି । ଲର୍ଡ ମିଣ୍ଟୋ, ବଙ୍ଗଳାର ଲେଫ୍ଟନେଣ୍ଟ ଲାଟ ଏବଂ ଲାଟ ସଭାର ସଦସ୍ୟମାନେ ପ୍ରତ୍ୟେକଙ୍କ ବିଷୟ ତଦନ୍ତ କରିଥିଲେ ଅଉ ବିଚାରକୁ ଅଣାଯିବା ଓ ନିର୍ବାସିତ ହେବା ଲୋକଙ୍କ ମଧ୍ୟରେ ପାର୍ଥକ୍ୟ ଜଣାଇଥିଲେ । ସେମାନଙ୍କ କଥା ଅଳ୍ପଦିନେ ବିଚାର ହେବ ଏବଂ ସେତେବେଳେ ନ୍ୟାୟ, ଦୟା ଏବଂ ଦୃଢ଼ କର୍ତ୍ତବ୍ୟପରାୟଣ ଭାବରେ ତାଙ୍କର କଥା ବୁଝାଯିବ ମଧ୍ୟ ତାଙ୍କର ଶତ୍ରୁମାନଙ୍କ ସ୍ୱଚ୍ଛ ହୃଦୟରେ ଦେଖିବାର ସେ ବିବେଚନା କରନ୍ତି ।—ଅସ୍ମାକଙ୍କର ଷ୍ଟେଟ ସେକ୍ରେଟରୀ ମହୋଦୟ ପଦେ ଶତ୍ରୁର ସ୍ୱପ୍ନ ଦେଖିବା ଉଚିତ ନୁହେ କି ? ଉଦାରଚେତା ଶାସନକର୍ତ୍ତାଙ୍କର ଏହା ଯୋଗ୍ୟ ନୁହେ ।

---

ଅତ ସନାତନ ଚକ୍ରବର୍ତ୍ତୀ ବାବୁ ଶୀତେଶଚନ୍ଦ୍ର ବସୁ ପ୍ରଭୃତି କେନ୍ଦ୍ରାପଡ଼ା ସ: ଡ: ହାକିମ ଏକ ଫୌଜଦାରୀ ମୋକଦ୍ଦମାରେ କାରାଦଣ୍ଡ ଓ ଅର୍ଥଦଣ୍ଡ ଦେଇଥିବାର ପାଠକମାନଙ୍କୁ ଜଣାଇଅଛୁଁ । ଆସାମିମାନଙ୍କ ଅପିଲରେ ଅସ୍ମାକଙ୍କର ଜଜ ସାହେବ ନ୍ୟାୟବିଚାର କରି ଗତ ଶନିବାର ଆସାମିମାନଙ୍କୁ ମୁକ୍ତି ପ୍ରଦାନ କରି ଯେଉଁ ରାୟ ଦେଇଅଛନ୍ତି ତହିଁରେ ଉକ୍ତ ମୋକଦ୍ଦମାର ତଦନ୍ତକାରୀ ପୁଲିଶ ସବ୍ ଇନସ୍ପେକ୍ଟରଙ୍କ କାର୍ଯ୍ୟକୁ ଖଣ୍ଡ ଭାବେ ନିନ୍ଦା କରଅଛନ୍ତି । ମୋକଦ୍ଦମାର ବୃତ୍ତାନ୍ତ ଯାହା ଜଜ ସାହେବ ମହୋଦୟ ସିଦ୍ଧାନ୍ତ କଲେ ତାହା ଏହି ଯେ ଜଣେ ବାଉରର କଲିଜା ଫାଟିଯିବାରୁ ମରିଗଲା । ଡାକ୍ତର ଯୋବାନବନ୍ଦୀରୁ ସ୍ପଷ୍ଟ ଦେଖାଯାଏ ଯେ ମାଡ଼ହେବାରୁ କଲିଜା ଫାଟି ନାହିଁ । ଯେଉଁଦିନ ମାଡ଼ ହେଲା ତହିଁର ଚାରିଦିନ ଉତ୍ତାରୁ ଲୋକଟା ମରିଗଲା ଏବଂ ମାଡ଼ ହେବାଦ୍ୱାରା କଲିଜା ଫାଟିଯାଇଥିଲେ ସେ ଲୋକଟା ମାଡ଼ ହେବାର ଦୁଇଦଣ୍ଡରେ ତିନିମାଇଲ ବାଟ ଚାଲିଯାଇପାର ନ ଥାନ୍ତା ମଧ୍ୟ କଲିଜା ଫାଟି ଯାଇଥିଲେ ଏତେଦିନ ବଞ୍ଚିବା ସମ୍ଭବ ନ ଥିଲା । ମାଡ଼ ମଧ୍ୟ ସାମାନ୍ୟ ଦୁଇଏକ ଗୋଟା ବିଧା ଏବଂ ଡଣ୍ଡାଦ୍ୱାରା ଦଣ୍ଡବିଧି ଆଇନର ୩୨୩ ଦଫା କ୍ଷତି ବରଂ ସାଧାରଣ ମାରପିଟର ଦଫା କ୍ଷତି ଥାନ୍ତା ମାଡ଼ପିଟର ପ୍ରମାଣ ମଧ୍ୟ ନିତାନ୍ତ ଅବିଶ୍ୱାସଜନକ ଏବଂ ଅଭିଯୋକ୍ତାଙ୍କର ସେଠାକରଣମାନଙ୍କ ସଙ୍ଗେ ମକଦ୍ଦମା ଓ ମାଲମୋକଦ୍ଦମା ହୋଇଥିବାରୁ ଜଣେ ଚାକର ମରିଯିବା ଯୋଗେ ସେମାନେ ପରାମର୍ଶ କରି ମୋକଦ୍ଦମା ଆଣିଥିବାର ସ୍ପଷ୍ଟ ଦେଖାଯାଏ । ମରିଯାଇଥିବା ବାଉର ଛଡ଼ା ଅନ୍ୟ ବାଉରିଙ୍କି ମଧ୍ୟ ମାଡ଼ ହୋଇଥିଲେ ସେମାନେ କେହି ନାଲିଶ ନ କରି ଚୁପ୍ ହୋଇ ରହିବା ସମ୍ଭବ ନୁହେ ଏବଂ ପ୍ରେସିଡେଣ୍ଟ ପ୍ରଭୃତି ସେ ପରାମର୍ଶରେ ଯୋଗଦେଇ ମୋକଦ୍ଦମା ଆଣି କରିବା ବିଷୟ କହୁଥିବାର ପ୍ରମାଣ ଅଛି । ସବ୍‌ଡିଭିଜନ ହାକିମ ମାଡ଼ପିଟ ରିପୋର୍ଟ ଅଧିକ ନିର୍ଭର ନ କରି ଆସାମୀ ବାବୁରଙ୍କଠାରୁ ଅଳ୍ପମୂଲ୍ୟରେ ଦାମ ନେଉଥିବା ବିଷୟ ପ୍ରତି ବିଶେଷ ଉପେକ୍ଷା କରି ସଜା ଦେଇଅଛନ୍ତି । ଜଜସାହେବଙ୍କ ବିଚାର ଯେ ସମସ୍ତଙ୍କର ମନକୁ ସନ୍ତୋଷ ହୋଇବା ବାହୁଲ୍ୟ । ମହେନ ପୁଲିଶ ନିକଟରେ ଯେଉଁ ପ୍ରଥମ ଏତଲା ଦେଇଥିଲା ବିଚାର ସମୟରେ ତହିଁର ବିପରୀତ କହିଥିବା ପ୍ରତି ସାହେବ ମହୋଦୟ ବିଶେଷ ଦୃଷ୍ଟି କରିଅଛନ୍ତି । ଏହିଭଳି ମୋକଦ୍ଦମାରେ କେନ୍ଦ୍ରାପଡ଼ାର ହାକିମଙ୍କ ପର ଭଦ୍ରଲୋକଙ୍କ ସଜା ଦେଇ ଜେଲଖାନାକୁ ପଠାଇଲେ ଏହା ଆମ୍ଭେମାନେ ବୁଝିପାରୁ ନାହୁଁ । ଅନ୍ୟାନ୍ୟ ସ୍ଥାନ ପ୍ରାୟ କେନ୍ଦ୍ରାପଡ଼ାର ପୁଲିଶ ମଧ୍ୟ ଦାୟିତ୍ୱର ଯୋଗ୍ୟ ନୁହନ୍ତି । ଆଶାକରୁଁ କର୍ତ୍ତୃପକ୍ଷମାନେ ଏ ବିଷୟପ୍ରତି ଦୃଷ୍ଟି ଦେବେ ।

---

## କେନ୍ଦ୍ରାପଡ଼ା ରଥଯାତ୍ରା ।

ଅନନ୍ୟ ଭକ୍ତିମାନ ଶ୍ରୀ ବଳଦେବ ଜୀଉଙ୍କର ଶୁଭ ରଥଯାତ୍ରା ଯଥାସମାରୋହରେ ସୁସମାହିତ ହୋଇଯାଇଅଛି । ଗତ ଶନିବାର ଦେବୋତ୍ସବ, ଉଲ୍ଲାସ ଓ ଶାସ୍ତ୍ରବିଧି ଏକତ୍ରେ ପଡ଼ିବାରୁ ଶ୍ରୀ ଜୀଉଙ୍କର ନୀତି ବଢ଼ି ପହଣ୍ଡି ହେବା ଆରମ୍ଭ ହେଉଁ ପ୍ରାୟ ପ୍ରହରଯାକ ରାତି ହୋଇଗଲା । ଶ୍ରୀ ପ୍ରଭୁଙ୍କୁ ଆସନ ଶଙ୍ଖମାନଙ୍କ ତେଲିଙ୍ଗୀବାଦ୍ୟ ଓ ଶୋଳ କରତାଳ ଆଦି ବାଜୁଥିବା ସଙ୍ଗେ ଦାଣ୍ଡର ଯାତ୍ରୀସଂଘ ବେଢ଼ା ମଧ୍ୟରୁ ଧାଇଁ ହେଲେ କ୍ରମେ ତହିଁମଧ୍ୟରେ ଏତେଦୂର ଭିଡ଼ ହେଲା ଯେ ବହୁଲୋକ ଶ୍ରୀଜୀଉଙ୍କ ଦର୍ଶନ ପ୍ରତୀକ୍ଷାରେ ବହିର୍ଦାଣ୍ଡରେ ରହିବାକୁ ବାଧ ହେଲେ । କ୍ରମେ ବହୁ ଆନନ୍ଦ ଓ କୋଳାହଳ ମଧ୍ୟରେ ଶ୍ରୀଜୀଉମାନେ ମନ୍ଦିର ସଦରେ ପହଞ୍ଚିବାନେ ଦଶଘଣ୍ଟାବେଳେ ଶ୍ରୀଜୀଉମାନେ ସୁସଜ୍ଜିତ ରଥାସନରେ ବିଜେ କଲେ । ତହିଁ ପରଦିନ ଶୁକ୍ଲପାଗ ମେଳାରେ ରଥଟଳା ଦେଖିବାକୁ ବିଶେଷ ଯାତ୍ରୀ ଆସିଥିଲେ ଅପରାହ୍ନ ସ ୫ ଟିକା ସମୟରେ ରଥଟଣା ଆରମ୍ଭ ହୋଇ ଏକଘଣ୍ଟା ମଧ୍ୟରେ ଗୁଣ୍ଡିଚାମନ୍ଦିର ନିକଟରେ ଲାଗିଲା । ପରଦିନ ଅପରାହ୍ନ ସମୟରେ ରଥ ଟଣା ହୋଇ ଅଳ୍ପକ୍ଷଣ ମଧ୍ୟରେ ତବଡ଼ା ଲଚିଲ୍ଲପର ସାମାନ୍ୟ ଏକଘଣ୍ଟା ବୃଷ୍ଟି ଯାତ୍ରୀମାନଙ୍କୁ ବଡ଼ ଲଣ୍ଡଭଣ୍ଡ କରିଦେଲା ମାତ୍ର ଶୀଘ୍ର ଛାଡ଼ିଗଲା ଓ ଶଙ୍ଖରମାନେ ପ୍ରାୟ ରାତି ସ ୧୦ ଟିକା ବେଳେ ଗୁଣ୍ଡିଚାମଣ୍ଡପରେ ବିଜେ କଲେ । ଜଳାପମଣ୍ଡପରେ ଦର୍ଶନ କରିବା ନିମନ୍ତେ ନାନା ଦେଶରୁ ଯାତ୍ରି ଆଗମନ କରୁଅଛନ୍ତି । ଏବର୍ଷ ଟିକଏ ସୁସମୟ ଥିବାରୁ ଯାତ୍ରିସଂଖ୍ୟା ବହୁ ଅଧିକ ହୋଇଥିଲା ଏବଂ ହୋଟେଲ ପଟୁଆ ଓ ଚଣ୍ଡା ଛତ୍ରିଆମାନେ ବେଶ ଦୁଇପଇସା ଉପାୟ କରୁଅଛନ୍ତି ।

---

## କଲେଜ ଶିକ୍ଷାର ବ୍ୟାପାର ।

ଓଡ଼ିଶାର ଏକମାତ୍ର କଲେଜ ଏ କଟକର ରେଭେନସା କଲେଜ ଅଟେ । ଏତେଦିନ ଏ କଲେଜକୁ ଛାତ୍ର ଅଭାବ ଥିଲା । ଏଥର ଦୁର୍ଭାଗ୍ୟବଶତଃ ଛାତ୍ର ପ୍ରବେଶିକା ପାସ କରିବାରେ କଲେଜକୁ ଛାତ୍ର ବଳିପଡ଼ିବାର ଜଣାଯାଏ । ଏଣୁ କଲେଜର ଅଧ୍ୟକ୍ଷ ବା ପ୍ରିନସିପଲ ମହାଶୟ କେବଳ ୧ମ ଓ ୨ୟ ଶ୍ରେଣୀରେ ପାସ କରିବା ଛାତ୍ରଙ୍କୁ କଲେଜରେ ପ୍ରବେଶ କରିବାର ଆବେଦନ ଗ୍ରହଣ କରିବାର ଜଣାଇ ଦେଇଅଛନ୍ତି । ଏଥରୁ ଓଡ଼ିଶାର ଛାତ୍ର ଏଥର ୧ମ ଶ୍ରେଣୀରେ ୭୪ ଏବଂ ୨ୟ ଶ୍ରେଣୀରେ ଏକଶତର ଉର୍ଦ୍ଧ୍ୱ ପାସ କରିଅଛନ୍ତି । ଏମାନେ ସମସ୍ତେ ଭରତି ହେଲେ ମଧ୍ୟ ୩ୟ ଶ୍ରେଣୀର ସମସ୍ତ ଛାତ୍ର ରହିଯିବେ ଏବଂ ଦୁଇ କୁଇଶ୍ରେଣୀର ଛାତ୍ର ବାଛି ନେଲେ ଅନ୍ତତଃ ଅଧିକ ଛାତ୍ର ନିରାଶ ହେବେ । ଏହାର ବାହାର ଛାତ୍ର ହେଉଛନ୍ତି । ସମସ୍ତେ ସେ ଦଳେ ଭଲେ ଭରତି ହେବେ ଏମନ୍ତ କଥା ନୁହେ

Split by PDF Splitter
Digitized by srujanika@gmail.com

ଗତ ମାସ ତା ୧୧ ରିଖରେ ଫ୍ରାନ୍ସ ଦକ୍ଷିଣ ଅଞ୍ଚଳରେ ପ୍ରବଳ ଭୂମିକମ୍ପ ହୋଇ ଅନେକ ଘର ଭୂମିସାତ୍ ଏବଂ କେତେକ ଲୋକ ନଷ୍ଟ ହୋଇଥିବାର ଜଣାଯାଏ । ସିସିଲିରେ ଏ ଘଟଣା ହୋଇଥିଲା ।

ତା'ର ଅଞ୍ଚଳର ନାଡ଼ିଆ ଡକାଏତି ମୋକଦ୍ଦମାରେ ଫରାର ଆସାମୀ ଗଣେଶଚନ୍ଦ୍ର ଗୁହ ନାମକ ଜଣେ ଯୁବକ ଧୃତ ହୋଇ ନାନା ଦେଶଦେଶରେ ଅନେକ ଲୋକଙ୍କ ସନ୍ଧାନ ଦେଇ ତାଙ୍କଠାରେ ନନ୍ଦଲାଲ ଏଣ ମୋକଦ୍ଦମାରେ ରାଜସାକ୍ଷୀ ହୋଇଥିଲା । ଏହିମାସ ତା ୪ ରିଖରେ ସେ ଆପଣା ଘରଠାରେ ନ ଥିବା ସମୟରେ ସନ୍ଧ୍ୟାକାଳରେ ତାହାଙ୍କ ଘର ଗିରିମୋହନ ଶାହୁଙ୍କ ହାତ ଯୋଗବା ସମୟରେ ଜଣେ ଯୁବ ବାଲିକା ମାନ ସୁବ ତାହା ଦେହରେ ନ ବାଜ ଲୋକଙ୍କ ଘର ଗଲା । ଗିରିମୋହନ ତମବପତ୍ର ପଳାଇବ ବେଳେ ବ ୪ ଣ ଯୁବକ ତା ସୋଡ଼ାଇ ଯାଇ ଛୁରୀ ଭୁଟିଦେଇ ମାରିପକାଇଲେ । ଯୁଷଣ ଏ ପର୍ଯ୍ୟନ୍ତ ଅସାମୀର ସନ୍ଧାନ ଜଣାପଡ଼ ନାହିଁ ।

କଲିକତାରେ ଗଳ୍ପେ ସାହେବ ବର୍ଣ୍ଣପଣଦାସ ଅଳ୍ପେ ଅର୍ଥାନରେ ମଣ ବେତନର ଜଣାଣ ଗୋଷ୍ଠ ଦେଖାଇ ଗାମିନ୍ଦ୍ର ପଦ ନାନା ଲୋକଙ୍କଠାରୁ ଟଙ୍କା ଠକିଲ ଯାଉଥିବାର ପ୍ରମାଣ ହେବାରୁ ଫୌଜଦାରୀ ଅଦାଲତ କର୍ତ୍ତୃକ ଦଣ୍ଡିତ ହୋଇ ୧୫୦ ଟା ଜରିମାନାର ସହିତ ୬ ମାସ କାରାଦଣ୍ଡ ପାଇଅଛି । ଗାଳଗପ ଶୋକବା ଲୋକେ ସାବଧାନ ।

ବଡ଼ ଡକାଏତି ମୋକଦ୍ଦମାରେ ହାଇକୋର୍ଟ ଅସାମୀମାନଙ୍କ ମଧ୍ୟରୁ ପ୍ରଧାନ ବାରୀନ୍ଦ୍ର ପ୍ରଭୃତିଙ୍କ ପ୍ରାଣଦଣ୍ଡ ମୋକଦ୍ଦମା ଚଳାଇବା ବନ୍ଦ ହେବ ଯୋଗ ଜଣାଯାଉଅଛି । ସେଠା କମିଶନର ସାହେବ ଆପଣା କୋଠିରେ ପ୍ରମାଣ ନେଉଅଛନ୍ତି ଏବଂ ଆସାମୀମାନଙ୍କର ସେ ଘାଇରୁ ଯିବା ନିଶ୍ଚିତ ବୋଲି କେହି ଅବଶ୍ୟ ବୋଲିପାରି ନ ପାରେ ।

ସୁରାଟ ମିଉନିସିପାଲ ସେକ୍ରେଟାରୀ ଟଙ୍କା ଅପହରଣ କରିଥିବାରୁ ତାଙ୍କ ନାମରେ ଦଣ୍ଡବିଧି ଆଇନର ୪୦୯ ଧାରା ମୋକଦ୍ଦମା ଦାଖଲ ହୋଇ ଜଜ ସାହାଯ୍ୟରେ ଦୌରା ଅଦାଲତରେ ବିଚାର ଚାଲିଅଛି ।—ଉପର୍ଯ୍ୟକ୍ତ ମିଉନିସିପାଲ ଟଙ୍କା ଅପହରଣ କରିବାର କଥା ଜଣାଯାଏ ।

ମାସିକ ୫୦ ଟଙ୍କା ଭଳି କମା ବେତନ ପାଉଥିବା କର୍ମଚାରୀମାନେ କୌଣସି ଧାମଡ଼ାହେତୁ କେମିତି କଥା ବୁଝି ଠିକ୍ ଭାଲରୂପେ ଶିବାଦିଆଣ ଅର୍ଥ ସାହାଯ୍ୟ ନେଲେ ସେମାନଙ୍କ ଶିବା ଅଧିକା କର୍ତ୍ତା ଯଦି ଏଥିପାଇଁ ବେତନ ଅଗ୍ରଗଣ୍ୟ କରିପାରନ୍ତି କେତେ ବ୍ରିଟିଶଦାସ ତାହା ଅଦାୟ କରିବାର ଗତ ଶବ୍ଦୀନେଣ୍ଟ ଆଦେଶ ଦେଇଅଛନ୍ତି ।—ଜନ କର୍ମଚାରୀମାନଙ୍କ ପ୍ରତି ବହୁତ ଅନୁକୂଳ ହୁକୁମ ସାଥୀ ହୋଇଛି ।

ଇଂଲଣ୍ଡ ରିପ୍ଲିଅ ରେଲ ଷ୍ଟେସନରେ ସାନ୍ତ୍ରିପ୍ତ ଷ୍ଟେସନ ନିକଟରେ ମାଲଗାଡ଼ି ଯାଉଥିବା ସମୟରେ ପୋଲ ଭାଙ୍ଗିଯିବାରୁ ଗାଡ଼ିମାନ ନଦୀରେ ପଡ଼ିଗଲା । ସୌଭାଗ୍ୟକ୍ରମେ କୌଣସି ଲୋକ ନଷ୍ଟ ହେଇ ନାହିଁ କେବଳ ଗାଡ଼ିରକ୍ଷକ ଆଘାତ ପାଇଅଛନ୍ତି । ଅତିବୃଷ୍ଟି ହେତୁ ଏ ଦୁର୍ଘଟଣା ଘଟିଥିବାର ଜଣାଯାଏ ।

ନୂତନ ସୁଲତାନଙ୍କ ଅମଳରେ ତୁର୍କ ରାଜ୍ୟରେ ବାଣିଜ୍ୟ ବହୁଦୂରେ ଉନ୍ନତି ଲାଭ କରୁଅଛି । ଅନେକ ଦେଶୀୟ ବ୍ୟବସାୟୀମାନେ କୋମ୍ପାନୀରେ ଏକତ୍ରିତ ହୋଇ ଅନ୍ୟାନ୍ୟ ଦେଶରୁ ଯାଉ ପାରୁ ନ ଥିଲେ ମାତ୍ର ବର୍ତ୍ତମାନ ବନ୍ଦା ଦାମରେ ସେମାନେ ସ୍ୱେଚ୍ଛାମତ ଦେଶ ଦେଶାନ୍ତରକୁ ଯାଇ ବାଣିଜ୍ୟ କରୁଅଛନ୍ତି ଏବଂ ସ୍ୱଦେଶୀୟ ଦ୍ରବ୍ୟର ବ୍ୟବସାୟ ମଧ୍ୟ ଅବାଧେ ଚଳୁଅଛି । ବାଣିଜ୍ୟବନ୍ଧା କେବଳ ଉନ୍ନତି ଅସମ୍ଭବ ଏବଂ ବିଦେଶୀ ଦ୍ରବ୍ୟ ଉପସ୍ଥିତ ନ ହେଲେ ପ୍ରତିଯୋଗିତା ଅଭାବରୁ ସ୍ୱଦେଶ ଦ୍ରବ୍ୟର ମଧ୍ୟ ଉନ୍ନତ ହୋଇ ନ ପାରେ । ଭାରତରେ ଏହାର ଉଦାହରଣ ଜାଜ୍ୱଲ୍ୟମାନ ।

କଲିକତାରୁ ଶିଳଙ୍ଗଠାରେ ଏକ ବ୍ୟକ୍ତିର ଘରେ ଡକାଏତି ହୋଇଥିଲା । ଡକାଏତମାନେ ସଶସ୍ତ୍ର ବାହାରିବାରୁ ପରି ମୀରସାହେବମାନଙ୍କ ନିର୍ଦ୍ଦୟ ଭାବେ ପ୍ରହାର କରି ନଗଦ ଟଙ୍କା ଏବଂ ଅଲଙ୍କାର ନେଇଯାଇଅଛନ୍ତି । ଶ୍ରାବଣମାସର ସୁସଗ ଏଥିର ଅନୁସନ୍ଧାନ ପୂର୍ବକ ଜ ୧୬ ଣ ଅସାମୀ ଧରିଅଛନ୍ତି ।—ଅଧୁନାତନ ଡକାଏତ ଏକିକ ଆଉ ହେଉଥିବାର ଦେଖାଯାଏ । ଅସ୍ତ୍ରଶସ୍ତ୍ର ଆଇନଦ୍ୱାରା ଲୋକଙ୍କୁ ନିରସ୍ତ୍ର କରିବାର ଏହା ଅନୁଷଙ୍ଗିକ ଫଳ ନୁହେଁ କି ? ଗୃହସ୍ଥର ଘରେ ଅସ୍ତ୍ର ଥିଲେ ଯେମନ୍ତ ଡକାଏତି ଅଧିକ ହେବା ଅସମ୍ଭବ ସେମନ୍ତ ସାହସ ପୂର୍ବକ ଆତ୍ମରକ୍ଷା ବଳ ବାନ୍ଧିବା ଜିନିଷ ହୋଇଥାନ୍ତା ।

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ମଦନମୋହନ ମହାପାତ୍ର—ପତ୍ରଟିଏ ଅଗ୍ରବରେ ଉପେକ୍ଷିତ ହେଲା । ପୁଣି ସତ୍ୟ ଯେବେ ଲୁହାସ୍ତ ନ ଦିଶିଲେ ଲେଖିବେ ଗଡ଼ଜାତ ସ୍ୱପ୍ରଣେତା ଅଥବା ପୋଲିସ୍ଙ୍କ ଏକେଣ୍ଟଙ୍କଠାରେ ବିଧିମତେ ଦରଖାସ୍ତ ଦେଲେ ଅବଶ୍ୟ ନିଗତ ହେବ ।

ଶ୍ରୀ ଓଡ଼ିଆ ମହାତ୍ମ—ଆପଣଙ୍କ ପଦ୍ୟ ପ୍ରକାଶ କରିବାର କିଛି ପ୍ରୟୋଜନ ଦେଖାଯାଉ ନାହିଁ ।

ଜଣେ ପାଠକ—ଯାଜପୁର ମିଉନିସିପାଲିଟିର ଟିକସ ଦାରୋଗା ଖଜଣାଖାନାରେ ଯଥା ସମୟରେ ଟଙ୍କା ଦାଖଲ ନ କରିଥିବା ବିଷୟ ବର୍ତ୍ତମାନ ତଦନ୍ତ ହେଉଥିବାର ଜଣାଯାଏ ତଦନ୍ତ କର୍ତ୍ତା ଅବଶ୍ୟ ସକଳ ବିଷୟର ଅନୁସନ୍ଧାନ କରିବେ । ବର୍ତ୍ତମାନ ସେ ବିଷୟରେ କୌଣସି ମନ୍ତବ୍ୟପତ୍ର ପ୍ରକାଶ କରିବା ଉଚିତ ମନେକରୁ ନାହିଁ । ଯାହାଙ୍କ ସେ ବିଷୟ କିଛି ଜଣାଅଛି ସେ ତଦନ୍ତ କର୍ତ୍ତାଙ୍କୁ ଜଣାଇବା ଉଚିତ ତହିଁରେ ତଦନ୍ତର ସାହାଯ୍ୟ ହେବ ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ "ଉତ୍କଳ ଦୀପିକା" ସମ୍ପାଦକ ମହୋଦୟ—ସମୀପେଷୁ

ମହାଶୟ !

କଲିକତା ବିଶ୍ୱବିଦ୍ୟାଳୟର ଗତ ପ୍ରବେଶିକା ପରୀକ୍ଷାର ଯେଉଁ ସୁନ୍ଦର ଫଳ ବାହାରିଅଛି ତହିଁରେ ଦ୍ୱିତୀୟ ବିଭାଗରେ ପରମ କଲ୍ୟାଣୀୟା ଶ୍ରୀମତୀ ନର୍ମ୍ମଦା କରର ନାମ ଦେଖି ଅତ୍ୟନ୍ତ ସୁଖୀ ହେଲି । ଏଥି ପୂର୍ବରୁ ଓଡ଼ିଶାର ଅନ୍ୟ କୌଣସି ବିଶୁଦ୍ଧ ଓଡ଼ିଆ ବାଳିକା ବିଶ୍ୱବିଦ୍ୟାଳୟର ଏହି ପ୍ରାଥମିକ ପରୀକ୍ଷାରେ କୃତକାର୍ଯ୍ୟତା ଲାଭ କରିଥିବା ମୋର ସ୍ମରଣ ହେଉ ନାହିଁ । କଟକରେ ପରସ୍ପର ପ୍ରତିଦ୍ୱନ୍ଦୀ ଦୁଇଟି ଉଚ୍ଚ ଶ୍ରେଣୀର ବାଳିକା ବିଦ୍ୟାଳୟ ଥାଉଁ ଥାଉଁ ଏ ବାଳିକାଟି ପ୍ରଥମ ଉଦ୍ୟମରେ ନିଜ ଚେଷ୍ଟାରେ ବାହାର ଛାତ୍ରୀ ସ୍ୱରୂପ ଏ ପ୍ରକାର କୃତକାର୍ଯ୍ୟତା ଲାଭ କରିବା ଅତୀବ ଆନନ୍ଦର ବିଷୟ । ଏହି ଘଟଣାଟି କି ଉକ୍ତ ଉଭୟ ବିଦ୍ୟାଳୟ ଏବଂ "ଉତ୍କଳ ସମ୍ମିଳନୀ"ର କର୍ତ୍ତୃପକ୍ଷମାନଙ୍କର ଉତ୍ସାହ ବର୍ଦ୍ଧନ କରିବ ନାହିଁ କି ନିଶ୍ଚେଷ୍ଟ ଉତ୍କଳ ଟିକିଏ ଜାଗ୍ରତ ହେବ କି ? ପ୍ରତ୍ୟେକ ଓଡ଼ିଆ ସମ୍ପାଦକଙ୍କୁ ମୋର ସବିନୟ ଅନୁରୋଧ ଯେ ସେ ସ୍ୱ ସ୍ୱ ପତ୍ରିକାରେ ଏହି ଘଟଣାର ଉଲ୍ଲେଖ ପୂର୍ବକ ଆଶୀର୍ବାଦ ସୂଚକ ଶ୍ରୀମତୀ ନର୍ମ୍ମଦାର ଓଡ଼ିଆ ଭଗିନୀମାନଙ୍କର କର୍ଣ୍ଣ ଗୋଚରରେ ଆଣି ସେମାନଙ୍କର ଉତ୍ସାହ ବର୍ଦ୍ଧନ କରିବାକୁ ଚେଷ୍ଟା କରିବେ ।

ଶ୍ରୀମତୀ ନର୍ମ୍ମଦା "ଉତ୍କଳ ସାହିତ୍ୟ"ର ସୁଯୋଗ୍ୟ ସମ୍ପାଦକ ଶ୍ରୀଯୁକ୍ତ ବିଶ୍ୱନାଥ କରଙ୍କର କନ୍ୟା । ମୁଁ ପ୍ରଧାନ ଶିକ୍ଷକ ଥିଲାବେଳେ ସେ (ଶ୍ରୀମତୀ ନର୍ମ୍ମଦା) କଟକ ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରୁ ଯଥାକ୍ରମେ ଉଚ୍ଚ ପ୍ରାଥମିକ ଓ ମଧ୍ୟ ଛାତ୍ରବୃତ୍ତିର ପରୀକ୍ଷାମାନଙ୍କରେ ଉତ୍ତୀର୍ଣ୍ଣତା ଲାଭ କରିଥିଲା । "ସ୍ତ୍ରୀ ଶିକ୍ଷାର ଉପକାରିତା" ବିଷୟରେ ସର୍ବୋତ୍କୃଷ୍ଟ ରଚନା ଲେଖି ଉତ୍କଳର ଜଣେ ପ୍ରସିଦ୍ଧ ଓ ମାନ୍ୟବର ବ୍ୟକ୍ତିଙ୍କଠାରୁ ଗୋଟିଏ ସ୍ୱର୍ଣ୍ଣ ପଦକ ପ୍ରାପ୍ତ ହୋଇଥିଲା । ଉକ୍ତ ପଦକଟି ବଣ୍ଟନ କଲାବେଳେ ଓଡ଼ିଶାର ସେ ସମୟର ସୁଯୋଗ୍ୟ କମିଶନର ଷ୍ଟାର୍ଲିଂ ହେ, ଜ, ଗୁପ୍ତ ମହୋଦୟ ଦାତା ଓ ଗୃହିଣୀ ଉଭୟଙ୍କୁ ଲକ୍ଷ କରି ଯେଉଁ ଉତ୍ସାହବ୍ୟଞ୍ଜକ ସୁବାକ୍ୟ ଗୁଡ଼ିକ ପ୍ରୟୋଗ କରିଥିଲେ ତାହା ସେତେବେଳେ ପତ୍ରାନ୍ତରରେ ଆଲୋଚିତ ହୋଇଥିଲା । ଓଡ଼ିଆ ବାଳିକାମାନଙ୍କର ଶିକ୍ଷା ବିଷୟରେ ତାଙ୍କର ଭବିଷ୍ୟତ୍ ବାଣୀ ଏତେ ଶୀଘ୍ର ସଫଳ ହେବାର ଦେଖି ସୁଖୀ ହେଲି ।

ବର୍ତ୍ତମାନ ମୁଁ ଶିକ୍ଷା ବିଭାଗର କାର୍ଯ୍ୟରେ ମହାମାନ୍ୟ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ନିଯୁକ୍ତ ଅଛି । ମୋର ଅଧୀନରେ ତିନ ଗୋଟି ସ୍ୱତନ୍ତ୍ର ବାଳିକା ବିଦ୍ୟାଳୟ ଅଛି ଏବଂ ବାଳକ ବିଦ୍ୟାଳୟମାନଙ୍କରେ ମଧ୍ୟ କେତେଗୁଡ଼ିଏ ବାଳିକା ପଢ଼ୁଅଛନ୍ତି । ମୁଁ ଏଥି ମଧ୍ୟରେ ଯେଉଁ ଯେଉଁଠାକୁ ଯାଇଅଛି ସେଠାରେ ଶ୍ରୀମତୀ ନର୍ମ୍ମଦାର ଉଦାହରଣ ପ୍ରତି ସମସ୍ତଙ୍କର ମନୋଯୋଗ ଆକର୍ଷଣ କରିବାକୁ ଯଥା ସାଧ୍ୟ ଚେଷ୍ଟା କରିଅଛି । ମୁଁ ଏକାନ୍ତ ଆଶାକରେ କି ଶିକ୍ଷା ବିଭାଗୀୟ ମୋର ଅନ୍ୟାନ୍ୟ ବନ୍ଧୁମାନେ ତଦ୍ରୂପ କରି ଭାବି ଉତ୍କଳ ମାତାଙ୍କର ଆଶୀର୍ବାଦ ଭାଜନ ହେବେ ।

ବଶମ୍ବଦ

୧୭।୬।୦୯ } ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ, ଶିକ୍ଷା ବିଭାଗୀୟ ସବ୍‌ଇନ୍‌ସ୍ପେକ୍ଟର, ବୋଲଗଡ଼ ସର୍କଲ ।

ମହାଶୟ !

ଗତ ୧୯୦୯ ମସିହା ଜୁନ ମାସ ତା ୮ ରିଖ ଉତ୍କଳ ଦୀପିକାରେ ପ୍ରକାଶ ହୋଇଥିବା ଗୋଜାତିର ରକ୍ଷା ନିମନ୍ତେ ଆମ୍ଭର ପ୍ରେରିତପତ୍ରକୁ ମାଂସ ଖାଦକ ଏବଂ ଚର୍ମ ବ୍ୟବସାୟୀ ଅବଗତ ହୋଇ ସମ୍ପ୍ରତି ସାହେବ ଅସଙ୍ଗତ ପ୍ରଶ୍ନ ପକ୍ଷରୁ

ଥିବାରୁ ଅମ୍ଭେ ଉଭୟ ମୂଲ୍ୟବାନ୍ ସମସ୍ତ ଅପ-
କ୍ଷପାତ ହେଉ ଏହି ପତ୍ରିକାଦ୍ୱାରା ପୁନଃପ୍ରମାଣ
ହେଉଅଛି ଯେ ଯୋଗ୍ୟ ସରଜ୍ ଏବ ନୂତନ
ସଟପ୍ ଦେଖି ଯେବେ ବୁଝି ନ ପାର ତେବେ
କୌଣସି ଉପଯୁକ୍ତ ମୌଲବୀଙ୍କଠାରୁ ବୁଝି
ଦେବେ ଯେବେ ଅମ୍ଭର ଲେଖା ଭଦ୍ ହେଉ-
ଥାରେ ତେବେ ବାଦାନୁବାଦ କର ଏଣ୍ଡେ ଭଦ
ଚାମା ଲେଖି ଉତ୍କଳର କୌଣସି ପ୍ରତିକାଦ୍ୱାର
ପ୍ରକାଶ କରନ୍ତୁ। ଯେବେ ଏଠାଥିରେ ଅମ୍ଭ କଥୁ
କ୍ଷରେ ଦଲିଲ ଶବ୍ଦ ଲେଖି ନ ପାର ତେବେ
ଉର୍ଦ୍ଦୁ ଭାଷା ପାରସି ଭାଷାରେ ଉପଯୁକ୍ତ ଦଲିଲ
ସହ ଲେଖି ଅମ୍ଭ ନିକଟକୁ ଦେଲେ ଅମ୍ଭେ
ଏଠାରୁ ଭାଷାରେ ଭରଜମା କରି ପତ୍ରିକାର ସମ୍ପା-
ଦକଙ୍କ ନ ଦେଇ ଛପାଇ ଦେବୁଁ। ତ ୧ ଖ
ମାସ ହେବ ଗୋଲାଚିକ୍କର ପ୍ରାଣରକ୍ଷା ନମନ୍ତେ
କର୍ତ୍ତାମାନଙ୍କ ବହୁତ ଲେଖୁଅଛୁଁ। ଉକ୍ତ
ମା ୧୪ ସ ମଧ୍ୟରେ ମୁସଲମାନମାନଙ୍କୁ ଯେଉଁ
ଗୋଟି ପ୍ରଶ୍ନ କରଅଛୁଁ ସମସ୍ତ ପ୍ରଶ୍ନର ଉତ୍ତର
ପାଇବାର ଆଶା କରୁଁ।

| | |
|---|---|
| ତା ୨୩।୬।୦୯ ମସିହା<br>ଶାହେବଜାଦା ବଜାର<br>କଟକ | ଆପଣଙ୍କର<br>ଖାଦମ ସେଖ ଓମାନେ<br>ଲୁଷ୍ଟା ସେଦାଗର ବସ୍ତୁ |

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ଶ୍ରୀ ବାବୁ ଦ୍ୱାରିକ ମହାନ୍ତି | ପଦପଡ଼ା | ୫ = |
| " ସରବତାଭ ସାମନ୍ତ | ଭେଟଣ | ୫ = |
| " ଗ୍ରାଜନ ଜଗତ | ଗଡ଼ଭଦାକ | ୫ = |
| ମହିଷି ସେଖ ଦଖାନ ଅଲ୍ଲି | ଉଲ୍ଟା | ୫ ୵ |
| ଶ୍ରୀ ବାବୁ ବାଳକା ରଥିଷ | ଦୈତେଶ୍ୱର | ୫ = |
| " ସାଧୁଚରଣ ପଟ୍ଟନାୟକ | ତେଲାପୁର | ୫ = |
| " ଭଗମୋହନ ପଣ୍ଡା | ଜିମନ | ୫ = |
| " ବିଶ୍ୱନାଥ ନାୟକ | ବଣମହିପୁର | ୫ = |
| " ଶୁକଦେବ ବଶ୍ୱାଳ | ବାସୁଦେବପୁର | ୫ = |
| " ସନାତନ ସିଂହ | ଜଳ | ୫ = |
| " ବାମନ ପଟ୍ଟନାୟକ | ଖାଡ଼ବାଲ | ୫ = |
| ସବ। ଡ। ଚଇଟ | | ୫ = |
| ଶ୍ରୀ ବାବୁ ସଚ୍ଚଦାନନ୍ଦ ପଟ୍ଟନାୟକ | କଟିହିଆ | ୫ = |
| " କୃଷ୍ଣଚନ୍ଦ୍ର ଦାସ | ହଟପାଳ | ୫ = |
| ବଇଦ୍ୟନାଥ ଦାସ | ଭେଗପୁର | ୫ ୵ |

ତ ୪୧୬ ମୂର ଡକ୍ରୀଜାରୀ

ସନ ୧୯୦୯ ମସିହା

କଟକ ଜଜେକୁଟ ପଡ଼ିହାରୀ। ସା। କୁଲଭଣ୍ଡି-
ସାହି। ଉ। ପୁରୁଷୋତ୍ତମ ସେଠ

ବାଦୀ ଡକ୍ରୀଦାର

ବନାମ

ଗଜପତି ଦେଓ୍ୟାନ ଶ୍ରୀ ରାମ ଦାସ ଖାତକ। ମୁ।
। ସା। ପୁରୁଣାପାଟଣା। ପ୍ର। ସାଲବର। ମୁ।
। ଜ। କଟକ ଥାନା ଜଗତ୍ସିଂହପୁର

ପ୍ରତିବାଦୀ

ଉପରଲିଖିତ ନମ୍ବର ଡକ୍ରୀଜାରୀ ମୋକ-
ଦ୍ଦମାର ଜନରଲ ଓ ସେଲ ତାରିଖ ୧୯୦୯

ଅଦାଲତ ସଦାଶେ ଡିକ୍ରି। ମୁ। ପ୍ରଥମ ଶ୍ରେଣୀଙ୍କ
ଅଦାଲତରେ ସନ ୧୯୦୯ ମସିହା ଜୁଲାଇମାସ
ତା ୧୫ ରଖେ ଦିନ ଘ ୧୨ ଟା ସମୟରେ
ଉପରୋକ୍ତ ପ୍ରତିବାଦୀ ଦେଣଦାରଙ୍କ ଗ୍ରାଗଦଶଲ
ତଳଲିଖିତ ସମ୍ପତ୍ତିମାନ ନିଲାମ ହେବ।

୧ କଟକଜିଲ୍ଲା ଓ ଯୋଲାଣ ଷ୍ଟେସନ ଥାନା
ଜଗତ୍ସିଂହପୁର। ପ୍ର। ସାଲବର। ତା। ସାଲ-
ବର ନ ୨୮୧୬ ମୂର ତଉଜି। ମୌ। ପୁରୁଣା
ପଟବାରେ ଥିବା ଗଙ୍ଗାଧର ବାୟାର୍ତ୍ତି କାଇ
ତ୍ରିବାର୍ଷିକ୍ ବସୁଲ ଏ°—୨୮ ଜମିର ଭହିଁର
ଜମା ୯ • ୬ ଅଟେ ଉକ୍ତ ଜମିପକ୍ଷେ ବନ୍ଦୋ-
ବସ୍ତ କାଗଜାତରେ ପ୍ରତିବାଦୀଙ୍କର ମୌରସ
ଭଗୋନ ଦାସର ଡାନ ଦରଜ ଅଛି ଉକ୍ତ
ଜମିରେ ପ୍ରତିବାଦୀ ମାଲିକ ଓ ଦଖଲକାର
ଅଛି ଉକ୍ତ ଜମି ଏ ମୋକଦ୍ଦମାରେ ନିଲାମ
ହେବ ତହିଁର ଅନୁମାନିକ ମୂଲ୍ୟ ୯ ୧୦୧ ଟା।

୨। ଜ। କଟକ ଓ ଯୋଲାଣଷ୍ଟେସନ ଥାନା
ଜଗତ୍ସିଂହପୁର। ପ୍ର। ସାଲବର। ତା। ସାଲ-
ବର ନ ୨୮୧୬ ମୂର ତଉଜି। ମୌ। ପୁରୁଣା
ପଟବାରେ ଥିବା ପରି ତ୍ରିବାର୍ଷିକ୍ ବସୁଲ
ଏ୧—୩୧ ଡେସିମିଲ ଜମି ବ ତହିଁର ଜମା
୯ ୨ ଟା ଅଟେ ଉକ୍ତ ଜମିପକ୍ଷେ ବନ୍ଦୋବସ୍ତ
କାଗଜାତରେ ପ୍ରତିବାଦୀଙ୍କର ମୌରସ ଭଗୋନ
ଦାସର ନାମ ଦରଜ ଅଛି ଉକ୍ତ ଜମିରେ ପ୍ରତି-
ବାଦୀ ମାଲିକ ଓ ଦଖଲକାର ଅଛି ଉକ୍ତ
ଜମି ଏ ମୋକଦ୍ଦମାରେ ନିଲାମ ହେବ ତହିଁର
ମୂଲ୍ୟ ୯ ୩୦୧ ଟା।

୩। ଜ। କଟକ। ପ୍ର। ସାଲବର। ମୌ। ପୁରୁଣା
ତ ୧୮୦୯ ମୂର ପଟ୍ଟିଦାର ଓ ନ ୬୫୧୨ ମୂର
ଜମିଦାର। ବା। ବୃନ୍ଦାବନ ଲଙ୍କା ବାହେଲ
ଏ°—୧୫ ଜମି ତହିଁ ପକ୍ଷେ ବନ୍ଦୋବସ୍ତ କାଗ-
ଜାତରେ ପ୍ରତିବାଦୀଙ୍କର ମୌରସ ଭଗୋନଦାସ
ନାମ ଦରଜ ଅଛି ଉକ୍ତ ଜମିରେ ପ୍ରତିବାଦୀ
ମହାଲୁଦସ୍ତା ମାଲିକ୍ ଦଖଲକାର ଅଛି ଉକ୍ତ
ଜମି ଏ ମୋକଦ୍ଦମାରେ ନିଲାମ ହେବ ତହିଁର
ଅନୁମାନିକ ମୂଲ୍ୟ ୫ ୧୦ ଟା।

୪। ଜ। କଟକ। ପ୍ର। ସାଲବର। ମୌ।
ପୁରୁଣାପଟବାରେ ଥିବା ବାହେଲ। ବା। ତ୍ରିବା-
ର୍ଷିକ୍ ବସୁଲ ଏ°—୪୪ ଡେସିମିଲ ଜମି ବ
ତହିଁର ଜମା ୯ ୧୬ ଉକ୍ତ ଜମିପକ୍ଷେ ବନ୍ଦୋ-
ବସ୍ତ କାଗଜାତରେ ପ୍ରତିବାଦୀଙ୍କର ମୌରସ
ଭଗୋନ ଦାସର ନାମ ଦରଜ ଅଛି ଉକ୍ତ
ଜମିରେ ପ୍ରତିବାଦୀ ତ୍ରିବାର୍ଷିକ୍ ବସୁଲମୁକ୍ତେ
ମାଲିକ ଓ ଦଖଲକାର ଅଛି ଉକ୍ତ ଜମି ଏ
ମୋକଦ୍ଦମାରେ ନିଲାମ ହେବ ଅନୁମାନିକ ମୂଲ୍ୟ
୯ ୧୦୧ଟା।

୫। ଜ। କଟକ ପୁଲାଣଷ୍ଟେସନ ଜଗତ୍ସିଂହପୁର
। ପ୍ର। ସାଲବର ନ ୨୮୧୬ମୂର ତଉଜି। ମୌ।
ପୁରୁଣାପଟବାରେ ଥିବା ଜାମିଲ ବାୟାର୍ତ୍ତି
ତ୍ରିବାର୍ଷିକ୍ ଏ°—୬୬ ଡେସିମିଲ ଜମି ବ ତହିଁର
ଜମା ୯ • ୧୬ ୩ ପାଇ ଉକ୍ତ ଜମିପକ୍ଷେ ପ୍ରତି-
ବାଦୀଙ୍କର ମୌରସ ଭଗୋନ ଦାସଙ୍କ ନାମ
ବନ୍ଦୋବସ୍ତକାଗଜାତରେ ଦର୍ଜ ଅଛି ଉକ୍ତ ଜମି-
ରେ ପ୍ରତିବାଦୀ ମାଲିକ ଓ ଦଖଲକାର ଅଛି
ତାହା ଏ ମୋକଦ୍ଦମାରେ ନିଲାମ ହେବ ତହିଁର
ଅନୁମାନିକ ମୂଲ୍ୟ ୯ ୨୫୧ ଟା।

୬। ଜଲ୍ଲା କଟକ ପୁଲାଣ ଷ୍ଟେସନ ଜଗତ୍ସିଂହ-
ପୁର। ପ୍ର। ସାଲବର ନ ୨୮୧୬ ମୂର ତଉଜି
। ମୌ। ବାସନ୍ତ ଗଙ୍ଗାଧର ବାୟାର୍ତ୍ତି ଅଧା
ଜମା ତ୍ରିବାର୍ଷିକ୍ ଏ • — ୫° ଡେସିମିଲକୁ
ଜମା ୯ • ୨ ଉକ୍ତ ଜମିପକ୍ଷେ ପ୍ରତିବାଦୀଙ୍କର
ମୌରସ ଭଗୋନ ଦାସଙ୍କ ନାମ ବନ୍ଦୋବସ୍ତ
କାଗଜାତରେ ଦର୍ଜ ହୋଇଅଛି ଉକ୍ତ ଜମିରେ
ପ୍ରତିବାଦୀ ମହାଲୁଦସ୍ତ ମାଲିକ ଓ ଦଖଲକାର
ଅଛି ତାହା ଏ ମୋକଦ୍ଦମାରେ ନିଲାମ ହେବ
ତହିଁର ଅନୁମାନିକ ମୂଲ୍ୟ ଟ ୨୫୧ଟା ଅଟେ।

୭। ଜଲ୍ଲା କଟକ ଓ ପୁଲାଣ ଷ୍ଟେସନ ଜଗତ୍-
ସିଂହପୁର। ପ୍ର। ସାଲବର ନ ୨୮୧୬ ମୂର
ତଉଜି। ମୌ। ବାସନ୍ତ ପଟବାରେ ଥିବା
ଗଙ୍ଗାଧର ବାୟାର୍ତ୍ତି ଅଧା ଜମା ତ୍ରିବାର୍ଷିକ୍
ଏ • — ୨୧ ଡେସିମିଲ ବ ତହିଁର ଜମା
୯ •। ଅଟେ ଉକ୍ତ ଜମିପକ୍ଷେ ପ୍ରତିବାଦୀଙ୍କର
ମୌରସ ଭଗୋନ ଦାସ ଓଗେରଙ୍କ ନାମ
ବନ୍ଦୋବସ୍ତ କାଗଜାତରେ ଦରଜ ଅଛି ଉକ୍ତ
ମୋକଦ୍ଦମା ଜମିରେ ପ୍ରତିବାଦୀ ତାହାର ସହ
ହିସ୍ସାଦାରମାନଙ୍କ ସହିତ ଉଭୟମାନଙ୍କେ ମାଲିକ ଓ
ଦଖଲକାର ଅଛି ତହିଁ ମଧ୍ୟରୁ ପ୍ରତିବାଦୀଙ୍କର
ମୌରସୀ। ଡ। ୯ • ୨ ଲୁ ଏ • — ୧୦୨
ଜମି ବ ତହିଁର ଜମା ହସୋଟ। ମୂ। ୫ • ୬
ଅଟେ ଉକ୍ତ ଜମି ଏ ମୋକଦ୍ଦମାରେ ନିଲାମ
ହେବ ତହିଁର ଅନୁମାନିକ ମୂଲ୍ୟ ୫ ୫ ୧ ଟା
ଅଟେ।

୮। ଜଲ୍ଲା କଟକ ପୁଲାଣଷ୍ଟେସନ ଜଗତ୍ସିଂହ-
ପୁର। ପ୍ର। ସାଲବର। ମୌ। ବାସନ୍ତ
ପଟବାରେ ଥିବା ନ ୧୬୯୩ ମୂର ଓ ଓ
ନ ୬୯୫° ମୂର ଜମିଦାର ବାବୁ ବୃନ୍ଦାବନ
। ଲ। ବାହେଲ ଏ • — ୨୮ ଓ ଉକ୍ତ
ଜମିପକ୍ଷେ ବନ୍ଦୋବସ୍ତ କାଗଜାତରେ ପ୍ରତିବା
ଦୀର ମୌରସ ଭଗୋନ ଦାସ ନାମ ଯୋଗ-
ଦାସ ଉକ୍ତେଶେ ଦରଜ ଅଛି ଉକ୍ତ ଜମିରେ
ପ୍ରତିବାଦୀ ମାଲିକ ଓ ଦଖଲକାର ଅଛି ତାହା ଏ
ମୋକଦ୍ଦମାରେ ନିଲାମ ହେବ ଅନୁମାନିକ
ମୂଲ୍ୟ ୨ ୧୫୧ ଟା।

———

Split by PDF Splitter
Digitized by srujanika@gmail.com

## NOTICE.

Is hereby given the following scholarships are vacant under the Board. The candidates are to apply to the Chairman of the Cuttack District Board before 25th July next in the form given below.

Mayo scholarships at Rs 10-each a month are available for the boys who after passing F. A. Examination wish to go up for the B. A. degree Examination.

2 Dhenkanal scholarships at Rs 7 and Rs 4 each a month.

1 Mourbhanj scholarship @ Rs 7-a month.

1 Talcher scholarship at Rs 7-a month.

The scholarships are available for the boys who after passing the Entrance Examination try to prosecute their studies for F. A. Examination.

All these scholarships are tenable for 2 years in the Ravenshaw College

Forms of application

1 Name of candidate & his age

2 Name of his father and his occupation

3 Residence temporary or permanent

4 What Examination the candidate has passed and in what division whether in 1st chance or otherwise.

5 Name of school and class in which he is reading.

6 Certificate from respectable persons about the circumstances and character of the candidate.

7 Remarks giving other particulars which candidate may wish to give.

Cuttack District Boards Office
The 21st June 1909

G. Choudhory
Vice Chairman

---

## NOTICE

Wanted an F. A. with experience in teaching for the post of the fourth master of the Dhenkanal H. E. school on a salary of Rs. 30 per mensem on probation for six months. The appointment is likely to be made permanent. The selected candidate will have to join at once.

Applications with testimonials should reach the undersigned on or before the 15th July next.

Office Dhenkanal
H E School
23-6-1909

Anukul Chandra Ghose
Secretary to the
Managing Committee

---

### ନୋଟିସ ।

ସେଖ ଅବଦୁଲ ମଜିଦ୍ । ସା । ବାଲୁବଜାର
ସହର କଟକ

ଏହି କି ଯେ ଅମ୍ଭେ ଏଥିପୂର୍ବେ ଜାହିରାଷ୍ଟ ଆଦି କାର୍ଯ୍ୟ ବୃତ୍ତାପୂର୍ଣ୍ଣ କରିବା ସହିତେ ନେଲୋଜ ଲୋକଙ୍କ ନାମରେ ଅମୋକ୍ତାରନାମା ରଜିଷ୍ଟ୍ରୀ କରିଦେଇଥିଲୁଁ ତହିଁ ମଧ୍ୟରୁ ଏକ ଜଣ ଲୋକ ଅମୁବନ୍ଧ ମନ ଅଟନ୍ତି ଓ ବସ୍ତି ଦେବାନ କ୍ଷାନରୁ ଏକଜଣ କ୍ଷମତାପତ୍ର କାରପରଦାଜ ମୁନ୍ସ ଶ୍ରୀ ଶୁଲତାନ ଖାଁ । ସା । ମେଦେଦ୍ନୀପୁର ସହର ଲୋକଙ୍କ ଥାନ ବରଠାରୁ ଉକ୍ତ କ୍ଷମତାପତ୍ର କାରପରଦାଜ କାର୍ଯ୍ୟରୁ ବନ ଖାସ୍ତ କରି ତାଙ୍କର କ୍ଷମତା ରଦ୍ କଲୁଁ ସେ ଅଜଦବଠାରୁ ଅମ୍ଭ ତରଫରୁ କୌଣସି କାର୍ଯ୍ୟ କଲେ ଅମ୍ଭେ ତହିଁର ଦାୟୀ ହେବୁ ନାହିଁ । ଏତଦର୍ଥେ ଏ ନୋଟିସ ଦେଲୁ କି ଦରକାର ବେଳେ କାମରେ ଆସିବ । ଇତି

କଟକ
ତା ୨୫।୬।୦୯ ମସିହା

ସେଖ ଅବଦୁଲ
ମଜିଦ

---

### ବିଜ୍ଞାପନ ।

ସ୍ୱଦେଶି ଏସ୍ୟୁରେନ୍ସ ଅଣ୍ଡ ଟ୍ରେଡିଙ୍ଗ କୋଃ ଲିମିଟେଡ ନେଃ ୫ ବାଲକୃଷ୍ଣ ପୁରୀ ଜିଲା ।

ଉକ୍ତ କୋମ୍ପାନୀ ୧୯୦୬ ମସିହାରେ ସ୍ଥାପିତ ହୋଇଥିଲା ସୁଚାରୁରୂପେ କାର୍ଯ୍ୟମାନ ଚଳି ଆସୁଥିଲା ମାତ୍ର ଦୁର୍ଭିକ୍ଷ ଯୋଗୁଁ ବହୁତ ଟଙ୍କା ବାକି ହେବାରୁ କୋମ୍ପାନୀର କାର୍ଯ୍ୟ ୧୯୦୯ ସାଲର ମାର୍ଚ୍ଚ ମାସ ତା ୯ ରଖ ଠାରୁ ବନ୍ଦ କରାଯାଇ କମ୍ପାନୀର ମହିମଙ୍ଗ ଡୋର ଲିକ୍ୟୁଡେଟର ଜଗନ୍ନାଥ ନାୟକ ନିଯୁକ୍ତ ହୋଇଥିଲେ । ତାଙ୍କର ମୃତ୍ୟୁ ହୋଇ ଯିବାରୁ ତା ୨୫।୬।୦୯ ରେ ଗଞ୍ଜାମ ଜିଲା ଇଚ୍ଛାପୁର ନିବାସୀ ଏମ ସୁବାରାଓ ପନ୍ତୁଲୁ ମହାଶୟଙ୍କୁ ଲିକ୍ୟୁଡେଟର ପଦରେ ନିଯୁକ୍ତ କରି ତାଙ୍କ ଜିମାରେ ସମସ୍ତ କାଗଜ ପତ୍ର ତହବିଲ ସହିତ ବୁଝାଇ ଅର୍ପଣ କଲୁଁ । ଏହା ସମସ୍ତଙ୍କ ଅବଗତ ନିମନ୍ତେ ନୋଟିସ ଦେଲୁଁ । ଯେଉଁମାନଙ୍କର ଆପତ୍ତି ଥାଏ ଉକ୍ତ ଲିକ୍ୟୁଡେଟରଙ୍କୁ ଜଣାଇବେ ।

25—6—09  Raghunath Patnaik

---


ନୂତନ—ମୁଦ୍ରିତ ।

## ଜ୍ୟୋତିଷ୍କ ଗୀତା ।

ଏହା ଜ୍ୟୋତିଷମାନଙ୍କର ଉତ୍ତମ ଆଦରଣୀୟ ଗ୍ରନ୍ଥ । ଏହାର ଉପଯୋଗିତା ହେବା ବାହୁଲ୍ୟ ମାତ୍ର । କଟକ ପ୍ରିଣ୍ଟିଂ କମ୍ପାନୀ ଏବଂ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଅର୍ଦ୍ଧ ମୁଦ୍ରା ୮ ୦ ୵


## କାଳ ଦୀପିକା ।

ଗତ ତା ୨୪ ରିଖରେ ଶେଷ ହେବା ସପ୍ତାହରେ ପଞ୍ଜାବର ଦକ୍ଷିଣ ପଶ୍ଚିମ ଭାଗରେ ଏବଂ ବରମାରେ ଅଧିକ ବର୍ଷା ହୋଇଥିଲା । ଅନ୍ୟାନ୍ୟ ସ୍ଥାନରେ ସାମାନ୍ୟ ଥିଲା । ବୃଷ୍ଟିର ବିଶେଷ ଅଭାବ କୌଣସି ଠାରେ ନାହିଁ ।

---

ଗତ ତା ୧୯ ରଖରେ ଶେଷ ହୋଇଥିବା ସପ୍ତାହରେ ପୂର୍ବ ବଙ୍ଗ ୮୩ ବଙ୍ଗ ୩୨୦୨୬ ଯୁକ୍ତ ପ୍ରଦେଶ ୨୪୯୩୫ ମଧ୍ୟପ୍ରଦେଶ ୮୬ ଏବଂ ବମ୍ବେର ୮୯୯ ମୋଟ ୬୩୦୫୯ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ ପୂର୍ବ ସପ୍ତାହର ଅଙ୍କ ୬୦୬୮୪ ଥିଲା ଏହା ବଙ୍ଗରେ ବୃଦ୍ଧି ମାତ୍ର ଅନ୍ୟ ସମସ୍ତ ପ୍ରଦେଶରେ ହ୍ରାସ ହୋଇଥିଲା ।

---

ଗତ ତା ୧୯ ରଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୨୬୬ ମୃତ୍ୟୁ ହୋଇଥିଲା ସେ ତହିଁ ମଧ୍ୟରେ ପଞ୍ଜାବରେ ୨୯୬ ଯୁକ୍ତପ୍ରଦେଶରେ ୧୦୧ ବମ୍ବେରେ ୮୬ ବଙ୍ଗରେ ୭୧ ଯୁକ୍ତପ୍ରଦେଶରେ ୫୦ ମାନ୍ଦ୍ରାଜରେ ୪୬ ବରମାରେ ୬୮ ଓ ଅବଶିଷ୍ଟ ଉକ୍ତ ଭିନ୍ନ ଅନ୍ୟାନ୍ୟ ପ୍ରଦେଶରେ ଘଟିଥିଲା । ପୂର୍ବ ସପ୍ତାହର ମୃତ୍ୟୁ ୯୦୬ ଥିଲା ।

---

ପୁରୀ ମ୍ୟୁନିସିପାଲିଟି ମଧ୍ୟରେ ଥିବା ଧର୍ମଶାଳା ସଡ଼କ ୩୦ ୧୮୮୩ ସାଲର ସରକାରୀ ଘୋଷଣାନରେ ସେହି ମ୍ୟୁନିସିପାଲିଟିକୁ ଅନ୍ତର ଭଣାଯାଇଥିଲା । ଆସନ୍ତା ସନ ୧୯୧୦ ସାଲ ଅପ୍ରେଲ ମାସ ଆରମ୍ଭରୁ ସେହି ସଡ଼କ ଉକ୍ତ ମ୍ୟୁନିସିପାଲିଟିରେ ଯୋଗ ଦେବାକୁ ମାନ୍ୟବର ଗବର୍ଣ୍ଣର ବିଜ୍ଞାପନ ଦେଇଅଛନ୍ତି ।

—✳—

ଓଡ଼ିଶାର ଉକ୍ତ ଜିଲାର ସନ ୧୯୦୯ ସାଲର ଅପ୍ରେଲ ମାସର ଜନ୍ମ ମୃତ୍ୟୁର ତାଲିକା ଯଥାଃ—

| | ଜନ୍ମ | ମୃତ୍ୟୁ |
|---|---|---|
| କଟକ | ୩୪୭୨ | ୩୮୫୦ |
| ବାଲେଶ୍ୱର | ୨୬୫୫ | ୨୨୬୪ |
| ପୁରୀ | ୨୧୬୯ | ୨୧୧୩ |
| ସମ୍ବଲପୁର | ୨୧୭୭ | ୧୩୯୮ |

ଏଥିରୁ ଦେଖାଯାଏ ଯେ ଉପରଲିଖିତ ଜିଲା ସମୂହ ମଧ୍ୟରେ କେବଳ କଟକରେ ଜନ୍ମଠାରୁ ମୃତ୍ୟୁ ଅଧିକ ଥିଲା । ଅନ୍ୟତ୍ରରେ ଜନ୍ମ ମୃତ୍ୟୁ ରେଜିଷ୍ଟ୍ରି ଭଲ ଭାବ ନାହିଁ । କେବଳ ପୁରୀରେ ଓଲଟା ତତ୍ତ୍ୱ ଅଧିକ ଥିଲା ।

---

Split by PDF Splitter
Digitized by srujanika@gmail.com

Split by PDF Splitter



ଗଭର୍ଣ୍ଣମେଣ୍ଟ ଆଦେଶ ଅନୁସାରେ ଆସନ୍ତା ମାସ ପ୍ରଥମ ସପ୍ତାହରେ ଅଥବା ତହିଁ ଉତ୍ତାରୁ ଯେତେ ଶୀଘ୍ର ବନ୍ଦୋବସ୍ତ ହୋଇ ପାରେ ପାଟନା ଆରଟ କଲେଜ ଫିଟିବ । ୭, ଏଲ, ଶ୍ରେଣୀର ଛାତ୍ର ବେତନ ଟ ୭ ଟଙ୍କା ଓ ଉନ୍ନତ ଶ୍ରେଣୀର ବେତନ ୯୫ ଟଙ୍କା ହେବ । କଲେଜ ଫିଟିବାର ଠିକ ଦିନ ଏଥି ଉତ୍ତାରୁ ପ୍ରକାଶ ହେବ ।

—※—

ସମ୍ବଲପୁରର ମେହେନ୍ଦାପ୍ରଭୃତି ସଡ଼କ ନିର୍ମାଣ ହେବ । ତହିଁର ପ୍ରଥମଭାଗ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ୯.୭୮ ଏକର ଜମି ସମ୍ବଲପୁର ଜିଲ୍ଲା ଓ ଭଦ୍ରସିଂହ ଧନୁପାଲି ଓ ସୁଟିବନ ମୌଜାଦ୍ୱୟରେ ଖରିଦ ହେବାର ବିଜ୍ଞାପନ କଲିକତା ଗେଜେଟରେ ବାହାର ଅଛି ଯାହାଙ୍କର ପ୍ରୟୋଜନ ଥିବ ସେ ସମ୍ବଲପୁର ଡେପୁଟି କମିଶନର ସାହେବଙ୍କ ନିକଟରେ ବୁଝି ପାରିବେ ।

———

ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ ପୀଡ଼ିତ ହେବା ହେତୁ ଶ୍ରୀଯୁକ୍ତ ବୁକାନନ ସାହେବ ଭାରତୀୟ ଅଣ୍ଡର ସେକ୍ରେଟାରୀ ପଦରେ ଇସ୍ତଫା ଦେଇଅଛନ୍ତି ଏବଂ ମାଷ୍ଟର ଅଫ ଏଲିବାଙ୍କ ସେ ପଦରେ ନିଯୁକ୍ତ ହୋଇଅଛନ୍ତି । ବୁକାନନ ସାହେବ ଅତ୍ୟନ୍ତ ନ୍ୟାୟ ଧର୍ମ ଓ ଉଦାରତା ସହିତ ଅଣ୍ଡର ସେକ୍ରେଟାରୀର କାର୍ଯ୍ୟ ନିର୍ବାହ କରି ଭାରତବାସୀଙ୍କର ବଡ଼ ପ୍ରିୟପାତ୍ର ହୋଇଥିଲେ ଏବଂ ତାହାଙ୍କଠାରେ ଅନେକ ଆଶା ଥିଲା । ଈଶ୍ୱର ତାହାଙ୍କୁ ଆରୋଗ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ ।

———

ପୁରୀ ଚକ୍ରତୀର୍ଥ ନିକଟରେ ଜଣେ ସନ୍ନ୍ୟାସୀ ଗୋଟିଏ ଗୁମ୍ଫାରେ ବାସ କରୁଥିଲା । ଅଳ୍ପଦିନ ତଳେ ସେ ବହୁତ ଜମି କିଣିବା ସକାଶେ କଥାବାର୍ତ୍ତା କରିବାରୁ ତାହାଠାରେ ଟଙ୍କା ଥିବାର ଜାଣି କେତେକ ଲୋକ ସେ ସନ୍ନ୍ୟାସୀଙ୍କି ଗୁମ୍ଫାରୁ ପଦାକୁ ଡାକିନେଇ ମାରିପକାଇଲେ । ସନ୍ନ୍ୟାସୀର ଶିଷ୍ୟ ମଧ୍ୟ ମାଡ଼ ଆଘାତରେ ହସପିଟାଲରେ ପଡ଼ିଅଛି । ସନ୍ନ୍ୟାସୀ ହୋଇ ସଂସାରର ସମସ୍ତ ତ୍ୟାଗ କଲା ପରେ ପୁଣି ବିଷୟରେ ପ୍ରମତ୍ତ ହେଲେ ଏହିପରି ଫଳ ଅବଶ୍ୟମ୍ଭାବୀ ଏବଂ ପୁରୀରେ ତହିଁର ପ୍ରକୃତ ଦୃଷ୍ଟାନ୍ତମାନ ବିଦ୍ୟମାନ ।

———

ଗତ ସୋମବାର ଦିନ ଏଠା ଜଜ ସାହେବଙ୍କ ଇଜଲାସରେ କଲିକତାର ବାରିଷ୍ଟର ଓ ଉକିଲ ଆସି ଏକ ଦେବାନୀ ଅପିଲ ମୋକଦ୍ଦମା ସଓୟାଲଜବାବ କରିଥିଲେ । ତାହା ଦେଖିବା ସକାଶେ ଏତେଲୋକ ଭିଡ଼ ହୋଇଥିଲେ ଯେ ଅଦାଲତ କଚେରୀରେ ସ୍ଥାନମତ ଯାହା ଲାଗିଥିଲା ଏବଂ ଅଧିକ ଲୋକଗହଳରେ କାର୍ଯ୍ୟ କରିବା ଅସମ୍ଭବ ହେବାରୁ ଜଜ ସାହେବ ମହୋଦୟ ଗୃହଅଭିର କବାଟ ବନ୍ଦ କରିଦେବାକୁ ବାଧ୍ୟ ହୋଇଥିଲେ । ପ୍ରଥମ କଚେରୀରୁ ଆରମ୍ଭ ହୋଇ ସମସ୍ତଦିନ ସେହି ସଓୟାଲ ଜବାବରେ କଟିଗଲା ଏବଂ ସେହି ଦିନ ସେମାନେ ରାତ୍ରି ରେଲଗାଡ଼ିରେ ଏଠାରୁ ବିଦାୟ ହୋଇଗଲେ । ଯାହାଙ୍କର ଟଙ୍କା ବ୍ୟୟ ହେଲା ସେମାନେ ଯେମନ୍ତ ବ୍ୟୟଶୀଳତାର ପରିଚୟ ଦେଲେ ଏଠାଲୋକେ ମଧ୍ୟ ସେମନ୍ତ ବିନାଖର୍ଚ୍ଚାରେ ହାଇକୋର୍ଟର ଓକିଲ ବାରିଷ୍ଟରଙ୍କ ବକ୍ତୃତା ଶୁଣି ଧନ୍ୟ ହେଲେ ।

—※—

କଲିକତାରେ ଏକ ମୁସଲମାନ ମସଜିଦ ନିକଟରେ କେତେଗୁଡ଼ିଏ ମାରବାଡ଼ୀଙ୍କ ଘର ଅଛି । ମାରବାଡ଼ୀମାନଙ୍କର ଦ୍ୱାରଦେଶ ଉଠାଣ ପାର୍ଶ୍ୱେ ଏକ ଠାକୁର ରଖି ସନ୍ଧ୍ୟା ସମୟରେ ଘଣ୍ଟା ଇତ୍ୟାଦିର ବାଦ୍ୟ କରି ପୂଜା କରେ ଏବଂ ତହିଁରେ ମୁସଲମାନମାନଙ୍କର ନମାଜ ପଢ଼ିବାରେ ବ୍ୟାଘାତ ହେବାରୁ ଏକ ଗୋରୁମୁଣ୍ଡ ଆଣି ସମାଜନଙ୍କ ଠାକୁରଘର ପାର୍ଶ୍ୱରେ ରଖି ଦେଲେ । ଏଣୁ ଉଭୟ ପକ୍ଷରୁ ଶାନ୍ତିଭଙ୍ଗ ଆଶଙ୍କାରେ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧାରା ୧୦୭ ର ମତେ ମୋକଦ୍ଦମା ଦାୟର ହୋଇଅଛି । ଏଥିର ବିଚାର ଶେଷ ହୋଇନାହିଁ, ସମାଜନ ଆପଣା ଠାକୁରଙ୍କର ରଥଯାତ୍ରା କରିବା କାରଣ ପୁଲିଶରେ ଅନୁମତି ପ୍ରାର୍ଥନା କଲା ମାତ୍ର ଦଙ୍ଗାହଙ୍ଗାମା ଆଶଙ୍କାରେ ତାହା ଅଗ୍ରାହ୍ୟ ହୋଇଅଛି । ସତ୍ୟଧର୍ମ ଛାଡ଼ି ଉପଧର୍ମରେ ମାତିଲେ ଏହିପରି ବିଭ୍ରାଟମାନ ଅନିବାର୍ଯ୍ୟ ।

———

ଏ ଜିଲ୍ଲା ଜଗନ୍ନାଥପୁରର ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି ଲେଖିଅଛନ୍ତି କି ଝିଙ୍କଡ଼ର ବଣିଆ ଶ୍ରୀ ଶାରଦାଦେବୀ ମନ୍ଦିରର କାର୍ଯ୍ୟ ପରିଚାଳନ କମିଟିର ଦୁଇଜଣ ନୂତନ ମେମ୍ବର ନିଯୁକ୍ତ ହେବା କାରଣ ଗତ ଜୁଲାଇ ମାସ ତା ୧ ରଖ ଧାର୍ଯ୍ୟ କରି ଶ୍ରୀଯୁକ୍ତ ଜିଲ୍ଲା ଜଜସାହେବ ବିଜ୍ଞାପନ ପ୍ରଚାର କରିଅଛନ୍ତି । ଉକ୍ତଦିନ ଶ୍ରୀଯୁକ୍ତ ବାବୁ ନନ୍ଦଚରଣ ଚଟ୍ଟୋପାଧ୍ୟାୟଙ୍କ ସଭାପତିତ୍ୱରେ ଦେବୀଙ୍କ ମନ୍ଦିରରେ ଉକ୍ତ କାର୍ଯ୍ୟ ସମ୍ପାଦିତ ହେବ । କେତେମାନେ ମେମ୍ବର ହେବାର ପ୍ରାର୍ଥନା କରିଅଛନ୍ତି ଓ ସମ୍ପତ୍ତିକୁ ନ ଥିଲାର କଥା ଯାଉଅଛି ପତ୍ରପ୍ରେରକ ଲେଖି ନାହାନ୍ତି । ସେ କେବଳ ମନ୍ଦିରର କାର୍ଯ୍ୟ ନିର୍ବାହର ଶୋଚନୀୟ ଅବସ୍ଥା ଲେଖି ଏଣିକି ଟ ୨୦।୩୦ ଙ୍କା ବେତନର ଜଣେ ବୈତନିକ ଉପଯୁକ୍ତ ବ୍ୟକ୍ତିଙ୍କୁ ମାନେଜର ନିଯୁକ୍ତ କରିବାର ପରାମର୍ଶ ଦେଇଅଛନ୍ତି । ଆମ୍ଭେମାନେ ଭରସା କରୁଁ ଯେ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ନୂତନ କମିଟି ଗଠିତ ହେଲେ କାର୍ଯ୍ୟ ନିର୍ବାହର ଉଚିତ ବ୍ୟବସ୍ଥା କରିବେ ଓ ଆୟ ଦେଖି ଉପଯୁକ୍ତ ବେତନରେ ମାନେଜର ରଖିବେ ।

———

ବ୍ରହ୍ମ ପ୍ରଦେଶରେ ମୁଷ୍ଟାଜାନ ଏବଂ ଆଉ ଜଣେ ପଠାଣ ବାଉନମାସ୍ତର ମନ୍ଦଲୁମାର ଜଣେ ଇଉରୋପୀୟ ଓଭରସିଅର ନେଭାଡ଼ ସାହେବଙ୍କ ହତ୍ୟା କରିବା ଅପରାଧରେ ଦଉରା ଅଦାଲତର ବିଚାରରେ ପ୍ରାଣଦଣ୍ଡ ପାଇଥିଲେ । ବରମାର ପ୍ରଧାନ ଅଦାଲତରେ ଅପିଲ ହୁଅନ୍ତେ ପ୍ରଧାନ ବିଚାରପତି ସର ଗ୍ରାଲସ ଫକ୍ସ ସାହେବ ଅସାମିମାନଙ୍କୁ ଖଲାସ ଦେଇ ରାୟରେ ଲେଖିଅଛନ୍ତି କି ରକ୍ତ ଦେଖାଯିବା ଘଟିତ ଅବସ୍ଥା ଭୟଙ୍କର ଅଟେ ଏବଂ ମିଥ୍ୟା ସାକ୍ଷ୍ୟଦ୍ୱାରା ସମର୍ଥିତ ହୋଇଅଛି । ଯେବେ ମୋକଦ୍ଦମାର ଭୁଲ ତଦନ୍ତ ହୋଇ ନ ଥାନ୍ତା ଓ ପ୍ରମାଣ ବୁଝି ଦେଖିବାର କେହି ବୁଦ୍ଧିମାନ୍ ଲୋକ ଥାନ୍ତା ତେବେ ପ୍ରକୃତ ଘଟନା ପ୍ରକାଶ ହୋଇଥାନ୍ତା ଏବଂ ଅସାମିମାନେ ସାତମାସ କାଳ ହାଜତ ଭୋଗ କରି ନ ଥାନ୍ତେ । ବୋଲିବା ବାହୁଲ୍ୟ ଯେ ପ୍ରଧାନ ବିଚାରପତିଙ୍କର ଏହି ମନ୍ତବ୍ୟ ତଦନ୍ତକାରୀ ପୁଲିଶ ପ୍ରତି ବଡ଼ ନିନ୍ଦାର ବିଷୟ ଅଟେ । ଗ୍ରାଅଡ଼େ ଅଜାଣାଙ୍କ ପୁଲିସର ଦୋଷ ବାହାରୁଅଛି । ଏହା ସମସ୍ତର ଗୁଣ ନା କର୍ତ୍ତୃପକ୍ଷଙ୍କର ପୁଲିଶ ଉପରେ ଅଙ୍କୁଶ ନ ଦେବାର ଫଳ ଗଭର୍ଣ୍ଣମେଣ୍ଟ ତହିଁର ବିଚାର କରି ପୁଲିଶ ସଂସ୍କାର ବିଷୟରେ ଶୀଘ୍ର ମନୋଯୋଗୀ ହେବେ ଏହାହିଁ ପ୍ରାର୍ଥନା ।

———

ଅଲାହାବାଦ ହାଇକୋର୍ଟରେ ଅଳ୍ପଦିନ ତଳେ ଭାଲୁପେବଲ ସମ୍ବନ୍ଧୀୟ ଗୋଟିଏ ମୋକଦ୍ଦମା ନିଷ୍ପତ୍ତି ହୋଇଅଛି । ଜଣେ ବେପାରୀ ମାଲ ପଠାଇବାର ପତ୍ର ପାଇ ଭାଲୁପେବଲ ଡାକରେ ମାଲ ପଠାଇ ଥିଲା । ମାତ୍ର ଗ୍ରାହକ ଆପଣା ପତ୍ରରେ ଭାଲୁପେବଲରେ ପଠାଇବାର ଲେଖି ନ ଥିବାରୁ ଡାକ ମହଲୁମାର ଷଉଦାଗ୍ରାସ୍ତି ପୁଲିସ ତାହାକୁ ଫୌଜଦାରୀ ସୁପର୍ଦ୍ଦ କଲେ । ମାଜିଷ୍ଟ୍ରେଟ ସାହେବ ପୁଲିସର କଥାମତେ ଆସାମୀକୁ ଦଣ୍ଡ ଦେଲେ । ମାତ୍ର ଅପିଲରେ ଜଜ ସାହେବ ସେ ମତ ସମର୍ଥନ ନ କରି ଗ୍ରାହକ ମାଲ ନେବା ସକାଶେ ପତ୍ର ପଠାଇଲେ ବିକ୍ରେତା ସ୍ୱେଚ୍ଛାମତ ଭାଲୁପେବଲରେ ପଠାଇପାରିବା ଏବଂ ତହିଁ ସକାଶେ ଡାକଘର ଫାରମର ମଧ୍ୟ ଠାଇରେ ଦସ୍ତଖତ କରିଦେଲେ କୌଣସି ଅପରାଧ ନ ହେବାର ସିଦ୍ଧାନ୍ତ କରି ହାଇକୋର୍ଟକୁ ମୋକଦ୍ଦମା ପଠାଇ ଦେଲେ । ହାଇକୋ-

Digitized by srujanika@gmail.com

ଙ୍କର ଡେପୁଟିମାନେ ଜଜ ସାହେବଙ୍କ ସଙ୍ଗେ ଏକମତ ହୋଇ ଅସାମିକି ମୁକ୍ତି ପ୍ରଦାନ କରିଅଛନ୍ତି । ବହୁ ସ୍ଥାନରେ ପୁଲିସର ବୃଦ୍ଧି ଅତିରେକ ହୋଇଯାଉଥିବାର ଦେଖାଯାଏ ଏବଂ ମାଜିଷ୍ଟ୍ରେଟମାନେ ମଧ୍ୟ ତାଙ୍କର କଥା ସହଜରେ ଟାଳି ପାରନ୍ତି ନାହିଁ । ଅବଶ୍ୟ ହାଇକୋର୍ଟ ଥିବାରୁ ସୁବିଚାରର ପ୍ରଶସ୍ତ ସ୍ଥାନ ରହିଅଛି ମାତ୍ର ସେଯାଏ ଯିବା ସମସ୍ତଙ୍କ ଖର୍ଚ୍ଚର କଥା ନୁହେ ।

---

ଅଧିକ ଖବରରୁ ସମ୍ପ୍ରତି ଶିକ୍ଷାବିଭାଗର ଏକ ବିଜ୍ଞାପନ ଗତ କଲିକତା ଗେଜେଟରେ ବାହାରିଅଛି । ତହିଁରୁ ଦେଖାଯାଏ ଶିକ୍ଷା ହୋଇଥିବା ମୋଟ ୭ ଟା ବୃତ୍ତିରୁ ୪ ଟା ଓଡ଼ିଆଙ୍କ ପାଇଁ ରହିଲା ବାକି ତିନିଟା ଓଡ଼ିଆ ଓ ଓଡ଼ିଶାବାସି ବଙ୍ଗାଳିଙ୍କ ମଧ୍ୟରେ ପ୍ରତିଯୋଗିତା ନ୍ୟାୟରେ ଦିଆଯିବ । ଅନ୍ୟଜାତିମାନେ କେତେକାଳ ଓଡ଼ିଶାରେ ବାସ କରିଅଛନ୍ତି ଆବେଦନପତ୍ରରେ ଲେଖିବେ । ଏ ଆଦେଶରେ କଥଞ୍ଚିତ୍‌ରୂପେ ବଙ୍ଗାଳି ଉତ୍କଳୀୟଙ୍କର ଆଶା ପୂର୍ଣ୍ଣ ହେଲା ମାତ୍ର ମନୋମାଳିନ୍ୟର କାରଣ ଦୂରୀଭୂତ ନ ହେବାହେତୁ ତହିଁରେ ଆମ୍ଭେମାନେ ସନ୍ତୁଷ୍ଟ ହୋଇ ପାରିଲୁଁ ନାହିଁ । ଯେଉଁମାନେ ପୁରୁଷାନୁକ୍ରମେ ଶତାଧିକ ବର୍ଷ ଏ ଦେଶରେ ବାସ କରି ଓଡ଼ିଆ ହୋଇଅଛନ୍ତି ସେମାନଙ୍କୁ ଗବର୍ଣ୍ଣମେଣ୍ଟ ଓଡ଼ିଆଙ୍କ ସଙ୍ଖ୍ୟାରେ ଗଣିଥିଲେ କୌଣସି ଅସୁବିଧା ବା ଲୋକଙ୍କର ଆଶଙ୍କା ନ ଥିଲା ବୋଧହୁଏ ମରହଟ୍ଟା ତେଲଙ୍ଗା ପଞ୍ଜାବୀ ପ୍ରଭୃତି ଯେଉଁମାନେ ସ୍ଥାୟୀରୂପେ ଓଡ଼ିଶାରେ ବାସ କରିଅଛନ୍ତି ସେମାନେ ଓ ମୁସଲମାନମାନେ ଓଡ଼ିଆ ସଙ୍ଖ୍ୟା ମଧ୍ୟରେ ଗଣାହୋଇଅଛନ୍ତି । ସେମାନଙ୍କୁ ବର୍ଜନ କରିବା ଗବର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ ହୋଇ ନ ପାରେ । କେବଳ ତାହା କଦାପି ଭଲ ନୁହେ । ଓଡ଼ିଶା କମିଶନରଙ୍କର ରିପୋର୍ଟ ପାଇବା ପୂର୍ବେ ଏହି ବିଜ୍ଞାପନ ପ୍ରଚାର ହେବାର ଜଣାଯାଏ । ସେଥିର କି ଉତ୍ତର ଆସିବ ଶୀଘ୍ର ଜଣାଯିବ ।

---

ପ୍ରବଳ ପ୍ରତାପ ସମ୍ରାଟଙ୍କର ଜନ୍ମୋତ୍ସବ ଉପଲକ୍ଷରେ ଯେ ସମସ୍ତ ଉପାଧି ପ୍ରଦାନ ହୋଇଥିଲା ତହିଁର ତାଲିକା ଗତ ତା ୨୫ ରିଖର ସରକାରୀ ଗେଜେଟରେ ବାହାରିଅଛି । ଏ ତାଲିକା ଏକପ୍ରକାର ଦୀର୍ଘ ଅଟେ । ମାତ୍ର ଏଥିରେ ଦେଶୀୟ ବ୍ୟକ୍ତିଙ୍କର ନାମ ଅଧିକ ଦେଖି ଆନନ୍ଦିତ ହେଲୁଁ । ଉଚ୍ଚଶ୍ରେଣୀର ଉପାଧି ମଧ୍ୟରେ ବର୍ତ୍ତମାନର ରାଜା କ, ସି, ଏସ, ଆଇ ଏବଂ ଇଣ୍ଡିଆ କାଉନସିଲ ମେମ୍ବର ଆମ୍ଭମାନଙ୍କର ସୁପରିଚିତ ଶ୍ରୀଯୁକ୍ତ କେ, ଜି, ଗୁପ୍ତ କଲିକତା ହାଇକୋର୍ଟର ବିଚାରପତି ଶ୍ରୀଯୁକ୍ତ ଆଶୁତୋଷ ମୁଖୋପାଧ୍ୟାୟ ଓ କଲିକତାର ଉକୀଲ ଡାକ୍ତର ରାସବିହାରୀ ଘୋଷ ସି, ଏସ, ଆଇ ପଦ ପାଇଅଛନ୍ତି । ଯୋଗ୍ୟ ବ୍ୟକ୍ତିମାନେ ସମ୍ମାନିତ ହୋଇଥିବାର ଏଥିରୁ ସମସ୍ତେ ବୁଝିପାରିବେ । ଓଡ଼ିଶାରେ ଏଥର ଏକମାତ୍ର ଡାକ୍ତର ଆନନ୍ଦଲାଲ ବୋଷ ଅଣିଷ୍ଟାଣ୍ଟ ସରଜନ ରାୟ ବାହାଦୁର ପଦ ପାଇଅଛନ୍ତି । ଏଥିପାଇଁ ଆମ୍ଭେମାନେ ଆନନ୍ଦ ଲାଭକରି ମଙ୍ଗଳ ବାଦ ପ୍ରଦାନ କରୁଅଛୁଁ । ତାହାଙ୍କ ଗୁଣରେ ଓଡ଼ିଶାବାସୀ ସମସ୍ତେ ମୋହିତ ହେଣୁ ତାହାଙ୍କର ସମ୍ମାନରେ ସମସ୍ତେ ଅତ୍ୟନ୍ତ ଆନନ୍ଦିତ ହୋଇ ଗବର୍ଣ୍ଣମେଣ୍ଟର ଗୁଣଗ୍ରାହିତାର ଯଶ ଗାନ କରୁଅଛନ୍ତି । ସେ ଦୀର୍ଘାୟୁ ଭୋଗ କରି ରୋଗିଙ୍କର ଉପକାର କରନ୍ତୁ ।

---

ଏଠା ରେଭେନ୍‌ସା କଲେଜରେ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ନୂତନ ନିୟମରେ ପ୍ରବେଶାଧିକାର ଦିଆଯିବ ତାହା ଯେନ ନାନା ପ୍ରକାର ଜନରବ ଉଠିଥିଲା । ଗତ ମଙ୍ଗଳବାର ଦିନ ଏଠାର ନୂତନ ପ୍ରିନ୍‌ସିପାଲ ( ଅଧ୍ୟକ୍ଷ ) ମହାଶୟ ଯେ ବିଜ୍ଞାପନ ଦେଇଅଛନ୍ତି ତହିଁରୁ ପ୍ରକାଶ ଯେ ସେ ଓଡ଼ିଆ ଓ ଅନ୍ୟ ଓଡ଼ିଶା ନିବାସୀ ଅଥବା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କ ଶ୍ରେଣୀ ଉପରେ ନିର୍ଭର ନ କରି କେବଳ ବାଛି ୧୦୮ ଣ ଛାତ୍ରଙ୍କର ନାମ ଲେଖି ସେମାନେ ବିଜ୍ଞାପନରେ ନିର୍ଦ୍ଦିଷ୍ଟ ଥିବା ବିଷୟମାନ ପଢ଼ିବାକୁ ଇଚ୍ଛା କଲେ ତାଙ୍କୁ କଲେଜରେ ନିଆଯାଇ ପାରିବାର ଅଧିକାର ଦିଆଯାଇଅଛି । ତହିଁରୁ ଅଧିକ ଛାତ୍ର ନେବାର କଲେଜରେ ସ୍ଥାନ ବା ଉପାୟ ନାହିଁ । ନିର୍ଦ୍ଦିଷ୍ଟ ବିଷୟ ପଢ଼ିବାକୁ ଯେ ଯେମନ ଇଚ୍ଛା ନ ହେବ ସେ ଏଠାରେ ସ୍ଥାନ ପାଇବ ନାହିଁ । ସେହେତୁ ଆଇନ ବିଭାଗରେ ଆଉ କେତେ ପିଲା ନିଆଯାଇ ପାରିବେ । ଅଗଷ୍ଟ ତା ୧୩ ରିଖ ପର୍ଯ୍ୟନ୍ତ ଆବେଦନ ନେବାର ବିଜ୍ଞାପନ ଦିଆଯାଇଅଛି । ପ୍ରିନ୍‌ସିପାଲ ମହାଶୟ ସାଧ୍ୟମତେ ଛାତ୍ର ନେବାକୁ ଚେଷ୍ଟା କରିବାର ବୋଲାଯାଇ ନ ପାରେ । ଯେଉଁମାନେ ପଢ଼ିବାକୁ ପ୍ରସ୍ତୁତ ଥିଲେ ମଧ୍ୟ କଲେଜରେ ଭରତି ହୋଇ ନ ପାରିବେ ସେମାନେ ବିଶ୍ୱବିଦ୍ୟାଳୟର ନୂତନ ବିଧାନକୁ ଧନ୍ୟବାଦ ଦେବେ । ଏ ବିଧାନ ଏକ ବିପ୍ଳବ ଘଟାଇଅଛି ଏବଂ ଏହାଦ୍ୱାରା ଶିକ୍ଷା ବିସ୍ତାର କିମ୍ବା ଖର୍ବ କରିବାର ଉପାୟ ହେଲାପରି ଜଣା ପଡ଼ୁଅଛି । ଦୂର ଭବିଷ୍ୟତରେ ଶିକ୍ଷାର ସ୍ପଷ୍ଟତାଦ୍ୱାରା ସୁଫଳ ଫଳ ପାରେ ମାତ୍ର ବର୍ତ୍ତମାନ ପଢ଼ୁଥିବା ପିଲାଙ୍କର ଯେ ଅନିଷ୍ଟ ହେଲା ତାହା ଫେରିବ ନାହିଁ ।

---

ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଏଠା ଲେଡ଼ିକର୍ମା ବାଳିକା ବିଦ୍ୟାଳୟର ଗ୍ରୀଷ୍ମାବକାଶ ସମୟରେ ସେହି ବିଦ୍ୟାଳୟର ସମ୍ପାଦିକା କୁମାରୀ ଶୈଳବାଳା ଦାସ ଦାର୍ଜିଲିଂ ଯାଇ ମାନ୍ୟବର ଗବର୍ଣ୍ଣରଙ୍କ ସାକ୍ଷାତରେ ବିଦ୍ୟାଳୟର ଅବସ୍ଥା ଜଣାଇଥିଲେ । ମାନ୍ୟବର ମହୋଦୟ କହିଲେ ସେ ଉକ୍ତ ବିଦ୍ୟାଳୟ ଗତ ପରିଦର୍ଶନ ସମୟରେ ଦେଖି ବଡ଼ ପ୍ରସନ୍ନ ହୋଇଅଛନ୍ତି ଏବଂ ତହିଁର ସାହାଯ୍ୟ ନିମନ୍ତେ ନିଜେ କିଛି ଦାନ ଦେବାର ଅଙ୍ଗୀକାର କଲେ । ପରେ କୁମାରୀ ମହୋଦୟା ଶିକ୍ଷା ବିଭାଗୀୟ ଡାଇରେକ୍ଟରଙ୍କ ସଙ୍ଗେ ସାକ୍ଷାତ କରି କାର୍ଯ୍ୟ ନିର୍ବାହ କମିଟି ପ୍ରସଙ୍ଗ ପକାଇବାରେ ସାହେବ ମହୋଦୟ ମାଜିଷ୍ଟ୍ରେଟଙ୍କର କମିଟି ନିଯୋଗ କ୍ଷମତା ସମ୍ବନ୍ଧରେ ବିଦ୍ୟାଳୟର ସାଧାରଣ କମିଟିର ମତସଙ୍ଗେ ଐକ୍ୟ ହେଲେ । ଏହି ସ୍କୁଲ କମିଟିକୁ ଗୋଟିଏ ପରିଦର୍ଶକ କମିଟି ଗଠନ କରିବାର ଅଧିକାର ଦେଇଅଛନ୍ତି । ଯେଉଁମାନଙ୍କର ସାହାଯ୍ୟ ଓ ସହାନୁଭୂତିରେ ବିଦ୍ୟାଳୟ ଚାଲୁଅଛି ଓ ଯାହାଙ୍କର ତହିଁର ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଅଛି ସେମାନଙ୍କର ଦାୟିତ୍ୱ ବିଦ୍ୟାଳୟର କାର୍ଯ୍ୟ ଯୋଗ୍ୟରୂପେ ଚାଲିବା ପ୍ରତି ଯଥେଷ୍ଟ ହେବ । ଡାଇରେକ୍ଟର ମହୋଦୟ ଆସନ୍ତା ଜାନୁୟାରୀ ମାସ ତା ୧ ରିଖରୁ ଏହି ବିଦ୍ୟାଳୟର ମାସିକ ସାହାଯ୍ୟ ୮୫୦୦ ଟା କୁ ବୃଦ୍ଧି କରିଛନ୍ତି । ଏଥିରୁ ପାଠକମାନେ ଦେଖିବେ ଯେ କୁମାରୀ ଶୈଳବାଳାଙ୍କର ଦାର୍ଜିଲିଂ ଯାତ୍ରା ଅତ୍ୟନ୍ତ ସଫଳ ହୋଇଅଛି । ଅତଃପର ଜିଲ୍ଲା ମାଜିଷ୍ଟ୍ରେଟଙ୍କଦ୍ୱାରା ଏ ବିଦ୍ୟାଳୟର କାର୍ଯ୍ୟ ନିର୍ବାହକ କମିଟି ନିଯୋଗ କଥା ଯେନ ଥାଉଅଛି କ୍ଲେଶ ହେବ ନାହିଁ ।

---

ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ ତ୍ରିବାଙ୍କୋର ଦେଶୀୟ ରାଜ୍ୟ ସୁଶାସନ ନିମନ୍ତେ ବିଖ୍ୟାତ । ସେହି ରାଜ୍ୟର ପ୍ରଧାନ ନଗର ତ୍ରିବେନ୍ଦ୍ରମର ଦଙ୍ଗାହଙ୍ଗାମା ମୋକଦମାର ଅପିଲ ବିଚାର ସମୟରେ ତ୍ରିବାଙ୍କୋର ହାଇକୋର୍ଟ ବିଚାରପତି ଶ୍ରୀଯୁକ୍ତ ଦତ୍ତ ଓ ଶ୍ରୀଯୁକ୍ତ ଶଙ୍କରମେନନ ସେଠା ସେସନ ଜଜ ଶ୍ରୀଯୁକ୍ତ କେ, ନାରାୟଣ ମେନନଙ୍କ ବିଚାରର ଗଳ୍ତ କରି ଅସାମିମାନଙ୍କୁ କଠିନ ଦଣ୍ଡ ଦେଲେ । ହାଇକୋର୍ଟର ରାୟ ଦେଖି ତ୍ରିବାଙ୍କୋର ଦରବାର ସେସନଜଜଙ୍କୁ ସସପେଣ୍ଡ କରି ତାହାଙ୍କର ଏବଂ ହାଇକୋର୍ଟ ଦୋଷ ଦେଖାଇଥିବା ଅନ୍ୟାନ୍ୟ କର୍ମଚାରୀଙ୍କର ଦୋଷର ବିଚାର କରୁଅଛନ୍ତି । ଆମ୍ଭେମାନେ ଏକାନ୍ତ ଆଶାକରୁଁ ସମ୍ପ୍ରତି ଇଂରେଜ ଗବର୍ଣ୍ଣମେଣ୍ଟ ଗୋଟିଏ ଦେଶୀୟ ରାଜ୍ୟର ଏହି ସୁକାର୍ଯ୍ୟରୁ ଶିକ୍ଷା ଲାଭ କରିବେ । ମେଦିନୀପୁରର ବମ୍ ବା ଷଡ଼ଯନ୍ତ୍ର ମାମଲାରେ ଯେବେ ବଙ୍ଗ ଗବର୍ଣ୍ଣମେଣ୍ଟ ମାଜିଷ୍ଟ୍ରେଟ ଓ ପୁଲିସ କର୍ମଚାରୀଙ୍କୁ ସସପେଣ୍ଡ କରି ଅନୁସନ୍ଧାନ କରିଥାନ୍ତେ ତାହା

Split by PDF Splitter



ହେଲେ ସୁପ୍ରଣାଳୀ ଅବଲମ୍ବିତ ଓ ଅଧିକ ସନ୍ତୋଷ ଜନକ ହୋଇଥାନ୍ତା ସନ୍ଦେହ ନାହିଁ । ସରକାର କର୍ମଚାରୀର ଦୋଷ ପ୍ରକାଶ ହେଲେ ତାହାକୁ ସମ୍ପୂର୍ଣ୍ଣ ରୂପ ଅନୁସନ୍ଧାନ କରିବାର ବିଧି ଗଭର୍ଣ୍ଣମେଣ୍ଟ ସ୍ୱୟଂ କରିଅଛନ୍ତି ମାତ୍ର କାର୍ଯ୍ୟ ବେଳେ ତାହା ପ୍ରତିପାଳିତ ନ ହେବା ହେତୁ ଅନେକ ସ୍ଥଳରେ ସନ୍ତୋଷଜନକ ଫଳ ଫଳୁ ନାହିଁ ଓ ସରକାର କର୍ମଚାରୀ ଅଯଥା ପ୍ରଶ୍ରୟ ପାଏ । ଅନ୍ୟ ଲୋକ ନାମରେ ଏତେ ଅପବାଦ ପ୍ରକାଶ ହେଲାମାତ୍ରେ ତାହାକୁ ବିଚାରରେ ଦେବା ଓ କର୍ମଚାରୀକୁ ସେପରି ଅବସ୍ଥାରେ ସମ୍ପୂର୍ଣ୍ଣ ସୁବିଧା ନ ଦେବା ସମଦର୍ଶିତା ବୋଲାଯାଇ ପାରେ କି ? ଏହି ପ୍ରକାର ବ୍ୟବହାର ଯୋଗେ ସରକାରଙ୍କର ନ୍ୟାୟ ବିଚାରର ଉପରେ ପ୍ରତି ଜନସାଧାରଣଙ୍କର ବିଶ୍ୱାସ ଦୃଢ଼ ଥିଲୁ ଏବଂ ସରକାର ଯେଉଁ ମହତ୍ତ୍ୱ ଇଚ୍ଛା ପ୍ରକାଶେ ଏ ଦୁଇ ବିଷୟ ଦୀର୍ଘରେ ବାଧା ପଡ଼ୁଅଛି ।

---

ଅବକାରୀ ଅଇନର ପାଣ୍ଡୁଲିପି ସମ୍ପର୍କରେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ବିଚାରାଧୀନ । ଏହି ସୁଯୋଗରେ ଦେଶୀ ଗଞ୍ଜେଇ ପୁଣି ଜଲରେ ଚଳପ୍ରଚଳ ହେବା ନିମନ୍ତେ ସଭାରେ ଚେଷ୍ଟା କରିବାକାରଣ ମାଲଚଳସମାଜର ଓଡ଼ିଶାର ପ୍ରତିନିଧି ସଦସ୍ୟ ମାନ୍ୟବର ମଧୁସୂଦନ ଦାସଙ୍କୁ ଅନୁରୋଧ କରିଅଛନ୍ତି । ସହଯୋଗୀ ଏ ଅନୁରୋଧ କରିବାର ହେତୁ ଏହି କି ପୂର୍ବେ ହିମାନେ ଗଞ୍ଜେଇ ବିଶେଷତଃ ହିବି ବ୍ୟବହାର କରନ୍ତି, ଏବଂ ଦେଶୀଗଞ୍ଜେଇ ସ୍ୱାସ୍ଥ୍ୟକର ବୋଲି ବୁଝିଅଛନ୍ତି । ସରକାର ଦେଶୀ ଗଞ୍ଜେଇ ଏବେବେଳେ ଉଠାଇ ଦେଇ ବିଲାତି ଗଞ୍ଜେଇ ଚଳାଇବାରେ ତାହା ଖାଇ ଲୋକଙ୍କର ଅପକାର ହେଉଅଛି ଏବଂ ତହିଁରେ ପ୍ରସ୍ତୁତ ହେବା ଔଷଧ ମଧ୍ୟ ଗୁଣକର ହେଉ ନାହିଁ । ବିଦେଶୀ ଗଞ୍ଜେଇର କର ସମାନ ଦେଶୀ ଗଞ୍ଜେଇରେ କର ନଥ ମାତ୍ର ଦେଶୀ ଗଞ୍ଜେଇ ବା ସବି ଉଠାଇ ଦିଅ ନାହିଁ ଏହାହିଁ ଲୋକଙ୍କର ପ୍ରାର୍ଥନା । ବଳପୂର୍ବକ ବିଦେଶୀ ଗଞ୍ଜେଇ ଚଳାଇବାରେ ହେତେ ଲୋକ ସେ ମାଦକ ଛାଡ଼ ମଦ ବ୍ୟବହାର କରିବାର ଦେଖାଯାଏ ଏବଂ ଏହା ଯେ ଅଧିକ ଅନିଷ୍ଟକର ଏ କଥା ବୋଲିବା ବାହୁଲ୍ୟ । ଆମ୍ଭେମାନେ ସହଯୋଗିଙ୍କର ପକ୍ଷ ସମର୍ଥନ କରୁ । ଗଞ୍ଜେଇ ବା ଅନ୍ୟ କୌଣସି ମାଦକ ଦ୍ରବ୍ୟ ଏବେବେଳେ ଉଠାଇ ଦିଅ ତେବେ ଭଲ କଥା । ମାତ୍ର ଯେବେ ରଖିବା ଉଚିତ ହେଲା ତେବେ ଲୋକେ ଯାହା ଲୋଡ଼ନ୍ତି ତାହା ନ ଦେଇ ଅପେକ୍ଷାକୃତ ଅଧିକ ଅସ୍ୱାସ୍ଥ୍ୟକର ଦ୍ରବ୍ୟ ଦେବା ନ୍ୟାୟସଙ୍ଗତ ବୋଲାଯାଇ ନ ପାରେ । ବ୍ୟବସ୍ଥାପକସଭା ସୁଦ୍ଧା ବାହିରର ଅପତ୍ତି ଶୁଣି ବିଚାର କରିବା କାରଣ ଆମ୍ଭେମାନେ ଅନୁରୋଧ କରୁଅଛୁଁ ।

—※—

ରାୟ ମଧୁସୂଦନ ରାଓ ବାହାଦୁରଙ୍କର ପିତୃଶ୍ରାଦ୍ଧ ବିଷୟରେ ଗତ ତା ୨୫ ରଖର ମାଲାଚଳଦର୍ପଣରେ ଗୋଟିଏ ପ୍ରବନ୍ଧ ବାହାର ଅଛି । ତହିଁର ଶେଷଭାଗ ଅବିକଳ ଅନୁସ ନିମ୍ନେ ପ୍ରକାଶ କଲୁଁ ଯଥା;

ଏଠାରେ ( ପୁରୀରେ ) ମଧ୍ୟ ସହସ୍ରାଧିକ ବ୍ରାହ୍ମଣ ଭୋଜନ ହୋଇଥିଲା ଏବଂ ସ୍ଥାନୀୟ ବିଦ୍ୱନ୍ମଣ୍ଡଳୀ ଏବଂ ପଣ୍ଡିତବର୍ଗଙ୍କୁ ନିମନ୍ତ୍ରଣ ହୋଇଥିଲା । ପ୍ରତ୍ୟେକଙ୍କୁ ଉତ୍ତମ ଉତ୍ତମ ବସ୍ତ୍ର ଏବଂ ୫ ୧ ଟଙ୍କା ହିସାବ ଦକ୍ଷିଣା ଦିଆ ଯାଇଥିଲା । ପଣ୍ଡିତମାନଙ୍କୁ ବିଶେଷଭାବରେ ଶ୍ରାଦ୍ଧଉପଲକ୍ଷରେ ସମ୍ମାନ ପ୍ରଦର୍ଶିତ ହେବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ସୁଖୀ ହେଲୁଁ । ହେଲେ ତ ଆଜିକାଲି ବ୍ରାହ୍ମଣ ପଣ୍ଡିତଙ୍କର ଅଦର ସର୍ବତ୍ର ଦେଖାଯାଏ ନାହିଁ । ଏ ସ୍ଥଳରେ ଲେଖ୍ୟଯୋଗ୍ୟ ଯେ ପଣ୍ଡିତମାନଙ୍କ ସଭାରେ ମହାମହୋପାଧ୍ୟାୟ ପଣ୍ଡିତ ଶ୍ରୀଯୁକ୍ତ ସଦାଶିବ କାବ୍ୟକଣ୍ଠ ମହୋପଦେଶକ ମହୋଦୟଙ୍କ ପ୍ରସ୍ତାବ କ୍ରମେ ବ୍ରାହ୍ମଣକନ୍ୟାର ବିବାହ ବୟସ ଅନ୍ତତଃ ୧୧ ବର୍ଷ ସ୍ଥିର କରିବା ବିଷୟ ଅଲୋଚନା ହୋଇ ତର୍କ ବିତର୍କ ପର ସର୍ବସମ୍ମତି କ୍ରମେ ପ୍ରସ୍ତାବଟି କାର୍ଯ୍ୟରେ ପରିଣତ କରିବା କାରଣ କହିବ ଉପାୟ ଅବଲମ୍ବନ ନିମିତ୍ତ ମୁକ୍ତିମଣ୍ଡପ ସଭାପ୍ରତି ଭାର ଅର୍ପିତ ହୋଇଥିଲା । ବିଧବାବିବାହ କଥା ଗୃହସ୍ଥ ବର୍ଣ୍ଣାଧିକ ବ୍ରାହ୍ମଣମାନଙ୍କର ଅଉ ଦ୍ୱିତୀୟବାର ବିବାହ ନିଷେଧ ଅନୁଚିତ ଥିବା ବିଷୟ କଥା ପ୍ରସଙ୍ଗରେ ପଡ଼ିଥିଲେହେଁ ତହିଁ ସମ୍ବନ୍ଧେ କୌଣସି ପ୍ରକାର ଅଲୋଚନା ହୋଇ ନ ଥିଲା ।

କ୍ରମେ ପଣ୍ଡିତମାନେ ବ୍ରାହ୍ମଣସମାଜର ଦୁର୍ଗତି ଅନୁଭବ କରିଥିବା ଓ ତହିଁର ପ୍ରତୀକାର ନିମିତ୍ତ ପ୍ରୟାସୀ ହେଉଥିବାର ଦେଖି ବାସ୍ତବିକ ଆମ୍ଭେମାନେ ବିଶେଷ ସୁଖୀ ହୋଇ ଅଛୁଁ । ଦେଖାଯାଉ ମୁକ୍ତିମଣ୍ଡପ ଏ ସମ୍ବନ୍ଧରେ କଣ କରୁଅଛନ୍ତି ।

କ୍ରିୟାକ ଉପଲକ୍ଷରେ ବା ଅନ୍ୟ ସମୟରେ ବ୍ରାହ୍ମଣ ପଣ୍ଡିତ ସଭାରେ କେବଳ ଷଟ୍ ପଦାର୍ଥ ଶାସ୍ତ୍ର ବିଚାର ନ ହୋଇ ସମୟୋଚିତ ଧର୍ମ ଓ ସମାଜ ନୀତିର ବିଚାର ହେବା ଏକାନ୍ତ ଆବଶ୍ୟକ ଓ ହିତକର ବୋଲି ଆମ୍ଭେମାନେ ପୁନଃ କାମନା କରୁଅଛୁଁ । ଏ ସଭାରେ ସାମାଜିକ ଅତି ପ୍ରୟୋଜନୀୟ ବିଷୟର ବିଚାର ହେବାର ଶୁଣି ବଡ଼ ଅନନ୍ଦିତ ହେଲୁଁ ଆଶା କରୁଁ ଏହି ତର୍କ ସକଳ ସଭାରେ ହେବ ଏବଂ ଅନିଷ୍ଟକର ପ୍ରଥା ନିବାରଣ ଓ ହିତକର ନିୟମ ପ୍ରଚଳନରେ ସମସ୍ତେ ଅଗ୍ରସର ହେବେ । ଆମ୍ଭେମାନେ ମଧ୍ୟ ସହଯୋଗିଙ୍କ ପର ମୁକ୍ତିମଣ୍ଡପସଭାର ମୁଖାପେକ୍ଷୀ ହୋଇ ରହିଲୁଁ ।

---

ଏକଜଣ ପ୍ରସିଦ୍ଧ ଜମିଦାର ଓ ମହାଜନ ବହୁ ପରିଶ୍ରମ ଓ ବ୍ୟୟରେ ୩ ଦଳ ବଣ୍ଡ ୬ ଭଲ ଯାତ୍ରା ଦଳ ଅଣାଇ ଏକ ସପ୍ତାହକାଳ ଲଗାଇ ଯାତ୍ରା କରାଇଥିବାରୁ ଓ ତହାର ସ୍ୱଗ୍ରାମ ଓ ଅନ୍ୟାନ୍ୟ ଗ୍ରାମର ଅନେକ ଲୋକଙ୍କର ଧନ୍ୟବାଦାର୍ହ ହୋଇଥିବାର ଦେଖି ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି "ହାୟରେ! ଓଡ଼ିଶାର ଅର୍ଥ କ୍ରମେ ଏହିପରି ଅସାର ବ୍ୟୟରେ ଚାଲି ଯାଉଅଛି । ଅଉ କେତେ କାଳ ଓଡ଼ିଶା ଅନ୍ଧକାରରେ ନିମଗ୍ନ ରହିବ । ଅହା ! ଅଉ କେତେକାଳ ପରେ ଓଡ଼ିଶାର ଜମିଦାରମାନଙ୍କର ନିଦ୍ରା ଭଙ୍ଗ ହେବ । ଓଡ଼ିଶାର ଯେତେ ଅର୍ଥ କେବଳ ଅସାର ଆମୋଦ ପ୍ରମୋଦରେ ବ୍ୟୟ ଯାଉଅଛି ତାହା ଯଦି ସତ୍କାର୍ଯ୍ୟରେ ଲାଗନ୍ତା ତେବେ ଦେଶର କି ମହତ୍ ଉପକାର ସାଧିତ ହୁଅନ୍ତା ।" । ପତ୍ର ପ୍ରେରକଙ୍କର ମନ୍ତବ୍ୟ ଯଥାର୍ଥ ମାତ୍ର ଏଥିପାଇଁ ଦାୟୀ କିଏ ? ଏହି ଜମିଦାର ପର ଅନ୍ୟାନ୍ୟ ଯେଉଁ ଜମିଦାର ମହାଜନ ପ୍ରଭୃତି ଧନୀମାନେ ଏପରି କାର୍ଯ୍ୟରେ ଧନ ବ୍ୟୟ କରନ୍ତି ସେମାନେ ଜନସାଧାରଣର ମନୋରଞ୍ଜନ ପ୍ରକାଶେ ତାହା କରନ୍ତି ଏଥିରେ ସନ୍ଦେହ ନାହିଁ । ସୁତରାଂ ସାଧାରଣଙ୍କୁ ସେମାନଙ୍କର ଧନାନୁକୂଳ ଅଛି ଓ ସାଧାରଣ ସୁଖ ନିମନ୍ତେ ବ୍ୟୟ କରିବାକୁ କୁଣ୍ଠିତ ନୁହନ୍ତି । କେବଳ ସମୟୋଚିତ ବିଦ୍ୟା ବୁଦ୍ଧି ଅଭାବରେ ସାଧାରଣ ସ୍ଥାୟୀ ସୁଖର ଚିନ୍ତା କରି ନ ପାରି କ୍ଷଣିକ ସୁଖ ଦାନରେ ତୃପ୍ତ ହୁଅନ୍ତି । ଆଧୁନିକ ଉଚ୍ଚ ଶିକ୍ଷାଲାଭଦ୍ୱାରା ଯେଉଁମାନେ ସମୟୋଚିତ ହିତାହିତ ଉତ୍ତମରୂପେ ହୃଦୟଙ୍ଗମ କରିଅଛନ୍ତି ସେମାନେ ସେପରି ଜମିଦାର ପ୍ରଭୃତିଙ୍କ ସଙ୍ଗେ ସର୍ବଦା ମିଶି ସେମାନଙ୍କୁ ସୁପରାମର୍ଶ ଦେଲେ ଆଶା ହୁଏ ସେମାନେ ସୁକାର୍ଯ୍ୟରେ ଚାଳିତ ହେବେ ଓ ତଦ୍ୱାରା ଅନେକ ସାଧାରଣ ଉପକାର ହେବ । ଅତଏବ ଆମ୍ଭମାନଙ୍କ ବିବେଚନାରେ ଦେଶର ଉଚ୍ଚ ଶିକ୍ଷିତ ବ୍ୟକ୍ତିମାନେ ଏଥି ପ୍ରକାଶେ ଦାୟୀ ଅଟନ୍ତି । ସେମାନେ ଦେଶର ନେତା ଓ ସେମାନଙ୍କର ଉପଦେଶ, ଉତ୍ସାହ, ଉଦାହରଣ ଓ ଉଦ୍ୟମ ଉପରେ ଦେଶର ଉନ୍ନତି ଏକାନ୍ତ ନିର୍ଭର କରେ ।

---

ପୁରୀ-ରଥଯାତ୍ରା ।

ଗତ ତା ୨୬ ରଖ ଶନିବାର ସୁଦ୍ଧା ପୂର୍ବ ଦିନ ୨ ଦିନ ଗୁଣ୍ଡିଚାମନ୍ଦିରରେ ଅନ ଭୋଗ ହୋଇଥିଲା । ଅନେକ ଲୋକ ଏହି ହେରପଞ୍ଚମୀ ଠାକୁରଙ୍କ ସହିତ ସେଠାରେ ପ୍ରବାସ କରି ରହିଥିଲେ ଏବଂ ଶନିବାର ସନ୍ଧ୍ୟାଦର୍ଶନ

Digitized by srujanika@gmail.com

ପୁରୀର ଅବାଳ ବୃଦ୍ଧ ଦର୍ଶନ ଓ ଅନ୍ନ ଭୋଗାଦି କରିଥିଲେ ଏ ଦିନ ଶ୍ରୀମନ୍ଦିରରେ ବିଶେଷ ଭିଡ଼ ହୋଇଥିଲା ।

ତା ୨୪ ରିଖ ଗୁରୁବାରଠାରୁ ତା ୨୬ ରିଖ ଶନିବାର ସୁଦ୍ଧା ଜଗନ୍ନାଥ ଦକ୍ଷିଣ ମୂର୍ତ୍ତି ହୋଇଥିଲେ । ତା ୨୭ ରିଖ ରବିବାର ମଧ୍ୟାହ୍ନ ଘ ୧୨ ଘା ଉତ୍ତାରୁ ବାହୁଡ଼ା ବିଜେ କରି ପ୍ରଭୁମାନେ ରଥାରୂଢ଼ ହେଲେ ଏବଂ ପ୍ରାୟ ଘ ୩ ଘା ବେଳେ ରଥଟଣା ଆରମ୍ଭ ହେଲା ସନ୍ଧ୍ୟାପରେ ଜଗନ୍ନାଥ ସିଂହଦ୍ୱାରରେ ଲାଗିଲେ । ଠିକ୍ ଘ ୯ ଘରେ ନବଦିନ ଯାତ୍ରା ଶେଷ ହେଲା । ଏ ଦିନ ବିଦେଶି ଯାତ୍ରୀ ନିତାନ୍ତ ଅଳ୍ପ ଥିଲେ । ସହର ଓ ମଫସଲର ଲୋକସଂଖ୍ୟା ୧୫ । ୨୦ ହଜାର ହୋଇଥିଲା । ଏ ଦିନ ସକାଳେ ବୃଷ୍ଟି ହୋଇଥିଲା ମାତ୍ର ପହଣ୍ଡି ଓ ରଥଟଣା ସମୟରେ ଖରା ବା ବର୍ଷା ନ ଥାଇ ମେଘାଚ୍ଛନ୍ନ ଥିବାରୁ ପାଗ ବଡ଼ ସୁନ୍ଦର ହୋଇଥିଲା । ପରଦିନ ସୋମବାର ସିଂହଦ୍ୱାରରେ ତିନିରଥର ମିଳନ ହୋଇଥିଲା । ଅନେକେ ଯଥାଶକ୍ତି ରଥଭୋଗ କରାଇଥିଲେ । ତା ୨୯ ରିଖ ମଙ୍ଗଳବାର ଅପରାହ୍ଣ ଘ ୪ ଘା ସମୟରୁ ପହଣ୍ଡି ବିଜେ ଆରମ୍ଭ ହୋଇ ରାତ୍ର ପ୍ରାୟ ଘ ୮ ଘା ଠାରେ ଠାକୁରମାନେ ଶ୍ରୀମନ୍ଦିର ରତ୍ନସିଂହାସନାଧିଷ୍ଠିତ ହେଲେ ।

ଯାତ୍ରୀ ଚାଲିଯିବା ନିମନ୍ତେ ଓଲଟା ଭିଡ଼ ପଡ଼ୁଛି । ଅବଶିଷ୍ଟ ଯାତ୍ରୀ ଫେରନ୍ତା ରଥ ଦେଖି ଚାଲି ଯାଉ ଅଛନ୍ତି । ମାତ୍ର ଯିବା ଆସିବାର କ୍ଳେଶ କହିଲେ ନ ସରେ । ଅତ୍ୟନ୍ତ ଅଧିକ ଯାତ୍ରୀହେତୁ କଲିକତା ଓ ପୁରୀ ରେଲଷ୍ଟେସନରେ ଟିକଟ କିଣି ଭିତରେ ପ୍ରବେଶ କରି ଗାଡ଼ିରେ ବସିବା କେବଳ ଦେବବଳ ଉପରେ ନିର୍ଭର କରିଥିଲା । ଏଥିରେ କେତେ ଦୁର୍ବଳ ଲୋକ ଧକ୍କା ଗଚଡ଼ା ଖାଉଅଛନ୍ତି କିଏ କହିବ ? ନିଯୁକ୍ତ ଗାଡ଼ି ଛଡ଼ା ୪୦ ଖଣ୍ଡର ଅଧିକ ଖାସ ଗାଡ଼ି ରେଲବେବାଲା ବନ୍ଦୋବସ୍ତ କରି ଦେଇଥିଲେ । ମାତ୍ର ଅଧିକାଂଶ ମାଲଗାଡ଼ି ମନୁଷ୍ୟମାନଙ୍କ ଜନ୍ମପରି ବେଶ ସମୟରେ ବୋଝାଇ କରା ଯାଇଥିଲା । ନିଯୁକ୍ତ ଭଡ଼ା ନେଇ ଯାତ୍ରୀମାନଙ୍କୁ ଏପରି ଦଟଦଟାରେ ଯିବାଇବା କେମନ୍ତ, ତଥା ଏହା ବୁଝିବାର ଲୋକ କେହି ନାହାନ୍ତି କି ? ଯାତ୍ରୀମାନଙ୍କର ଧର୍ମ ଓ ଭକ୍ତି ଦୂର ଦୃଢ଼ତାକୁ ଧନ୍ୟ ଯେ ଶ୍ରୀ ଜଗନ୍ନାଥଙ୍କର ଦର୍ଶନ ସକାଶେ ଏତେ କଷ୍ଟ ସହ୍ୟ କରୁଅଛନ୍ତି ।

---

ଲର୍ଡ୍ କର୍ଜନ ଓ ଭାରତବାସୀ ।

ଅନେକ ଦିନ ତଳେ କଲିକତାରେ ଭାରତ ସମ୍ବନ୍ଧରେ ବକ୍ତୃତା ଦେବା ସମୟରେ ଅମ୍ଭମାନଙ୍କର ଭୂତପୂର୍ବ ବଡ଼ଲାଟ ଲର୍ଡ୍ କର୍ଜନ ମହୋଦୟ ବ୍ୟକ୍ତ କଲେ ଯେ ରାଜନୈତିକ କ୍ଷେତ୍ରରେ ଭାରତୀୟ ଅଧିକାଂଶ ଲୋକଙ୍କର କୌଣସି ଉଚ୍ଚ ଆକାଙ୍କ୍ଷା ନାହିଁ ଏବଂ ସେ ବିଷୟ ସେମାନେ ଚିନ୍ତା କରିବାକୁ ଇଚ୍ଛୁକ ନୁହନ୍ତି । ଅମ୍ଭଦେଶର ସମ୍ପାଦକମାନେ ଏଥିରେ ବିରକ୍ତ ହୋଇ ତହିଁର ଘୋର ପ୍ରତିବାଦ କରୁଅଛନ୍ତି । ଅବଶ୍ୟ ଇଂରାଜୀ ଭାଷାରେ ଶିକ୍ଷାଲାଭ କରିଥିବା ଲୋକଙ୍କ କଥା ଶୁଣିଲେ ଏହା ସତ୍ୟ ହୋଇ ନ ପାରେ ମାତ୍ର ଜନସାଧାରଣଙ୍କ କଥା ଦେଖିବାକୁ ଗଲେ କର୍ଜନ ମହୋଦୟ ଯାହା କହୁଅଛନ୍ତି ତାହା ଅଯଥା ନୁହଇ । ଇଂରାଜମାନଙ୍କ କର୍ତ୍ତୃକ ଭାରତ ଅଧିକୃତ ହେବା ପରେ ଦେଶୀୟ ଲୋକେ ପ୍ରଥମେ ଇଂରାଜୀ ଶିକ୍ଷା ଲାଭ କରିବାକୁ ଅନିଚ୍ଛୁକ ହେଲେ ଏବଂ ଇଂରାଜୀ ଭାଷା ଶିକ୍ଷା ପ୍ରତି ତାଙ୍କର ଅଟଳ ହେବା ପ୍ରଭୃତି ଯେ କେତେକ ପ୍ରକାର ବାଧା ଉପସ୍ଥିତ ହେଲା ତାହା ଇତିହାସ ପାଠକମାନେ ଉତ୍ତମରୂପେ ଜାଣନ୍ତି । ଅମ୍ଭେମାନେ ଆପଣାର ଏକାନ୍ତ ରକ୍ଷଣଶୀଳତା ଦୋଷରୁ ପାଶ୍ଚାତ୍ୟ ଶିକ୍ଷାରେ ଏମନ୍ତ ପଶ୍ଚାତ୍ପଦ ହୋଇଅଛୁଁ ଯେ ଅଦ୍ୟାପି ଆଉ ଦଶମାଂଶ ପ୍ରାୟ ହିଂଶଦଂଶରୁ ଭଳେ ଇଂରାଜୀ ଭାଷା ଜାଣି ଶିଖି-ଅଛନ୍ତି । ବିଗତ ଜନସଂଖ୍ୟା ମତେ ଭାରତର ୨୯ କୋଟି ଷୋଳଲକ୍ଷ ଲୋକ ମଧ୍ୟରୁ ୧୧୨୫-୨୩୧ ଇଂରାଜୀ ଶିଖିଥିଲେ । ଆଉ ଇଂରାଜୀ ଶିକ୍ଷିତ ତଥା ଭାରତରେ ପାଠ ପଢ଼ିଥିବା ଲୋକଙ୍କର ସଂଖ୍ୟା ଦେଢ଼କୋଟି ଅଟେ । ସୁତରାଂ ଭାରତର ଅଷ୍ଟାବିଂଶ କୋଟି ଲୋକ ମୂର୍ଖ । ଶିକ୍ଷିତ ଲୋକଙ୍କ ମଧ୍ୟରେ ଯେମନ୍ତ ରାଜନୈତିକ ଆନ୍ଦୋଳନରେ ନ ମାତିବା ଲୋକଙ୍କ ସଂଖ୍ୟା ଅଳ୍ପ ସେମନ୍ତ ଅଶିକ୍ଷିତ ଲୋକଙ୍କ ମଧ୍ୟରେ ସେ ଭଳି ଆନ୍ଦୋଳନରେ ମାତିବା ଲୋକଙ୍କ ସଂଖ୍ୟା ଅଳ୍ପ ଅଟେ । ସୁତରାଂ ଅଷ୍ଟାବିଂଶ କୋଟି ଲୋକ ରାଜନୈତିକ ଆନ୍ଦୋଳନରେ ନ ମାତିବା ଦେଖା ଯାଉଥିବା ସ୍ଥଳେ ଲର୍ଡ୍ କର୍ଜନଙ୍କ ଉକ୍ତି ଅସାର ବୋଲି କହି ନ ପାରେ । ଲୋକେ ଆପଣାର ଦୁର୍ଦ୍ଦଶା ବିଷୟ ଚିନ୍ତା କରିବାକୁ ସ୍ୱଭାବତଃ ଅନିଚ୍ଛୁକ ଏବଂ ସେହି ହେତୁରୁ ଭାରତବାସିଏ ଆପଣାର ତଥା ଜନ୍ମଭୂମିର ଉନ୍ନତି ଚିନ୍ତା କରୁ ନାହାନ୍ତି । ଶିକ୍ଷିତ ଲୋକ ଉନ୍ନତି ମାର୍ଗରେ ଗମନ କରିବାର ଆଶା କରାଗଲେ ମଧ୍ୟ କେତେ ଜଣ ଅଦ୍ୟାପି କୁସଂସ୍କାରମାନ ତ୍ୟାଗ କରିବାକୁ ସାହସ ବାନ୍ଧୁଅଛନ୍ତି ? କେତେଜଣ ଦେଶର ପ୍ରକୃତ ଅନିଷ୍ଟକାରୀ ବାଲ୍ୟ ବିବାହ ପ୍ରଥା ଉଠାଇ ଦେବାକୁ ବଦ୍ଧପରିକର ହୋଇଅଛନ୍ତି ? ମୁଖରେ କହିବା ପାଇଁ ଅନେକ ଲୋକଙ୍କୁ ଦେଖାଯାଏ ମାତ୍ର କାର୍ଯ୍ୟ କ୍ଷେତ୍ରରେ କେତେଜଣ ଅଗ୍ରସର ହୋଇ ବାହାରୁଅଛନ୍ତି ? ଏହାକଥା ଶୁଣିବାକୁ ସ୍ୱୀୟ ମାଡ଼େ ନାହିଁ ଏବଂ ସେହି ହେତୁରୁ କର୍ଜନ ମହୋଦୟଙ୍କ କଥା ବିଷ ପରି ଲାଗୁଅଛି ମାତ୍ର ଟିକିଏ ଚିନ୍ତା କରି ତହିଁର ଯାଥାର୍ଥ୍ୟ ଅନୁଭବ କଲେ ଅମ୍ଭେମାନେ ପ୍ରକୃତ ମନୁଷ୍ୟ ହେବାକୁ ଚେଷ୍ଟା କରିବୁଁ । ଅବଶ୍ୟ ସରକାର ପକ୍ଷରୁ ଉଚ୍ଚ ଶିକ୍ଷା ଦେବା ପ୍ରତି କେତେକ ବିଷୟମାନଙ୍କରେ ବାଧା ଘଟିବାର ଦେଖା ଯାଉଅଛି ତଥାପି ଯେତିକି ଅଛି ତାହା ଲାଭ କରି ମନୁଷ୍ୟତା ଦେଖାଇଲେ କେହି କେବେବେଳେ ଦାବି ଅଗ୍ରାହ୍ୟ କରି ପାରିବ ନାହିଁ । ଯେତେବେଳେ କଥା ଓ କାର୍ଯ୍ୟ ଏକ ହେବ ସେତେବେଳେ ଶିକ୍ଷାର ପ୍ରକୃତ ଫଳ ହେବ ଏବଂ ଅମ୍ଭମାନଙ୍କର ପ୍ରକୃତ ମନୁଷ୍ୟତା ଲାଭ ହୃଦ ଦେଖାଯିବ ହେବ ।

—※—

ପରସ୍ପର ଋଣଦାନ ସମିତି ।

ମୋଫସଲର ପ୍ରଜାବର୍ଗ ବିଶେଷତଃ କୃଷକମାନଙ୍କର ପ୍ରଧାନ ଦୁଃଖ ଋଣ । କେବଳ ଋଣ ନ ହେଲେ ନ ଚଳେ ଏବଂ ଅନେକ ପ୍ରକାର ଅବସ୍ଥା ଏବଂ ପ୍ରଚଳିତ ମହାଜନୀ କାରବାର ଏପରି ଯେ ଥରେ ଋଣ କଲେ ସେ ଜାଲରୁ ମୁକ୍ତ ହୋଇ ପାରନ୍ତି ନାହିଁ । ଏହି ଦୁରବସ୍ଥା ଖଣ୍ଡନ ନିମନ୍ତେ ସରକାର ବାହାଦୁର ପରସ୍ପର ଋଣ ଦାନ ସମିତିର ବ୍ୟବସ୍ଥା କରୁଅଛନ୍ତି । ଏହାର ନାମ ଇଂରାଜୀରେ କୋଅପରେଟିଭକ୍ରେଡିଟ ସୋସାଇଟି ଅଟେ । ଏ ବିଷୟରେ ଆଇନ ଓ ବିଧି ପୁସ୍ତକମାନ ବିଧିବଦ୍ଧ ହୋଇ ସେ ସମସ୍ତ ଭାରତ ପ୍ରଚଳିତ ନାନା ଭାଷାରେ ଅନୁବାଦ ଓ ପ୍ରଚାର ହୋଇଅଛି ଏବଂ ପ୍ରତ୍ୟେକ ପ୍ରଦେଶରେ ଜଣେ ଲେଖାଏଁ ଉଚ୍ଚ କର୍ମଚାରୀ ସରକାର ନିଯୁକ୍ତ କରି ଅଛନ୍ତି । ସେହି କର୍ମଚାରୀର ଉପାଧି କୋଅପରେଟିଭସୋସାଇଟିର ରେଜିଷ୍ଟ୍ରାର । ଗ୍ରାମେ ୨ ସ୍ଥାପନ ହେବା ସମିତିମାନ ରେଜିଷ୍ଟ୍ରୀ କରିବା, ସେ ସମସ୍ତର ହେସାବପତ୍ର ପରିଦର୍ଶନ କରିବା, ଉପଦେଶ ଓ ଉତ୍ସାହ ଦେବା ଇତ୍ୟାଦି ତାହାଙ୍କର କାର୍ଯ୍ୟ ଅଟେ । ଏଥିରୁ ପାଠକମାନେ ଦେଖିବେ ଯେ ପରସ୍ପର ଋଣଦାନ ସମିତି ଗଠନ ପରିଦର୍ଶନ ଏବଂ କାର୍ଯ୍ୟ ନିର୍ବାହାଦିର ସମସ୍ତ ବ୍ୟବସ୍ଥା ସରକାର କରିଦେଇଅଛନ୍ତି ଏବଂ କେତେ ଗ୍ରାମରେ ଏ ପ୍ରକାର ସମିତି ସ୍ଥାପନ ହୋଇଅଛି ଓ ସେ ସମସ୍ତର ସଂଖ୍ୟା ସାମାନ୍ୟରେ ବଢ଼ୁଅଛି । ମାତ୍ର ଏମନ୍ତ ହିତକର ଅନୁଷ୍ଠାନ ଯେମନ୍ତ ଶୀଘ୍ର ମୋଫସଲରେ ବିସ୍ତାର ହେବା ଆବଶ୍ୟକ ସେପରି ହେଉ ନାହିଁ । ଅବଶ୍ୟ ଅନେକ ଗ୍ରାମର କଥା କି, ବୋଲିବା ଅନେକ [illegible] ଲୋକ ଏହାର ମର୍ମ ବୁଝି ପାରି ନାହାନ୍ତି । ଏହାର

Split by PDF Splitter



କାରଣ ବୋଧ କରୁଁ ଅଧିକାଂଶ ପ୍ରଜାବର୍ଗ ଅପାଠୁଆ ଓ ବହୁକାଳରୁ ଚଳି ଆସୁଥିବା ପ୍ରଥା ବଦା ଅବସ୍ଥା ଭଲ କରିବାର ନୂତନ ବାଟ ଜାଣନ୍ତି ନାହିଁ ବମା କେହି ସେମାନଙ୍କୁ ତାହା ଦେଖାଇ ନୂତନ ମାର୍ଗ ଅବଲମ୍ବନ କରିବାରି ପ୍ରବୃତ୍ତି ଦେବାର ଲୋକ ଗୋଫସଲରେ ବରଳ । ଗବର୍ଣ୍ଣମେଣ୍ଟ ପ୍ରଜାବର୍ଗ ମଧ୍ୟରେ ଏହି ସାଧୁ ବ୍ୟବସ୍ଥା ପ୍ରଚଳିତ କରିବାର ଅଭିପ୍ରାୟ ହିଁ ସହାରେ ଅନ୍ତତଃ ନିମ୍ନଶ୍ରେଣୀର ଶିକ୍ଷା ଦାନର ବିସ୍ତାରର ଉପାୟ କରିବା ଏକାନ୍ତ ଆବଶ୍ୟକ । ଅଶେ ପ୍ରଜାକୁଳ ଶିକ୍ଷିତ ନ ହେଲେ ଶିଳ୍ପୋନ୍ନତି ଇଂରାଜ ରାଜର ଉଦାର ହୃଦୟର ଅନୁଷ୍ଠାନ ସଫଳ ହେବା ସହଜ ନୁହେ । ଅତଏବ ଜନସାଧାରଣଙ୍କୁ ନିମ୍ନ ଶିକ୍ଷା ଦାନର ବାହୁଲ୍ୟ ବ୍ୟବସ୍ଥା ହେବା ଉଚିତ । ବର୍ତ୍ତମାନ ଶିକ୍ଷା ଦାନର ଯେ ବ୍ୟବସ୍ଥା ଅଛି ତହିଁରେ ଅତ୍ୟଳ୍ପ ଲୋକର ଉପକାର ହେଉଅଛି । ଏହାର ଉନ୍ନତିର ବ୍ୟବସ୍ଥା ହେବା ବାଞ୍ଛନୀୟ । ପରନ୍ତୁ ଦେଖାଯାଏ ଯେ ଅନେକ ଶିକ୍ଷିତ ଲୋକ ସୁଦ୍ଧା ଏପ୍ରକାର ସମିତିର ମର୍ମ ବୁଝି ପାରନ୍ତି ନାହିଁ । ସରକାରୀ ଅଫିସ ଓ ନାୟମାନଙ୍କଠାରୁ ଏହା ବୁଝିବା ଓ ତଦନୁସାରେ କାର୍ଯ୍ୟ କରିବାର ସମ୍ଭବ ସ୍ଥଳ ଅନେକ ଲୋକର ନାହିଁ । ସର୍ବସାଧାରଣ ହୃଦୟରେ ବୁଝି ପାରିବା ସକାଶେ ଏପ୍ରକାର ସମିତି ସମ୍ବନ୍ଧୀୟ ସାର କଥାମାନ ପୁସ୍ତିକାରୂପେ ଅତି ସରଳ ଭାଷାରେ ଛପା ହୋଇ ଗ୍ରାମେ ବଣ୍ଟନ ହେଲେ ଅନେକ ଉପକାର ହେବାର ଆଶା ହେଉଅଛି । ସରକାରଙ୍କର ଏ ବିଷୟରେ ମନୋଯୋଗୀ ହେବା ବାଞ୍ଛନୀୟ । ଶିକ୍ଷିତ ଜମିଦାର ଓ ଅପର ବ୍ୟକ୍ତିମାନଙ୍କର ଏ ବିଷୟରେ ମନୋଯୋଗୀ ହେବା ମଧ୍ୟ କର୍ତ୍ତବ୍ୟ ମାତ୍ର ସେ କର୍ତ୍ତବ୍ୟ କେତେ ଲୋକ ବୁଝନ୍ତି । ମା ୬ ସର ଛକ୍ଷ ହେଲା ଉତ୍କଳ ସମ୍ମିଳନୀର ଗତ ଅଧିବେଶନରେ ଏ ବିଷୟରେ ଏକ ନିର୍ଦ୍ଧାରଣ ଗୃହୀତ ହୋଇଥିଲା । ଏପର୍ଯ୍ୟନ୍ତ ତଦନୁସାରେ କିଛି କାର୍ଯ୍ୟ ହୋଇ ଥିବାର ଶୁଣା ନାହିଁ । ସୁତରାଂ ଏହାର କିଛି ଅଧିକ ଲେଖା ନାହିଁ ।

---

## ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ ।

କଲିକତା ବିଶ୍ୱବିଦ୍ୟାଳୟର ବି, ଏ ଓ ଏଫ୍, ଏ ଏବ ପ୍ରବେଶିକା ଏହି ତିନି ପରୀକ୍ଷାର ଫଳ ଏଥର ଯଥା ସମୟରେ କଲିକତା ଗେଜେଟରେ ବାହାରିଅଛି । ଓଡ଼ିଶାରେ ପାସ କରିଥିବା ଛାତ୍ରଙ୍କର ନାମ ପ୍ରକାଶ କରିଅଛୁଁ । ବର୍ତ୍ତମାନ ତହିଁର ସଂକ୍ଷେପ ସମାଲୋଚନା ପ୍ରକାଶ କରୁଁ ।

### ବି, ଏ,

ଗତବର୍ଷ ୧୮୬୪ ଛାତ୍ର ପରୀକ୍ଷା ଦେଇଥିଲେ ଯେ ୧୧୨୩ ଅର୍ଥାତ୍ ଶତକଡ଼ା ୬୦ ପାସ କରିଥିଲେ । ଏବର୍ଷର ପରୀକ୍ଷାର୍ଥୀ ସଂଖ୍ୟା ଜଣାଯାଇ ନାହିଁ ମାତ୍ର ୨୬୦ ପାସ କରିଅଛନ୍ତି । ପରୀକ୍ଷାର୍ଥୀ ଗତବର୍ଷ ସଙ୍ଗେ ସମାନ ମନେ କଲେ ସୁଦ୍ଧା ଶତକଡ଼ା ୧୪ ରୁ ଅଧିକ ପାସ କରି ନାହାନ୍ତି ସୁତରାଂ ମନ୍ଦ ଅଟେ । କେବଳ ବି. ଏସ, ସି ରେ ଗତବର୍ଷଠାରୁ ଏବର୍ଷ ୨୧ ଛାତ୍ର ପାସ କରିଅଛନ୍ତି ।

ଏଠା ରେଭେନ୍‌ସା କଲେଜର ଗତବର୍ଷ ପରୀକ୍ଷା ଦେଇଥିବା ୪୦ ଛାତ୍ର ମଧ୍ୟରେ ପ୍ରଥମେ ୧୮ ଏବ ଅତିରିକ୍ତରେ ୨୨ ଜଣ ସୁତରାଂ ସମସ୍ତେ ପାସ କରିଥିଲେ । ଏଥର ୧୧ ଜଣ ମଧ୍ୟରୁ ୫ ଜଣ ସଫଳ ହୋଇଅଛନ୍ତି । ସାଧାରଣ ଫଳସଙ୍ଗେ ତୁଳନେ ଏଠାର ଫଳ ଭଲ ହେବାର ଦେଖାଯାଏ ।

### ଏଫ, ଏ,

ଏ ପରୀକ୍ଷାର ନାମ ଏ ବର୍ଷଠୁ ଇଣ୍ଟରମିଡିଏଟ ହେଲା । ଗତବର୍ଷ ପରୀକ୍ଷା ଦେଇଥିବା ୨୪୩୪ ମଧ୍ୟରୁ ପ୍ରଥମ ଓ ଅତିରିକ୍ତ ଦୁଇଥରରେ ୧୫୧୭ ବା ଶତକଡ଼ା ୬୨ ପାସ କରିଥିଲେ । ଏଥିରୁ ୫୯୫ ପାସ କରିଅଛନ୍ତି । ପରୀକ୍ଷାର୍ଥୀ ସଂଖ୍ୟା ଗତବର୍ଷ ସମାନ ଧରଲେ ଶତକଡ଼ା ୨୪ ରୁ ଅଧିକ ସଫଳ ହୋଇ ନାହିଁ ।

ଏଠା ରେଭେନ୍‌ସା କଲେଜର ଗତବର୍ଷ ପରୀକ୍ଷା ଦେଇଥିବା ୬୧ ମଧ୍ୟରେ ୨୫ ବା ଶତକଡ଼ା ୪୧ ଉତ୍ତୀର୍ଣ୍ଣ ହୋଇଥିଲେ । ଏଥର ୩୫ ମଧ୍ୟରୁ ୧୨ ଜଣ ବା ଶତକଡ଼ା ୩୪ ପାସ କରିଅଛନ୍ତି । ଏହା ମଧ୍ୟ ସାଧାରଣ ଫଳ ତୁଳନାରେ ମନ୍ଦ ହୋଇ ନାହିଁ ।

ବିଶ୍ୱବିଦ୍ୟାଳୟର ନୂତନ ବିଧାନାନୁସାରେ ଏଥର ବି, ଏ, ଓ ଇଣ୍ଟରମିଡିଏଟ ପରୀକ୍ଷାମାନ ପ୍ରଥମ ଗୃହୀତ ହେବାରେ ଉକ୍ତରୂପ ଫଳ ଗୋଚର ହୋଇଅଛି । ଏହି କଠିନ ନିୟମ ଭବିଷ୍ୟତ କିପରି ଫଳ ଦେବ କ୍ରମେ ଜଣା ପଡ଼ିବ ।

### ପ୍ରବେଶିକା

ଗତବର୍ଷ ପରୀକ୍ଷା ଦେଇଥିବା ୬୫୧୬ ମଧ୍ୟରୁ ୪୦୨୨ ଅଥବା ଶତକଡ଼ା ୬୧ ପାସ କରିଥିଲେ । ଏବର୍ଷ ୫୮୯୦ ପାସ କରିଅଛନ୍ତି । ମାତ୍ର ପରୀକ୍ଷାର୍ଥୀ ସଂଖ୍ୟା ଦଶହଜାରରେ ଊର୍ଦ୍ଧ୍ୱ ଥିବାର କଥିତ ହୁଅଇ । ତାହା ହେଲେ ସୁଦ୍ଧା ଫଳ ମନ୍ଦ ହୋଇ ନାହିଁ । ପୁଣି ହାଇଯାଇ ଥିବା ଛାତ୍ରଙ୍କର ଆଉ ଥରେ ପରୀକ୍ଷା ଆସନ୍ତା ଡିସେମ୍ବର ମାସରେ ଗୃହୀତ ହେବ । ସେ ଫଳ ବାହାରିଲେ ସମାଲୋଚନାର ସମୟ ହେବ ।

ଓଡ଼ିଶାର ଉଚ୍ଚସ୍କୁଲ ସମୂହ ଗତବର୍ଷ ୧୯୯ ଛାତ୍ର ପରୀକ୍ଷାକୁ ପଠାଇଥିଲେ ଯେ ସେମାନଙ୍କ ମଧ୍ୟରେ ୧୪୪ ଜଣ ଓ ୧ମ ଶ୍ରେଣୀରେ ୨୧ ଜଣ ଅଥବା ଶତକଡ଼ା ଏବର୍ଷ ପରୀକ୍ଷା ଦେଇଥିବା ୨୮୪ ଛାତ୍ର ମଧ୍ୟରୁ ୨୧୧ ଓ ସେମାନଙ୍କରେ ୧ମ ଶ୍ରେଣୀରେ ୬୩ ପାସ କରିଅଛନ୍ତି । ଏ ଫଳ ଉତ୍କୃଷ୍ଟ ହୋଇଅଛି ।

ଓଡ଼ିଶାର ଉଚ୍ଚ ସ୍କୁଲର ଫଳ ନିମ୍ନରେ ପ୍ରଦର୍ଶିତ ହେଲା ଯଥା :—

| ସ୍କୁଲର ନାମ | ମୋଟଛାତ୍ର | ପାସ | ମୋଟପାସ | ଗତବର୍ଷ ପାସ |
|---|---|---|---|---|
| ୧ମ ଶ୍ରେଣୀ । | | | | |
| ରେଃ ଡଭେନ୍‌ସ ସ୍କୁଲ୍ | ୪୧ | ୧୬ | ୩୯ | ୩୧ |
| କଟକ ମିଶନ | ୧୬ | ୪ | ୧୨ | ୬ |
| ପି,ଏମ୍,ଏକାଡେମୀ | ୪୮ | ୫ | ୩୩ | ୧୬ |
| ଟାଉନଇନ୍‌ଷ୍ଟିଚ୍ୟୁସନ୍ | ୩୨ | ୩ | ୨୦ | ୧୬ |
| ଯାଜପୁର | ୫ | ୧ | ୪ | ୫ |
| କେନ୍ଦ୍ରାପଡ଼ା | ୯ | ୪ | ୭ | ୨ |
| ଢେଙ୍କାନାଳ | ୬ | ୩ | ୬ | ୩ |
| ପୁରୀ | ୧୪ | ୬ | ୧୩ | ୧୩ |
| ଖୋର୍ଦ୍ଧା | ୯ | ୫ | ୭ | ୫ |
| ବାଲେଶ୍ୱର | ୨୪ | ୭ | ୧୯ | ୧୩ |
| ବାଲେଶ୍ୱର ମିଶନ | ୭ | ୦ | ୬ | ୨ |
| ଭଦ୍ରକ | ୧୩ | ୧ | ୭ | ୬ |
| ମୟୂରଭଞ୍ଜ | ୧୮ | ୪ | ୯ | ୧୦ |
| ଲକ୍ଷ୍ମଣନାଥ | ୫ | ୧ | ୫ | - |
| ସମ୍ବଲପୁର | ୪ | ୨ | ୪ | ୧୧ |
| ବାମଡ଼ା | ୧ | ୧ | ୧ | ୨ |
| ବାହାର ଛାତ୍ର | ୨୫ | ୧ | ୧୮ | ୧୪ |
| " ଛାତ୍ରୀ | ୧ | ୦ | ୧ | ୧ |
| ଶିକ୍ଷକ | ୫ | ୦ | ୫ | ୦ |
| ମୋଟ | ୨୮୪ | ୬୪ | ୨୧୫ | ୧୫୯ |

ଏଥିରୁ ଦେଖାଯାଏ ଯେ ଏଥର ରେଭେନ୍‌ସା କଲେଜିଏଟ ସ୍କୁଲର ଫଳ ସର୍ବୋତ୍କୃଷ୍ଟ ହୋଇଅଛି ଏବ ଅନ୍ୟାନ୍ୟ ସମସ୍ତ ସ୍କୁଲର ଫଳ ସନ୍ତୋଷଜନକ ଅଟେ । କେବଳ ମୟୂରଭଞ୍ଜର ଫଳ ପ୍ରୀତିକର ହୋଇ ନାହିଁ । ଜଣେ ଉତ୍କଳୀୟ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଏବର୍ଷର ପ୍ରଧାନ ଘଟନା ଅଟେ ।

---

ଗତ ୧୯୦୯ ମସୀହାରେ ହୋଇଥିବା ସ୍କୁଲ ପ୍ରଥମ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା,—

ଲେଖର ସମ୍ଭବ ସମିତି ।

ବ୍ୟାକରଣ ।

ପ୍ରଥମ ବିଭାଗ ।

ଭବେଶଚନ୍ଦ୍ର ଗଙ୍ଗାଚାର୍ଯ୍ୟ ବଳରାମ, ବାଲେଶ୍ୱର
ଯଦୁନାଥ ପାଣ୍ଡେ ଶ୍ରୀରାମଚନ୍ଦ୍ରଟୋଲ "
ଶରତ୍‌ଚନ୍ଦ୍ର ପାଣ୍ଡେ ନାମ୍ବ "
ଲାଲମୋହନ ରଥ ଶ୍ରୀଧରଚନ୍ଦ୍ରଟୋଲ "

ଦ୍ୱିତୀୟ ବିଭାଗ ।

ରାମନାଥ ଆଚାର୍ଯ୍ୟ ଗଣେଶ୍ୱରପୁର ହୋଲଦାର୍ଘ
ଦବାକର ବେହେରା ଶ୍ରୀକିରଣ୍ଣଟୋଲ ବାଲେ:

Digitized by srujanika@gmail.com

Split by PDF Splitter



